ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୪/୨୦୨୨ (୧୪ ପୃଷ୍ଠା) Bhubaneswar, Monday, April 4/2022 Page 14 ₹ 7.00 ★★★★
୪୮ଶ ଭାଗ ୧୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ହରମନପ୍ରୀତ ପ୍ଲେୟର ଅଫ୍ ଦି ମ୍ୟାଚ

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତର ହରମନପ୍ରୀତ ସିଂ।

୧୪

୧୦

## ବାପା ହେବେ ଧୀରଜ

ଲୋକପ୍ରିୟ ଧାରାବାହିକ 'କୁଣ୍ଡଳି ଭାଗ୍ୟ'ର ଅଭିନେତା ଧୀରଜ ଧୁପର ବାପା ହେବାକୁ ଯାଉଛନ୍ତି।



# ରୋଷଘରେ ୮୦ରୁ ଊର୍ଦ୍ଧ୍ୱ ଚୁଲି ଭାଙ୍ଗିଦେଲେ

### ଶ୍ରୀମନ୍ଦିର ଇତିହାସରେ ପ୍ରଥମ

- ଭଙ୍ଗାଚୁଲିରେ ପ୍ରସ୍ତୁତ ହେଲା ମହାପ୍ରସାଦ
- ସିସିଟିଭି ଦେଖି ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ଦାବି
- ଯୁଗ୍ମ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ: ଜିଲାପାଳ


ଶ୍ରୀମନ୍ଦିର ରୋଷଘର

ପୁରୀ ଅଫିସ,୩।୪

ଶ୍ରୀମନ୍ଦିର ରୋଷଘରେ ରବିବାର ବ୍ୟାପକ ଭଙ୍ଗାରୁଜା ହୋଇଛି। ରୋଷଘରର ୮୦ରୁ ଊର୍ଦ୍ଧ୍ୱ ଚୁଲିକୁ କେହି ଦୁର୍ବୃତ୍ତ ଭାଙ୍ଗିଦେଇଛନ୍ତି। ଫଳରେ ଭଙ୍ଗାଚୁଲିରେ ମହାପ୍ରସାଦ ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ଇତିହାସରେ ଏଭଳି ଅଭାବନୀୟ ଘଟଣା ପ୍ରଥମ ଥର ଘଟିଛି। ରୋଷଘରକୁ କେବଳ ସୁଆର ଓ ସୂପକାରଙ୍କ ଭଳି ନିର୍ଦ୍ଦିଷ୍ଟ ସେବାୟତଙ୍କୁ ଅନୁମତି ଥିବାବେଳେ ଏହି କାଣ୍ଡ କିଏ ଘଟାଇଛି ତାହାକୁ ନେଇ ତମ୍ବିତୋଫାନ ଆରମ୍ଭ ହୋଇଛି। କୋଠଭୋଗ, ସାତପୁରୀ, ପିଠାଗଡ଼ା, ଥାଳିଆଡ଼ ପ୍ରଭୃତି ଚୁଲିକୁ ଭାଙ୍ଗିଦିଆଯାଇଛି। ଚୁଲି ଭାଙ୍ଗିଥିବା ଖବର ପାଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ପ୍ରମୁଖ ରୋଷଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାପାଳ ଏହି ଘଟଣାର ଯୁଗ୍ମ ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୁଇଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଜଗନ୍ନାଥପ୍ରେମୀ ଏହି ଘଟଣାର ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଏ ନେଇ ସୁଆର ମହାସୁଆର ନିଯୋଗର ସଭାପତି ନାରାୟଣ ମହାସୁଆର କହିଛନ୍ତି, ରୋଷଘରେ ୮୦ରୁ ଊର୍ଦ୍ଧ୍ୱ ଚୁଲି ଭାଙ୍ଗିଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସର ଅବହେଳା ଯୋଗୁ ଏଭଳି ଘଟଣା ଘଟିଛି। ବଡ଼ରୋଷ ଚୁଲିକୁ ଛାଡ଼ି ଅନ୍ୟ ସବୁ ପ୍ରକାର ଚୁଲି ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାଧୂପ ସରିବା ପରେ ରୋଷଘର ତାଲା ପଡ଼େ। ରୋଷଘରକୁ ଶ୍ରୀମନ୍ଦିର ଟେମ୍ପଲ ପୋଲିସ (ଜେଟିପି) ଜଗି ରୁହନ୍ତି। ସେହିପରି ରୋଷଘରେ ଭଙ୍ଗାରୁଜା ସତ୍ତ୍ୱେ ନୀତିକାନ୍ତି ପ୍ରଭାବିତ ହୋଇନାହିଁ। ରୋଷ ନୀତିକାନ୍ତି ଓ ଭକ୍ତଙ୍କ ମହାପ୍ରସାଦ ସେବନରେ କୌଣସି ବାଧା ଉପୁଜିନାହିଁ। ଭଙ୍ଗାଚୁଲିରେ ମହାପ୍ରସାଦ ପ୍ରସ୍ତୁତ କରାଯାଇଛି। ଏପର୍ଯ୍ୟନ୍ତ ଦୁର୍ବୃତ୍ତ ଧରା ନ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନାରାୟଣ ପ୍ରକାଶ କରିଛନ୍ତି। ସେହିପରି ରଞ୍ଜିତ ସୂପକାର କହିଛନ୍ତି, ବହୁ ସଂଖ୍ୟକ ଚୁଲା ଭାଙ୍ଗିଥିବା ବେଳେ କୋଠଘର ଚୁଲି ମଧ ଭାଙ୍ଗିଛି। ଦ୍ୱିତୀୟ ଭୋଗମଣ୍ଡପ ପୂଜା ବସିବା ବେଳେ ମନ୍ଦିର ପୋଲିସ ରୋଷଘର ସମ୍ମୁଖରେ ଜଗି ରୁହନ୍ତି। ସନ୍ଧ୍ୟାଧୂପ, ବଡ଼ସିଂହାର ଓ ଚନ୍ଦନଲାଗି ପରେ କବାଟ ତାଲା ପକାଯାଇଥାଏ। ସକାଳ ମଙ୍ଗଳଆଳତି ସରିବା ପରେ ପୁଣି ରୋଷଘର ଖୋଲେ। ☞ପୃଷ୍ଠା-୪

# ମାସ୍କ ସମ୍ପୂର୍ଣ୍ଣ ହଟାଇବା ଉଚିତ ନୁହେଁ: ସ୍ୱାସ୍ଥ୍ୟ ବିଶେଷଜ୍ଞ

ଭୁବନେଶ୍ୱର, ୩।୪(ବ୍ୟୁରୋ)



ବ୍ରିଟେନରେ ଦେଖା ଦେଇଥିବା କରୋନାର ନୂଆ ଭାରିଆଣ୍ଟ 'ଏକ୍ସଇ' ଅଧିକ ଲୋକଙ୍କୁ ଆକ୍ରାନ୍ତ କରିପାରେ। ଏହା ଓମିକ୍ରନର ସବ୍ ଭାରିଆଣ୍ଟ ଓ ଅତି ଶୀଘ୍ର ବ୍ୟାପିବାର ସମ୍ଭାବନା ରହିଛି। କିନ୍ତୁ ଡେଲ୍‌ଟା ପରି ଏହା ଏତେ ମାରାତ୍ମକ ହେବ ନାହିଁ। 'ଏକ୍ସଇ' ଲୋକଙ୍କ ମୃତ୍ୟୁର କାରଣ ହୋଇ ନ ପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଡା. ମିଶ୍ର କହିଛନ୍ତି, ଏହି ନୂଆ ଭାରିଆଣ୍ଟ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବି ନଜର ରଖିଛନ୍ତି। ଯେହେତୁ ନୂଆ ନୂଆ ଭାରିଆଣ୍ଟ ଆସୁଛି, ତେଣୁ ମାସ୍କ ପିନ୍ଧିବା ନେଇ ଲୋକଙ୍କୁ ଟିକିଏ ସଚେତନ କରିବା। ଏବେ ଧୀରେ ଧୀରେ ମାସ୍କ ପିନ୍ଧିବା କମିଛି। ଆଉ କିଛିଦିନ ପରେ ମାସ୍କ ପିନ୍ଧିବା ଆହୁରି କମିଯିବ। କିନ୍ତୁ ମାସ୍କ ସମ୍ପୂର୍ଣ୍ଣ ହଟାଇ ଦେବା ଉଚିତ ହେବ ନାହିଁ। କାରଣ ସଂକ୍ରମଣ ସରିନାହିଁ। ଯେଉଁଠି ଶତାଧିକ ଲୋକ ଏକାଠି ହୋଇଛନ୍ତି, ସେଠାରେ ମାସ୍କ ପିନ୍ଧିବା ଉଚିତ। ଏସବୁ ଦିଗକୁ ଧ୍ୟାନ ଦେବାକୁ ହେବ ବୋଲି ଡା. ମିଶ୍ର ଗୁରୁତ୍ୱାରୋପ କରିଛନ୍ତି।

ଅପରପକ୍ଷେ ରାଜ୍ୟରେ କରୋନା ସଂକ୍ରମଣ ଆହୁରି କମିଛି। ଦୈନିକ ୫୦ ତଳକୁ ସଂକ୍ରମିତଙ୍କ ସଂଖ୍ୟା ରହୁଛି। ରବିବାର ଆଉ ୩୬ଜଣ ଚିହ୍ନଟ ହୋଇଥିବାବେଳେ ୬ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ଏହି ଆକ୍ରାନ୍ତମାନେ ୧୧ଟି ଜିଲାରୁ ଚିହ୍ନଟ ହୋଇଥିବାବେଳେ ୧୯ ଜିଲାରେ ଆଦୌ ସଂକ୍ରମଣ ହୋଇନାହିଁ। ସେପଟେ କୋରାପୁଟ, ନୟାଗଡ଼ ଓ କେନ୍ଦୁଝର ଜିଲା ଏବେ କରୋନାମୁକ୍ତ ହୋଇଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡର ତଥ୍ୟରୁ ଜଣାପଡ଼ିଛି।

ଆଜିର ସମ୍ପାଦକୀୟ ଅରାଜକତାମୁହାଁ ପାକିସ୍ତାନ

# ଭୁବନେଶ୍ୱରରେ ଡିଜେଲ ୧୦୦ ଟପିଲା

- ପେଟ୍ରୋଲ ୮୬ ଓ ଡିଜେଲ ୮୫ ପଇସା ବୃଦ୍ଧି

ଭୁବନେଶ୍ୱର,୩।୪

କ୍ରମାଗତ ଦ୍ୱିତୀୟ ଦିନ ଲାଗି ତୈଳଦର ଉଚ୍ଚ ପରିମାଣରେ ବୃଦ୍ଧି ପାଇଛି। ଏପରିକି ଗତ ୧୩ଦିନ ମଧ୍ୟରେ ୧୧ଥର ତୈଳ ଦରରେ ପରିବର୍ତ୍ତନ ଘଟିଲାଣି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ୮୬ ପଇସା ଏବଂ ଡିଜେଲ ୮୫ ପଇସା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୧୦.୩୬ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୧୦୦.୧୨ ଟଙ୍କାରେ କାରବାର ହେଉଛି। ୫ ମାସ ପରେ ପୁଣି ଥରେ ଡିଜେଲ ମୂଲ୍ୟ ୧୦୦ ଟପିଛି। ଶେଷ ଥର ପାଇଁ ନଭେମ୍ବର ୨ରେ ଡିଜେଲ ମୂଲ୍ୟ ୧୦୭.୩୫ ଟଙ୍କାରେ ରହିଥିଲା। ସେହିପରି ୧୧ଥର ତୈଳ ଦର ବୃଦ୍ଧି ମଧ୍ୟରେ ପେଟ୍ରୋଲ ୮.୫୫ ଟଙ୍କା ଏବଂ ☞ପୃଷ୍ଠା-୪

# ପୁଣି ରିମାଣ୍ଡରେ ଶର୍ମିଷ୍ଠା, ଝୁନା

### କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା

- ଚିପ୍ ରହସ୍ୟ, ହତ୍ୟାର କାରଣ ଏବେବି ଅସ୍ପଷ୍ଟ
- ଆଜିଠୁ ରିମାଣ୍ଡ ଅବଧି ଆରମ୍ଭ

ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ/ ଚାନ୍ଦବାଲି, ୩।୪(ଡି.ଏନ.ଏ.)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଏବେବି ଅସମାହିତ ପ୍ରଶ୍ନର ଉତ୍ତର ମିଳିପାରୁନାହିଁ। ହତ୍ୟାର କାରଣ ଅସ୍ପଷ୍ଟ ରହିଥିବାବେଳେ ମେମୋରି ଚିପ୍‌କୁ ନେଇ ରହସ୍ୟ ବଢ଼ୁଛି। ୪ ଅଭିଯୁକ୍ତଙ୍କୁ ୫ଦିନ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ଘନ ଘନ ଜେରା କରିବା ସହ ୩ ଜିଲାର ବିଭିନ୍ନ ସ୍ଥାନକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଟ୍ କରି ଏକାଧିକ ପ୍ରମାଣ ଯୋଗାଡ଼ କରିଥିଲେ ହେଁ ତଦନ୍ତ ଅଧାପନ୍ତରିଆ ରହିଛି। ଗିରଫ ୮ ଜଣଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ସହଯୋଗୀ ଝୁନା ଭୋଇ, ମାଷ୍ଟରମାଇଣ୍ଡ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଓ ମୋବାଇଲ ଦୋକାନୀ ରଞ୍ଜନ ନାୟକଙ୍କ ୫ ଦିନିଆ ରିମାଣ୍ଡ ଅବଧି ଶନିବାର ସରିଥିଲା। ରବିବାର ସେମାନଙ୍କୁ କ୍ରାଇମବ୍ରାଞ୍ଚ କଟକ ମୁଖ୍ୟାଳୟରୁ ନେଇ ଅପରାହ୍ନରେ ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଚିପ୍ ଠାବ ସହ ହତ୍ୟା ରହସ୍ୟ ଉନ୍ମୋଚନ ପାଇଁ ସମସ୍ତ ୪ ଅଭିଯୁକ୍ତଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ଦିନ ରିମାଣ୍ଡରେ ନେବାକୁ କ୍ରାଇମବ୍ରାଞ୍ଚ ☞ପୃଷ୍ଠା-୪



# ଚକିତ କଲେ ଇମ୍ରାନ୍

### ପାକିସ୍ତାନରେ ସାମ୍ବିଧାନିକ ସଙ୍କଟ

- ପାର୍ଲାମେଣ୍ଟରେ ହାଇଡ୍ରାମା, ଅନାସ୍ଥା ଭୋଟ କରାଇଦେଲେନି
- ବିଦେଶୀ ଶକ୍ତିଙ୍କ ଷଡ଼ଯନ୍ତ୍ର କହିଲେ ଇମ୍ରାନ୍
- ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗକଲେ ରାଷ୍ଟ୍ରପତି
- ୩ ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ
- ସୁପ୍ରିମକୋର୍ଟରେ ଶୁଣାଣି ଆଜି

ଇସ୍‌ଲାମାବାଦ,୩।୪

ପଡ଼ୋଶୀ ପାକିସ୍ତାନରେ ଦିନକୁ ଦିନ ସାମ୍ବିଧାନିକ ସଙ୍କଟ ଘନେଇବାରେ ଲାଗିଛି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିପକ୍ଷରେ ରବିବାର ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ଭୋଟକୁ ନ୍ୟାଶନାଲ ଆସେମ୍ବ୍ଲି ଉପବାଚସ୍ପତି କାସିମ୍ ସୁରି ଅସାମ୍ବିଧାନିକ ଦର୍ଶାଇ ଖାରଜ କରିଦେଇଛନ୍ତି। ଇମ୍ରାନ୍ ଏହି ଅନାସ୍ଥା ପ୍ରସ୍ତାବ ପଛରେ ବିଦେଶୀ ଶକ୍ତିଙ୍କ ହାତ ଥିବା ଦର୍ଶାଇ ପାର୍ଲାମେଣ୍ଟ ଭଙ୍ଗ ପାଇଁ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭିଙ୍କୁ ସୁପାରିସ କରିଛନ୍ତି। ରାଷ୍ଟ୍ରପତି ନ୍ୟାଶନାଲ ଆସେମ୍ବ୍ଲିକୁ ଭଙ୍ଗ କରି ୩ ମାସ ମଧ୍ୟରେ ସାଧାରଣ ନିର୍ବାଚନ କରାଇବାକୁ ପରାମର୍ଶ ଦେଇଛନ୍ତି। ଇମ୍ରାନ୍‌ଙ୍କୁ ବୋଲ୍ଡ କରିବା ପାଇଁ ଉଦ୍ୟମ ଚାଲିଥିବାବେଳେ ତାଙ୍କ ଖେଳ ସମସ୍ତଙ୍କୁ ଚକିତ କରିଦେଇଛି। ଇମ୍ରାନ୍‌ଙ୍କ ଏହି ବିବାଦୀୟ ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ମିଳିତ ଭାବେ ପାକିସ୍ତାନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସଦ୍ୟ ରାଜନୈତିକ ଘଟଣାକ୍ରମକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଉମର ଆଟା ବନ୍ଦିଆଲ ସଂଜ୍ଞାନକୁ ନେଇ ସ୍ଥିତି ଉପରେ ଅନୁଧ୍ୟାନ କରୁଛନ୍ତି। ☞ପୃଷ୍ଠା-୪


ଇମ୍ରାନ୍ ଖାନ୍

# ବଢ଼ୁଛି ମହିଳା ଅପରାଧୀଙ୍କ ସଂଖ୍ୟା

- ୮୭ ଜେଲରେ ୭୬୨୨ ମହିଳା କଏଦୀ
- ଜେଲରେ ମା'ଙ୍କ ସହିତ ଅଛନ୍ତି ୩୮ ଶିଶୁ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୩।୪

ରାଜ୍ୟରେ ମହିଳା ଅପରାଧୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସେମାନେ ବିଭିନ୍ନ ଅପରାଧରେ ଅଭିଯୁକ୍ତ ସାବ୍ୟସ୍ତ ହୋଇ ଜେଲ୍‌କୁ ଆସୁଛନ୍ତି। ୨୦୧୦ରୁ ଅଦ୍ୟାବଧି ଦୋଷୀ ସାବ୍ୟସ୍ତ ଓ ବିଚାରାଧୀନ ଭାବେ ୭୬୨୨ ଜଣ ମହିଳା କଏଦୀ ରାଜ୍ୟର ୮୭ କାରାଗାରରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୪୩୧ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୬୧୯୧ ବିଚାରାଧୀନ କଏଦୀ ଭାବେ ଜେଲରେ ଦିନ କାଟୁଛନ୍ତି। ୨୦୧୦ରେ ରାଜ୍ୟର ବିଭିନ୍ନ ଜେଲରେ ସମୁଦାୟ ୪୯୦ ଜଣ ମହିଳା କଏଦୀ ଥିଲେ। ୨୮।୨।୨୦୨୨ ସୁଦ୍ଧା ସେହି ସଂଖ୍ୟା ବୃଦ୍ଧି ପାଇ ୭୦୪ରେ ପହଞ୍ଚିଛି। ଅର୍ଥାତ୍ ଗତ ୧୨ ବର୍ଷରେ ୨୧୪ ଜଣ ମହିଳା ଅପରାଧୀଙ୍କ ସଂଖ୍ୟା ବଢ଼ିଛି। ଏହାସହ ଗତ ଫେବୃୟାରୀ ୨୮ ସୁଦ୍ଧା ୩୬ ଜଣ ମାଆ ଏବଂ ୦ ରୁ ୬ ବର୍ଷ ପର୍ଯ୍ୟନ୍ତ ୩୮ ଜଣ ଶିଶୁ ଜେଲରେ ଅଛନ୍ତି। ଚଳିତ ବିଧାନସଭାରେ ବିଧାୟକ ମୋହନଚରଣ ମାଝୀଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ତଥ୍ୟ ଉପସ୍ଥାପନ କରିଛନ୍ତି । ବିଶେଷକରି ସାଇବର ଅପରାଧ ସମେତ ଚୋରି, ହତ୍ୟା ଆଦି ମାମଲାରେ ମହିଳାମାନଙ୍କ ସମ୍ପୃକ୍ତି ରହୁଥିବା ମତପ୍ରକାଶ ପାଇଛି।

ଦିନଥିଲା ନାରୀମାନେ ସାମାଜିକ ବାସନ୍ଦ ଡରରେ ମୁହଁ ଖୋଲି ପାରୁ ନ ଥିଲେ। ଯେତେ ଆଇନ ପ୍ରଣୟନ ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ ନାରୀ ନିର୍ଯାତନା କମୁ ନ ଥିଲା । ଏବେ ନାରୀମାନେ କ୍ରମଶଃ ଶିକ୍ଷିତ ଓ ସଚେତନଶୀଳ ହେବାରେ ଲାଗିଛନ୍ତି । ନାରୀମାନଙ୍କ ସାକ୍ଷରତା ହାର ମଧ ଆଶାନୁରୂପ ଭାବେ ବୃଦ୍ଧି ପାଇଛି । ତେବେ ଉଚ୍ଚଶିକ୍ଷିତ ମହିଳାମାନଙ୍କ ମଧ୍ୟରେ ବେକାରି ସମସ୍ୟା ଉଗ୍ରରୂପ ନେଇଛି। ରାଜ୍ୟରେ ଶତାଧିକ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଥିଲେ ମଧ ସେଠାରେ ମହିଳା ନିଯୁକ୍ତି ସଂଖ୍ୟା ନଗଣ୍ୟ। ଯେଉଁ କେତେଜଣ ଶିକ୍ଷିତ ମହିଳା ନିଯୁକ୍ତି ପାଉଛନ୍ତି ସେମାନଙ୍କ ମଧ୍ୟରେ ଅଧିକାଂଶ ରାଜ୍ୟ ବାହାରର ବୋଲି ଅଭିଯୋଗ ହେଉଛି। ଏଭଳିସ୍ଥିତିରେ ଶିକ୍ଷିତ ବେକାର ଯୁବତୀମାନଙ୍କ ମଧ୍ୟରୁ କେତେଜଣ ସାଇବର ଅପରାଧରେ ଜଡିତ ରହୁଛନ୍ତି। ବିଭିନ୍ନ ସୋସିଆଲ ମିଡିଆରେ ନକଲି ଆଇଡି ତିଆରି କରି ଲୋକଙ୍କୁ ଠକିବା ଏବେ ସାଧାରଣ କଥା ହୋଇଛି। ଏପରିକି ଲୋକଙ୍କୁ ଫୋନ କରି ବିଭିନ୍ନ ଆଳ ଦେଖାଇ ଆକାଉଣ୍ଟରୁ ଟଙ୍କା ଗାଏବ କରିବା ଅଭିଯୋଗ ଏବେ ଚିନ୍ତାର କାରଣ ହୋଇଛି। କେବଳ ସେତିକି ନୁହେଁ ଯୁବତୀ, ମହିଳାମାନେ ଡ୍ରଗ୍ସ ବେପାର ଏବଂ ଦୋକାନରୁ ସୁନା ଗହଣା ସହ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରୁଥିବା ନେଇ ଖବର ଶୁଣିବାକୁ ମିଳୁଛି। ଏହିକ୍ରମରେ ମହିଳା ଅପରାଧୀଙ୍କ ସଂଖ୍ୟା ☞ପୃଷ୍ଠା-୪



# ତେଲ ସରିବାରୁ ଆମ୍ବୁଲାନ୍ସକୁ ଟାଣିଲା ଟ୍ରାକ୍ଟର


ଆମ୍ବୁଲାନ୍ସକୁ ଟ୍ରାକ୍ଟର ଟାଣି ନେଉଛି।

ମିରଟ,୩।୪

ଏକ ଟ୍ରାକ୍ଟର ଆମ୍ବୁଲାନ୍ସକୁ ଟାଣି ନେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉତ୍ତର ପ୍ରଦେଶ ମିରଟରେ ତେଲ ସରି ଯିବାରୁ ଅଧାରେ ଅଟକିଥିବା ଏକ ଆମ୍ବୁଲାନ୍ସକୁ ଟ୍ରାକ୍ଟର ଟାଣି ଟାଣି ତେଲଟାଙ୍କିକୁ ନେଇଛି। ମିଳିଥିବା ସୂଚନାନୁସାରେ ଶନିବାର ସନ୍ଧ୍ୟାରେ ମିରଟ ବିଜନୈରରେ ଏକ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ହସ୍ପିଟାଲ ଯାଉଥିବାବେଳେ ତେଲ ସରିଯିବା କାରଣରୁ ଅଧାବାଟରେ ଅଟକିଯାଇଥିଲା। ତେବେ ଆମ୍ବୁଲାନ୍ସ ଏବଂ ଏଥିରେ ଥିବା ରୋଗୀଙ୍କୁ ତତ୍କ୍ଷଣାତ୍ ମେଡିକାଲରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସ୍ଥାନୀୟଲୋକେ ଏକ ଟ୍ରାକ୍ଟରର ସହାୟତା ନେଇଥିଲେ। ଆମ୍ବୁଲାନ୍ସକୁ ଏକ ଦଉଡ଼ି ସାହାଯ୍ୟରେ ଟ୍ରାକ୍ଟର ପଛରେ ବାନ୍ଧି ନିକଟସ୍ଥ ତେଲଟାଙ୍କି ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରୁ ତେଲ ପକାଇ ଆମ୍ବୁଲାନ୍ସ ମେଡିକାଲ ଅଭିମୁଖେ ଯାଇଥିଲା। ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ପରେ ଘଟଣାଟି ସାମ୍ନାକୁ ଆସିଛି। ଆମ୍ବୁଲାନ୍ସଟି ମିରଟ ହସ୍ପିଟାଲର ହୋଇ ନ ଥିବାବେଳେ ଏହା ବିଜନୈରରୁ ମିରଟ ଆସୁଥିବା ମିରଟ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଖିଳେଶ ମୋହନ କହିଛନ୍ତି । ଇଣ୍ଟରନେଟ ୟୁଜର୍ସ ଏହି ଭିଡିଓଟିକୁ ପ୍ରବଳମାତ୍ରାରେ ଶେୟାର କରିବା ସହ କିଛି ଲୋକ ଏଥିରେ ମଜାଳିଆ କମେଣ୍ଟ ଦେଉଥିବା ଦେଖିବାକୁ ମିଳିଛି।

# ଉପା ଅଧ୍ୟକ୍ଷତା ଚର୍ଚ୍ଚାକୁ ପାୱାରଙ୍କ ଖଣ୍ଡନ

**ପୁଣେ,୩।୪**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)ର ଅଧ୍ୟକ୍ଷ ହୋଇପାରନ୍ତି ବୋଲି କିଛିଦିନ ହେଲା ଚର୍ଚ୍ଚା ହେଉଥିଲା। ଏପରିକି ଏନ୍‌ସିପି ଯୁବ ସଂଗଠନରେ ଏନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ପାୱାର ଏହାକୁ ଖଣ୍ଡନ କରିଛନ୍ତି। ଉପା ଅଧ୍ୟକ୍ଷ ହେବା ଲାଗି ତାଙ୍କର ଆଗ୍ରହ ନ ଥିବା ଏନ୍‌ସିପି ମୁଖ୍ୟ କହିଛନ୍ତି। ଭାଜପା ବିରୋଧୀ ସାମ୍ମୁଖ୍ୟର ନେତୃତ୍ୱ ନେବା କିମ୍ବା ଉପା ଅଧ୍ୟକ୍ଷ ହେବା ଲାଗି ସେ ଚାହାନ୍ତି ନାହିଁ। ତେବେ ଏଭଳି ମେଣ୍ଟ ଗଠନ ହେଲେ ଏହାକୁ ଶକ୍ତିଶାଳୀ କରିବା ଦିଗରେ କାର୍ଯ୍ୟ କରିବା ଲାଗି ସେ ପ୍ରସ୍ତୁତ ଥିବା କହିଛନ୍ତି। କେନ୍ଦ୍ରରେ ଭାଜପାର ବିକଳ୍ପ ଗଠନ ଉଦ୍ୟମରେ କଂଗ୍ରେସକୁ ବାଦ୍ ଦିଆଯାଇପାରିବ ନାହିଁ, କାରଣ ଏହି ଦଳ କ୍ଷମତାରେ ନ ଥିଲେ ମଧ୍ୟ ସାରା ଦେଶରେ ଏହାର ଉପସ୍ଥିତି ରହିଛି। ସବୁ ଗାଁ, ଜିଲା ଓ ରାଜ୍ୟରେ କଂଗ୍ରେସ କର୍ମୀ ମିଳିବେ। ତେଣୁ ଭାଜପାର ବିକଳ୍ପ ଦେବାକୁ ହେଲେ ସେମାନଙ୍କୁ ସାଙ୍ଗରେ ନେବାକୁ ହେବ ବୋଲି ଏନ୍‌ସିପି ଅଧ୍ୟକ୍ଷ କହିଛନ୍ତି।


ଶରଦ ପାୱାର

କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରକୁ ସମାଲୋଚନା କରି ପାୱାର କହିଥିଲେ, ବଟି ଆଦାୟ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଚଢ଼ାଉ ପୂର୍ବରୁ ଇଡି ଅଧିକାରୀମାନଙ୍କ ସହ ବୁଝାମଣା ନେଇ ଆଲୋଚନା ହେଉଥିବାରୁ ସରକାର ଏହାର ଜବାବ ଦିଅନ୍ତୁ ବୋଲି ପାୱାର କହିଥିଲେ। ଭାଜପା ଶାସନରେ ପ୍ରତିଦିନ ତେଲ ଦର ବଢ଼ୁଛି। ଦରଦାମ୍ ବୃଦ୍ଧି ସାଧାରଣ ଲୋକଙ୍କ ପାଇଁ ଅତିଷ୍ଠ ହେଲାଣି। ଏହା ଏକ ବଡ଼ ପ୍ରସଙ୍ଗ ହୋଇଥିବାବେଳେ ସରକାରଙ୍କର ସେଥିପ୍ରତି ନଜର ନ ଥିବା ଏନ୍‌ସିପି ଅଧ୍ୟକ୍ଷ କହିଛନ୍ତି।

## ଭାଜପାରୁ ବହିଷ୍କୃତ ହେଲେ ରଣଜିତ ମହାକୁଡ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

କେନ୍ଦୁଝର ଜିଲା ସଭାପତିଙ୍କ ସୁପାରିସ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଓ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ କେଉଁଝର ଜିଲା ଯୋଡା ନଗର ମଣ୍ଡଳର ରଣଜିତ୍ ମହାକୁଡଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଗଲା ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ଭାଜପା ସଭାପତିଙ୍କୁ ଭେଟିଲେ ନବନିର୍ବାଚିତ କାଉନ୍‌ସିଲର

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଅନୁଗୋଳ ଏବଂ ପାରାଦୀପ ମ୍ୟୁନିସିପାଲିଟି ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ଭାଜପା କାଉନସିଲର ରବିବାର ରାଜ୍ୟ କାର୍ଯ୍ୟାଳୟକୁ ଆସି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଭେଟିଛନ୍ତି । ରାଜ୍ୟ ସଭାପତି ଅନୁଗୋଳ ମ୍ୟୁନିସିପାଲିଟିର ୧୩ ଜଣ ନବନିର୍ବାଚିତ କାଉନସିଲର ଅନୁପମା ସାହୁ, ନିରଞ୍ଜନ କର, କୈଳାସ ଚନ୍ଦ୍ର ପ୍ରଧାନ, ସରିତା ମିଶ୍ର, ମନୋଜ ନାୟକ, ସ୍ନେହଲତା ମହାରଣା, ସୁଜାତା ପଲାଇ, ସୁଲୋଚନା ଦ୍ୱିବେଦୀ, ବିନତୀ ନାୟକ, ସଂଯୁକ୍ତା ନନ୍ଦ, ରେଣୁକା ଦେଈ, ଶକୁନ୍ତଳା ଦାଶ, ପ୍ରଜ୍ଞା ଦାସ ଏବଂ ପାରାଦୀପ ମ୍ୟୁନିସିପାଲିଟିର ୩ ଜଣ ନବନିର୍ବାଚିତ କାଉନସିଲର ସୁବ୍ରତ ପ୍ରଧାନ, ପ୍ରତାପ ନାୟକ ଓ ରୁନି ପରିଡ଼ାଙ୍କୁ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି । ଲୋକଙ୍କ ଆସ୍ଥାକୁ ସମ୍ମାନ ଜଣାଇ ସ୍ଥାନୀୟ ବାସିନ୍ଦାଙ୍କ ମୌଳିକ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ସମୀର ଆହ୍ୱାନ ଦେଇଛନ୍ତି ।

## କେଜ୍‌ରିୱାଲଙ୍କୁ ଦିଲ୍ଲୀ ମେୟର କହିଲା ଭାଜପା

**ନୂଆଦିଲ୍ଲୀ,୩।୪(ପି.ଟି.)**

ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ ସେଠାକୁ ଦୁଇଦିନିଆ ଗସ୍ତରେ ଯାଇ ଆମ୍ ଆଦ୍‌ମୀ ପାର୍ଟିକୁ ଥରେ ସୁଯୋଗ ଦେବା ଲାଗି ଶନିବାର ରୋଡ୍ ଶୋ'ରେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ରବିବାର ସେମାନେ ଅହମଦାବାଦର ସ୍ୱାମୀନାରାୟଣ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଛନ୍ତି। ତେବେ ଗୁଜରାଟ ଭାଜପା ଉଭୟଙ୍କୁ ପର୍ଯ୍ୟଟକ କହିବା ସହ କେଜ୍‌ରିୱାଲଙ୍କୁ ବୃହତ ସହରର ମେୟର ବୋଲି କହିଛି। ଏଭଳି ମନ୍ତବ୍ୟ ଦେଇ ଭାଜପା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଅପମାନିତ କରିଥିବା ଗୁଜରାଟ ଏଏପି ସଭାପତି ଗୋପାଳ ଇଟାଲିଆ କହିଛନ୍ତି। କେଜ୍‌ରିୱାଲଙ୍କୁ ଲୋକେ ଭୋଟ ଦେଇ ନିର୍ବାଚିତ କରିଛନ୍ତି। ତେଣୁ ସେ ସମ୍ମାନ ପାଇବାକୁ ହକ୍‌ଦାର। ଭାଜପା ବିଭିନ୍ନ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢୁ, କାହା ପ୍ରତି ଅପମାନଜନକ ମନ୍ତବ୍ୟ ଦେଇ ନୁହେଁ ବୋଲି ଇଟାଲିଆ କହିଛନ୍ତି।



ତୈଳ ଏବଂ ଏଲପିଜି ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ରବିବାର ଜମ୍ମୁରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବିଜେଡିରେ ମିଶିଲେ ଜଟଣୀର ୩ କାଉନ୍‌ସିଲର, ବିଏମ୍‌ସିର ଜଣେ ସ୍ୱାଧୀନ କର୍ପୋରେଟର

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଜଟଣୀ ପୌର ପରିଷଦର ୩ ଜଣ ନବନିର୍ବାଚିତ ସ୍ୱାଧୀନ କାଉନ୍‌ସିଲର ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୬୦ ନମ୍ବର ୱାର୍ଡର କର୍ପୋରେଟର ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ଦଳ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଜଟଣୀର ୧୨ ନମ୍ବର ୱାର୍ଡର କାଉନ୍‌ସିଲର ନୀଳିମା ସ୍ୱାଇଁ, ୬ ନମ୍ବର ୱାର୍ଡର କାଉନ୍‌ସିଲର ବିଷ୍ଣୁ ସାହୁ ଓ ୪ ନମ୍ବର ୱାର୍ଡର କାଉନ୍‌ସିଲର ଫେମିନା ବେଗମ୍ ବିଜେଡିରେ ସାମିଲ୍ ହୋଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିବା ସେମାନେ କହିଛନ୍ତି। ସେହିପରି ବିଏମ୍‌ସିର ୬୦ ନମ୍ବର ୱାର୍ଡରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ଜିତିଥିବା ଚନ୍ଦ୍ରଶେଖର ମଲିଆ ମଧ୍ୟ ବିଜେଡିରେ ମିଶିଛନ୍ତି। ବିଜେଡି ଟିକେଟ ନ ପାଇବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ମିଶ୍ରଣ ପର୍ବରେ ବିଜେଡି ଏମ୍‌ପି ମୁନ୍ନା ଖାଁ, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ରେ ବିଦ୍ୟୁତ୍ ଅଫିସ ଘେରିବ ସିପିଆଇ

**ଦରବୃଦ୍ଧି ପ୍ରତିବାଦରେ ଆଜିଠାରୁ ପେଟ୍ରୋଲ ପମ୍ପ ଓ କେନ୍ଦ୍ର ସରକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭ**

**ଭୁବନେଶ୍ୱର, ୩।୪ (ବ୍ୟୁରୋ)**

ରାଜ୍ୟରେ ଦେଖାଦେଇଥିବା ବିଦ୍ୟୁତ୍ ବିଭ୍ରାଟର ପ୍ରତିବାଦ ସ୍ୱରୂପ ଆସନ୍ତା ୨୨ ତାରିଖରେ ସିପିଆଇ ପକ୍ଷରୁ ରାଜ୍ୟର ସମସ୍ତ ବିଦ୍ୟୁତ୍ ଅଫିସ୍ ଘେରାଉ କରାଯିବ। ଏ ନେଇ ରବିବାର ପାର୍ଟିର ରାଜ୍ୟ ମୁଖ୍ୟାଳୟ ଭଗବତୀ ଭବନଠାରେ ରମଣୀରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ବିଦ୍ୟୁତ୍ ବିଭ୍ରାଟର ପ୍ରତିକାର ଓ ସବୁ ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ଦାବି କରାଯାଇଛି। ରମଣୀ ରଞ୍ଜନ କହିଛନ୍ତି, ରାଜ୍ୟର ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଟାଟା କମ୍ପାନୀକୁ ଦିଆଯିବା ପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ମେରୀ ରାୟ ଶାସନ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟୁତ୍ ଗ୍ରାହକଙ୍କ ପାଖକୁ ମନଇଚ୍ଛା ୫ଗୁଣ ୧୦ଗୁଣ ଅଧିକ ବିଲ୍ ଆସୁଛି। ଅଭିଯୋଗ କଲେ ଶୁଣିବାକୁ କେହି ନାହିଁ। ଗୋଟିଏ ଗୋଟିଏ ଗାଁରେ ସପ୍ତାହ ସପ୍ତାହ ଧରି ଲାଇନ କାଟି ଦିଆଯାଉଛି। ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲ୍‌ଟେଜ ବିଷମ ପରିସ୍ଥିତି ସୃଷ୍ଟି କରିଛି। ଏସବୁର ପ୍ରତିକାର ସହିତ ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ରାଜ୍ୟ ସରକାର ପ୍ରତି ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇବା ପାଇଁ ସିପିଆଇ ଦାବି କରୁଥିବା ସେ କହିଛନ୍ତି। ଅପରପକ୍ଷେ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ଜିନିଷପତ୍ରର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ସିପିଆଇର କେନ୍ଦ୍ରୀୟ କମିଟି ପକ୍ଷରୁ ଏପ୍ରିଲ ୪ରୁ ୧୦ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ପେଟ୍ରୋଲ ପମ୍ପ ଓ କେନ୍ଦ୍ର ସରକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭ ହେବ ବୋଲି ସୂଚନା ଦିଆଯାଇଛି।

ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନର ସମୀକ୍ଷା ରିପୋର୍ଟ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା ଜାତୀୟ ପରିଷଦ ରିପୋର୍ଟ, ଅଭୟ ସାହୁ ଆନ୍ଦୋଳନର କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିଲେ। ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ସମ୍ପାଦକମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପାଟଯୋଷୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

## ୨୦ ବିଧାୟକଙ୍କ ଦିଲ୍ଲୀ ଗସ୍ତକୁ ନେଇ ଚର୍ଚ୍ଚା ବଢ଼ୁଛି

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଭାଜପାର ସବୁ ବିଧାୟକମାନଙ୍କ ଏକାସଙ୍ଗେ ନୂଆଦିଲ୍ଲୀ ଗସ୍ତ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଥିଲା। ହଠାତ୍ ବିଧାନସଭା ଶେଷ ହେବା ପରେ ସେହିଦିନ ବିଳମ୍ବିତ ରାତିରେ ସମସ୍ତ ଭାଜପା ବିଧାୟକଙ୍କ ଏଭଳି ଦିଲ୍ଲୀ ଗସ୍ତ ପରେ ବିରୋଧୀ ଦଳ ନେତା ପଦ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି। ତେବେ ଅଧିକାଂଶ ବିଧାୟକ ରବିବାର ବିଳମ୍ବିତ ସନ୍ଧ୍ୟାରେ ଭୁବନେଶ୍ୱର ଫେରି ଆସିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଦିଲ୍ଲୀରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଦେଖିବା ଲାଗି ସମସ୍ତେ ଯାଇଥିବା କଥା ବିଧାୟକମାନେ କହିଛନ୍ତି। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ କହିଛନ୍ତି, ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିବା ସହ ତାଙ୍କୁ ଦେଖିବାକୁ ଯାଇଥିଲୁ। ଅନ୍ୟ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିଲା। ତେବେ ଏହି ଅବସରରେ ଓଡିଶାର ୩ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ବିଶ୍ୱେଶ୍ୱର ଟୁଡୁଙ୍କ ସହ ସାକ୍ଷାତ କରିଥିଲୁ। ଆଗାମୀ ଦିନରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ଲାଗି ସମୟ ମାଗିଥିବା କଥା ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ବିରୋଧୀ ଦଳ ନେତା କିଛି ମାସ ହେବ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଥିବା ବେଳେ ପରବର୍ତ୍ତୀ ସମୟରେ ତାହା ବିଗିଡିଯାଇଥିଲା। ତେଣୁ ତାଙ୍କୁ ଦିଲ୍ଲୀକୁ ସ୍ଥାନାନ୍ତର କରାଯିବା ସହ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ହେଲେ ଓଡିଶା ଭବନରେ ଭାଜପା ବିଧାୟକମାନେ ରହିବା ଏବଂ ଏହି ସମୟରେ ଜଣେ ଟାଣୁଆ ବିଜେଡି ନେତା ସେଠାରେ ରହିଥିବା ଖବର କିନ୍ତୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗୋଟିଏ ସମୟରେ ଏମିତି ବିଜେଡି ନେତାଙ୍କ ଯିବା ଏବଂ ସମାନଭାବେ ଭାଜପା ବିଧାୟକମାନେ ଯିବା ପଛରେ ବଡ ରାଜନୈତିକ ଉଦ୍ଦେଶ୍ୟ ଥାଇପାରେ ବୋଲି କୁହାଯାଉଛି।

## ଚଣ୍ଡିଗଡ଼କୁ ନେଇ ପଞ୍ଜାବ, ହରିୟାଣା ମୁହାଁମୁହିଁ

**ଚଣ୍ଡିଗଡ଼,୩।୪:** ରାଜ୍ୟ ରାଜଧାନୀ ଚଣ୍ଡିଗଡ଼କୁ ନେଇ ପଞ୍ଜାବ ଏବଂ ହରିୟାଣା ସରକାର ଏବେ ମୁହାଁମୁହିଁ ହୋଇଛନ୍ତି। ଚଣ୍ଡିଗଡ଼କୁ ପଞ୍ଜାବକୁ ହସ୍ତାନ୍ତର କରାଯାଉ ଦାବି କରି ସେଠାର ଆମ୍ ଆଦ୍‌ମୀ ପାର୍ଟି ସରକାର ବିଧାନସଭାରେ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହା ପରେ ହରିୟାଣାର ଭାଜପା ସରକାର ମଧ୍ୟ ୫ ତାରିଖରେ ଏଥିପାଇଁ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକିଛନ୍ତି। ଚଣ୍ଡିଗଡ଼ ସମେତ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ହରିୟାଣାକୁ ହସ୍ତାନ୍ତର କରିବା ଲାଗି ଦୀର୍ଘଦିନର ଦାବିକୁ ସେମାନେ ପୁଣିଥରେ ଉଠାଇଛନ୍ତି। ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାରଙ୍କ ବାସଭବନରେ କ୍ୟାବିନେଟ ବୈଠକ ବସି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନିଷ୍ପତ୍ତି ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏହି ଅଧିବେଶନ ବସିବ। ପଞ୍ଜାବ ଚଣ୍ଡିଗଡ଼କୁ ନେବା ଲାଗି ପ୍ରସ୍ତାବ ଗୃହୀତ କରାଇବାରେ ହରିୟାଣା ସରକାର ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଭଳି ଦାବି କରିବା ପୂର୍ବରୁ ପଞ୍ଜାବ ସରକାର ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ମତ ନେବା ଆବଶ୍ୟକ ଥିଲା ବୋଲି ଖଟ୍ଟାର କହିଛନ୍ତି। ଇତିମଧ୍ୟରେ ହରିୟାଣା ଗୃହମନ୍ତ୍ରୀ ଅନିଲ ଭିଜ୍ ପଞ୍ଜାବ ସରକାରଙ୍କ ଉଦ୍ୟମକୁ ସମାଲୋଚନା କରିବା ସହ ଆମ୍ ଆଦ୍‌ମୀ ପାର୍ଟିକୁ ଏକ 'ବଚ୍ଚା ପାର୍ଟି' ବୋଲି କହିଛନ୍ତି। ଏହା ଏକ ପିଲାଳିଆ ଦଳ, ଦୁଇ ରାଜ୍ୟ ମଧ୍ୟରେ ରହିଥିବା ପ୍ରକୃତ ପ୍ରସଙ୍ଗ ସମ୍ପର୍କରେ ଏହି ଦଳ ଅବଗତ ନୁହେଁ ବୋଲି ଭିଜ୍ କହିଛନ୍ତି।

## କାଠରେ ତାରାତାରିଣୀ ମନ୍ଦିରର କ୍ଷୁଦ୍ର କଳାକୃତି

**ବ୍ରହ୍ମପୁର ଅଫିସ୍,୩।୪**

କାଠଶିଳ୍ପୀ ଦିଲୀପ ମହାରଣା ପୁଣିଥରେ ଏକ ନୂଆ କଳାକୃତି ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଚୈତ୍ର ମେଳା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଗଞ୍ଜାମର ଶକ୍ତିପୀଠ ତାରାତାରିଣୀ ମନ୍ଦିରର ଏକ ଅବିକଳ କ୍ଷୁଦ୍ର କଳାକୃତି କାଠରେ ନିର୍ମାଣ କରିଛନ୍ତି। ଏଥିରେ ୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ତାରାତାରିଣୀଙ୍କ ମୁଖ୍ୟ ମନ୍ଦିର ସମେତ ଜଗମୋହନ, ନାଟମଣ୍ଡପ, ପଞ୍ଚ ଦେବଦେବୀଙ୍କ ମନ୍ଦିର, ଯଜ୍ଞ ବେଦିକା, ମହାସ୍ନାନ ମଣ୍ଡପ, ପାଚେରି, ହସ୍ତୀ-ବେହରଣ ଦ୍ୱାର, ପାର୍ଶ୍ୱଦେବୀ ନାରଶିଂହି ବରାହୀ, ଚାମୁଣ୍ଡା ମୁଖ୍ୟ ମନ୍ଦିର ଉପରେ ଅଁଳାବେଢ଼ା ଏବଂ ଦଧିନଉତି କଳସ ସହ ମନ୍ଦିରର ୪ ଦ୍ୱାରକୁ ନିର୍ମାଣ କରିଛନ୍ତି। ଏହା ନିର୍ମାଣ କରିବାକୁ ୭ ଦିନ ସମୟ ଲାଗିଥିବା ଦିଲୀପ କହିଛନ୍ତି। ଏହା ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ମନ୍ଦିର କଳାକୃତି ବୋଲି ସେ କହିଛନ୍ତି। ଏଥିପୂର୍ବରୁ ସେ ୧ ଇଞ୍ଚର ପୁରୀ ଶ୍ରୀମନ୍ଦିର, ରାମ ମନ୍ଦିର, ୧/୨ ଇଞ୍ଚର ଦୁର୍ଗାଙ୍କ ପ୍ରତିମୂର୍ତ୍ତି, ବ୍ରହ୍ମପୁର ବୁଢ଼ୀ ଠାକୁରାଣୀଙ୍କ କ୍ଷୁଦ୍ରତମ ମୁଖା, ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ନନ୍ଦିଘୋଷ ରଥ ନିର୍ମାଣ କରିଛନ୍ତି। ଯେଉଁଥିପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ, ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ଗ୍ରାଣ୍ଡମାଷ୍ଟର ଓ ଏକ୍ସକ୍ଲୁସିଭ ୱାର୍ଲଡ ରେକର୍ଡ୍ସ ହାସଲ କରିଛନ୍ତି। ତାରାତାରିଣୀଙ୍କ ମନ୍ଦିର ପ୍ରତିକୃତି ନିର୍ମାଣ କରିବାରେ ପିତା ଭଗବାନ ମହାରଣା, ଭାଇ ମନୋଜ, ମାମୁ ସନ୍ନ୍ୟାସୀ ମହାରଣା ଓ ତାରାତାରିଣୀ ମନ୍ଦିରର ସେବକ ସଂଘ ସହଯୋଗ କରିଥିବା ଦିଲୀପ କହିଛନ୍ତି। ଏଭଳି ପ୍ରତିକୃତିକୁ ମୁଖ୍ୟମନ୍ତ୍ରୀଙ୍କୁ ଉପହାର ସଦୃଶ ପ୍ରଦାନ ପାଇଁ ସେ ଇଚ୍ଛା ପ୍ରକାଶ କରିଛନ୍ତି।


ଦିଲୀପଙ୍କ ଦ୍ୱାରା କାଠରେ ନିର୍ମିତ ତାରାତାରିଣୀ ମନ୍ଦିର।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୧୨,୫୫,୭୨୧ | ୬୧,୭୫,୩୫୭ | ୪୨,୬୧,୩୪,୦୧୮ |
| ଭାରତ | ୪,୩୦,୨୮,୧୩୧ | ୫,୨୧,୩୭୪ | ୪,୨୪,୯୩,୭୭୩ |
| ଓଡ଼ିଶା | ୧୨,୮୭,୭୩୭ | ୯୧୨୧(+୫୩) | ୧୨,୭୮,୨୩୩ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କେନାଲରୁ ମଣିଷ ଖପୁରି ଜବତ



**ଜଗତ୍‌ସିଂହପୁର ଅଫିସ,୩।୪:** ଜଗତ୍‌ସିଂହପୁର ଥାନା ମାର୍କଣପୁର ଅନ୍ତର୍ଗତ ବଡ଼ବାଗ ନିକଟ ଶୁଖିଲା ମାଛଗାଁ କେନାଲରୁ ଶନିବାର ଗୋଟିଏ ମଣିଷ ଖପୁରି ଜବତ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ମାମଲା (ନଂ. ୧୮/୨୨) ରୁଜୁ କରାଯାଇଛି। ଉକ୍ତ ଖପୁରିକୁ ପରୀକ୍ଷା ପାଇଁ କଟକସ୍ଥିତ ଫୋରେନ୍‌ସିକ ଲାବରେଟୋରିକୁ ପଠାଯାଇଛି। ଖପୁରିଟି ବଡ଼ବାଗ ଅଞ୍ଚଳର ରାମଚନ୍ଦ୍ର ସାହୁଙ୍କର ବୋଲି ଆଶଙ୍କା କରାଯାଉଛି। ବ୍ରାଉନ୍‌ସୁଗାର କାରବାରକୁ ନେଇ ଗତ ଅକ୍ଟୋବରରେ ତାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହାପରେ ଏକ ଅଖାରେ ତାଙ୍କୁ ଭର୍ତ୍ତି କରି ଅଭିଯୁକ୍ତମାନେ ଉକ୍ତ କେନାଲରେ ପିଙ୍ଗି ଦେଇଥିଲେ। ସେତେବେଳେ କେନାଲରେ ପାଣି ଥିଲା। ଦଳଯୋଗୁ ଅଖାଟି ଭାସି ପାରି ନ ଥିଲା। ପରବର୍ତ୍ତୀ ସମୟରେ ଅଖା ସହ ରାମଚନ୍ଦ୍ରଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଥିଲା। ମାତ୍ର ତାଙ୍କ ମୁଣ୍ଡ ମିଳି ନ ଥିଲା। ଏବେ କେନାଲ ପାଣି ଶୁଖିବା ପରେ ମିଳିଥିବା ଖପୁରିକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ଗଛରେ ବାନ୍ଧି ଯୁବକଙ୍କୁ ଲଣ୍ଡା କଲେ ଗ୍ରାମବାସୀ

ରାତିରେ ଘରେ ପଶିବା କାଳ ହେଲା



ବିକ୍ରମଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ନେଉଛି।

**ମହାକାଳପଡ଼ା,୩।୪(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ଉପକୂଳ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ପଶିଥିବା ଯୁବକଙ୍କୁ ଗାଁ ଲୋକେ ଗଛରେ ବାନ୍ଧି ଲଣ୍ଡା କରିଛନ୍ତି। ରବିବାର ସକାଳେ ଏ ସଂକ୍ରାନ୍ତରେ ଖବର ପାଇବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା ଜାରି ରଖିଛି। ଏ ନେଇ ସମ୍ପୃକ୍ତ ଯୁବକ ବିକ୍ରମ ପାଇତାଳ(୨୩)ଙ୍କ ଭଉଣୀ ସୌଦାମିନୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି ବୋଲି କହିଛି। ସୂଚନା ଅନୁଯାୟୀ, ପେଟଛେଲା ଅଞ୍ଚଳର ବିକ୍ରମ ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ପଶିଥିଲେ। ଘର ଲୋକ ଏ କଥା ଜାଣିବା ପରେ ଗ୍ରାମବାସୀଙ୍କ ସହାୟତାରେ ବିକ୍ରମଙ୍କୁ ଧରିଥିଲେ। କେଉଁ ଉଦ୍ଦେଶ୍ୟରେ ସେ ଘରେ ପଶିଥିଲେ ତାହା ସ୍ପଷ୍ଟ ହୋଇ ନ ଥିଲା। ତଥାପି ଘରର ସଦସ୍ୟମାନେ ଏହି ଘଟଣାକୁ ସହଜରେ ଗ୍ରହଣ କରି ନ ଥିଲେ। ବିକ୍ରମଙ୍କୁ ଉଚିତ ଶିକ୍ଷା ଦେବା ପାଇଁ ତାଙ୍କୁ ଏକ ନଡ଼ିଆ ଗଛରେ ବାନ୍ଧି ଲଣ୍ଡା କରିବା ସହ ସାତବେଣିଆ କରିଥିଲେ। ଉକ୍ତ ଘଟଣା ପରେ ନାନା କଥା ଶୁଣିବାକୁ ମିଳୁଛି। ଏ ନେଇ ପୋଲିସ ନଂ.୬୫/୨୨ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ବିକ୍ରମଙ୍କୁ ଦିଆଯାଇଥିବା ନିର୍ଯାତନା ମାନବିକ ଅଧିକାରର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି।

# ବସ୍ ଭଡ଼ା କଷଣରେ ଯାତ୍ରୀ ହଇରାଣ

## ବସ୍‌ରେ ଲାଗୁନି ମୂଲ୍ୟ ସୂଚୀ ଆରଟିଓ ନୀରବଦ୍ରଷ୍ଟା

**ଭୁବନେଶ୍ୱର,୩।୪(ବ୍ୟୁରୋ)**



ଗତ କିଛିଦିନ ହେବ ତୈଳ ଦର ହୁ ହୁ ହୋଇ ବଢ଼ିଚାଲିଛି। ଓଡ଼ିଶାରେ ଗତ ୧୩ ଦିନରେ ତୈଳ ଦର ପ୍ରାୟ ସାଢ଼େ ୮ ଟଙ୍କା ବୃଦ୍ଧି ହୋଇଛି। ଡିଜେଲ ଦର ବୃଦ୍ଧିକୁ ଦେଖି ରାଜ୍ୟ ସରକାର ମାର୍ଚ୍ଚ ୩୧ରେ ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ଭଡ଼ା କିଲୋମିଟର ପିଛା ୩ରୁ ୯ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଦରଦାମ୍ ବୃଦ୍ଧି ସହ ବସ୍ ଭଡ଼ା ବୃଦ୍ଧି ଯାତ୍ରୀଙ୍କ ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ତେବେ ଅନେକ ସ୍ଥାନରେ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଟଙ୍କା ଯାତ୍ରୀଙ୍କ ଠାରୁ ନିଆଯାଉଥିବା ଅଭିଯୋଗ ହେଉଛି।

ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ରାଜ୍ୟର ୩୦ ଜିଲାର ମୁଖ୍ୟାଳୟ ପାଇଁ ବର୍ଦ୍ଧିତ ଭଡ଼ା ଧାର୍ଯ୍ୟ କରିଛନ୍ତି। ତେବେ ବସ୍ ଭଡ଼ାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଏପରି କି କେତେକ କ୍ଷେତ୍ରରେ ଘରୋଇ ବସ୍ କର୍ମଚାରୀ ଏବଂ ଯାତ୍ରୀଙ୍କ ମଧ୍ୟରେ ଉଚ୍ଚବାଚ ଓ ମାରପିଟ ଭଳି ଘଟଣା ଦେଖିବାକୁ ମିଳୁଛି। ଏସ୍‌ଟିଏ ପକ୍ଷରୁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ବରମୁଣ୍ଡାରୁ କଟକ ବାଦାମବାଡ଼ିକୁ ଯାତ୍ରୀଙ୍କ ପାଇଁ ଅର୍ଡିନାରି ବସ୍ ପାଇଁ ୨୭ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏକ୍ସପ୍ରେସ ପାଇଁ ୨୮, ଡିଲକ୍ସ ପାଇଁ ୩୯, ଏସି ଡିଲକ୍ସ ପାଇଁ ୪୮ ଏବଂ ସୁପର ପ୍ରିମିୟମ ପାଇଁ ୭୪ ଟଙ୍କା ଧାର୍ଯ୍ୟ କରାଯାଇଛି। ଅଧିକାଂଶ ଯାତ୍ରୀ ଅର୍ଡିନାରି, ଏକ୍ସପ୍ରେସ୍, ଡିଲକ୍ସ ଭଳି ବସ୍‌ରେ ଯାତାୟାତ କରିଥାଆନ୍ତି। ପ୍ରତ୍ୟେକ ବସ୍‌ରେ କିଲୋମିଟର ପିଛା ଭଡ଼ା ଲେଖି ସୂଚନା ଫଳକ ଝୁଲାଇବାକୁ ନିୟକ ରହିଛି। ହେଲେ ବସ୍ ଭଡ଼ା ବଢୁଥିଲେ ମଧ୍ୟ ଜନସାଧାରଣଙ୍କୁ ବସ୍‌ରେ ସୂଚନା ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ କେଉଁ ସ୍ଥାନକୁ କେତେ ଭଡ଼ା ସେ ବିଷୟରେ ଯାତ୍ରୀମାନେ ଜାଣିପାରୁ ନାହାନ୍ତି। ବସ୍ କଣ୍ଡକ୍ଟର ମନଇଚ୍ଛା ଭଡ଼ା ଦାବି କରୁଥିବା ଅଭିଯୋଗ ହେଉଛି। ତେବେ କେଉଁଠି ଅଭିଯୋଗ କରାଯିବ ସେ ନେଇ ମଧ୍ୟ ବସ୍‌ରେ କୌଣସି ସୂଚନା ଦିଆଯାଉ ନାହିଁ। ନିୟମିତ ଭୁବନେଶ୍ୱରରୁ କଟକ ବସ୍‌ରେ ଯାଉଥିବା ଯାତ୍ରୀ ରମେଶ ଲେଙ୍କା କହିଛନ୍ତି ଯେ କଟକ-ଭୁବନେଶ୍ୱର ବସ୍ ଭଡ଼ା ୫୦ ଟଙ୍କା ହୋଇ ନ ଥିବା ବେଳେ ଅନେକ ସମୟରେ ଆମକୁ ୫୦ ଟଙ୍କା ଦେବାକୁ ପଡ଼େ। ମାତ୍ର ଟିକେଟ ମିଳେ ନାହିଁ। ଗତ ୩୧ ତାରିଖରେ ଭଡ଼ା ବୃଦ୍ଧି ହେବା ପରେ ମଧ୍ୟ ଭୁବନେଶ୍ୱରରୁ କଟକକୁ ଭଡ଼ା ୫୦ ଟଙ୍କା ଛୁଇଁନାହିଁ। ଏହା ପୂର୍ବରୁ ସାଧାରଣ ବସ୍‌ରେ ଗଲେ ମଧ୍ୟ ୪୦ରୁ ୫୦ ଟଙ୍କା ଦେବାକୁ ପଡୁଥିଲା। ଏବେ ଆହୁରି ଅଧିକ ଦେବାକୁ ପଡ଼ିପାରେ। ଯାତ୍ରୀଙ୍କୁ ସୁରକ୍ଷା ଦେବାକୁ କୌଣସି ବ୍ୟବସ୍ଥା ନାହିଁ। ଝଗଡ଼ା କରିବା ଅପେକ୍ଷା ଅଧିକ ପଇସା ଦେଇ ଯିବାକୁ ପଡୁଛି। ପରିବହନ ବିଭାଗ ଯାତ୍ରୀମାନଙ୍କ ହିତ ଦୃଷ୍ଟିରୁ ବସ୍‌ରେ ଭଡ଼ା ବିଷୟରେ ଲେଖା ଝୁଲାଇବା ବାଧ୍ୟତାମୂଳକ କରିବା ଦରକାର। ନଚେତ୍ ଯାତ୍ରୀମାନେ ଶୋଷଣର ଶିକାର ହେବେ। ସେହିପରି ବାଲେଶ୍ୱରରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ରାଉତଙ୍କ କହିବା ହେଲା ସେ ବାଲେଶ୍ୱରରୁ ବାରିପଦା ବସ୍ ଯୋଗେ ଯିବା ଆସିବା କରୁଛନ୍ତି। ମାତ୍ର ୬୦କି.ମି. ରାସ୍ତାକୁ ପୂର୍ବରୁ ୫୦/୬୦ ଟଙ୍କା ନିଆଯାଉଥିବା ବେଳେ ଏବେ କଣ୍ଡକ୍ଟର ୮୦ ଟଙ୍କା ନେଉଛନ୍ତି। ବସ୍‌ରେ କୌଣସି ରେଟ୍ ଚାର୍ଟ ଲାଗୁ ନାହିଁ। ଅଧିକ ଟଙ୍କା ନେବାର କାରଣ ପଚାରିବାରୁ ପ୍ରତିଦିନ ତୈଳ ଦର ବୃଦ୍ଧି ପାଉଥିବା ବସ୍ କର୍ମଚାରୀ ଦର୍ଶାଉଛନ୍ତି। ବର୍ଦ୍ଧିତ ମୂଲ୍ୟ ଦେବାକୁ ରାଜି ନ ହେଲେ ବସ୍‌ରେ ଉଠାଉ ନାହାନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି। ସମ୍ବଲପୁର ଖିଣ୍ଡା ହାଇସ୍କୁଲର ଶିକ୍ଷକ ଗୌରୀଦାସ ପ୍ରଧାନଙ୍କ କହିବା ହେଲା ସମ୍ବଲପୁର ସହରରୁ ପ୍ରତିଦିନି ଶିକ୍ଷାଦାନ ପାଇଁ ବସ୍ ଯୋଗେ ଖିଣ୍ଡା ହାଇସ୍କୁଲ ପ୍ରାୟ ୪୦ କି.ମି. ଯିବାକୁ ପଡୁଛି। ବସ୍ ଭଡ଼ା ବୃଦ୍ଧି ଆର୍ଥିକ ବୋଝ ସଦୃଶ ହୋଇଛି। ଏହା ମାସିକିଆ ବଜେଟରେ ପ୍ରଭାବ ପକାଇବ। ତେଲ ଦର ବୃଦ୍ଧି ଅନୁପାତରେ ବସ୍ ମାଲିକମାନେ ଭଡ଼ା ବଢାଇ ଚାଲିଛନ୍ତି। ଲକ୍‌ଡାଉନ ପୂର୍ବରୁ ୨୦ ଟଙ୍କା ଭଡ଼ା ରହିଥିଲା। ଏବେ ବସ୍‌ଭଡ଼ା ବଢିଥିଲେ ମଧ୍ୟ କର୍ମଚାରୀମାନେ ମନଇଚ୍ଛା ଭଡ଼ା ନେଉଛନ୍ତି। କାହାଠାରୁ ୪୦ ତ ଆଉ କାହାଠାରୁ ୫୦ ଟଙ୍କା ନେଉଛନ୍ତି।

ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା ଭଡ଼ା ବିଷୟରେ ଯାତ୍ରୀଙ୍କୁ ସୂଚନା ଦେବା ପାଇଁ ଡ୍ରାଇଭର ସିଟ୍ ପଛ ପଟରେ ଲେଖି ଝୁଲାଇବାକୁ ବାଧ୍ୟତାମୂଳକ କରାଯାଇଛି। ଏହାକୁ କଡ଼ାକଡ଼ି କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ବସ୍ ଏହାର ଉଲ୍ଲଂଘନ କରୁଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବ୍ୟବସ୍ଥା ରହିଛି।

ମାତ୍ର ଏହା କରାଯାଉ ନାହିଁ। ବସ୍‌ରେ ଭଡ଼ା ସମ୍ପର୍କରେ କିଛି ସୂଚନା ଦିଆଯାଉ ନାହିଁ। ଫଳରେ ଭଡ଼ାକୁ ନେଇ ଯାତ୍ରୀ ଅନ୍ଧାରରେ ରହୁଛନ୍ତି ଏବଂ ଶୋଷଣର ଶିକାର ହେଉଛନ୍ତି। ଯେଉଁ ଯାତ୍ରୀ ବିରୋଧ କରୁଛନ୍ତି ସେମାନଙ୍କ ସହ ବସ୍ କର୍ମଚାରୀମାନଙ୍କର ହାତାହାତି ପର୍ଯ୍ୟନ୍ତ କଥା ଚାଲିଯାଉଛି।

ତେବେ ବସ୍ ଭଡ଼ା ଅଧିକ ନେବା ସମ୍ପର୍କରେ ରାଜ୍ୟ ଘରୋଇ ବସ୍ ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି ଯେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ା ନିଆଯାଉଛି। କାଁ ଭାଁ କେହି ଜଣେ ଅଧେ ସେଭଳି କରିପାରନ୍ତି। ମାତ୍ର ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ନେବାକୁ ସଂଘ ବିରୋଧ କରେ। ଯଦି କୌଣସି ବସ୍ ଅଧିକ ନେଉଛନ୍ତି ତେବେ ସଂଘର ଆଞ୍ଚଳିକ କାର୍ଯ୍ୟାଳୟରେ ଅଭିଯୋଗ କରନ୍ତୁ ବୋଲି ସେ କହିଛନ୍ତି।

ପରିବହନ ବିଭାଗ ଭଡ଼ା ବୃଦ୍ଧି କରି ହାତବାନ୍ଧି ବସି ଯାଉଥିବା ବେଳେ ଆରଟିଓମାନେ ମଧ୍ୟ ଏ ନେଇ ସେତେଟା ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଯାତ୍ରୀମାନଙ୍କୁ ଶୋଷଣର ଶିକାର ହେବାକୁ ପଡୁଛି। ଏହା ଉପରେ ଦୃଷ୍ଟି ଦେବାକୁ ଯାତ୍ରୀମାନେ ଦାବି କରିଛନ୍ତି।

### ଏକଟାଗୁଡ଼ା କାଜୁ ଜଙ୍ଗଲରୁ ମିଳିଲା ନରକଙ୍କାଳ

**ସଦର ପୋଲିସର ଛାନଭିନ ଜାରି**



ଜଙ୍ଗଲରେ ଥିବା ପୋଡାଜଳା ଚିହ୍ନ।

**କୋରାପୁଟ,୩।୪(ସ୍ୱ.ପ୍ର.)**

କୋରାପୁଟ ସଦର ଥାନା ଅନ୍ତର୍ଗତ ଏକଟାଗୁଡା ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲରୁ ରବିବାର ଏକ ନରକଙ୍କାଳ ମିଳିଛି । ଖବରପାଇ ଏସଡିପିଓ ମନୋଜ କୁମାର ପୂଜାରୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସେଠାରେ ପଡିଥିବା ନରକଙ୍କାଳକୁ ଜବତ କରି ଛାନଭିନ ଚଳାଇଛନ୍ତି। କଙ୍କାଳଟିରୁ ମୁଣ୍ଡ ଓ ହାତ ଛିଡିଯାଇ ଭିନ୍ନଭିନ୍ନ ସ୍ଥାନରେ ପଡିଥିବା ଦେଖିବାକୁ ମିଳିଛି। କାଜୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ପୋଡାଜଳା ଚିହ୍ନ ମଧ୍ୟ ରହିଛି। ଘଟଣାସ୍ଥଳରେ ଏକ ଲାଲ ଗାମୁଛା ପଡିଥିବା ଜଣାପଡିଛି। ତେବେ ଉକ୍ତ କଙ୍କାଳ ମହିଳା ନା ପୁରୁଷର କିଛି ସ୍ପଷ୍ଟ ହୋଇନାହିଁ। ପ୍ରମାଣ ନଷ୍ଟ ପାଇଁ ହତ୍ୟା କରି ମୃତଦେହ ପୋଡ଼ି ଦେଇଥିବା ପୋଲିସ ସନ୍ଦେହ କରୁଛି । ତେବେ ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଏସଡିପିଓ ପୂଜାରୀ କହିଛନ୍ତି।




**ପବିତ୍ର ରମ୍‌ଜାନ୍ ମାସର ଶୁଭେଚ୍ଛା:** ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୨ କୋଟିର ଜିଏସ୍‌ଟି ଠକେଇ

## କାରଖାନା ମାଲିକଙ୍କ ସମେତ ୩ଜଣଙ୍କୁ ସିଜିଏସ୍‌ଟି ପକ୍ଷରୁ ଜେରା

**କୁଆଁରମୁଣ୍ଡା,୩।୪(ଡି.ଏନ୍.ଏ.)**




କେନ୍ଦ୍ରୀୟ ପଣ୍ୟ ଓ ସେବାକର ବିଭାଗ (ସିଜିଏସ୍‌ଟି) ପକ୍ଷରୁ ୨ ଦିନ ହେଲା ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା-ହାତୀବାରି ରୋଡରେ ଥିବା ଟପ୍‌ଟେକ୍ ନାମକ ଏକ ଇନ୍‌ଗଟ୍ କାରଖାନା ସମେତ ରାଉରକେଲାର ସିଭିଲଟାଉନଶିପ୍ ଓ ଛେଣ୍ଡ ଅଞ୍ଚଳରେ ଥିବା ଏହାର କାର୍ଯ୍ୟାଳୟରେ ଚଢ଼ାଉ ଜାରି ରହିଛି। ଏହି ସମୟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜିଏସ୍‌ଟି ଠକେଇ ହୋଇଥିବା ପ୍ରାଥମିକ ତଦନ୍ତରୁ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ଏପରିକି ଅଧିକାରୀମାନେ କାରଖାନା ମାଲିକ ଶ୍ୟାମବିହାରୀ ପ୍ରସାଦ ଏବଂ ତାଙ୍କ ପୁଅ ଶିବସୁନ୍ଦର ପ୍ରସାଦ ଓ ଅନିଲ ପାଣ୍ଡେ ନାମକ ଅନ୍ୟ ଜଣେ ଅଂଶୀଦାରଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଏଥିସହ କମ୍ପାନୀର କାଗଜପତ୍ର ଜବତ କରି ଅଧିକାରୀମାନେ ଯାଞ୍ଚ ଚଳାଇଥିବାବେଳେ ଉକ୍ତ ଠକେଇର ପରିମାଣ ଆହୁରି ବଢିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ଉକ୍ତ କାରଖାନାରେ ଚୋରା ଲୁହା ସ୍କ୍ରାପକୁ ତରଳାଇ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରାଯାଇ ବଜାରରେ ବେଆଇନଭାବେ ବିକ୍ରି କରାଯାଉଥିଲା। ଏ ନେଇ କୌଣସି ସୂତ୍ରରୁ ଖବରପାଇ ସିଜିଏସ୍‌ଟି ଗୋଇନ୍ଦା ବିଭାଗ ଡେପୁଟି ଡାଇରେକ୍ଟର କୁନାଲ କୁମାରଙ୍କ ନେତୃତ୍ୱରେ ୨୦ ଜଣିଆ ଟିମ୍ ଉକ୍ତ କାରଖାନା ସମତେ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା।

# ୭ ମାସର ଗର୍ଭବତୀଙ୍କୁ ମାରିଦେଲେ

**ବଲାଙ୍ଗୀର ଅଫିସ, ୩।୪**

- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ
- ଯୌତୁକରେ ମାଗିଥିଲେ ଦୁଇଟି ବାଇକ୍

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ତଳିଉଡାର ଗ୍ରାମରେ ଜଣେ ୭ ମାସର ଗର୍ଭବତୀ ମହିଳାଙ୍କୁ ପିଟି ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ୱାମୀ ଓ ଶାଶୁଙ୍କ ବିରୋଧରେ ମୃତା ମହିଳାଙ୍କ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା (୧୪୬/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

୨୦୨୧ ମସିହାରେ ତଳିଉଡାର ଗ୍ରାମର ବିପିନ ପ୍ରଧାନଙ୍କ ସହ ପାଟଣାଗଡ ଥାନା ଅନ୍ତର୍ଗତ ବନକାବିହାର ଗ୍ରାମର ପୁଷ୍ପାଞ୍ଜଳି ପ୍ରଧାନଙ୍କ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ସମୟରେ ପୁଷ୍ପାଞ୍ଜଳିଙ୍କ ପରିବାର ଲୋକେ ବରପକ୍ଷଙ୍କ ଦାବି ଅନୁସାରେ ଯୌତୁକ ଦେଇଥିଲେ। କିଛିଦିନ ଗଲା ପରେ ବିପିନ ଅଧିକ ଯୌତୁକ ଦାବି କରିଥିଲେ। ବିବାହ ସମୟରେ ଏକ ହିରୋହୋଣ୍ଡା ଡିଲକ୍ସ ବାଇକ୍ ଦିଆଯାଇଥିଲା। ଏହି ବାଇକ୍‌କୁ ଛୋଟ ବାଇକ୍ ଦର୍ଶାଇ ପୁଣି ହିରୋ ଗ୍ଲାମର ବାଇକ୍ ମାଗିଥିଲେ। ଏହାପରେ ପୁଷ୍ପାଞ୍ଜଳିଙ୍କ ପରିବାର ଲୋକେ ପୁଣି ଏକ ଗ୍ଲାମର ବାଇକ୍ କିଣି ବିପିନଙ୍କୁ ଦେଇଥିଲେ। ପୂର୍ବରୁ ୮ ଲକ୍ଷ ଟଙ୍କାର ଯୌତୁକ ଦିଆଯାଇଥିଲା। ପରେ ପୁଣି ୯୦ ହଜାର ଟଙ୍କା ମାଗିବାରୁ ଦିଆଯାଇଥିଲା । ଏହାସତ୍ତ୍ୱେ ଝିଅକୁ ଯୌତୁକ ନିର୍ଯାତନା ଦେଇ ମାରି ଦେଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତା ଯୁବତୀଙ୍କ ମାଆ ଗଣମାଧ୍ୟମକୁ କହିଛନ୍ତି ଯେ, ଝିଅ ୭ ମାସର ଗର୍ଭବତୀ ହୋଇଥିବାରୁ ରବିବାର ତାଙ୍କ ପରିବାର ସହ ଝିଅର ମାମୁଁଘର ଲୋକେ ଝିଅକୁ ପିଠା ଖୁଆଇବାକୁ ଆସିବା କାର୍ଯ୍ୟକ୍ରମ ଥିଲା। ଏନେଇ ସମସ୍ତ ପ୍ରସ୍ତୁତି ସରିଥିଲା। ସକାଳେ ଶ୍ୱାଶୁଘର ଲୋକେ ଖବର ଦେଲେ ଯେ, ପୁଷ୍ପାଞ୍ଜଳି ପଡିଯିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ ହସ୍ପିଟାଲକୁ ନିଆଯାଇଛି। ଏଣୁ ପିଠାଖିଆ ସାମଗ୍ରୀ ନ ଆଣି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସିବାକୁ କହିଥିଲେ। ସେଠାକୁ ଆସିବା ପରେ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। କିଭଳି ଭାବେ ପୁଷ୍ପାଞ୍ଜଳିଙ୍କ ମୃତ୍ୟୁ ହେଲା ତାହା ଶାଶୁଘର ଲୋକେ କହି ନ ଥିଲେ। ଏହାପରେ ପରିବାର ଲୋକେ ସଦର ଥାନାକୁ ଯାଇ ପୁଷ୍ପାଞ୍ଜଳିଙ୍କୁ ଯୌତୁକ ପାଇଁ ସ୍ୱାମୀ ବିପିନ ଓ ଶାଶୁ ପିଟି ପିଟି ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଏନେଇ ଶାଶୁଘର ଲୋକଙ୍କ ମତାମତ ମିଳିପାରିନାହିଁ। ଅଭିଯୋଗ ମିଳିବା ପରେ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି ବୋଲି ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି।

# ୪୦ ଡିଗ୍ରୀ ଉପରେ ୮ ସହର

## ୬ରେ ଲଘୁଚାପ ସମ୍ଭାବନା

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଆସୁଛି ଆଉଏକ ଲଘୁଚାପ। ଦକ୍ଷିଣ ଆଣ୍ଡାମାନ ସାଗର ଓ ତାହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାୟୁମଣ୍ଡଳର ଉପରି ଭାଗରେ ଆସନ୍ତା ୬ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ରବିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଉକ୍ତ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ଘୂର୍ଣ୍ଣିବଳୟ ଓ ଲଘୁଚାପ ପାଇଁ ଆଣ୍ଡାମାନ ସାଗର ଆଖପାଖ ଅଞ୍ଚଳରେ ବର୍ଷା ଓ ପବନ ସମ୍ଭାବନା ରହିଛି। କିନ୍ତୁ ଅନ୍ୟ ଅଞ୍ଚଳରେ ଏହାର ପ୍ରଭାବ କ’ଣ ରହିବ ତାହା ଏଯାଏ ଆକଳନ କରାଯାଇ ନାହିଁ ବୋଲି ଉମାଶଙ୍କର କହିଛନ୍ତି।

ଶନିବାରର ନିମ୍ନ ଚାପ ରେଖା ରବିବାର ସମୁଦ୍ର ପତ୍ତନଠାରୁ ୧.୫କିମି ଉପରେ ପୂର୍ବ-ବିହାରରୁ ଉତ୍ତର ଓଡ଼ିଶା ଯାଏ ଲମ୍ବିଛି। ଝାଡ଼ଖଣ୍ଡ ଓ ଏହାର ଆଖପାଖ ଅଞ୍ଚଳରେ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଫଳରେ ରାଜ୍ୟରେ ୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ବର୍ଷା ସମ୍ଭାବନା ରହିଛି। ୪ ତାରିଖ ଦିନ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ ୬ ତାରିଖ ଦିନ ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ଗଜପତି ଓ ମାଲକାନଗିରି ଜିଲାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

ତେବେ ବର୍ଷା ହେଲେ ତାତିରୁ ଆଶ୍ୱସ୍ତି ପାଇବେ ରାଜ୍ୟବାସୀ। ଏବେ ରାଜ୍ୟରେ ଖରାତାତି କଲବଲ କରୁଛି। ପଶ୍ଚିମ ଓଡ଼ିଶା ଜଳୁଛି। ରବିବାର ପଶ୍ଚିମ ଓଡ଼ିଶାର ୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଟିଟିଲାଗଡ଼ରେ ସର୍ବାଧିକ ୪୧.୬ ଡିଗ୍ରୀ ତାପମାତ୍ରା ଥିବାବେଳେ ବୌଦ୍ଧ ୪୧.୫, ଝାରସୁଗୁଡ଼ା ୪୧.୫, ବଲାଙ୍ଗୀର ୪୧.୫, ସମ୍ବଲପୁର ୪୧.୧, ସୋନପୁର ୪୧, ଭବାନୀପାଟଣା ୪୦.୨ ଓ ସୁନ୍ଦରଗଡ଼ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଉପକୂଳ ଜିଲାରେ ତାପମାତ୍ରା କମ୍ ରହିଥିବାବେଳେ ଭୁବନେଶ୍ୱରରେ ୩୫.୯ ଓ କଟକରେ ୩୫.୪ ଡିଗ୍ରୀ ରହିଥିଲା। ପାଣିପାଗ ବିଜ୍ଞାନୀ ଉମାଶଙ୍କର କହିଛନ୍ତି, ଆଗାମୀ ୪, ୫ ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବ। କିନ୍ତୁ ଉପକୂଳ ଓଡ଼ିଶାରେ ବଙ୍ଗୋପସାଗର ସାମୁଦ୍ରିକ ବାୟୁ ପ୍ରଭାବରେ ସକାଳ ଓ ମଧ୍ୟାହ୍ନ ପର୍ଯ୍ୟନ୍ତ ପାଗ ମେଘୁଆ ରହୁଛି। ରାତିରେ ପବନ ବହୁଛି। ବିଶେଷ ତାତି ରହୁନି। ଏହି ସ୍ଥିତି ଆଗାମୀ ୩, ୪ ଦିନ ପର୍ଯ୍ୟନ୍ତ ରହିବ ବୋଲି ସେ କହିଛନ୍ତି।




**ଆଜିର ମନ୍ତବ୍ୟ**

ସିବିଆଇ ପିଞ୍ଜରାବଦ୍ଧ ଶୁଆ ହୋଇ ରହିନାହିଁ। ଏହା ଦେଶର ଶୀର୍ଷ ଅପରାଧ ତଦନ୍ତକାରୀ ସଂସ୍ଥା ଭାବେ ବାସ୍ତବିକ କାର୍ଯ୍ୟନିର୍ବାହ କରୁଛି।
**-କିରେନ ରିଜିଜୁ, କେନ୍ଦ୍ର ଆଇନମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜଗରକୁ ଦାତାରାମ୍,**
**ମୁଖେ ପଡ଼ିଲେ ରାମ୍ ରାମ୍।**

ଅଳସୁଆ ବ୍ୟକ୍ତି ସଦାସର୍ବଦା ନିଜ କର୍ମ ପ୍ରତି ବିମୁଖତା ପ୍ରଦର୍ଶନ କରିଥାନ୍ତି। କାମ ନ କରିବା ଲାଗି ନାନା ପ୍ରକାର ବାହାନା ଖୋଜିଥାନ୍ତି। ଅଳସୁଆ ବ୍ୟକ୍ତି ନିଜେ ପରିଶ୍ରମ ନ କରି ଦୈବ ଉପରେ ନିର୍ଭର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଶ୍ୱ, ଅସ୍ତ୍ର, ବସ୍ତ୍ର, ଅବଳା,**
**ଉଧାର ନ ଦେବୁ କାହାକୁରେ ବଳା।**

ଅଶ୍ୱ ବା ବାହାନ, ନିଜ ବ୍ୟବହୃତ ଅସ୍ତ୍ର, ବସ୍ତ୍ର ଓ ନିଜର ସ୍ତ୍ରୀ, ଏମାନେ ସମସ୍ତେ ଏକାନ୍ତ ଭାବେ ନିଜର ସମ୍ପତ୍ତି ହୋଇଥାନ୍ତି। ସେ ସବୁର ବ୍ୟବହାର ତଥା କୌଶଳ ନିଜକୁ ଭଲ ଭାବେ ଜଣା ହୋଇଥିବାବେଳେ ଏମାନଙ୍କୁ ଅନ୍ୟର ବ୍ୟବହାର ପାଇଁ ଦିଆଯିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଭୁବନେଶ୍ୱରରେ ଡିଜେଲ...

ଡିଜେଲ ୮.୪୫ ଟଙ୍କା ବଢ଼ିସାରିଥିବା ଜଣାପଡିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ ଉଭୟ ପଟ୍ରୋଲ ଓ ଡିଜେଲ ଉପରେ ୮୦ ପଇସା ଲେଖାଏ ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୩.୪୧ ଟଙ୍କା ଏବଂ ଡିଜେଲ ୯୪.୬୭ ଟଙ୍କାରେ ପହଞ୍ଚିଛି। ବିଶେଷକରି ଉପରୋକ୍ତ ସମୟ ମଧରେ ନୂଆଦିଲ୍ଲୀରେ ମଧ ଉଭୟ ପଟ୍ରୋଲ ଓ ଡିଜେଲ ଉପରେ ମୋଟ ୮ ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୮.୪୧ ଟଙ୍କା, ୧୧୩.୦୩ ଟଙ୍କା ଏବଂ ୧୦୮.୯୬ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗରଗୁଡ଼ିକରେ ଡିଜେଲ ମୂଲ୍ୟ ଲିଟର ପିଛା ୧୦୨.୬୪ ଟଙ୍କା, ୯୭.୮୨ଟଙ୍କା ଏବଂ ୯୯.୦୪ ଟଙ୍କାରେ ପହଞ୍ଚିଛି। କୋଭିଡ ପରଠାରୁ ସାରା ଦେଶବାସୀ ବିଭିନ୍ନ ସମସ୍ୟା ଓ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏଭଳି ସମୟରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ଖାଉଟି ତୈଳ ପାଇଁ ଅତିରିକ୍ତ ବଜେଟ ବ୍ୟୟବରାଦ କରୁଥିବା ବେଳେ ଡିଜେଲ ମୂଲ୍ୟ ବୃଦ୍ଧି ଯୋଗୁ ପରିବା ହାଟରୁ ପରିବହନ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦର ପରିବର୍ତ୍ତନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଉଚ୍ଚା ଦର ଖାଉଟି ପକେଟକୁ ଅଧିକ ପ୍ରଭାବିତ କରୁଛି ବୋଲି ଉଭୟ ଖାଉଟି ଓ ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ବିଶେଷକରି ଭାରତ ବଜାର ଉପରେ ପ୍ରଭାବ ପକାଉଛି।

## ରୋଷଘରେ ୮୦ରୁ ...

ଏହି ବନ୍ଦ ହେବା ଓ ଖୋଲିବା ସମୟରେ କିଏ ଗଲା ଓ ଭାଙ୍ଗିଲା ତାହା ବଡ଼ ପ୍ରଶ୍ନ। ସେହିପରି ରୋଷଘରର ଅବସ୍ଥା ଏବେ ଦୟନୀୟ ରହିଛି। କିଛି ଚୁଲିକୁ ଦୁର୍ବୃତ୍ତମାନେ ମାଟିରେ ମିଶାଇ ଦେଇଛନ୍ତି। ରୋଷଘର ମରାମତି ପାଇଁ ୩ଦିନରୁ ଅଧିକ ସମୟ ଲାଗିବ। ଭୋଗମଣ୍ଡପ ବାଟ, ବାଇଶି ପାହାଚ ଉପରେ ଓ ଯମୁନା କୂଅ ପଟେ ସିସିଟିଭି କ୍ୟାମେରା ରହିଛି। ସିସିଟିଭି ଦେଖି ଦୁର୍ବୃତ୍ତଙ୍କୁ ଚିହ୍ନଟ କରାଯାଉ। ଶ୍ରୀମନ୍ଦିର ରୋଷଘର ସାଧାରଣରେ ଏକ ନିଷିଦ୍ଧାଞ୍ଚଳ ହୋଇଥିବାବେଳେ କିପରି ଏଭଳି କାଣ୍ଡ ଘଟିଲା ତାହା ବୁଝାପଡୁନାହିଁ ବୋଲି ସେ କହିଛନ୍ତି। ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାଶ ଏହି ଘଟଣାକୁ ନିନ୍ଦା କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ କହିଛନ୍ତି, ଘଟଣାର ଯୁଗ୍ମ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ମିଳିତ ଭାବେ ତଦନ୍ତ କରିବେ। ତଦନ୍ତରେ ଯିଏ ବି ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ନୀତିକାନ୍ତି ଯେଭଳି ପ୍ରଭାବିତ ନ ହେବ ଓ ଶ୍ରଦ୍ଧାଳୁ ଯଥେଷ୍ଟ ପରିମାଣର ମହାପ୍ରସାଦ ପାଇପାରିବେ ସେଥିପ୍ରତି ପ୍ରଥମେ ଧ୍ୟାନ ଦିଆଯିବ। ଅନେକ ଚୁଲି କେତେକାଂଶ ଓ ଅନ୍ୟ କିଛି ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯାଇଛି। ତଦନ୍ତ ପରେ ଭଙ୍ଗାଚୁଲିର ପ୍ରକୃତ ସଂଖ୍ୟା ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ରୋଷଘର ସ୍ଥିତି ଦେଖିବା ପରେ କହିଛନ୍ତି, ଶ୍ରୀମନ୍ଦିରରେ ୨୪୦ଟି ଚୁଲି ରହିଥିବାବେଳେ ୪୦ଟି ଚୁଲି ଭାଙ୍ଗିଯାଇଛି। କୋଠଘରେ ପିଠା, କାନିକା ଓ ମହାପ୍ରସାଦ ଚୁଲିକୁ ମିଶାଇ ମୋଟ ୮ଟି ରହିଛି। ତେଣୁ ନୀତିକାନ୍ତିରେ ସମସ୍ୟା ହେଉନାହିଁ। ରୋଷଘରକୁ ନିର୍ଦ୍ଦିଷ୍ଟ ସେବାୟତ ଓ ବ୍ୟକ୍ତିଙ୍କୁ ଅନୁମତି ରହିଥାଏ। ଯେଉଁମାନେ ଉତ୍ତରଦାୟୀ ସେମାନଙ୍କୁ ତଦନ୍ତ ପ୍ରକ୍ରିୟାରେ ସାମିଲ କରାଯିବ। ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ଯୁଗ୍ମ ତଦନ୍ତ କରାଯିବ। ସମସ୍ତ ଅଂଶୀଦାରଙ୍କୁ ତଦନ୍ତ ପ୍ରକ୍ରିୟାରେ ସାମିଲ କରାଯିବ। ଶ୍ରୀମନ୍ଦିର ସୁପରଭାଇଜର ବକ୍ସି ପଢ଼ିହାରୀ ରୋଷଘରକୁ ଯାଇ ସ୍ଥିତି ସମୀକ୍ଷା କରି ରିପୋର୍ଟ ଦେଇଛନ୍ତି। ସମ୍ପୃକ୍ତ ରିପୋର୍ଟ ଭିତ୍ତିରେ ତଦନ୍ତ ଆରମ୍ଭ ହେବ। ରୋଷ ପାଇକ ଓ ରୋଷ ଅମିନମାନେ ରୋଷଘର ଦାୟିତ୍ୱରେ ରୁହନ୍ତି। କାହାର ଦାୟିତ୍ୱହୀନତା ଯୋଗୁ ଏଭଳି ଅଘଟଣ ଘଟିଲା ଓ କେଉଁମାନେ ଏହି କାଣ୍ଡ ଘଟାଇଛନ୍ତି ସେନେଇ ଦୁଇଦିନ ମଧ୍ୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି।

## ଚକିତ କଲେ ...

ସୋମବାର ଏହା ଉପରେ ଶୁଣାଣି ହେବ। ପାକିସ୍ତାନରେ କୌଣସି ପ୍ରଧାନମନ୍ତ୍ରୀ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନାହାନ୍ତି। ଦେଶରେ ନାମକୁ ମାତ୍ର ଗଣତାନ୍ତ୍ରିକ ସରକାର ଚାଲେ। ପ୍ରକୃତ କ୍ଷମତା ଶକ୍ତିଶାଳୀ ସେନା ହାତରେ ରହିଥାଏ। ପ୍ରଧାନମନ୍ତ୍ରୀ ଗାଦିରେ ଯିଏ ଥାଆନ୍ତୁ ନା କାହିଁକି ସେନା କଥା ନ ମାନିଲେ କ୍ଷମତାଚ୍ୟୁତ ହେବା ଏକପ୍ରକାର ଥୟ।

୨୦୧୭ରେ ପାକିସ୍ତାନ ମୁସ୍‌ଲିମ୍ ଲିଗ୍ (ଏନ୍) ନେତା ନୱାଜ ଶରିଫ୍ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପ୍ରଧାନମନ୍ତ୍ରୀ ପଦ ହରାଇବା ପରେ ଦେଶରେ ୨୦୧୮ରେ ସାଧାରଣ ନିର୍ବାଚନ ହୋଇଥିଲା। କ୍ରିକେଟରରୁ ରାଜନେତା ପାଲଟିଥିବା ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ନେତା ଇମ୍ରାନ୍ ଖାନ୍ ଅନ୍ୟ କିଛି ଦଳର ସମର୍ଥନ ଓ ସେନା ସହାୟତାରେ ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ ଦେଶବାସୀଙ୍କୁ 'ନୂଆ ପାକିସ୍ତାନ'ର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ୬୯ ବର୍ଷୀୟ ଇମ୍ରାନଙ୍କ ପାଇଁ ଶାସନ କରିବା ସହଜ ହୋଇ ନ ଥିଲା। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଅହେତୁକ ଦର ବୃଦ୍ଧି, ସେନା ଉପରେ ଅତ୍ୟଧିକ ନିର୍ଭରଶୀଳତା ଏବଂ ବହିର୍ବ୍ୟାପାର ନୀତିରେ ବିଫଳତାକୁ ପ୍ରସଙ୍ଗ କରି ପିଏମ୍ଏଲ୍-ଏନ୍ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଇମ୍ରାନ୍‌ଙ୍କୁ ଘେରିବାରେ ଲାଗିଲେ। ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ସହଯୋଗୀ ଦଳ ଇମ୍ରାନ୍‌ଙ୍କ ହାତ ଛାଡ଼ି ବିରୋଧୀ ଶିବିରରେ ସାମିଲ ହେଲେ। ଫଳରେ ୩୪୨ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ଇମ୍ରାନ୍ ସରକାର ସଂଖ୍ୟାଲଘୁରେ ପରିଣତ ହେଲେ। ସରକାର ଚଳାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ମ୍ୟାଜିକ୍ ନମ୍ବର ୧୭୨ ଆବଶ୍ୟକ ଥିବାବେଳେ ଇମ୍ରାନ୍ ନିଜ ପାଖରେ ୧୭୮ ଏମ୍‌ପିଙ୍କ ସମର୍ଥନ ଥିବା ଦାବି କଲେ। ଅପରପକ୍ଷେ ବିରୋଧୀ ମେଣ୍ଟ ନିଜ ପ୍ରତି ୧୭୪ ଏମ୍‌ପିଙ୍କ ସମର୍ଥନ ଥିବା ଦାବି କଲା। ସେମାନଙ୍କ ମଧ୍ୟରୁ ନୱାଜ୍ ଶରିଫ୍‌ଙ୍କ ଭାଇ ତଥା ବିରୋଧୀ ଦଳ ନେତା ଶେହଓ୍ୱାଜ୍ ଶରିଫ୍‌ଙ୍କ ଦଳ ପିଏମ୍ଏଲ୍-ଏନ୍‌ର ୮୪ ଏବଂ ବିଲାଓ୍ୱଲ ଭୁଟ୍ଟୋ ଜର୍ଦ୍ଦାରିଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ୫୬ ସଦସ୍ୟଙ୍କ ସମେତ ଏମ୍ଏମ୍ଏ ୧୪, ଏଏନ୍‌ପି ୧, ବିଏନ୍‌ପି (ମେଙ୍ଗାଲ) ୪, ଏମ୍‌କ୍ୟୁଏମ୍ ୭, ବିଏପି ୪, ଜେଡବ୍ଲ୍ୟୁପି ୧ ଏବଂ ୪ ଜଣ ସ୍ୱାଧୀନ ସଦସ୍ୟ ଥିବା ବିରୋଧୀ ମେଣ୍ଟ ଏକ ତାଲିକା ଜାରି କରିଛି। ସରକାରଙ୍କ ବିରୋଧରେ ରବିବାର ନ୍ୟାଶନାଲ ଆସେମ୍ବ୍ଲିର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିବାବେଳେ ବିରୋଧୀ ମେଣ୍ଟର ସଦସ୍ୟମାନେ ଗୃହକୁ ଆସିଥିଲେ। କିନ୍ତୁ ଇମ୍ରାନ୍ ଖାନ୍ ଆସି ନ ଥିଲେ କି ଇସ୍ତଫା ଦେଇ ନ ଥିଲେ, ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ବାଚସ୍ପତି ଅସଦ କୈସରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଦାବି କରିଥିଲେ। ଫଳରେ ଉପବାଚସ୍ପତି କାସିମ ସୁରି ଗୃହ ଚଳାଇଥିଲେ। କିନ୍ତୁ ଉପବାଚସ୍ପତି ଅନାସ୍ଥା ପ୍ରସ୍ତାବ ପଛରେ ବିଦେଶୀ ଶକ୍ତିଙ୍କ ଷଡ଼ଯନ୍ତ୍ର ଥିବା ଦର୍ଶାଇ ଏହାକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। ଏଥିସହ ନ୍ୟାଶନାଲ ଆସେମ୍ବ୍ଲିକୁ ଏପ୍ରିଲ ୨୫ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଫଳରେ ବିନା ଭୋଟିଂରେ ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଥିଲା। ସେପଟେ ଇମ୍ରାନ୍ ନିଜ ସରକାରୀ ନ୍ୟୁଜ୍ ଚ୍ୟାନେଲଗୁଡ଼ିକୁ ନିଜ ଘରକୁ ଡକାଇ ଦେଶବାସୀଙ୍କୁ ସମ୍ବୋଧନ କଲେ। ନିଜ ସଂକ୍ଷିପ୍ତ ଅଭିଭାଷଣରେ ଇମ୍ରାନ୍ କହିଥିଲେ, କ୍ଷମତା ପରିବର୍ତ୍ତନ ନେଇ ବିଦେଶୀ ଷଡ଼ଯନ୍ତ୍ରକୁ ବାଚସ୍ପତି ପଣ୍ଡ କରିଛନ୍ତି। ଦେଶ ଏବେ ନୂଆ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ଉଚିତ। କୌଣସି ଦୁର୍ନୀତିଗ୍ରସ୍ତ ଶକ୍ତି କିମ୍ବା ବାହାର ଲୋକ ପାକିସ୍ତାନର ଭବିଷ୍ୟତ ନିର୍ଦ୍ଧାରଣ କରିପାରିବେ ନାହିଁ। ଦେଶବାସୀ ହିଁ ସରକାର ବାଛିବେ। ଏହାସହ ସେ ପାର୍ଲାମେଣ୍ଟ ଭଙ୍ଗ ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିବା ବିଷୟ ଟେଲିଭିଜନ ବାର୍ତ୍ତାରେ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ଘୋଷଣା ପରେ ମଧ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟକୁ ନିଜସ୍ୱ ଢଙ୍ଗରେ ଚଳାଉଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକ୍ରମକୁ ନେଇ ସାମରିକ ବଳର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ସେନା ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ଏହା ଏକ ରାଜନୈତିକ ପ୍ରକ୍ରିୟା ଭିନ୍ନ କିଛି ନୁହେଁ। ତେଣୁ ସେନା ହସ୍ତକ୍ଷେପ କରିବ ନାହିଁ ବୋଲି ଏଥିରେ କୁହାଗଲା। ବିରୋଧୀ ଦଳଗୁଡ଼ିକ ଉପବାଚସ୍ପତିଙ୍କ ଅନାସ୍ଥା ପ୍ରସ୍ତାବ ଖାରଜ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେହିପରି ଶାସକ ପିଟିଆଇ ମଧ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ତେଣୁ ସୁପ୍ରିମକୋର୍ଟ ସୋମବାର ଏହି ପ୍ରସଙ୍ଗରେ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପୁଣି ରିମାଣ୍ଡରେ ...

କୋର୍ଟରେ ଆବେଦନ କରିଥିଲା। ହେଲେ କୋର୍ଟ କେବଳ ଶର୍ମିଷ୍ଠା ଓ ଝୁନାଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ନିରଞ୍ଜନ ଓ ରଞ୍ଜନଙ୍କ ରିମାଣ୍ଡ ଆବେଦନକୁ କୋର୍ଟ ଖାରଜ କରିଦେବା ପରେ ଦୁହିଁଙ୍କୁ ଭଦ୍ରକ ଉପକାରାଗାରକୁ ପଠାଇ ଦିଆଯାଇଛି। ତେବେ କୋର୍ଟଙ୍କ ଅନୁମତି ପରେ କ୍ରାଇମବ୍ରାଞ୍ଚ ଟିମ୍ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ଓ ଝୁନାଙ୍କୁ ଧରି ରାତିରେ କଟକ ମୁଖ୍ୟାଳୟରେ ପହଞ୍ଚିଛି। ସୋମବାରଠାରୁ ରିମାଣ୍ଡ ଅବଧି ଆରମ୍ଭ ହୋଇ ୭ ତାରିଖ ଅର୍ଥାତ ଗୁରୁବାର ଦିନ ୧ଟାରେ ସରିବ। ଏହି ସମୟ ମଧରେ କ୍ରାଇମବ୍ରାଞ୍ଚ ଟିମ୍ ଉଭୟଙ୍କୁ ମାରାଥନ୍ ଜେରା କରି ବାକି ରହିଥିବା ଗୋପନ ତଥ୍ୟ ପାଇବାକୁ ଆଶା ରଖିଛି।

କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବାର ୧୨ ଦିନ ବିତିଯାଇଥିଲେ ମଧ ହତ୍ୟାର କାରଣ ଜଣାପଡ଼ି ନାହିଁ। ରାଜ୍ୟରେ ମାନସ ହତ୍ୟାକାଣ୍ଡ ଏକ ଚର୍ଚ୍ଚିତ ଘଟଣାର ରୂପ ନେଇଥିବାରୁ ଗଣମାଧ୍ୟମଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକଙ୍କ ମଧ୍ୟରେ ପ୍ରତ୍ୟେକ ଦିନ ଆଲୋଚନା ହେଉଛି। ମାନସ ଜଣେ କ୍ୟାମେରାମ୍ୟାନ ହୋଇଥିବାବେଳେ କାହିଁକି ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ଓ ସମ୍ପୂର୍ଣ୍ଣ ନ୍ୟୁଜ୍ ୱେବ୍ ଚ୍ୟାନେଲର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କ ସହ ତାଙ୍କର ଶତ୍ରୁତା ହେଲା ସେନେଇ ଚର୍ଚ୍ଚା ଥମୁନାହିଁ। ଭଦ୍ରକ ପୋଲିସଠାରୁ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେବାପରେ ଏହି ହତ୍ୟା ଉପରୁ ପରଦା ହଟିବ ବୋଲି ସମସ୍ତେ ବିଶ୍ୱାସ କରୁଥିଲେ। ହେଲେ ତଦନ୍ତକୁ ନେଇ ଦିନ ପରେ ଦିନ ବିତୁଥିଲେ ମଧ ଯେଉଁ ମେମୋରି ଚିପ୍ ପାଇଁ ଏତେବଡ଼ କାଣ୍ଡ ଘଟିଥିବା କୁହାଯାଉଛି ତାହା ଏବେ କେଉଁଠି ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ କିଛି ବି ସୂଚନା ଦେଉନାହିଁ। ମେମୋରି ଚିପ୍‌କୁ ନେଇ କ୍ରାଇମବ୍ରାଞ୍ଚ ଚୁପ୍ ରହିବା ବିଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଯଦି ମେମୋରି ଚିପ୍‌କୁ ଶର୍ମିଷ୍ଠା ଭାଙ୍ଗିଦେଇଛନ୍ତି କିମ୍ବା ଫୋପାଡ଼ି ଦେଇଛନ୍ତି ତାହେଲେ କ୍ରାଇମବ୍ରାଞ୍ଚ ଏହା ଗଣମାଧ୍ୟମକୁ କହୁନାହିଁ କାହିଁକି? ଉକ୍ତ ମେମୋରି ଚିପ୍‌ରେ ବଡ଼ ବଡ଼ ନେତାମନ୍ତ୍ରୀଙ୍କ କଳାକାରନାମା ରହିଥିବା ଚର୍ଚ୍ଚା ହେଉଛି। ହୁଏତ କ୍ରାଇମବ୍ରାଞ୍ଚ ସେମାନଙ୍କୁ ବଞ୍ଚାଇବା ପାଇଁ ମେମୋରି ଚିପ୍ ବିଷୟରେ ତଥ୍ୟ ଦେବାକୁ ଚାହୁଁନାହିଁ ବୋଲି କୁହାଯାଉଛି। ସେପଟେ ଶର୍ମିଷ୍ଠାଙ୍କ ଘରୁ ମିଳିଥିବା ନିରଞ୍ଜନଙ୍କ ଗୁପ୍ତ ଡାଏରୀକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିଯୁକ୍ତମାନେ ମାନସଙ୍କୁ ଭଦ୍ରକ ଚାନ୍ଦବାଲିର ପଳାସପୁରରୁ ଅପହରଣ କରି ଭୁବନେଶ୍ୱରସ୍ଥିତ ଦୟାଲ ଆଶ୍ରମରେ ରଖି ଅମାନୁଷିକ ଭାବେ ନିର୍ଯାତନା ଦେଇ ଫେବୃୟାରୀ ୭ରେ ହତ୍ୟା କରିଥିଲେ। ଉକ୍ତଦିନ ଶର୍ମିଷ୍ଠା ଓ ନିରଞ୍ଜନ ଦୟାଲ ଆଶ୍ରମରେ ଥିଲେ। ତାଙ୍କ ସହ ଝୁନା ଓ ତାଙ୍କ ସ୍ୱାମୀ ଅରୁଣ ଭୋଇ, ଶର୍ମିଷ୍ଠାଙ୍କ ଡ୍ରାଇଭର ଓ ଜଣେ କମ୍ପ୍ୟୁଟର ଅପରେଟର ମଧ ଥିଲେ ବୋଲି କ୍ରାଇମବ୍ରାଞ୍ଚ କହୁଛି। ତେବେ ଅରୁଣ, ଝୁନାଙ୍କ ଡ୍ରାଇଭର ଓ କମ୍ପ୍ୟୁଟର ଅପରେଟରଙ୍କୁ କ'ଣ ପାଇଁ ତଦନ୍ତ ପରିସରକୁ ନିଆଯାଉ ନାହିଁ ବୋଲି ପ୍ରଶ୍ନ ଉଠୁଛି।

## ମେମୋରି ଚିପ୍: ବଦଳୁଛି ସନ୍ଦେହ

### ■ ମାନସଙ୍କଠାରୁ ଶର୍ମିଷ୍ଠା ଚିପ୍ ଆଣି ନ ଥିବା ଚର୍ଚ୍ଚା

ଏକ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ପ୍ରଥମେ ତଦନ୍ତ କରୁଥିବା ଭଦ୍ରକ ପୋଲିସ କହିଥିଲା। ହେଲେ କ୍ରାଇମବ୍ରାଞ୍ଚ ୧୨ଦିନ ଧରି ତଦନ୍ତ ଚଳାଇଥିଲେ ମଧ ଉକ୍ତ ଚିପ୍‌କୁ ନେଇ ଚୁପ୍ ରହିଛି। ଉକ୍ତ ଚିପ୍ କାହା ପାଖରେ ତାହା ଏବେ ପ୍ରଶ୍ନ ଘେରରେ ରହିଥିବାବେଳେ କ୍ରାଇମ୍‌ବ୍ରାଞ୍ଚର ସନ୍ଦେହ ମଧ ବଦଳିବାରେ ଲାଗିଛି। କିଛିଦିନ ତଳେ ମାନସଙ୍କ ସହ ଚାନ୍ଦବାଲି ପଳାସପୁର ଯାଇଥିବା ସହଯୋଗୀ ଦୀପକ ଓ ତାଙ୍କ ମା'ଙ୍କ ସହ ଶର୍ମିଷ୍ଠା ବାର୍ତ୍ତାଳାପ କରୁଥିବା ଏକ ଭିଡିଓ ଭାଇରାଲ ହୋଇଥିଲା। ମାର୍ଚ୍ଚ ୧ରେ ଏହି ଭିଡିଓ ଦୀପକ ଶୁଟ୍ କରିଥିଲେ ବୋଲି ଜଣାପଡ଼ିଥିଲା। ସେଥିରେ ମେମୋରି ଚିପ୍ ରଖିବା ସହ ଏକ ଅଣ୍ଡରଟେକିଂ ଲେଖି ମାନସଙ୍କୁ ଛାଡ଼ି ଦେଇଥିବା ଶର୍ମିଷ୍ଠା କହୁଥିଲେ। ତେବେ ଶର୍ମିଷ୍ଠା ହତ୍ୟା ଲୁଚାଇବାକୁ କିମ୍ବା ଏହାଠାରୁ ନିଜକୁ ଦୂରରେ ରଖିବାକୁ ଏଭଳି ମିଛ କହି ଖସିଯିବାକୁ ଚେଷ୍ଟା କରୁଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। କ୍ରାଇମବ୍ରାଞ୍ଚ ନିକଟରେ ଶର୍ମିଷ୍ଠା ଦେଇଥିବା ଚାଞ୍ଚଲ୍ୟକର ବୟାନରୁ ଏହା ସ୍ପଷ୍ଟ ହୋଇଛି। ଉକ୍ତ ମେମୋରି ଚିପ୍ ମାନସ ତାଙ୍କ ଘରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଲୁଚାଇ ରଖିଥିବା ଶର୍ମିଷ୍ଠା କ୍ରାଇମବ୍ରାଞ୍ଚକୁ କହିଥିବା ଜଣାପଡିଛି। ଯଦି ଶର୍ମିଷ୍ଠା ସତ କହୁଥିବେ, ତା'ହେଲେ ଏହା ତଦନ୍ତର ଅନ୍ୟ ଏକ ଦିଗକୁ ଇଙ୍ଗିତ କରୁଛି। ଯଦି ମାନସଙ୍କଠାରୁ ଉକ୍ତ ମେମୋରି ଚିପ୍ ମିଳିଯାଇଥାନ୍ତା, ତାହାହେଲେ ଶର୍ମିଷ୍ଠା କାହିଁକି ତାଙ୍କୁ ମାରିବାକୁ ପ୍ରୟାସ କରିଥାନ୍ତେ। ହୁଏତ ମାନସଙ୍କୁ ସେମାନେ ମେମୋରି ଚିପ୍ ପାଇବାକୁ ମାଡ଼ ମାରିଥିବେ। ମାନସ ମେମୋରି ଚିପ୍ ଦେଇ ନ ଥିବାରୁ ସେମାନେ ରାଗରେ ତାଙ୍କୁ ହତ୍ୟା କରିଥିବା କ୍ରାଇମବ୍ରାଞ୍ଚ ଏକ ପ୍ରକାର ସ୍ପଷ୍ଟ ହୋଇଛି। ଯଦି ଏହା ହୋଇଥିବ, ତା'ହେଲେ ଉକ୍ତ ମେମୋରି ଚିପ୍ ପାଇବା କ୍ରାଇମବ୍ରାଞ୍ଚ ପାଇଁ ଏକ ପ୍ରକାର ଅସମ୍ଭବ ହୋଇପଡିବ।

## ବଢୁଛି ମହିଳା ...

ବଢି ଚାଲିଛି। ବିଶେଷକରି ମୟୂରଭଞ୍ଜ, ବ୍ରହ୍ମପୁର, କଟକ, ବାଲେଶ୍ୱର, ଖୋର୍ଦ୍ଧା, ସୁନ୍ଦରଗଡ଼, କଳାହାଣ୍ଡି, ବଲାଙ୍ଗୀର, ଭଦ୍ରକ ଆଦି ଜିଲାରେ ମହିଳା ଅପରାଧୀଙ୍କ ସଂଖ୍ୟା ଅଣାୟତ୍ତ ହେବାରେ ଲାଗିଛି। ରିପୋର୍ଟ ଅନୁସାରେ ୨୦୧୦ରେ ୪୯୦, ୨୦୧୧ରେ ୪୪୩, ୨୦୧୨ରେ ୪୭୬, ୨୦୧୩ରେ ୬୪୧, ୨୦୧୪ରେ ୫୩୮, ୨୦୧୫ରେ ୬୪୨, ୨୦୧୬ରେ ୫୩୮, ୨୦୧୭ରେ ୫୬୦, ୨୦୧୮ରେ ୬୦୪, ୨୦୧୯ରେ ୫୮୭, ୨୦୨୦ରେ ୬୬୦, ୨୦୨୧ରେ ୭୩୯ ଏବଂ ୨୦୨୨ରେ ଗତ ଫେବୃୟାରୀ ସୁଦ୍ଧା ୭୦୪ ଜଣ ମହିଳା ଅପରାଧୀ ରାଜ୍ୟର ବିଭିନ୍ନ ଜେଲରେ ରହୁଛନ୍ତି। କୌଣସି ମହିଳା କଏଦୀ ଜେଲକୁ ଆସିବା ପରେ ଗର୍ଭବତୀ ହୋଇନାହାନ୍ତି। ୨୦୧୩ରେ ମହିଳା କଏଦୀମାନଙ୍କ ମଧ୍ୟରୁ ଜେଲ କର୍ମଚାରୀଙ୍କ ଦ୍ୱାରା ଅସଦାଚରଣ, ଯୌନ ନିର୍ଯାତନାର ଶିକାର ହୋଇଥିବା ଏକମାତ୍ର ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ କରାଯାଇ ସରକାରଙ୍କ ତରଫରୁ ଅଭିଯୋଗକାରିଣୀଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟରେ ୯୨ଟି ଜେଲ ରହିଛି। ସେଥିମଧ୍ୟରୁ ୫ ସର୍କଲ ଜେଲ, ୯ ଡିଷ୍ଟ୍ରିକ୍ଟ ଜେଲ, ୨ ସ୍ପେଶିଆଲ ଜେଲ, ୬ ସ୍ପେଶିଆଲ ସବ୍‌ଜେଲ, ୬୭ ସବ୍‌ଜେଲ, ୧ ମହିଳା ଜେଲ, ୧ ଖୋଲା ଆକାଶ ଜେଲ ଓ ୧ ମଡେଲ କନଭିକ୍ଟ ଜେଲ୍ ରହିଛି। ଉପରୋକ୍ତ ଜେଲ୍‌ରେ ମୋଟ ୨୦,୦୨୭ ମହିଳା ଓ ପୁରୁଷ କଏଦୀଙ୍କ ପାଇଁ ବ୍ୟବସ୍ଥା ରହିଛି। ଗତ ଫେବୃୟାରୀ ସୁଦ୍ଧା ୧୯,୫୭୧ ଜଣ କଏଦୀ ବିଭିନ୍ନ ଜେଲରେ ରହିଛନ୍ତି, ଯାହାକି କ୍ଷମତାଠାରୁ ୯୭.୭୨% । ସମ୍ପ୍ରତି ୫ ଜେଲ କାର୍ଯ୍ୟକାରୀ ହୋଇ ପାରିନାହିଁ। ସେଥିରୁ ଗଞ୍ଜାମ ଜିଲା ପାତ୍ରପୁର ସବ୍‌ଜେଲ ଫାଇଲିନ ବାତ୍ୟା ଯୋଗୁ ନଷ୍ଟ ହୋଇଥିବାବେଳେ ତାହା ଏବେ ମରାମତି ଚାଲିଛି। ସେହିପରି ରାୟଗଡ଼ା ଜିଲାର କାଶୀପୁର ସବ୍‌ଜେଲ ମ୍ୟାନ୍‌ପାୱାର ଅଭାବରୁ ବନ୍ଦ ପଡିଛି। କୋରାପୁଟ ଜିଲା ଲକ୍ଷ୍ମୀପୁର ସବ୍‌ଜେଲ୍ ଏବଂ ମାଲକାନଗିରି ସବ୍‌ଜେଲରେ ସିଆର୍‌ପିଏଫ୍‌ଙ୍କ ଶିବିର ଚାଲିଥିବାରୁ ତାହା କଏଦୀଙ୍କ ପାଇଁ ବନ୍ଦ ରହିଛି । ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସବ୍‌ଜେଲରେ ପାଣି ଅଭାବରୁ କଏଦୀମାନଙ୍କୁ ଗତ ୧୭।୧।୨୦୧୭ ତାରିଖରୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷେ ଜେଲ୍‌ମାନଙ୍କରେ ୩୨୨ ନିର୍ବାହୀ ଅଧିକାରୀଙ୍କ ମଧ୍ୟରୁ ୮୦ ଏବଂ ୧୮୭୨ କର୍ମଚାରୀଙ୍କ ମଧ୍ୟରୁ ୪୦୨ ପଦବୀ ଖାଲି ପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେବେ । ବିଶେଷ ବୁଲାବୁଲି କାରଣରୁ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେଇପାରେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, ପ୍ରଶାସନିକ ସେବା,କ୍ରୀଡ଼ା ,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବହୁତ କାମ ହାତକୁ ନେବା ଦ୍ୱାରା ଟେନସନ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, ସାହିତ୍ୟ, ଆଲୋଚନା, ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବେ । ବ୍ୟବସାୟିକ ସ୍ଥିତି ଭଲ ରହିବ।

**ମିଥୁନ**
ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କିନ୍ତୁ ଆରଦ୍ରା ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା। କରିପାରନ୍ତି।

**କର୍କଟ**
ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବ୍ୟବସାୟ ଓ ନିର୍ମାଣ,ପରିବହନରେ ସଫଳତା ହାସଲ କରିବେ। ପରିବାରର ଆବଶ୍ୟକତା ଅନୁସାରେ ବିଳାସ ଉପକରଣ କିଣିପାରନ୍ତି।

**ସିଂହ**
ଆଜି ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ନିକଟସ୍ଥ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ମାତ୍ର ଆପଣ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ଚିତ୍ରା ନକ୍ଷତ୍ର ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ସାଧାରଣ କଥାକୁ ମଧ ଜଟିଳ ଆକାରରେ ଗ୍ରହଣ କରିବେ । ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। ନିଜର ବେକାରିଆ ଭାଇଙ୍କ ପାଇଁ ଦୁଃଶ୍ଚିନ୍ତା ବୃଦ୍ଧି ପାଇବ ।

**ତୁଳା**
ବିଭିନ୍ନ ଯୋଜନାର କାମ ହାତକୁ ନେବେ ଏବଂ ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ । ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଜଣେ ଅପରିଚିତ ବ୍ୟକ୍ତି ବହୁତ ସାହାଯ୍ୟ କରିବେ, ଯାହାକି ଆପଣଙ୍କ କଳ୍ପନା ବାହାରେ ଥିବ । ପୁତ୍ରକନ୍ୟାଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିବ।

**ବିଛା**
ଆପଣଙ୍କ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ବୟସ୍କ ବ୍ୟକ୍ତି ଜଣେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ଅନୁରାଧା ନକ୍ଷତ୍ରର ମାନସିକସ୍ଥିତି କେତେକାଂଶରେ ଠିକ୍ ରହି ନ ପାରେ। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୁରୁଣା କଥାକୁ ବେଶି ଦୋହରାଇଲେ ଓଲଟା ଫଳ ପାଇବେ ।

**ଧନୁ**
ପାରିବାରିକ ଦୁଶ୍ଚିନ୍ତା ବଢ଼ିଯିବା ଦ୍ୱାରା କାମଗୁଡ଼ିକ ମଧ ଶୃଙ୍ଖଳିତ ହେବ ନାହିଁ। ସଭାସମିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ମକର**
ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଦୀର୍ଘଦିନରୁ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପିଲାଙ୍କ ଆଚରଣଗତ ତ୍ରୁଟିରୁ ସମସ୍ୟା ଆସିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**କୁମ୍ଭ**
ସାଧାରଣ କଥାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି, ମାତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ, କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ଭୁଲ୍ ବୁଝାମଣା ଓ ସନ୍ଦେହ ଜନିତ କାର୍ଯ୍ୟକଳାପକୁ ନେଇ ପରିବାରରେ ଝଡ଼ ଉଠିପାରେ। ପଡ଼ୋଶୀ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ସମସ୍ୟାରେ ପଡ଼ି ଅପଦସ୍ଥ ହୋଇପାରନ୍ତି। ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ଚେଷ୍ଟା କଲେ ସଫଳତା ହାସଲ କରିପାରିବେ। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ତରବରିଆ ଭାବେ କୌଣସି କାମ ନ କରି ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।


# classifieds

**Everyday**
0674-2580101, 2549302




**SALE**

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର Balianta Area ଘରବାରି ପ୍ଲଟ୍ ବିକ୍ରିହେବ। sqft. Rs-750/- immediate construction. Contact No.- 7008992019. D-025

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

Sum Hospital ଘଘଂପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.-750/-. 9439918431, 8249603324. D-73222

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ ବିକ୍ରିହେବ। 9827119799. D-71970

Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615. D-73220

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5.k.m. Kesura Mangaraj point, Bhubaneswar-sqft.-2700/- first possesion then registration. 8249602844. D-73221

**GENERAL**

**PURCHASE**

ହୋଟେଲର ପୁରୁଣା ରୋଷେଇ ପାଇଁ ଆସବାବପତ୍ର ଚେୟାର ଓ ଟେବୁଲ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ। ଯୋଗାଯୋଗ- 9439000420. D-70786




Herbal full body relax massage by trend lady therapist. 7008773793. D-71485

Newly open SPA positively health benefits by expert therapist. 8455987557. D-71484

Newly open SPA positively health benifit with expert. Contact: 7749976301. D-71973

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71884

Relax, Refresh your body, Mind at Saikrupa Spa with best therapies. 8984068077. D-23511

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

**AFFIDAVIT**

By virtue of an affidavit sworn before the Executive Magistrate, Kujanga on 31.03.2022 I Debendra Barik, S/o- Guru Prasad Barik resident of Village Achyutdaspur, PO.- Japa, P.S- Erasama, Dist.- Jagatsinghpur that my minor daughter's name Jyotirmayee Priyadarshini will be read every sphere Jyotirmayee Barik from today onwords. D-028

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆନ୍ଧ୍ରର ନୂଆ ଜିଲାରେ କୋଟିଆ

ପଟ୍ଟାଙ୍ଗୀ,୩।୪(ଡି.ଏନ୍.ଏ.)

ପଡ଼ୋଶୀ ଆନ୍ଧ୍ରପ୍ରଦେଶର ୧୩ ଜିଲାକୁ ଭାଗ କରାଯାଇ ୨୬ ଜିଲା ଗଠନ କରାଯାଇଛି। ତେବେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ନବଗଠିତ 'ପାର୍ବତୀପୁରମ୍ ମାନ୍ୟମ୍' ଜିଲାରେ ରଖାଯାଇଛି। କୋଟିଆକୁ ନେଇ ଦୁଇ ରାଜ୍ୟରେ ମଧ୍ୟରେ ସୀମା ବିବାଦ ଦୀର୍ଘବର୍ଷ ଧରି ଲାଗିରହିଛି। ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକରେ କୋଟିଆ ପଞ୍ଚାୟତ ରହିଥିବାବେଳେ ଆନ୍ଧ୍ର ତାହାକୁ ପଞ୍ଚାୟତ ଭାବେ ପୂର୍ବରୁ ବିଜୟନଗରମ ଜିଲା ପାର୍ବତୀପୁରମ୍ ଉପଖଣ୍ଡର ସାଲୁର ମଣ୍ଡଳମ୍(ବ୍ଲକ) ରଖିଥିଲା।

ସୂଚନାଯୋଗ୍ୟ, ୨୦୧୪ ଜୁନ୍ ୨ରେ ଆନ୍ଧ୍ରପ୍ରଦେଶ ଦୁଇ ରାଜ୍ୟରେ ବିଭକ୍ତ ହୋଇଥିଲା। ୩୩ ଜିଲାକୁ ନେଇ ତେଲଙ୍ଗାନା ରାଜ୍ୟ ଘୋଷଣା କରାଯାଇ ହାଇଦ୍ରାବାଦକୁ ଏହାର ରାଜଧାନୀ କରାଯାଇଥିଲା। ସେହିପରି ଆନ୍ଧ୍ରପ୍ରଦେଶରେ ୧୩ ଜିଲାକୁ ଅନ୍ତର୍ଭୁକ୍ତ କରାଯାଇ ଅମରାବତୀକୁ ରାଜଧାନୀ କରାଯାଇଥିଲା। ଏହାପରେ ଆନ୍ଧ୍ର ଏକ ଛୋଟ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଥିଲା। ଏବେ ଆନ୍ଧ୍ର ସରକାର ଆଉ ୧୩ଟି ନୂତନ ଜିଲା ଗଠନ କରି ରାଜ୍ୟରେ ଜିଲା ସଂଖ୍ୟା ୨୬କୁ ବଢ଼ାଇଛନ୍ତି। ନୂତନ ଜିଲା ମଧ୍ୟରେ ଓଡ଼ିଶା ସୀମାନ୍ତ ପାର୍ବତୀପୁରମ୍ ଉପଖଣ୍ଡକୁ 'ପାର୍ବତୀପୁରମ୍ ମାନ୍ୟମ' ଜିଲା କରାଯାଇଛି। ତେଲୁଗୁ ଭାଷାରେ ମାନ୍ୟମର ଅର୍ଥ ପଛୁଆ। ଏହି ନୂତନ ଜିଲା ଗଠନ ବିଷୟରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ରବିବାର ଗେଜେଟ୍ ନୋଟିଫିକେଶନ ଜାରି ହୋଇଛି। ଏପରି କି ଆନ୍ଧ୍ର ପକ୍ଷରୁ ପାର୍ବତୀପୁରମ୍ ମାନ୍ୟମ ଜିଲାପାଳ ଭାବେ ନିଶାନ୍ତ କୁମାରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବିଦ୍ୟାସାଗର ନାଇଡୁଙ୍କୁ ନୂତନ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସୋମବାର ସକାଳ ୯ଟାରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି ସମସ୍ତ ୨୬ ଜିଲାକୁ ନେଇ ବିଧିବଦ୍ଧ ଘୋଷଣା କରିବା କାର୍ଯ୍ୟକ୍ରମ ରହିଛି।


ନୂତନ ପାର୍ବତୀପୁରମ୍ ମାନ୍ୟମ ଜିଲାପାଳଙ୍କ ଅଫିସ କୋଠା।

## ■ ବିଧିବଦ୍ଧ ଘୋଷଣା ଆଜି
## ■ ଯେତେ ଯୋଜନା କଲେ ମଧ୍ୟ କିଛି ଫରକ ପଡ଼ିବନି: କୋଟିଆ ସରପଞ୍ଚ

ସୂଚନାଥାଉ କି, ଆନ୍ଧ୍ର ସରକାର ଓଡ଼ିଶାର ୨୧ଟି ସୀମାନ୍ତ ଗ୍ରାମକୁ ନେଇ ୩ ପଞ୍ଚାୟତ ଯଥା ଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରି ଗଠନ କରିଛନ୍ତି। ଏହି ପଞ୍ଚାୟତବାସୀ ବିଜୟନଗର ଜିଲା ପ୍ରଶାସନ ନିକଟରେ ପହଞ୍ଚିବାକୁ ପୂର୍ବରୁ ଅନେକ ଦୂର ହେଉଥିଲା। ବର୍ତ୍ତମାନ ନୂତନ ଜିଲା ଘୋଷଣା ପରେ ଉପରୋକ୍ତ ୩ ପଞ୍ଚାୟତବାସୀଙ୍କୁ ଜିଲା ପ୍ରଶାସନ ନିକଟରେ ପହଞ୍ଚିବା ସହଜ ହୋଇପାରିବ ବୋଲି ଆନ୍ଧ୍ରର ଗଞ୍ଜେଇପଦର ସରପଞ୍ଚ ଦିବାକର ଗେମେଲ କହିଛନ୍ତି।


Registered No. HSE-49/2016

ఆంధ్రప్రదేశ్ రాజపత్రము
THE ANDHRA PRADESH GAZETTE
PUBLISHED BY AUTHORITY
RIGHT TO INFORMATION

PART I EXTRAORDINARY

No.474 | AMARAVATI, SUNDAY, APRIL 3, 2022 | G.17

NOTIFICATIONS BY GOVERNMENT

REVENUE DEPARTMENT
(LANDS-IV)

DISTRICT ADMINISTRATION – RE-STRUCTURING / FORMATIONS OF PARVATHIPURAM MANYAM DISTRICT – HEADQUARTERS AT PARVATHIPURAM – FINAL NOTIFICATION.

[G.O.Ms.No.175, Revenue (Lands-IV), 2nd April, 2022]

FORM II
(See Rule 5)
(Final Notification by Government)

In exercise of the powers conferred by sub-section (1) of Section 3, sub section (2) of Section 3 of the Andhra Pradesh Districts (Formation) Act, 1974 (Act No. 7 of 1974) read with sub-section (6) of the said section, the Governor of Andhra Pradesh, in the interests of better administration and development of the area concerned, after having published proposals in that regard as required under sub-section (5) of Section 3 of the Andhra Pradesh Districts (formation) Act, 1974 (Act No.7 of 1974), and having taken into consideration the objections and suggestions received thereon all persons in the areas concerned and likely to be affected thereby, do hereby notify that,

With effect on and from 4th day of April, 2022 there shall be formed a new Parvathipuram Manyam District at Parvathipuram, which shall consist of the Revenue Divisions/Mandals as specified in the schedule I hereto appended.

[1]

ଆନ୍ଧ୍ର ପକ୍ଷରୁ ଜାରି ନୋଟିଫିକେସନ।

ଅନ୍ୟପକ୍ଷରେ ଓଡ଼ିଶାର କୋଟିଆ ପଞ୍ଚାୟତର ସରପଞ୍ଚ ଲିୟୁ ଗେମେଲ କହିଛନ୍ତି ଯେ, ଆମ ପଞ୍ଚାୟତକୁ ନେଇ ଆନ୍ଧ୍ର ସରକାର ଯେତେ ଯୋଜନା କଲେ ମଧ୍ୟ କିଛି ଫରକ ପଡ଼ିବନାହିଁ। କୋଟିଆ ପଞ୍ଚାୟତରେ ଯେତେ ସବୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ସବୁ ଓଡ଼ିଶା ସରକାରଙ୍କ ପକ୍ଷରୁ କରାଯାଇଛି। ଆଗକୁ ମଧ୍ୟ ଉନ୍ନୟମୂଳକ କାର୍ଯ୍ୟ ଜାରି ରହିବ ବୋଲି ଲିୟୁ କହିଛନ୍ତି। ସେହିପରି ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଏବଂ ସମିତିସଭ୍ୟା ଅମ୍ବିକା ପାଙ୍ଗି ମଧ୍ୟ ଅନୁରୂପ ମତ ରଖିଛନ୍ତି।

# ଦଶାଶ୍ୱମେଧ ଘାଟ ନିକଟରୁ ପ୍ରାଚୀନ ମୂର୍ତ୍ତି ଉଦ୍ଧାର


ଉଦ୍ଧାର ହୋଇଥିବା ମୂର୍ତ୍ତି।

ଯାଜପୁର ଟାଉନ,୩।୪(ଡି.ଏନ୍.ଏ.)

ଯାଜପୁର ସହରସ୍ଥିତ ଦଶାଶ୍ୱମେଧ ଘାଟ ନିକଟ ବୈତରଣୀ ନଦୀରୁ ରବିବାର ସ୍ଥାନୀୟ ଲୋକଙ୍କ ଦ୍ୱାରା ବହୁ ପ୍ରାଚୀନ ମୂର୍ତ୍ତି ଉଦ୍ଧାର କରାଯାଇଛି। ଯାଜପୁର ସପ୍ତମାତୃକା ପୂଜକ ଭୋଳାନାଥ ପଣ୍ଡା ନଦୀରେ ଗାଧୋଉଥିବାବେଳେ ଏକ ଶିବଲିଙ୍ଗ ଉପରେ ତାଙ୍କ ଗୋଡ଼ ପଡ଼ି ଯାଇଥିଲା। ସେ ମୂର୍ତ୍ତିଟିକୁ ଉଦ୍ଧାର କରିବା ପରେ ସେହିଠାରେ ବିଭିନ୍ନ ପ୍ରାଚୀନ ମୂର୍ତ୍ତି ମିଳିଥିଲା। ଭଗ୍ନାଂଶ ମୂର୍ତ୍ତିଗୁଡ଼ିକ ମଧ୍ୟରୁ କାଳୀୟ ଦଳନ, ନରସିଂହ ଅବତାର, ନାରାୟଣ, ଚାମୁଣ୍ଡା କୃଷ୍ଣକାଳୀ ଓ ଭୈରବୀ ମୂର୍ତ୍ତି ଉଦ୍ଧାର କରାଯାଇଛି।

ସୂଚନାଯୋଗ୍ୟ, ଏଠାରେ ବ୍ୟାରେଜ୍ ନିର୍ମାଣ ହେଉଥିବା ବେଳେ ପୂର୍ବରୁ ବହୁ ପ୍ରାଚୀନ ମୂର୍ତ୍ତି ଉଦ୍ଧାର କରାଯାଇଥିଲା। ଏନେଇ ସ୍ଥାନୀୟ ଲୋକେ ପ୍ରଶାସନର ଦୃଷ୍ଟିଗୋଚର କରିଥିଲେ। ଫଳରେ ଜିଲା ପ୍ରଶାସନ ପ୍ରତ୍ନତାତ୍ତ୍ୱିକ ବିଭାଗକୁ ମୂର୍ତ୍ତି ଉଦ୍ଧାର କରିବା ସହ ଏହାର ତଦନ୍ତ କରିବା ପାଇଁ କହିଥିଲା। ମାତ୍ର ଏଦିଗରେ ପ୍ରତ୍ନତାତ୍ତ୍ୱିକ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏପରି କି ଉଦ୍ଧାର ମୂର୍ତ୍ତିଗୁଡ଼ିକୁ ସଂଗ୍ରହାଳୟରେ ରଖିବା ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ତେଣୁ ଏଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଚାକିରି ଦେବା ନାଁରେ ଠକେଇ: ୫ ଗିରଫ

ଦାମନଯୋଡି,୩।୪(ଡି.ଏନ.ଏ.)

ନାଲକୋ ଠିକାଦାରଙ୍କ ଅଧୀନରେ ଚାକିରି ଦେବାକୁ କହି ଠକେଇ କରିବା ଅଭିଯୋଗରେ ୫ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଭୁବନେଶ୍ୱରର ଅରୋଶ୍ରୀ ସ୍କିଲ ଡେଭଲପମେଣ୍ଟ ସେଣ୍ଟରର ସନ୍ତୋଷ ବରାଡ, ରାୟଗଡ଼ାର ସୁଧୀର ଚୌଧୁରୀ, ସୁନୀଲ ଚୌଧୁରୀ, ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର କମଳ ମହାନ୍ତି ଓ ଯାଜପୁର ଜିଲା ବରି ଥାନା ବାଲିବିଲ ଗ୍ରାମର ଅଭିମନ୍ୟୁ ମିଶ୍ର। ଏମାନେ ୩୦ ଜଣ ପିଲାଙ୍କଠାରୁ ୩୦ରୁ୪୦ ହଜାର ଟଙ୍କା ଠକି ନେଇଥିବା ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଖବରରୁ ଜଣାପଡିଛି ଭୁବନେଶ୍ୱରର ଅରୋଶ୍ରୀ ସ୍କିଲ ଡେଭଲପମେଣ୍ଟ ସେଣ୍ଟରର ଏମ୍‌ଡି ରୂପେ କାର୍ଯ୍ୟ କରୁଥିବା ସନ୍ତୋଷ ବରାଡ ରାୟଗଡ଼ାର ସୁଧୀର ଚୌଧୁରୀଙ୍କ ମାଧ୍ୟମରେ ଠକେଇ କାରବାର କରୁଥିଲେ। ସୁଧୀରଙ୍କ ପୁଅ ସୁନୀଲ ଚୌଧୁରୀ, ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର କମଳ ମହାନ୍ତି ଓ ଯାଜପୁର ଜିଲା ବରି ଥାନା ବାଲିବିଲ ଗ୍ରାମର ଅଭିମନ୍ୟୁ ମିଶ୍ର ଏହି ର୍‍ୟାକେଟରେ ସମ୍ପୃକ୍ତ ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ସେମିଳିଗୁଡାରୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୧ ହଜାର ଟଙ୍କା ସହିତ ଜାଲ୍ ନିଯୁକ୍ତିପତ୍ର ଓ ଜାଲ୍ ନାଲକୋ ଗେଟ୍ ପାସ, ଜିନ୍ଦଲ, ହାଲ୍ ଓ ନାଲ୍‌କୋ ଭଳି ବିଭିନ୍ନ କମ୍ପାନୀ ନାମରେ ୧୭ଟି ଷ୍ଟାମ୍ପ (ସିଲ), ଲାପଟପ୍, ଡେସ୍କଟପ, କଲର ପ୍ରିଣ୍ଟର, ହାର୍ଡ ଡିସ୍କ, ବ୍ୟାନର ପ୍ରଭୃତି ଜବତ କରାଯାଇଛି।



ଜବତ ହୋଇଥିବା ଷ୍ଟାମ୍ପ ଓ ଗିରଫ ଅଭିଯୁକ୍ତ।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ସେମିଳିଗୁଡାର ଏକ ହୋଟେଲକୁ ପୂର୍ବରୁ ଟଙ୍କା ଦେଇଥିବା ପିଲାଙ୍କୁ ଅଭିଯୁକ୍ତମାନେ ଡକାଇଥିଲେ। କିଛି ପିଲାଙ୍କୁ ଜାଲ ନିଯୁକ୍ତିପତ୍ର ଓ ଗେଟ୍‌ପାସ ଦେଇଥିଲେ। ତେବେ କୌଣସି ସୂତ୍ରରୁ ଏ ବିଷୟରେ ନାଲ୍‌କୋ ଅଧିକାରୀ ଜାଣିପାରି ଦାମନଯୋଡି ଥାନାରେ ଏତଲା ଦେଇଥିଲେ। ଏସ୍‌ଡିପିଓଙ୍କ ନିର୍ଦ୍ଦେଶରେ ଦାମନଯୋଡି, ସୁନାବେଡ଼ା ଓ ସେମିଳିଗୁଡା ଥାନା ଅଧିକାରୀଙ୍କୁ ନେଇ ଏକ ତଦନ୍ତ ଟିମ୍ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା।

# ୨ ନୂତନ ଲିଜ୍‌ଧାରୀଙ୍କୁ ମିଳିଲା ପୁରୁଣା ସୁବିଧା

ଯୋଡ଼ା,୩।୪(ଡି.ଏନ.ଏ.)

୨୦୨୦ରେ ନୂତନ ଭାବେ ୨ଖଣି ଲିଜ୍ ପାଇଥିବା ଅଗ୍ରସେନ ସ୍ୱଞ୍ଜି ପ୍ରାଇଭେଟ ଲିଃ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃକୁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ବଳରେ ଖଣିର ପୁରୁଣା ଲିଜ୍‌ଧାରୀଙ୍କ ପରି ସମସ୍ତ ଅଧିକାର ଓ ସୁବିଧା ଯୋଗାଇ ଦିଆଯାଇଛି। ପୂର୍ବରୁ ଖଣି ମାଲିକମାନେ ଯେଉଁ ସରକାରୀ ବୈଧାନିକ ଅନୁମୋଦନ ପାଇଥିଲେ ତାହା ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନ ହେବା ପର୍ଯ୍ୟନ୍ତ ନୂତନ ନିଲାମ ଜରିଆରେ ଖଣି ହାତେଇ ଥିବା ଲିଜ୍‌ଧାରୀମାନଙ୍କ ପାଇଁ ବଳବତ୍ତର ରହିବ। ପ୍ରକାଶ ଯେ, ଅଗ୍ରସେନ ସ୍ୱଞ୍ଜିକୁ ବଡ଼ବିଲ ତହସିଲର କାଟାସାହି ମାଙ୍ଗାନିଜ, ଲୁହାପଥର ଓ ଡୋଲୋମାଇଟ ଖଣିକୁ ୫୦ବର୍ଷ ପାଇଁ ୨୦୨୦ରେ ନୂତନ ଭାବେ ଲିଜ୍ ଦିଆଯାଇଛି। ରାଜ୍ୟ ଖଣି ବିଭାଗର ଚିଠି ନଂ. ୩୦୬୯ ତା୨।୪।୨୦୨୨ରିଖର ନିର୍ଦ୍ଦେଶ ଅନୁଯାୟୀ ଏମ୍ଏମ୍‌ଡିଆର୍ ଆଇନର ସେକ୍ସନ ୮ବି ତା୨୮।୩।୨୦୨୧ରିଖରେ ଓ ମିନେରାଲ କନ୍ସେଶନ ରୁଲ ୨୦୧୬ର ରୁଲ୍ ତା୨।୧୧।୨୦୨୧ରିଖ ସଂଶୋଧିତ ହେବା ପରେ ଉପରୋକ୍ତ ନୂତନ ଖଣି ଲିଜ୍‌ଧାରୀଙ୍କ ପାଖରେ ଆବଶ୍ୟକ ବୈଧ ଅଧିକାର, ସରକାରୀ ଅନୁମତି ଓ ଆବଶ୍ୟକ କ୍ଲିୟରାନ୍ସ ଥିଲେ ଏହି ନୂତନ ଖଣି ଲିଜ୍‌ଧାରୀ ପୁରାତନ ଖଣି ଲିଜ୍‌ଧାରୀଙ୍କ ପରି ସମସ୍ତ ସୁବିଧା ଓ ଅଧିକାର ପାଇପାରିବେ।

# ଜିଲା ପ୍ରଶାସନ ଦ୍ୱାରା ଯମୁନାବାହାଲରୁ ଉଦ୍ଧାର ହେଲେ ପାୟଲ


ପୀଡିତା ପାୟଲଙ୍କୁ ଡିସିପିୟୁ ଟିମ୍ ଉଦ୍ଧାର କରୁଛନ୍ତି।

ବଲାଙ୍ଗୀର ଅଫିସ,୩।୪

ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ରବିବାର ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ କୁମାର ଖୁଆସ ଓ ସେବିକା ଆହ୍ଲାଦିନୀ ସେଠ୍ ଯମୁନାବାହାଲ ଗାଁରୁ ପୀଡିତା ପାୟଲ ନାଗ (୧୪)ଙ୍କୁ ଉଦ୍ଧାର କରି ବଲାଙ୍ଗୀର ଆଣିଥିବା ଜଣାପଡିଛି। ୨୦୧୫ ମସିହାରେ ଛତିଶଗଡ ରାଜ୍ୟର ରାୟପୁରଠାରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ପାୟଲ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ପାୟଲଙ୍କ ଆଣ୍ଠୁରୁ ତଳକୁ ଦୁଇ ଗୋଡ, ବାମହାତର କହୁଣି ତଳକୁ ଓ ଡାହାଣ ହାତ ବାହୁ ତଳକୁ କାଟି ଦିଆଯାଇଥିଲା। ଏହି ଖବର ସେତେବେଳେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ପିତାମାତାଙ୍କ ସହ ଦାଦନ ଖଟିବାକୁଯାଇ ପାୟଲ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ୨୦୨୦ ମସିହାରେ ଜିଲା ପ୍ରଶାସନ ହସ୍ତକ୍ଷେପ ପରେ ପାୟଲଙ୍କ କୃତ୍ରିମ ଗୋଡ ଲଗାଯିବା ବ୍ୟବସ୍ଥା କରାଯାଇଥିଲା। ଚିକିତ୍ସା ତଥା ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ଜିଲା ରେଡକ୍ରସ ପାଣ୍ଠିରୁ ପାୟଲଙ୍କ ପିତା ବିଜୟ କୁମାର ନାଗଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧ ଲକ୍ଷ ଟଙ୍କା, ବିଜୁ ପକ୍କା ଘର, ଝିଅକୁ ମଧୁବାବୁ ପେନସନ ଯୋଜନାରେ ସହାୟତା, ହ୍ୱିଲ ଚେୟାର ଆଦି ବ୍ୟବସ୍ଥା କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ କିଛି ମାସ ପୂର୍ବରୁ ପାୟଲଙ୍କ ମାତାପିତା ପୁଣି ଥରେ ଦାଦନ ଖଟିବାକୁ ଯିବାରୁ ପାୟଲ ଏକାକୀ ହୋଇପଡି ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ରବିବାର ଡିସିପିୟୁ ଟିମ୍ ପାୟଲଙ୍କୁ ଉଦ୍ଧାର କରି ବଲାଙ୍ଗୀର ପଥରଚେପା ପାର୍ବତୀ ଗିରି ବାଲ ନିକେତନକୁ ଆଣି ରଖିଥିବା ଜଣାପଡିଛି। ପାୟଲ ଉଦ୍ଧାର ସମୟରେ ମୁରିବାହାଲ ଜିପିଇଓ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ବିଜୟ ଲକ୍ଷ୍ମୀ ଖମାରୀ, ପୂଜା ନାଗ, ଆଶା କର୍ମୀ ଜାନକୀ କୁମ୍ଭାର ଉପସ୍ଥିତ ରହି ସହଯୋଗ କରିଥିଲେ।

# ନିଜ ପିସ୍ତଲରୁ ଗୁଳି ଫୁଟାଇ ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,୩।୪(ଡି.ଏନ୍.ଏ.)

## ପାରିବାରିକ ଅଶାନ୍ତି

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଧୀନ ଗୋପୀନାଥପୁର ନିକଟ ଜାତୀୟ ରାଜପଥ ନଂ.୫୯ରେ ଥିବା ଏକ ଗ୍ୟାରେଜରେ ରବିବାର ଜଣେ ଯୁବକ ଗୁଳି ଫୁଟାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଇପିଲି ଜଗନ୍ନାଥ ( ୩୫)। ଜଗନ୍ନାଥ ଓ ତାଙ୍କ ସ୍ତ୍ରୀ ସରିତାଙ୍କ ମଧ୍ୟରେ ପୂର୍ବରୁ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ଏଥିପାଇଁ ସରିତା କିଛିଦିନ ହେଲା ଦୁଇ ପୁଅଙ୍କୁ ନେଇ ବାପଘର କୁକୁଡ଼ାଖଣ୍ଡିରେ ରହୁଥିଲେ। ଅପରାହ୍ନରେ କୌଣସି କଥାକୁ ନେଇ ଜଗନ୍ନାଥ ଶ୍ୱଶୁର ଘରକୁ ଯାଇ ଗଣ୍ଡଗୋଳ କରିଥିଲେ। ପରେ ଶାଶୁ ଓ ସ୍ତ୍ରୀଙ୍କୁ ମାରପିଟ୍ କରିଥିଲେ। ଏ ନେଇ ଶାଶୁ ଓ ସ୍ତ୍ରୀ ସରିତା ବ୍ରହ୍ମପୁର ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଏହି ସମୟରେ ଜଗନ୍ନାଥ ଗୋପୀନାଥପୁର ଛକରେ ଥିବା ଏକ ଗ୍ୟାରେଜକୁ ଆସିଥିଲେ। ସେଠାରେ ଭିତରପଟୁ କବାଟ ବନ୍ଦ କରି ଏକ ପିସ୍ତଲରୁ ନିଜ ବେକକୁ ଗୁଳି ଚଳାଇଥିଲେ। ଖବର ପାଇ ହିଞ୍ଜିଳି ଥାନା ଆଇଆଇସି ଅଭିମନ୍ୟୁ ଦାସ ଓ ପୋଲିସ ଟିମ୍ ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କ ଉପସ୍ଥିତିରେ ବନ୍ଦ ଥିବା ଗ୍ୟାରେଜର କବାଟ ଭାଙ୍ଗି ମୃତଦେହକୁ ବାହାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛି। ତେବେ ପାରିବାରିକ ଅଶାନ୍ତିରୁ ଜଗନ୍ନାଥ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।


**PANCHAYAT SAMITI, KHAIRPUT**
**DIST.- MALKANGIRI**
**TENDER CALL NOTICE NO.-04/2021-22, Dt.02.04.2022**

The Block Development Officer, Khairput invites sealed percentage rate tenders vide letter No., dated 02.04.2022 on behalf of Governor of Odisha from registered & eligible registered contractors of Odisha State PWD / CPWD having experience in construction of road, bridges and building works in conformity with detailed tender call notice for execution of 07 Nos. of work under SCA scheme on drawl of agreement in PS contract forms of Govt. of Odisha. Tender papers will be sold from 04.04.2022 to 18.04.2022 in office hour (working days only) from Block Office, Khairput and received from 04.04.2022 to 19.04.2022 in office hour (working days only) in the Office of the BDO, Khairput through Registered Post / Speed Post only. The tender shall be opened on 20.04.2022 at 11.00 A.M. in the Office of the BDO, Khairput. Term & condition and other details will be available in the office notice board and district website i.e. https://malkangiri.nic.in. Purchasing & depositing of tender paper is the sole responsibility of the tender applicant within the due time.

Sd./- Block Development Officer
Khairput
02.04.2022



**FORM NO. 14**
**[See Regulation 33(2)]**
**OFFICE OF THE RECOVERY OFFICER - I/II**
**DEBTS RECOVERY TRIBUNAL CUTTACK**
C-71, Sector-7, CDA, Cuttack - 753014,Odisha
**DEMAND NOTICE**
**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

RC/122/2019 — 17-03-2022

**BANK OF BARODA**
**Versus**
**M/S. NANCY STAMPING AND STEEL AND OTHERS**

**CD1 M/s. Nancy Stamping and Steel,** At: Plot No.: LP 528, Prasanti Vihar, P.O.: Patia, Bhubaneswar

**CD2 M/S. Lambodar Tie Up Pvt. Ltd. Office is,** At: Apsara Hotel, Gandhi Road, Rourkela, Sundargarh, Dir-Birendra Kumar Panda, At: 39 (A), Sri Hariram Goenka Steel, 3rd Floor, Kolkata, West Bengal-700078

**CD5 Mr Bharat Bhusan Mital,** S/o.: Madan Lal Mital, At: X-14, Civil Township, Rourkela, Sundargarh, Odisha - 769004

**CD6 Sri Binny Mittal,** S/o.: Bharat Bhusan Mital, At: X-14, Civil Township, Rourkela Sundargarh, Odisha - 769004

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/385/2014** an amount of **Rs.3,77,91,202.00 (Rupees Three Crore Seventy Seven Lakhs Ninety One Thousands Two Hundred Two Only)** along with pendentellite and future interest @ 12.00% Simple Interest Yearly w.e.f. **26/03/2014** till realization and costs of **Rs.1,50,000/- (Rupees One Lakh Fifty Thousands Only)** has become due against you (Jointly and severally).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.

3. You are hereby ordered to declare on an affidavit the particulars of yours assets on or before the next date of hearing.

4. You are hereby ordered to appear before the undersigned on **13/06/2022 at 10.30 a.m.** for further proceedings.

5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **17/03/2022**

**Sd/- Recovery Officer**
**DEBTS RECOVERY TRIBUNAL, CUTTACK**



**OFFICE OF THE NOTIFIED AREA COUNCIL, BIJEPUR**
**AT/PO/PS : Bijepur, Dist.- Bargarh (Odisha), PIN: 768032**
**Phone No. 06685-274153, Email ID: bijepurnac2018@gmail.com, Website: bijepurnac.in**
**Letter No. 478/ NACB** — **Date: 02.04.2022**

**ନୋଟିସ**

No.C-06:- ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ ବିଜେପୁରର ସମସ୍ତ ରାସ୍ତାକଡ଼ର ବୁଲା ବିକାଳିଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମ ସହରାଞ୍ଚଳର କନ୍ଧରାରେ ୧୩ଟି ବାଉଁଶପୋଲାରେ ୭ଟି ଓ ବିଜେପୁରରେ ୭୯ଟି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଅଛି । ଏଣୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବୁଲା ବିକାଳି ବ୍ୟବସାୟୀମାନଙ୍କୁ ଅନୁରୋଧ ଯେ, ସେମାନେ ତା୦୪।୦୪।୨୦୨୨ରୁ ୧୮।୦୪।୨୦୨୨ରିଖ ମଧ୍ୟରେ ଆବେଦନ ଫର୍ମ ଗ୍ରହଣ କରି କାର୍ଯ୍ୟାଳୟ ସମୟସୀମା ମଧ୍ୟରେ ଦାଖଲ କରିବେ । ଆବେଦନ କରିବା ସମୟରେ ନିମ୍ନ ଲିଖିତ ଦସ୍ତାବିଜଗୁଡିକ ସଂଲଗ୍ନ କରିବେ । ଯଥା:

୧- ଆବେଦନ ଫର୍ମ
୨- Vendor ପ୍ରମାଣପତ୍ର / online registration ପ୍ରମାଣପତ୍ର PM Svanidhi
୩- ଆଧାର କାର୍ଡ/ ଭୋଟର କାର୍ଡ
୪- ବି.ପି.ଏଲ. କାର୍ଡ / ରାଶନ କାର୍ଡ
୫- ପାସ୍‌ପୋର୍ଟ ଫଟୋ

ସ୍ୱା./- ଅଧକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର

OIPR-13123/11/0001/2223



**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWS&S DIVISION, NABARANGPUR**
Tel. (06858) 222643, E-mail: eerwss_ngp@rediffmail.com / eerwssngp@gmail.com
**INVITATION FOR BIDS**
**No.: RWSS_NGP_ONLINE_23/2021-22 DATED: 25.03.2022**

No.O-03:- The Superintending Engineer, RWS&S Division, Nabarangpur on behalf of Engineer-In-Chief, RWSS (O), Bhubaneswar invites percentage rate bid through e-procurement in double cover system according to norm of e-procurement system in online mode.
1. Name of works: As mentioned in Table "A" which includes construction of different capacity ESR/OGR, laying of pipe line, FHTC and its ancillary work in commissioned pipe water supply scheme of different Block in the Nabarangpur District (Clubbed up projects). 2. No. of works: 01 (One) No. (Detailed in Tender Call Notice available in the website). 3. Estimated cost: As mentioned in Table "A". 4. Tender paper cost : As mentioned in Table "A". 5. Class of contractor: As mentioned in Table "A". 6. Period of completion: 365 days. 7. Critical dates:
* Further details can be seen in the bidding documents, which is available in the e-procurement portal **https://www.tenderodisha.gov.in.** * Subsequent corrigendum if required shall be appeared in the website. *Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Last date of receipt of confirmation letter & other documents | Date of opening of bid |
|---|---|---|---|---|---|---|
| | | From | To | | | |
| Superintending Engineer, RWSS Division, Nabarangpur | RWSS_NGP_ONLINE_23 of 2021-22 | 29.04.2022 at 11.00 A.M. | 13.05.2022 at 05.00 P.M. | 12.05.2022 upto 5.30 P.M. | 13.05.2022 upto 05.30 P.M. | 17.05.2022 at 11.00 A.M. |

**Sd./- Superintending Engineer, RWS&S Division, Nabarangpur**
OIPR-25028/11/0001/2223



**OFFICE OF THE PRINCIPAL DIRECTOR OF INCOME TAX, ODISHA**
**4TH FLOOR, AAYAKAR BHAWAN, ANNEXE BUILDING, RAJASWA VIHAR, BHUBANESWAR-751007**
No.Pr.DIT (Inv.)/BBSR/Vehicle/2021-22 — Date 31.03.2022
**TENDER CALL NOTICE FOR SUPPLY OF VEHICLES**

Sealed tenders are invited from reputed manufacturers / dealers for supply of Vehicles for Office of Pr. Director of Income Tax (Inv.), Bhubaneswar.

The eligibility criteria, terms & conditions and other particulars etc as laid down in the tender documents may be obtained from the O/o the Principal Director of Income Tax, Bhubaneswar, 4th Floor, Aayakar Bhawan, Annexe, Rajaswa Vihar, Bhubaneswar-751007 from 04.04.2022 (between 11.00 A.M. and 04.00 P.M. to 13.04.2022. Alternatively, the same can be downloaded from the website of the Income Tax Department i.e. www.incometaxindia.gov.in. The sealed tenders should reach this office latest by 13.04.2022 (04.00 P.M.). The Office of the Principal Director of Income Tax, Bhubaneswar reserves the right to cancel any or all the quotations without assigning any reason thereof.

**Sd./- Dy. Director of Income Tax (Hqrs.) (Inv.)**
**Office of the Pr. Director of Income Tax (Inv), Bhubaneswar**
**Mob. No.9438917438**

ଧରିତ୍ରୀ
DHARITRI
ସୋମବାର, ୪ ଏପ୍ରିଲ, ୨୦୨୨

ପ୍ରତିଭାବାନ ମଣିଷମାନେ ସମସ୍ତେ ମନେ ହୁଅନ୍ତି– ସତେ କି ଅସ୍ୱାଭାବିକ ଏବଂ ସେମାନଙ୍କ ଧାତୁ ବି ମନେ ହୁଏ ଅଲଗା। କାହିଁକି ହେବ ନାହିଁ ? ପ୍ରତିଭାର ଜନ୍ମ ତ ଅସ୍ୱାଭାବିକ। ସାଧାରଣ ଧାତୁ ବା ପ୍ରକୃତିର ବାହାରେ ତା'ର ସ୍ଥାନ। –ଶ୍ରୀଅରବିନ୍ଦ



# ଅରାଜକତାମୁହାଁ ପାକିସ୍ତାନ

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଆସିବାକୁ ଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯିବା ପରେ ସେଠାକାର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଏଭଳି ଅନାସ୍ଥା ଆସିବା ପଛରେ ବିଦେଶୀ ଷଡ଼ଯନ୍ତ୍ର ବିଶେଷକରି ଆମେରିକାର ହାତ ରହିଛି ବୋଲି ଇମ୍ରାନ୍ ଅଭିଯୋଗ କରିଥିଲେ। ସେ କହିଥିଲେ ଦେଶ ସ୍ଥିର କରୁ କିଏ ସେମାନଙ୍କୁ ଶାସନ କରିବେ। ଏପରି କି ଅନାସ୍ଥା ପ୍ରସ୍ତାବ ଆସିବାର କିଛି ଘଣ୍ଟା ପୂର୍ବରୁ ଇମ୍ରାନ୍ ପାକିସ୍ତାନର ଯୁବବର୍ଗଙ୍କୁ ଉପଲକ୍ଷ୍ୟ କରି କହିଥିଲେ ଯେ, ତାଙ୍କୁ ବହିଷ୍କାର କରିବା ଲାଗି ଯେଭଳି ବିଦେଶୀ ଷଡ଼ଯନ୍ତ୍ର କରାଯାଇଛି ତାହା ବିରୋଧରେ ଦେଶର ଯୁବବର୍ଗ ଦୁଇ ଦିନ ପ୍ରତିବାଦ କରିବାକୁ ଆଗେଇ ଆସିବା ଦରକାର। ଉପବାଚସ୍ପତି କାସିମ୍ ଖାନ୍ ସୁରି ଅନାସ୍ଥା ପ୍ରସ୍ତାବକୁ ଅସାମ୍ବିଧାନିକ କହିବା ପରେ ଇମ୍ରାନ୍‌ଙ୍କ ଅନୁମୋଦନକ୍ରମେ ପାକିସ୍ତାନ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି ପାର୍ଲାମେଣ୍ଟ 'ନ୍ୟାଶନାଲ ଆସେମ୍ବ୍ଲି'କୁ ଭଙ୍ଗ କରିଦେଇଛନ୍ତି। ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯିବା ପରେ ଇମ୍ରାନ୍ ଦେଶ ଉଦ୍ଦେଶ୍ୟରେ ଭାଷଣ ଦେଇ ୩ ମାସ ମଧ୍ୟରେ ନିର୍ବାଚନ ହେବ ବୋଲି ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଇମ୍ରାନ୍ ସରକାର ସାମ୍ବିଧାନିକ ନିୟମକୁ ଉଲ୍ଲଂଘନ କରି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଦେଇଥିବାରୁ ବିରୋଧୀ ଦଳ ତାଙ୍କ ବିରୋଧରେ ସୁପ୍ରିମକୋର୍ଟ ଯାଇଛନ୍ତି।

କୁହାଯାଉଛି ଯେ, ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବା ଲାଗି ଇମ୍ରାନ୍‌ଙ୍କ ପାର୍ଟି ପାକିସ୍ତାନ ତେହରିକ୍–ଇ–ଇନ୍‌ସାଫ୍ (ପିଟିଆଇ) ଜୋରଦାର ପ୍ରୟାସ କରିଥିଲା। ଏବେ ଯେମିତି ସବୁଆଡ଼େ ହେଉଛି ପାକିସ୍ତାନରେ ମଧ୍ୟ କ୍ଷମତାସୀନ ଦଳର କର୍ମୀମାନେ ଗଣ୍ଡଗୋଳ ଭିଆଉଛନ୍ତି। କୁହାଯାଇପାରେ ଯେ, ଇମ୍ରାନ୍ ୨୦୧୮ରେ କ୍ଷମତାକୁ ଆସିବା ପରେ ପାକିସ୍ତାନରେ ଦୁର୍ନୀତି ବୃଦ୍ଧି ପାଇବା ସହିତ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଥିବା ଦେଶବାସୀ ଅନୁଭବ କରିଥିଲେ। ଫଳରେ ସରକାର ବିରୋଧୀ ଅନେକ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ଶେଷରେ ବିରୋଧୀ ଦଳ ତାଙ୍କ ବିପକ୍ଷରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଇମ୍ରାନ୍‌ଙ୍କୁ ସମର୍ଥନ କରୁଥିବା ଅନେକ ସାଂସଦ ସାଧାରଣରେ ଘୋଷଣା କରି ବିରୋଧୀମାନଙ୍କ ସହ ମିଶିଯାଇଥିଲେ। କିନ୍ତୁ ତାଙ୍କ ବିରୋଧରେ ଆସିଥିବା ଅନାସ୍ଥାକୁ ଇମ୍ରାନ୍ ଟାଳିବାରେ ସକ୍ଷମ ହୋଇଗଲେ। ଏହା ପଛରେ ସେନାର ଶକ୍ତିଶାଳୀ ହାତ ଥିବା ଅନ୍ତର୍ଜାତୀୟ ମିଡିଆ ରିପୋର୍ଟରୁ ବୁଝାପଡୁଛି। ଅବଶ୍ୟ ଏହା ନୂଆ କଥା ନୁହେଁ ଯେ, ପାକିସ୍ତାନ ସ୍ୱାଧୀନ ରାଷ୍ଟ୍ର ହେବା ପରେ ସେଠାରେ ଯେତେବେଳେ ବି ସରକାର ଗଠନ ହୋଇଛି ସେଥିରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ୧୯୪୭ରେ ସ୍ୱାଧୀନତା ପରଠାରୁ ପାକିସ୍ତାନରେ ୧୮ ଜଣ ପ୍ରଧାନମନ୍ତ୍ରୀ ହୋଇଥିଲେ ମଧ୍ୟ କେହି ଜଣେ ମଧ୍ୟ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିନାହାନ୍ତି। କୁହାଯାଉଥିଲା ଇମ୍ରାନ୍‌ଙ୍କ ପ୍ରତି ସେନାର ସହଯୋଗ ଅଧିକ ଥିବାରୁ ସେ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିପାରନ୍ତି। ତାହା ନ ହୋଇଲା। ଅନ୍ୟପଟେ କୁହାଯାଉଛି ଯେ, ସେନାର ସମର୍ଥନ ଯୋଗୁ ଅନାସ୍ଥା ଭୋଟର ସମ୍ମୁଖୀନ ହେବା ପୂର୍ବରୁ ଇମ୍ରାନ୍ ପାର୍ଲାମେଣ୍ଟକୁ ଭଙ୍ଗ କରିଦେଇପାରିଲେ। ଏବଂ ସେହି ସେନାର ସମର୍ଥନ ଯୋଗୁ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭି ଇମ୍ରାନ୍‌ଙ୍କ ସୁପାରିସ୍‌କୁ ତତ୍‌କ୍ଷଣାତ୍ ସ୍ୱୀକାର କରିଗଲେ। ଏଥିରୁ ବୁଝି ହେଉଛି ଯେ, ପାକିସ୍ତାନରେ ଗଣତନ୍ତ୍ର କିମ୍ବା ସମ୍ବିଧାନ କେବଳ ନାମକୁ ମାତ୍ର ରହିଛି। ବାସ୍ତବରେ ଇମ୍ରାନ୍‌ଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ସମ୍ମୁଖୀନ ହେବା ଲାଗି ସାମ୍ବିଧାନିକ ଦୃଷ୍ଟିକୋଣରୁ ପଦକ୍ଷେପ ନିଆଯିବାର ଥିଲା। ଏହା ଜଣାଶୁଣା ଯେ, ବାଚସ୍ପତି ହୁଅନ୍ତୁ ବା ଉପବାଚସ୍ପତି ଉଭୟେ ଇମ୍ରାନ୍‌ଙ୍କୁ ବଞ୍ଚାଇବା ଲାଗି ଚେଷ୍ଟା କରିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯେତେବେଳେ ସାମ୍ବିଧାନିକ ନିୟମକୁ ଦଳିମକଚି ଦିଆଯିବ, ସେତେବେଳେ ସାଧାରଣ ନାଗରିକ ନ୍ୟାୟ ପାଇବା କଷ୍ଟକର। ଗୋଟିଏ ପଟେ ଇମ୍ରାନ୍‌ଙ୍କୁ ଅନାସ୍ଥାର ସମ୍ମୁଖୀନ ହେବାକୁ କୁହା ନ ଯିବା ଓ ଅନ୍ୟପଟେ ବିରୋଧୀଙ୍କ ପଦକ୍ଷେପକୁ ଜାଣିଶୁଣି ଫୋପାଡ଼ି ଦିଆଯିବା ଦ୍ୱାରା ପାକିସ୍ତାନରେ ଗଣତନ୍ତ୍ର ଦୁର୍ବଳ ହୋଇପଡ଼ିଛି। ଏଭଳିସ୍ଥଳେ ଆଗାମୀ ଦିନରେ ଇମ୍ରାନ୍ ହୁଅନ୍ତୁ ବା ଆଉ ଯେ କେହି କ୍ଷମତା ଦଖଲ କରିବାକୁ ଚାହିଁଲେ ସେଠାକାର ସାଧାରଣ ନାଗରିକଙ୍କ ଅପେକ୍ଷା ସେନାର ସମର୍ଥନ ଅଧିକ ଜରୁରୀ ହୋଇପଡ଼ିବ। ପାକିସ୍ତାନ ସ୍ଥିତି ନେଇ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ହୋଇଥାଏ ଯେ, ସେଠାକାର ସରକାର ଆତଙ୍କବାଦୀଙ୍କ ଦ୍ୱାରା ଅନେକାଂଶରେ ପରିଚାଳିତ ହୋଇଥାଆନ୍ତି। ଯେତେବେଳେ ଗୋଟିଏ ସରକାର ସବୁ ନୀତି ନିୟମକୁ ଭାଙ୍ଗି ଚାଲି କଳେବଳେ କୌଶଳେ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଚେଷ୍ଟା କରେ ସେତେବେଳେ ଦେଶରେ ଅରାଜକତା ସୃଷ୍ଟି ହୁଏ। ପାକିସ୍ତାନ ଆଜି ସେହି ମୁହାଁ ହେବାକୁ ଯାଉଛି।

> ଆଗାମୀ ଦିନରେ ଇମ୍ରାନ୍ ହୁଅନ୍ତୁ ବା ଆଉ ଯେ କେହି କ୍ଷମତା ଦଖଲ କରିବାକୁ ଚାହିଁଲେ ସେଠାକାର ସାଧାରଣ ନାଗରିକଙ୍କ ଅପେକ୍ଷା ସେନାର ସମର୍ଥନ ଅଧିକ ଜରୁରୀ ହୋଇପଡ଼ିବ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 1 | |
| | 6 | | | | | | | |
| | | | | | 1 | | | 4 |
| | 3 | | 2 | | | 7 | 5 | |
| | 2 | 1 | | | | | | 9 |
| | 7 | | | 5 | 6 | | | |
| | | 8 | | | 2 | 9 | | 3 |
| | | 5 | | 8 | 3 | 4 | | |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 8 | 2 | 1 | 9 | 5 | 4 |
| 9 | 8 | 5 | 3 | 4 | 7 | 1 | 2 | 6 |
| 4 | 1 | 2 | 6 | 5 | 9 | 7 | 3 | 8 |
| 5 | 2 | 7 | 1 | 9 | 8 | 6 | 4 | 3 |
| 1 | 3 | 6 | 4 | 7 | 5 | 8 | 9 | 2 |
| 8 | 4 | 9 | 2 | 3 | 6 | 5 | 7 | 1 |
| 3 | 9 | 1 | 5 | 6 | 4 | 2 | 8 | 7 |
| 2 | 7 | 8 | 9 | 1 | 3 | 4 | 6 | 5 |
| 6 | 5 | 4 | 7 | 8 | 2 | 3 | 1 | 9 |

ଗତକାଲିର ଉତ୍ତର

# ଓଃ: ବେରୋଜଗାରୀ ତଥ୍ୟ



ବିମଳ ପାଣ୍ଡିଆ

ଦେଶରେ ବେରୋଜଗାର ହାର ଯାହା ଓ ତାହା ଯେଉଁ ହାରରେ କମୁଛି ବୋଲି ଆମ ସରକାର କହୁଛନ୍ତି ତାହା ଯଦି ସତ, ତେବେ ଆଉ ବର୍ଷ କେଇଟାରେ ଭାରତରେ ବେରୋଜଗାର ହାର ଆମେରିକାଠାରୁ ମଧ୍ୟ କମ୍ ହୋଇଯିବ। ୧୦ ଫେବୃୟାରୀ ୨୦୨୨ ତାରିଖରେ ରାଜ୍ୟ ସଭାରେ ଏକ ତାରକା ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଲେ ଯେ, ବିଗତ ତିନିବର୍ଷରେ ଦେଶରେ ବେରୋଜଗାରୀ ହାର କ୍ରମାଗତ ଭାବରେ କମି ଚାଲିଛି। ମନ୍ତ୍ରୀ ଯାହାକୁ ବିଗତ ତିନି ବର୍ଷ ବୋଲି କହିଥିଲେ, ତାହା ପ୍ରକୃତରେ ୨୦୧୭–୧୮ରୁ ୨୦୧୯–୨୦ ବର୍ଷର ତଥ୍ୟ ଥିଲା। ୨୦୧୭–୧୮ ବର୍ଷରେ କୁଆଡ଼େ ଦେଶର ୬% ଲୋକ ବେରୋଜଗାର ଥିଲେ, ୨୦୧୮–୧୯ରେ ତାହା କମି ୫.୮% ଓ ୨୦୧୯–୨୦ରେ ଆହୁରି କମି କୁଆଡ଼େ ମୋଟ ୪.୮% ହିଁ ବେରୋଜଗାର ଥିଲେ। ଆମେରିକା ସରକାର ଫେବୃୟାରୀ ୨୦୨୨ରେ ଜାରି କରିଥିବା ସଦ୍ୟତମ ତଥ୍ୟ ଅନୁସାରେ ସେହି ଦେଶରେ ୩.୮% ଲୋକ ବେରୋଜଗାର ଥିଲେ। ସେହି ତାରିଖରେ ଆଉ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦେଶର ବିଭିନ୍ନ ରାଜ୍ୟରେ ବେରୋଜଗାରୀର ତଥ୍ୟ ରଖିଥିଲେ। ତଥ୍ୟ ଅନୁସାରେ ଓଡ଼ିଶାରେ କୁଆଡ଼େ କେରଳ ତୁଳନାରେ କମ୍ ବେରୋଜଗାର ଅଛନ୍ତି। ତାଜୁବ ହେବାର କଥା ! କେରଳ ରାଜ୍ୟ ଓଡ଼ିଶାଠାରୁ କାହିଁ କେତେ ଅଧିକ ଶିକ୍ଷିତ ଓ ଉନ୍ନତ। ସରକାର ରଖିଥିବା ତଥ୍ୟ ଅନୁସାରେ କେରଳରେ ୧୦% ଲୋକ ବେରୋଜଗାର ଥିବା ବେଳେ ଓଡ଼ିଶାରେ ୬.୨% ବେରୋଜଗାର ଅଛନ୍ତି। ମଜା କଥା ହେଲା ବିହାର ରାଜ୍ୟରେ ବେରୋଜଗାର ହାର କୁଆଡ଼େ ଆହୁରି କମ୍, ମାତ୍ର ୫.୧%। ଗୋଟିଏ ବହୁ ପ୍ରଚଳିତ ଆପ୍ତବାକ୍ୟ ଅଛି, 'ମିଛ, ଡାହା ମିଛ ଓ ପରିସଂଖ୍ୟାନ'। ପରିସଂଖ୍ୟାନ ଡାହା ମିଛଠାରୁ ବି ବଡ଼ ମିଛ ହୋଇପାରେ। ବେରୋଜଗାରୀକୁ ନେଇ ଭାରତ ସରକାର ଥୋଉଥିବା ପରିସଂଖ୍ୟାନ ସେହି ଶ୍ରେଣୀରେ ନ ଆସୁ। ସରକାର ଦେଉଥିବା ଏହି ତଥ୍ୟ କୁଆଡ଼େ ୨୦୧୭–୧୮ ବର୍ଷରୁ କରାଯାଉଥିବା 'ପିରିଓଡିକ୍ ଲେବର ଫୋର୍ସ' ସର୍ଭେରୁ ମିଳିଛି। ମଜା କଥା ହେଲା, ୨୦୧୯ ଜାନୁୟାରୀ ମାସରେ ଯେତେବେଳେ ଏହି ତଥ୍ୟ ଗଣମାଧ୍ୟମରେ 'ଲିକ୍' ହେଲା, ସେତେବେଳେ ଚାରିଆଡ଼େ ହୁରି ପଡ଼ିଥିଲା ଯେ ଦେଶର ବେରୋଜଗାରୀ ହାର ବିଗତ ଚାରି ଦଶନ୍ଧିରେ ସବୁଠାରୁ ଖରାପ। ଏହି ସରକାରର ତଥ୍ୟ ଡାହା ମିଛଠାରୁ ଅଧିକ ଖରାପ ନା ପୂର୍ବ ସରକାରମାନଙ୍କର ତଥ୍ୟ ଅଧିକ ଖରାପ, ତାହା ଠଉରାଇବା ପାଇଁ ଆମ ପାଖରେ ବିଶେଷ ସାଧନ ନାହିଁ। ବୋଧହୁଏ ସରକାରଙ୍କ ପାଖରେ ବି ନାହିଁ। ଦେଶର ରୋଜଗାର ଓ ବେରୋଜଗାର ସମ୍ବନ୍ଧିତ ସ୍ଥିତିକୁ ସଠିକ ଭାବରେ ସଂଗ୍ରହ କରି ଗ୍ରହଣୀୟ ସ୍ଥିତିକୁ ବୟାନ କରିବାର ଆବଶ୍ୟକତାଟେ ଅଛି ବୋଲି ଏବେ ବି ଭାରତ ସରକାର ବୋଧେ ଭାବୁନାହାନ୍ତି। କିଛି ଗୋଟେ ତଥ୍ୟ ଦେଇଦିଆଯିବା କଥା ନ୍ୟାୟରେ ତଥ୍ୟ ସବୁ ପରଷା ଯାଉଛି କହିଲେ ଅତିଶୟୋକ୍ତି ହେବ ନାହିଁ।

ସରକାର କରୁଥିବା ସର୍ବେକ୍ଷଣର ତଥ୍ୟ ଠିକ୍ ଅଛି ନା ନାହିଁ ତାହା ଦେଖିବା ଆଗରୁ ସରକାର କାହାକୁ 'ବେରୋଜଗାର' ବୋଲି ବିବେଚନା କରନ୍ତି, ତାହା ଟିକିଏ ବୁଝିନେବା ଦରକାର। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନରେ ଥିବା 'ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା' (NSSO) ତିନିଟି ପଦ୍ଧତିରେ ସର୍ବେକ୍ଷଣ କରିଥାଏ। ପ୍ରଥମଟି ହେଲା, 'ଦୈନିକ ସ୍ଥିତିର ବିଚାର'। ଏହି ପଦ୍ଧତିରେ ଯଦି କାମ କରିପାରୁଥିବା ବା କାମ କରିବାକୁ ଇଚ୍ଛୁକ ଥିବା କେହି ବ୍ୟକ୍ତି ସର୍ବେକ୍ଷଣ ହେଉଥିବା ସପ୍ତାହର ସାତ ଦିନ ମଧ୍ୟରୁ ପ୍ରତ୍ୟେକ ଦିନ ଅତି କମ୍‌ରେ ଘଣ୍ଟାଏର ବି ଆୟକାରୀ ରୋଜଗାର ପାଇ ନ ଥିଲେ ତାଙ୍କୁ 'ବେରୋଜଗାର' ଧରାଯିବ। ଦ୍ୱିତୀୟ ପଦ୍ଧତି ହେଲା, 'ସାପ୍ତାହିକ ସ୍ଥିତିର ବିଚାର'। ଏହି ପଦ୍ଧତିରେ ସପ୍ତାହର ସାତଦିନ ମଧ୍ୟରୁ କୌଣସି ଗୋଟିଏ ଦିନ ବି ଯଦି ସେପରି ବ୍ୟକ୍ତି ଘଣ୍ଟାଏର ଆୟକାରୀ ରୋଜଗାର ପାଇ ନ ଥିବେ, ତାଙ୍କୁ ବେରୋଜଗାର ବୋଲି ଧରାଯିବ। ତୃତୀୟ ପଦ୍ଧତିରେ 'ସାଧାରଣ ସ୍ଥିତିର ବିଚାର' ଆଧାରରେ ବେରୋଜଗାରର ଆକଳନ ହୁଏ। ଏହି ପଦ୍ଧତି ଅନୁସାରେ ବର୍ଷର ୩୬୫ ଦିନର ଅଧିକାଂଶ ସମୟରେ ବ୍ୟକ୍ତିକୁ ଆୟକାରୀ ରୋଜଗାର ମିଳି ନ ଥିଲେ ତାଙ୍କୁ ବେରୋଜଗାର ବୋଲି ଧରାଯିବ। ଆମ ଜାଣିବାରେ 'ପିରିଓଡିକ୍ ଲେବର ଫୋର୍ସ ସର୍ଭେ'ରେ ମଧ୍ୟ ଏହି ମାପଦଣ୍ଡ ଗ୍ରହଣ କରାଯାଇଛି। ଯଦି ମାପଦଣ୍ଡ ଏୟା, ତେବେ କୌଣସି ବି ବ୍ୟକ୍ତି ସରକାର ପରଷୁଥିବା ତଥ୍ୟ ଯେ ଦେଶରେ ମୋଟେ ୪.୮% ହିଁ ବେରୋଜଗାର ଅଛନ୍ତି ତାହାକୁ ଗ୍ରହଣ କରିବାରେ ନିଶ୍ଚୟ କୁଣ୍ଠା ପ୍ରକାଶ କରିବ।

ନେତାମାନେ ଗଳା ଫଟାଇ ଏତିକି କୋଟି, ସେତିକି କୋଟି ରୋଜଗାର ଦେବୁ ବୋଲି ସିନା ଚିତ୍କାର କରନ୍ତି, କିନ୍ତୁ ରୋଜଗାରକୁ ତାଙ୍କର ଟିକିଏ ବି ଭ୍ରୂକ୍ଷେପ ଥାଏ ବୋଲି ମନେ ହୁଏ ନାହିଁ। ପୂର୍ବରୁ ପ୍ରାୟ ଦୁଇବର୍ଷ ଅନ୍ତରାଳରେ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ରୋଜଗାର–ବେରୋଜଗାର ରିପୋର୍ଟ ଆସୁଥିଲା। ତାହା ବି ବିଶେଷ ବିଶ୍ୱାସ ଉଦ୍ରେକକାରୀ ପ୍ରକ୍ରିୟା ନଥିଲା। କିନ୍ତୁ ସେହି ପ୍ରକ୍ରିୟାକୁ ସରକାର ବନ୍ଦ କରିଦେଲେ। ଫଳତଃ, ୨୦୧୧ ମସିହାର ୬୮ତମ ସର୍ଭେ ପରଠାରୁ ଅନେକ ବର୍ଷଯାଏ ରୋଜଗାର ସମ୍ପର୍କିତ କିଛି ସର୍ଭେ ହେଲା ନାହିଁ। ପରେ ୨୦୧୭–୧୮ରୁ 'ପିରିଓଡିକ୍ ଲେବର ସର୍ଭେ' ଆରମ୍ଭ ହେଲା। ତେବେ ତିନିବର୍ଷର ସର୍ବେକ୍ଷଣ ପରେ ଏବେ ଦୁଇ ବର୍ଷ ହେଲାଣି 'ପିରିଓଡିକ୍ ଲେବର ଫୋର୍ସ' ସର୍ବେକ୍ଷଣକୁ କୋଭିଡ୍ ବାହାନାରେ ଶୀତଳ ଭଣ୍ଡାରରେ ଚାପି ଦିଆଯାଇଛି।

ବିକଶିତ ରାଷ୍ଟ୍ରଗୁଡ଼ିକରେ କିନ୍ତୁ ରୋଜଗାର–ବେରୋଜଗାର ସ୍ଥିତିକୁ ଅର୍ଥନୀତିର କେବଳ ଏକ ବଡ଼ ମାପକ ବୋଲି ବିଚାର କରାଯାଏ ନାହିଁ। ତାହାରି ଆଧାରରେ ବେରୋଜଗାରୀଙ୍କୁ ସେହି ସରକାର ଭତ୍ତା ଓ ଅନ୍ୟାନ୍ୟ ସାହାଯ୍ୟ ଦିଅନ୍ତି। ଯେହେତୁ ବେରୋଜଗାର ଥିବା ବ୍ୟକ୍ତିକୁ ସେହି ସରକାରମାନେ ଭତ୍ତା ଓ ସହାୟତା ଦେବାର ଉତ୍ତର ଦାୟିତ୍ୱ ରଖନ୍ତି, ତେଣୁ ରୋଜଗାର ଓ ବେରୋଜଗାରର ସଠିକ୍ ତଥ୍ୟ ରଖିବା ପାଇଁ ସଂଗଠିତ ପ୍ରୟାସ କରନ୍ତି। ଆମେରିକା ସରକାର ପ୍ରତି ମାସରେ ତାହାର ତଥ୍ୟ ଦିଅନ୍ତି। ତାହାକୁ ସେହି ଦେଶର ଅର୍ଥନୈତିକ ସ୍ଥିତି ଓ ପ୍ରଗତି ଏକ ବଡ଼ ମାପକ ଭାବରେ ସମସ୍ତେ ଦେଖନ୍ତି। ଷ୍ଟକ୍ ବଜାରକୁ ମଧ୍ୟ ରୋଜଗାର ତଥ୍ୟ ପ୍ରଭାବ ପକାଇଥାଏ। ବିକଶିତ ଦେଶ କଥା ଛାଡ଼ି ବିକାଶଶୀଳ ଦେଶ କଥା ଦେଖାଯାଉ। ଭାରତ ସଦସ୍ୟ ଥିବା BRICS ସମୂହର ଦେଶ ଚାଇନା, ବ୍ରାଜିଲ୍ ଓ ରୁଷ ପ୍ରତି ମାସ ରୋଜଗାର ବେରୋଜଗାର ତଥ୍ୟ ସଂଗ୍ରହ କରୁଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରତି ତିନିମାସରେ ଥରେ ଏହି ତଥ୍ୟ ସଂଗ୍ରହ କରିଥାଏ। ବିଶ୍ୱର ଦ୍ରୁତତମ ବିକାଶଶୀଳ ଦେଶ ବୋଲାଉଥିବା ଭାରତ ଏଥିରେ ସମସ୍ତଙ୍କଠାରୁ ପଛରେ। ଏବେ ବର୍ଷରେ ଥରେ ଯେଉଁ ତଥ୍ୟ ଆସୁଛି, ତାହାକୁ ବି ବିଶ୍ୱାସ କରି ହେଉ ନାହିଁ। ଦୁଇ ବର୍ଷ ହେଲାଣି ତାହା ବି ଆସୁନାହିଁ।

ଭାରତ ନିଜକୁ ବିଶ୍ୱର ଦ୍ରୁତତମ ବିକାଶଶୀଳ ରାଷ୍ଟ୍ର ବୋଲି ଦାବି କରୁଛି ଓ ଏହା ଏବେ ବିଶ୍ୱର ୬ଷ୍ଠ ବୃହତ୍ତମ ଅର୍ଥନୀତି। କିନ୍ତୁ ଦେଶରେ କେତେ ଲୋକଙ୍କ ରୋଜଗାର ଅଛି, କେତେ ବେରୋଜଗାର ତାହାର ବି ସଠିକ ତଥ୍ୟ ନାହିଁ। ବିଶ୍ୱର ସମସ୍ତ ବଡ଼ ଅର୍ଥନୀତିରେ ଭତ୍ତା ପ୍ରଦାନ କରିବା ଓ ସାମାଜିକ ସୁରକ୍ଷା ଦେବା ସରକାରଙ୍କ ଦାୟିତ୍ୱ ଓ ତାହା ପାଇବା ବେରୋଜଗାର ବ୍ୟକ୍ତିର ଅଧିକାର ବୋଲି ବିବେଚନା କରାଯାଏ। ଭାରତ କିନ୍ତୁ ବେକାରିର ଆକଳନ ବି ଠିକ୍‌ରେ କରିପାରୁ ନାହିଁ ବା କରିବାକୁ ଚାହୁଁନାହିଁ। ଏହି ସ୍ଥିତିରେ ତୁରନ୍ତ ପରିବର୍ତ୍ତନ ଲୋଡ଼ା। ସରକାର ବେକାରଙ୍କୁ ଚିହ୍ନଟ କରିବା ସହିତ ବେକାରିଙ୍କୁ ଭତ୍ତା ପ୍ରଦାନ କରିବା ତାଙ୍କର କର୍ତ୍ତବ୍ୟ ବୋଲି ଗ୍ରହଣ କରନ୍ତୁ। 'ପିରିଓଡିକ୍ ଲେବର ଫୋର୍ସ' ସର୍ବେକ୍ଷଣରେ ପ୍ରତି ତିନି ମାସରେ ସହରୀ ରୋଜଗାର–ବେରୋଜଗାର ସ୍ଥିତିର ଆକଳନ ହେବ ବୋଲି କୁହାଯାଇଥିଲା ଓ ବର୍ଷରେ ଅନ୍ୟୂନ ଥରେ ଦେଶର ସାମଗ୍ରିକ ସ୍ଥିତିର ଆକଳନ ହେବାର ଥିଲା। ଅନ୍ୟ ଦେଶ ଯେମିତି ପ୍ରତି ମାସ ରୋଜଗାର–ବେରୋଜଗାର ତଥ୍ୟ ସାଉଁଟାନ୍ତି ତାହା ପଛେ ନ ହେଉ, ଅନ୍ତତଃ 'ପିରିଓଡିକ୍ ଲେବର ଫୋର୍ସ' ସର୍ଭେ ନିୟମିତ ହେଉ ଓ ସେଥିରୁ ଆସୁଥିବା ତଥ୍ୟ ବିଶ୍ୱାସଯୋଗ୍ୟ ହେଉ।

# ଅଲୌକିକ ମେଟାଭର୍ସ



ଡ.ନରେନ୍ଦ୍ର ସେଠୀ

କିଛି ଦିନ ତଳେ ଫେସ୍‌ବୁକ ଯେପରି ତା'ର ଲୋକପ୍ରିୟ ନାମକୁ ପରିବର୍ତ୍ତନ କରି ମେଟା କରିଦେଲା, ତା'ର ଅସଲ କାରଣ ଅନେକ ଲୋକ ବୁଝି ପାରି ନ ଥିଲେ। ପ୍ରକୃତରେ ଏହା ନିକଟ ଭବିଷ୍ୟତରେ ଆସୁଥିବା ଏକ ନିଶ୍ଚିତ ବୈପ୍ଳବିକ ପରିବର୍ତ୍ତନ ପାଇଁ ଆଗରୁ ଅଣ୍ଟା ଭିଡ଼ି ପ୍ରସ୍ତୁତ ହେଇଯିବାର ପୂର୍ବ ପ୍ରସ୍ତୁତି ଥିଲା। ଏହି ବୈପ୍ଳବିକ ପରିବର୍ତ୍ତନ ଯାହା ଆମ ସମସ୍ତଙ୍କ ଜୀବନକୁ ବଦଳେଇବାକୁ ଯାଉଛି, ତାହା ହେଉଛି ମେଟାଭର୍ସ। ଅସୁମାରି ସମ୍ଭାବନା ନେଇ ଆସୁଥିବା ଏହି ଯାନ୍ତ୍ରିକ କଳ୍ପନାମୟ ଦୁନିଆରେ ଆମେ ସମସ୍ତେ ନିଜକୁ ହଜେଇ ଦେବାକୁ ଯାଉଛେ। ବିଜ୍ଞାନର ଏହି ଚମତ୍କାରିତାଠାରୁ କେହି ବର୍ତ୍ତିପାରିବେ ନାହିଁ। ବିଗତ କିଛି ଦଶନ୍ଧି ଇଣ୍ଟରନେଟ୍ ଦୁନିଆରେ ବୁଡ଼ି ରହିଲା ଓ ମଣିଷ ଜୀବନରେ ଏହାର ବ୍ୟାପକ ପରିବର୍ତ୍ତନ ଆଣିଥିଲା। ନିମିଷକେ ପୃଥିବୀର ଦୁଇ କୋଣରେ ଥିବା ମଣିଷ ପରସ୍ପରକୁ ଦେଖି କଥାବାର୍ତ୍ତା ହେଇପାରିଲେ। ଆମର ବ୍ୟାଙ୍କ ବଜାର ଇଣ୍ଟରନେଟ୍ ମାଧ୍ୟମରେ ହାତମୁଠାରେ ରହିଲା। ଏବେ ମଣିଷ ଆଉ ପାଦେ ଆଗକୁ ଯାଇ ଏକ ନୂତନ ଆଭାସୀ ଦୁନିଆରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଲାଣି। ଏହା ହେଉଛି ମେଟାଭର୍ସ। ଏହା ଏପରି ଏକ ଆଭାସୀ ଭର୍ଚୁଆଲ ଦୁନିଆ, ଯୋଉଠି ମଣିଷ ଏକ କାଳ୍ପନିକ ଦୁନିଆରେ ନିଜକୁ କ୍ଷିପ୍ର ଗତିରେ ନିୟୋଜିତ କରିବାକୁ ଯାଉଛି। ମେଟାଭର୍ସ ଦୁନିଆରେ ଆଭାସୀ ବାସ୍ତବିକତା ଦ୍ୱାରା କିଛି ନୂତନ ଧରଣର ଯନ୍ତ୍ର ପରିଧାନ କରି ଜଣେ ଲୋକ ଘର ଭିତରେ ଥାଇ ମଧ୍ୟ ଏକ ଭର୍ଚୁଆଲ ଦୁନିଆ ଭିତରେ ନିଜକୁ ପାଇବ ଓ ଅନେକ ଲୋକଙ୍କ ସହିତ ସମ୍ପର୍କ ସାଧନ କରିପାରିବ। ବାହାର ପରିବେଶର ଦୂଷିତ ବାୟୁ ଓ ଲମ୍ବା ଯାତ୍ରା କରି ଅଫିସ୍ ନ ଯାଇ ଜଣେ ଘରେ ବସି ତା'ର ଅଫିସ ସହ ଭର୍ଚୁଆଲ ଭାବରେ ପହଞ୍ଚିଯିବ ଓ କାମ କରି ଫେରିଆସିବ। ଜଣେ ଛାତ୍ର ନିପଟ ମଫସଲରେ ଥାଇ ମଧ୍ୟ ବିଶ୍ୱର ନାମକରା ବିଶ୍ୱବିଦ୍ୟାଳରେ ମନଇଚ୍ଛା ବିଷୟ ନେଇ ପଢ଼ିପାରିବ। କାମ ବା ପାଠପଢ଼ା ସାରିବା ପରେ ମନୋରଞ୍ଜନ ପାଇଁ ସିନେମା, ଖେଳ, ସାଙ୍ଗସାଥୀ ଇତ୍ୟାଦି ସବୁ କିଛି ଭର୍ଚୁଆଲ ଦୁନିଆରେ ମିଳିଯିବେ ଓ ଘରେ ବସି ସାରା ବିଶ୍ୱକୁ ହାତମୁଠାରେ କରି ହେବ।

ମେଟାଭର୍ସ ହେଉଛି ଏକ ୩ଡି ବା ତିନି ଆୟାମୀ କାଳ୍ପନିକ ଡିଜିଟାଲ ଦୁନିଆ। ଜଣେ ଲୋକ ଏଥିର ଏକ ନିଜସ୍ୱ ଅବତାର ବ୍ୟବହାର କରି ଅନେକ କିଛି କରିପାରିବ। ମେଟାଭର୍ସରେ ଆପଣ ଖେଳ ଖେଳିପାରିବେ, ଶପିଂ କରିପାରିବେ, ଭର୍ଚୁଆଲ କଫି ଦୋକାନରେ ସାଙ୍ଗମାନଙ୍କ ସହିତ ଖଟି କରିପାରିବେ, ଭର୍ଚୁଆଲ ଅଫିସରେ ଆପଣଙ୍କ ସହକର୍ମୀଙ୍କ ସହିତ କାମ କରିପାରିବେ ଓ ଆହୁରି ସବୁ କିଛି କରିପାରିବେ, ଯାହା ଆମେ ଅସଲ ଦୁନିଆରେ କରୁଛୁ। ଅନ୍ୟ ଅର୍ଥରେ ମେଟାଭର୍ସ ଦୁନିଆରେ ସୁଯୋଗ ଅପ୍ରମିତ ଓ ଅକଳ୍ପନୀୟ। ଗୋଟିଏ ଉଦାହରଣ ଭାବରେ ଆଭାସୀ ମୁଦ୍ରା ବା ଭର୍ଚୁଆଲ କରେନ୍ସିକୁ ନିଆଯାଉ। ବିଟ୍ କଏନ୍ ଭଳି ଷାଠିଏରୁ ଅଧିକ ଭର୍ଚୁଆଲ ମୁଦ୍ରା ବର୍ତ୍ତମାନ ପ୍ରଚଳିତ, ଯାହାର ବାସ୍ତବିକତା କିଛି ନାହିଁ। ଏହା କେବଳ ଭର୍ଚୁଆଲ ଦୁନିଆରେ ଉପଲବ୍ଧ। ଏହାର ଅର୍ଥ ହେଲା ମଣିଷ ନିଜ ଅଜାଣତରେ ମେଟାଭର୍ସ ଦୁନିଆରେ ପାଦ ରଖି ସାରିଲାଣି। ଆଉ କିଛି ଦିନ ପରେ ଭର୍ଚୁଆଲ ଦୁନିଆରେ ଆମେ ଇଚ୍ଛା ମୁତାବକ ଏକ ଫ୍ଲାଟ କିଣିପାରିବା, ଘର କିଣିବା ସହିତ ବାହାଘର ଓ ଜନ୍ମଦିନ ପାର୍ଟି ମଧ୍ୟ କରିପାରିବା। ଜଣେ କଳାକାର ଭର୍ଚୁଆଲ ଦୁନିଆରେ କଳା ପରିବେଷଣ କରି କ୍ରିପ୍ଟ କରେନ୍‌ସିଂରେ ତା'ର ପାରିଶ୍ରମିକ ନେଇଯିବ। ଏ ସବୁର ନେଣଦେଣ ହେବ ବ୍ଲକ୍ ଚେନ ନାମକ ଏକ ଖୁବ୍ ସୁରକ୍ଷିତ ଭର୍ଚୁଆଲ ଦୁନିଆରେ। ସେଠାରେ କ୍ରିପ୍ଟ କରେନ୍‌ସି ବଦଳରେ ଡିସେଣ୍ଟ୍ରାଲ ଲ୍ୟାଣ୍ଡ ନାମକ ଏକ ସହରରେ ୧୬ x ୧୬ ବର୍ଗ ଫୁଟର ଜମି କିଣିପାରିବେ ଓ ଏଠାରେ କିଣିଥିବା ଲୋକର ପୁଞ୍ଜି ସୁରକ୍ଷିତ ରହିବ। ଅନ୍ୟ ଅର୍ଥରେ ଏହା ଭିଡିଓ ଗେମ୍ ପରି ଏକ ଅଲୌକିକ ଦୁନିଆ ; ଯୋଉଠି ଘର, ସହର, ଜମି, ଶପିଂ ମଲ୍ ଓ ହୋଟେଲ ସବୁ ଥିବ ଏବଂ ଜଣେ ଲୋକ ନିଜର ଭର୍ଚୁଆଲ ଅବତାର ଓ କ୍ରିପ୍ଟ କରେନ୍‌ସି ବ୍ୟବହାର କରି ଅସଲ ଦୁନିଆ ପରି ଘରେ ବସି ସେସବୁର ମଜା ନେବ, କିଣିବ, ବିକିବ ଇତ୍ୟାଦି।

ଏଠାରେ କହିରଖିବା ଉଚିତ ହେବ ଯେ, ମେଟାଭର୍ସର ଏହିସବୁ ବିପୁଳ ସମ୍ଭାବନାର ଭବିଷ୍ୟତକୁ ଆଖି ଆଗରେ ରଖି ବିଶ୍ୱର ବୃହତ୍ତମ ସାମାଜିକ ଗଣମାଧ୍ୟମ ସଂସ୍ଥା ଫେସ୍‌ବୁକ ତା'ର ନାମ ପରିବର୍ତ୍ତନ କରି ମେଟା ରଖିସାରିଛି ଓ ଏ ଦିଗରେ ଦଶ ବିଲିୟନ ଡଲାରର ବିପୁଳ ପୁଞ୍ଜି ବିନିଯୋଗ କରିଛି। ୧୯୯୨ରେ ନିଲ ଷ୍ଟିଫେନ୍‌ସଙ୍କ ବହୁ ଚର୍ଚ୍ଚିତ କାଳ୍ପନିକ ବିଜ୍ଞାନ ଉପନ୍ୟାସ 'ସ୍ନୋ କ୍ରାସ୍'ରୁ ବୈଜ୍ଞାନିକମାନଙ୍କ ମନରେ ମେଟାଭର୍ସର ଧାରଣା ଉତ୍ପନ୍ନ ହୋଇଥିଲା। ସେ ତାଙ୍କ ଉପନ୍ୟାସରେ ଏକ ଅନ୍‌ଲାଇନ ଦୁନିଆକୁ କଳ୍ପନା କରିଥିଲେ, ଯେଉଁଠାରେ କାହାଣୀର ଚରିତ୍ରମାନେ ବାସ୍ତବ ଦୁନିଆରୁ ଡିଜିଟାଲ ଅବତାର ବ୍ୟବହାର କରି ପଳାୟନ କରି ପାରୁଥିଲେ। ସତକୁ ସତ ଏହାର କିଛି ଦଶନ୍ଧି ପରେ ବିଶ୍ୱର ବଡ଼ ବଡ଼ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ନିଜସ୍ୱ ମେଟାଭର୍ସର ସଂସ୍କରଣ ନିର୍ମାଣ କରିବା ଆରମ୍ଭ କଲେ। ମେଟାଭର୍ସର ଅଭିଜ୍ଞତାକୁ ଅଧିକ ବ୍ୟବହାର ଉପଯୋଗୀ କରିବାକୁ କମ୍ପାନୀଗୁଡ଼ିକ ବ୍ଲକ୍ ଚେନ୍, ବର୍ଦ୍ଧିତ ବାସ୍ତବତା (ଆର୍) ଏବଂ ଭର୍ଚୁଆଲ ରିଅଲିଟି, ତିନି ଅୟଆମୀ ପୁନଃ ନିର୍ମାଣ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଣ୍ଟରନେଟ୍ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି। ମେଟାଭର୍ସର ଅଲୌକିକ ଯାଦୁକରି ଦୁନିଆ ବର୍ତ୍ତମାନ ବିକାଶ ପର୍ଯ୍ୟାୟରେ ଥିବା ବେଳେ ଯେପରି ଭାବରେ ବିଶ୍ୱର ବଡ଼ ବଡ଼ କମ୍ପାନୀ ଫେସ୍‌ବୁକ, ମାଇକ୍ରୋସଫ୍ଟ, ଇନ୍‌ଭି ଇତ୍ୟାଦି ଏଥିପାଇଁ ବିପୁଳ ଅର୍ଥ ଲଗେଇଲେଣି ଏହା ଯେ ଦିନେ ଆମ ସମସ୍ତଙ୍କୁ ନିଜ କବଳରେ କରି ଆମର ଜୀବନ ବଦଳେଇଦେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ବିଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ ପରେ ରୋଜଗାରକୁ ପଛ କରି ଶିଶୁମାନଙ୍କୁ ସଶକ୍ତ କରୁଛନ୍ତି ଈଶା ଡୋଗ୍ରା। ସେ 'ଜୀବମ୍ ଫାଉଣ୍ଡେସନ' ଗଠନ କରି ତା'ମାଧ୍ୟମରେ ତାଙ୍କ ଗାଁରେ ୧୦୦ ପିଲାଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ଏଥିରେ ତାଙ୍କ ଭାଇ ଅଭିଜିତ୍ ସହଯୋଗ କରୁଛନ୍ତି। କରୋନା ମହାମାରୀ ସମୟରେ ସେପ୍ଟେମ୍ବର ୨୦୨୦ରେ ଈଶା ଏହି ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ। ତାଙ୍କ ଗାଁ ହରିୟାଣା ଶୀଷାର ଖେଓ୍ୱାଲିକୁ ଫେରିବା ପରେ ଏହି ଅନୁଷ୍ଠାନ ଆରମ୍ଭ କରିଥିଲେ। ଘର ପାଖ ପିଲାଙ୍କୁ ପ୍ରଥମେ ବଗିଚାରେ ପଢ଼ାଉଥିଲେ। ପିଲାସଂଖ୍ୟା ବଢ଼ିବାରୁ ସେମାନଙ୍କୁ ଗାଁର କମ୍ୟୁନିଟି ସେଣ୍ଟରରେ ପଢ଼ାଉଛନ୍ତି। ସ୍କୁଲ ପରେ ୪ଟାରୁ ୬.୩୦ ଯାଏ ପିଲାମାନେ ପଢୁଛନ୍ତି। ସ୍କୁଲ ପାଠ୍ୟକ୍ରମ ବାଦ୍ ଈଶା ଓ ଅଭିଜିତ୍ ସେମାନଙ୍କୁ କମ୍ପ୍ୟୁଟର ଓ ଅନ୍ୟ ବୈଷୟିକ ଶିକ୍ଷା ପ୍ରଦାନ କରୁଛନ୍ତି। ଈଶାଙ୍କ ବୟସ ୨୩। ସେ କାନାଡ଼ାର ଆଲବର୍ଟା ବିଶ୍ୱବିଦ୍ୟାଳୟରୁ ଫାଇନାନ୍ସରେ ଡିଗ୍ରୀ କରିବା ପରେ ଚାକିରି ନ କରି ଗାଁକୁ ଫେରିଛନ୍ତି। ପିଲାମାନଙ୍କୁ ଏବେକାର ଶିକ୍ଷାର ସ୍ରୋତରେ ସାମିଲ କରିବାକୁ ଇଚ୍ଛାକରି ସେ ଏବେ ତାହାକୁ ସାକାର କରିବାରେ ଲାଗିଛନ୍ତି। ୩ରୁ ୭ମ ଶ୍ରେଣୀ ଯାଏ ପିଲାମାନେ ଈଶା ଓ ତାଙ୍କ ଭାଇଙ୍କ ପାଖରୁ ଶିକ୍ଷା ଲାଭ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୯୭

- ଶ୍ରୀଲଙ୍କାରେ ଲାଗିରହିଥିବା ସାମ୍ପ୍ରଦାୟିକ ଦ୍ୱନ୍ଦ୍ୱର ଅବସାନ ଘଟାଇ ଶାନ୍ତି ଫେରାଇ ଆଣିବାର ଲକ୍ଷ୍ୟ ନେଇ ଶାସକ ଦଳ ପିପୁଲ୍ସ ଆଲିଏନ୍ସ ଏବଂ ବିରୋଧୀ ଦଳ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ।
- ବେଲୁଚିସ୍ତାନ ପ୍ରଦେଶର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଇମାନୁଲ୍ଲୀ ଖାଁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ରାଜ୍ୟରେ ୮୫୦୦ କୋଟି ଟଙ୍କା ବିନିଯୋଗରେ ଆଉ ଏକ ଆଲୁମିନା–ଆଲୁମିନିୟମ କାରଖାନା ବସାଇବା ପାଇଁ ଷ୍ଟେରଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ବୁଝାମଣାପତ୍ର ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଆଗକୁ ବଢୁ କଂଗ୍ରେସ

ମହାଶୟ,

ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ୮୦ ଲୋକ ସଭା ବିଶିଷ୍ଟ ଦେଶର ସର୍ବବୃହତ୍ ରାଜ୍ୟ ଉତ୍ତରପ୍ରଦେଶରେ ଦଳ ୨ ପ୍ରତିଶତ ଭୋଟ ପାଇବା, ପଞ୍ଜାବରେ ଦଳୀୟ ଅନ୍ତର୍କନ୍ଦଳ କାରଣରୁ ନିର୍ବାଚନରେ ମାଟି କାମୁଡ଼ିବା ଓ ଉତ୍ତରାଖଣ୍ଡରେ ପ୍ରତି ୫ ବର୍ଷରେ ସରକାର ବଦଳୁଥିବାର ନଜିର ରହିଥିଲେ ମଧ୍ୟ ଜନସାଧାରଣଙ୍କ ଆସ୍ଥାଭାଜନ ନ ହେବା, କଂଗ୍ରେସ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାସ୍‌କରି ଉତ୍ତରାଖଣ୍ଡରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ପ୍ରୋଜେକ୍ଟ ନ କରି ନିର୍ବାଚନ ସମୟରେ ତାଙ୍କୁ ପଞ୍ଜାବର ପ୍ରଭାରୀ କରିବା କଂଗ୍ରେସ ନେତୃତ୍ୱର ପାରଦର୍ଶିତାର ଅଭାବକୁ ଦର୍ଶାଉଛି। ପରିସ୍ଥିତି ଏମିତି ଯେ କଂଗ୍ରେସକୁ ଅତି ସହଜରେ ପରାସ୍ତ କରିବାକୁ ଶାସକ ଭାଜପା ଯେ ସମର୍ଥ, ଏଭଳି ଏକ ଧାରଣା ସୃଷ୍ଟି ହୋଇଛି। କଂଗ୍ରେସ ମଧ୍ୟରେ ସଚିନ ପାଇଲଟ, ଭୂପେଶ ବଘେଲ, ମନୀଷ ତିୱାରୀ, ମିଲିନ୍ଦ ଦେଓରାଙ୍କ ଭଳି ଅନେକ ଯୁବ ଓ ସକ୍ଷମ ନେତା ଥିବା ବେଳେ କଂଗ୍ରେସ କେବଳ ଗାନ୍ଧୀ ପରିବାରକୁ ଦଳର ନେତୃତ୍ୱ ଦେବା ଦୁର୍ଭାଗ୍ୟଜନକ। ଦଳ ପକ୍ଷରୁ ଗତ ୨୪ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ପରିବାରର ବ୍ୟକ୍ତିମାନଙ୍କୁ ହିଁ ଅଧ୍ୟକ୍ଷ ପଦରେ ଅଧିଷ୍ଠିତ କରାଇବା, ଭାରତବର୍ଷର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ହ୍ରାସ କରୁଛି। ଏବେ ସମୟ ଆସିଛି, କଂଗ୍ରେସ ଦଳକୁ ଗାନ୍ଧୀ ପରିବାରଠାରୁ ଆଗକୁ ବଢ଼ି ଦେଶର ଏକ ସକ୍ରିୟ ବିରୋଧୀ ଦଳ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ହାସଲ କରିବା।

–ଋତୁରାଜ ପ୍ରଧାନ, ତମାଣ୍ଡୋ, ଭୁବନେଶ୍ୱର

### ସ୍ୱତନ୍ତ୍ର ମହିଳା ବସ୍ ଚାଲୁ

କଟକ–ଭୁବନେଶ୍ୱର ଦ୍ୱୈତନଗରୀରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ମହିଳା ବସ୍ ପୁନଃ ଚଳାଚଳ କରୁ। କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ସରକାର ବନ୍ଦ କରିଥିଲେ। ବର୍ତ୍ତମାନ ସ୍ୱାଭାବିକ ସ୍ଥିତି ଦୃଷ୍ଟିରୁ ଠିକ୍ ସମୟରେ ଏବଂ ସୁରକ୍ଷିତ ଭାବେ ମହିଳାମାନଙ୍କୁ ଯାତାୟାତରେ ସହାୟକ ହୋଇପାରିବ। ସ୍ଥଳ ବିଶେଷରେ ଅସହାୟତା କଦାପି ରେଖାପାତ କରିବ ନାହିଁ। ସମୟ ନିର୍ଦ୍ଧିଷ୍ଟ କରି ଗାଡ଼ି ଚଳାଇବା ବ୍ୟବସ୍ଥା ହେଉ। ଯାତାୟାତରେ ସ୍ୱଚ୍ଛତା ଓ ସହଜଲବ୍ଧ ହୋଇପାରିବ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତାପ୍ର ଜାଳ ନ ପାରେ ସହି
ପରଶି ମନ ଅନ୍ତର
କରୁଣ ତବ କରୁଣା ତହିଁ
ଅରୁଣ ବାରେ ସଞ୍ଚର।
-(ପଡ଼ସ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର**

ଦିଲ୍ଲୀରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ତାଙ୍କ ପଡୋଶୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ୨୪ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ମହେନ୍ଦ୍ର ପାର୍କ ଅଞ୍ଚଳରେ ୧୬ ବର୍ଷୀୟାଙ୍କୁ ଶନିବାର ଅଭିଯୁକ୍ତ ବଳାତ୍କାର କରିଥିଲେ। ପୋଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇବା ସହ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୭୬ ଓ ପୋକ୍ସୋ ଆଇନରେ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### କାଲିଫର୍ନିଆରେ ଗୁଳିକାଣ୍ଡ: ୬ ମୃତ

**ସାକ୍ରାମେଣ୍ଟୋ,୩।୪ :** କାଲିଫର୍ନିଆର ସାକ୍ରାମେଣ୍ଟୋ ସହରରେ ରବିବାର ସକାଳେ ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଗୁଳିମାଡ଼ ଶବ୍ଦ ଶୁଭୁଥିବାବେଳେ ଭୟଭୀତ ଲୋକେ ରାସ୍ତାରେ ଧାଉଁଥିବାରୁ ଭିଡିଓ ଟୁଇଟରରେ ପୋଷ୍ଟ କରାଯାଇଛି। ଉକ୍ତ ଅଞ୍ଚଳକୁ ନ ଯିବାକୁ ପୋଲିସ ଜନସାଧାରଣଙ୍କୁ ପରାମର୍ଶ ଦେଇଛି। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଗୁଳିକାଣ୍ଡ ପରେ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଣେ ନାବାଳିକାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ 'ମୋ ଭଉଣୀକୁ ସେମାନେ ମାରିଦେଲେ' ବୋଲି ଅନ୍ୟ ଜଣେ କହୁଥିବା ଦେଖିଥିଲେ। ସେହିପରି ଜଣେ ମାଆ ତାଙ୍କ ପୁଅକୁ ଖୋଜୁଥିବା ଦେଖାଯାଇଥିଲା।

### ଆଜିଠୁ ଆନ୍ଧ୍ରରେ ୧୩ ନୂଆ ଜିଲା

**ହାଇଦ୍ରାବାଦ,୩।୪:** ଆନ୍ଧ୍ରପ୍ରଦେଶରେ ସୋମବାର ୧୩ଟି ନୂଆ ଜିଲା ଗଠନ ହେବାକୁ ଯାଉଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଜିଲା ସଂଖ୍ୟା ୨୬ ହେବ। ଏହା ଏକ ସ୍ମରଣୀୟ ଦିନ ହେବ ବୋଲି ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ କହିଛନ୍ତି। ନୂଆ ଜିଲା ଗଠନ ପ୍ରକ୍ରିୟା ଶେଷ ହୋଇଛି ଓ ସୋମବାର ମୁଖ୍ୟମନ୍ତ୍ରୀ ସେଗୁଡ଼ିକୁ ଉଦ୍‌ଘାଟନ କରିବେ। ଏଥିସହିତ ସେ ଜିଲା ପୋର୍ଟାଲ ଓ ହ୍ୟାଣ୍ଡବୁକ୍ ଶୁଭାରମ୍ଭ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅକ୍ଲାନ୍ତ ପରିଶ୍ରମ କରି ଜିଲା ଗଠନ ଯୋଜନାକୁ ସଫଳ କରାଇଥିବା ସ୍ୱେଚ୍ଛାସେବୀମାନଙ୍କୁ ମୁଖ୍ୟମନ୍ତ୍ରୀ ୬ ତାରିଖରେ ସମ୍ବର୍ଦ୍ଧିତ କରିବେ। ଆସନ୍ତା ୭ ତାରିଖରେ ମନ୍ତ୍ରୀ ପରିଷଦ ବୈଠକ ବସି ରାଜ୍ୟ ଚଳାଇବା ପାଇଁ ନୂଆ ଟିମ୍ ଗଠନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି।

### ସଡ଼କ ଦୁର୍ଘଟଣାରେ ବିଚାରପତିଙ୍କ ମୃତ୍ୟୁ

**ଭୋପାଳ,୩।୪ (ଆଇଏଏନ୍‌ଏସ୍):** ମଧ୍ୟପ୍ରଦେଶର ଏକ ଜିଲା ଅଦାଲତର ବିଚାରପତି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ତାଙ୍କର ଜଣେ ସହକର୍ମୀ ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଛତ୍ରପୁର ଜିଲା ସଦରମହକୁମା ନିକଟରେ ଏହି ଦୁର୍ଘଟଣା ଘଟିଛି। ଡ୍ରାଇଭର ନିୟନ୍ତ୍ରଣ ହରାଇବା ଦୁର୍ଘଟଣାର କାରଣ ବୋଲି ପୋଲିସ କହିଛି। ଶନିବାର ସାଗର-କାନପୁର ରାଜପଥ ରାସ୍ତା ପାର୍ଶ୍ୱରେ ରଖାଯାଇଥିବା ଟ୍ରାକ୍ଟର ଟ୍ରଲିକୁ ଦ୍ରୁତଗାମୀ କାର୍ ଧକ୍କା ଦେଇଥିଲା। ମୃତ ଋଷି ତିୱାରୀ ଛତ୍ରପୁର ଜିଲା କୋର୍ଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଥିଲେ। ଗୁରୁତର ଆହତ ଆଶିଷ ମାଥୋରିଆ ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୋଇଥିବାବେଳେ ତାଙ୍କ ସହ ଶାଳକ ରାମ ଦିନକର ଥିଲେ। ଉଭୟଙ୍କୁ ଗ୍ୱାଲିୟର ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରକାରୀ କାର୍ଯ୍ୟରେ ସେମାନେ ଛତ୍ରପୁର ଜିଲା ସଦର ମହକୁମାକୁ ଯାଉଥିଲେ।

### ଟିକାକରଣରେ ସାମିଲ ହେବ କୋଭୋଭାକ୍ସ

**ବିଶେଷଜ୍ଞ କମିଟିର ସୁପାରିସ**

**ନୂଆଦିଲ୍ଲୀ,୩।୪(ପି.ଟି.):** ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭୋଭାକ୍ସକୁ ୧୨ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ପିଲାଙ୍କ ନିମନ୍ତେ ଜାତୀୟ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ କୋଭିଡ୍-୧୯ କାର୍ଯ୍ୟକାରୀ ଗ୍ରୁପ୍ ସୁପାରିସ କରିଛି। ଗତବର୍ଷ ଡିସେମ୍ବର ୨୮ରେ ଏହି ଟିକାକୁ ଜରୁରୀ ବ୍ୟବହାର ଲାଗି ଭାରତୀୟ ଔଷଧ ନିୟନ୍ତ୍ରକ (ଡିସିଜିଆଇ) ମଞ୍ଜୁରୀ ପ୍ରଦାନ କରିଥିଲା। ମାର୍ଚ୍ଚ ୧୯ରେ ଏହାକୁ କେତେକ ସର୍ତ୍ତରେ ୧୨ରୁ ୧୭ ବର୍ଷ ବୟସ ବର୍ଗର ପିଲାଙ୍କ ପାଇଁ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଥିଲା। ଏବେ ଉକ୍ତ ଟିକାକୁ ୧୨ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କ ପାଇଁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରିବା ନିମନ୍ତେ ନ୍ୟାଶନାଲ ଟେକ୍‌ନିକାଲ ଆଡଭାଇଜରି ଗ୍ରୁପ୍ ଅଫ୍ ଇମ୍ୟୁନାଇଜେଶନ (ଏନ୍‌ଟିଏଜିଆଇ)ର ଷ୍ଟାଣ୍ଡିଂ ଟେକ୍‌ନିକାଲ ସବ୍‌କମିଟିକୁ ସୁପାରିସ କରାଯାଇଛି। କୋଭୋଭାକ୍ସକୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ଲାଗି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ପ୍ରକାଶ କୁମାର ସିଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ପତ୍ର ଲେଖିଥିଲେ। ଗତ ଶୁକ୍ରବାର ଏନ୍‌ଟିଏଜିଆଇ କୋଭିଡ୍ ୱାର୍କିଂ ଗ୍ରୁପ୍ ବୈଠକ ବସି କୋଭୋଭାକ୍ସ ତଥ୍ୟର ସମୀକ୍ଷା କରାଯାଇଥିଲା।



ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିକୁ ଅନାସ୍ଥା ପ୍ରସ୍ତାବ ପୂର୍ବରୁ ଭୋଟ ଦେବାକୁ ଯାଉଛନ୍ତି ବିରୋଧୀ ଏମ୍‌ପି।

# ଚୌକି ତଳେ ଭୂକମ୍ପ

**ଇସ୍‌ଲାମାବାଦ,୩।୪**

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଉପବାଚସ୍ପତି କାସିମ ଶାହ ସୁରି ରବିବାର ବିରୋଧୀଙ୍କ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ସମ୍ବିଧାନ ଅନୁଚ୍ଛେଦ ୫ର ଉଲ୍ଲଂଘନ କହି ଖାରଜ କରିଛନ୍ତି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅନାସ୍ଥା ପ୍ରସ୍ତାବକୁ କେବଳ ଏଡ଼ାଇବାରେ ସଫଳ ହୋଇଛନ୍ତି ତାହା ନୁହେଁ, ବରଂ ବିରୋଧୀଙ୍କ ଏହି ଉଦ୍ୟମକୁ ବିଦେଶୀ ଷଡ଼ଯନ୍ତ୍ରର ରୂପ ଦେବାରେ ସକ୍ଷମ ହୋଇଛନ୍ତି। ଫଳରେ ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ବିରୋଧୀ ଚଳାଇଥିବା ଉଦ୍ୟମ ସାମୟିକ ଭାବେ ବିଫଳ ହୋଇଛି। ତେବେ ଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଅସ୍ଥିରତା ଦୂର ହୋଇନାହିଁ। ବିରୋଧୀ ମେଣ୍ଟର ହୁଙ୍କାରରେ ସୃଷ୍ଟି ହୋଇଥିବା ଶକ୍ତିଶାଳୀ ଭୂକମ୍ପର ଝଟ୍‌କା ଇମ୍ରାନ୍‌ଙ୍କଠାରୁ ପ୍ରଧାନମନ୍ତ୍ରୀ ଚୌକିକୁ ଛଡ଼ାଇନେବା ଅସମ୍ଭବ ନୁହେଁ ବୋଲି ପାକିସ୍ତାନୀ ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ଦୃଷ୍ଟିରେ ରଖି ରାଜଧାନୀ ଇସ୍‌ଲାମାବାଦରେ ୧୪୪ ଧାରା ଜାରି କରାଯାଇଥିଲା, ଯାହାକି ବଳବତ୍ତର ରଖାଯାଇଛି। ରାସ୍ତାଗୁଡ଼ିକୁ ବନ୍ଦ କରିବା ପାଇଁ ଶିପିଂ କଣ୍ଟେନରରେ ବାରିକେଡ୍ ତିଆରି କରାଯାଇଛି। ପାର୍ଲାମେଣ୍ଟ ବାହାରେ ଉଭୟ ଶାସକ ପାକିସ୍ତାନ-ତେହରିକ୍-ଇ-ଇନ୍‌ସାଫ୍ ପାର୍ଟି (ପିଟିଆଇ) ସମର୍ଥକ ଓ ବିରୋଧୀ ମେଣ୍ଟ ପକ୍ଷରୁ ବିକ୍ଷୋଭ କରାଯାଇଛି। ବିରୋଧୀ ଦଳ ନେତା ଶେହବାଜ୍ ଶରିଫ୍ ଅନାସ୍ଥା ଭୋଟ ରୋକିବାକୁ ଦେଶଦ୍ରୋହ ଆଖ୍ୟା ଦେଇଛନ୍ତି। ସମ୍ବିଧାନର ଖୋଲା ଉଲ୍ଲଂଘନର ପରିଣାମ ଭଲ ହେବ ନାହିଁ ବୋଲି ପିଏମ୍‌ଏଲ୍-ଏନ୍ ଅଧ୍ୟକ୍ଷ ଶେହବାଜ୍ ଟୁଇଟ୍ କରିଛନ୍ତି। ସୁପ୍ରିମକୋର୍ଟ ସମ୍ବିଧାନ ଅନୁସାରେ କାର୍ଯ୍ୟ କରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ପାର୍ଲାମେଣ୍ଟ ବାହାରେ ଧାରଣାରେ ବସିଥିବା ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ମୁଖ୍ୟ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରି କହିଛନ୍ତି, ଆମେ ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛୁ। ଲଢ଼େଇ ଜାରି ରଖିବୁ। ସେହିପରି ଇମ୍ରାନ୍ ସର୍ବାଧିକ ୧୫ ଦିନ କ୍ଷମତାରେ ରହିପାରିବେ ବୋଲି ପୂର୍ବତନ ଗୃହମନ୍ତ୍ରୀ ଶେଖ ରଶିଦ ମତ ଦେଇଛନ୍ତି। ଇମ୍ରାନ୍‌ଙ୍କ ବିପକ୍ଷରେ ଅର୍ଥନୀତି ସଜାଡ଼ିବାରେ ଅକ୍ଷମତା ଓ ଦୁର୍ନୀତି ଉପରେ ନିୟନ୍ତ୍ରଣ ନ ଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ଏହାର ଜବାବରେ ଇମ୍ରାନ୍ କହିଛନ୍ତି, କିଛି ପ୍ରମାଣ ନ ଦେଖାଇ ତାଙ୍କୁ ଗାଦିଚ୍ୟୁତ କରିବା ଲାଗି ଆମେରିକା ପକ୍ଷରୁ ରଚାଯାଇଥିବା ଷଡ଼ଯନ୍ତ୍ରରେ ବିରୋଧୀ ସାମିଲ ଅଛନ୍ତି। ସେନାର ଲୋକସମ୍ପର୍କ ବିଭାଗ ମୁଖ୍ୟ ମେଜର ଜେନେରାଲ ବାବର ଇଫ୍‌ତିକାରଙ୍କ ମତରେ ଏହା ଏକ ରାଜନୈତିକ ପ୍ରକ୍ରିୟା ହୋଇଥିବାରୁ ଏଥିରେ ସେନାର କିଛି କରିବାର ନାହିଁ। ଇତିମଧ୍ୟରେ ସୁପ୍ରିମକୋର୍ଟ ସରକାରୀ ସଂସ୍ଥାଗୁଡ଼ିକ ଉପରେ କୌଣସି ପ୍ରକାର ଅସାମ୍ବିଧାନିକ ପଦକ୍ଷେପ ନ ନେବାକୁ କଟକଣା ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ସୋମବାର ଉଭୟ ଶାସକ ଓ ବିରୋଧୀଙ୍କ ଆବେଦନ ଉପରେ ଶୁଣାଣି କରି ରାୟ ଦେଇପାରନ୍ତି। ତେଣୁ ସୁପ୍ରିମକୋର୍ଟ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

**ସୁପ୍ରିମକୋର୍ଟ ଉପରେ ନଜର**



ଇମ୍ରାନ୍ ଖାନ୍

## ପାକିସ୍ତାନ ସଙ୍କଟ ଘଟଣାକ୍ରମ

**୧୯୯୬:** କ୍ରିକେଟର ଇମ୍ରାନ୍ ଖାନ୍ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ନାମରେ ଏକ ରାଜନୈତିକ ଦଳ ଗଠନ କଲେ, ଯାହାର ତାତ୍ପର୍ଯ୍ୟ ହେଉଛି ନ୍ୟାୟ ପାଇଁ ଆନ୍ଦୋଳନ।

**୨୦୦୨:** ଇମ୍ରାନ୍ ନ୍ୟାଶନାଲ ଅସେମ୍ବ୍ଲିକୁ ପ୍ରଥମ ଥର ପାଇଁ ନିର୍ବାଚିତ ହେଲେ।

୨୦୧୩: ନ୍ୟାଶନାଲ ଆସେମ୍ବ୍ଲିକୁ ଇମ୍ରାନ୍ ପୁନଃ ନିର୍ବାଚିତ।

**୨୦୧୮:** ସାଧାରଣ ନିର୍ବାଚନରେ ପିଟିଆଇକୁ ସଫଳତା ମିଳିବାରୁ ଇମ୍ରାନ୍ ପ୍ରଧାନମନ୍ତ୍ରୀ ହେଲେ।

**୨୦୨୧ ମାର୍ଚ୍ଚ ୩:** ବିରୋଧୀ ଦଳ ନେତା ଓ ପୂର୍ବତନ ପ୍ରଧାନମନ୍ତ୍ରୀ ୟୁସୁଫ ରଜା ଗିଲାନି ପାକିସ୍ତାନ ଅର୍ଥମନ୍ତ୍ରୀ ଅବ୍‌ଦୁଲ୍ ହାଫିଜ୍ ଶେଖ୍‌ଙ୍କୁ ସିନେଟ୍ ନିର୍ବାଚନରେ ହରାଇଲେ।

**୨୦୨୧ ମାର୍ଚ୍ଚ ୬:** ଅର୍ଥମନ୍ତ୍ରୀଙ୍କ ପରାଜୟକୁ ନେଇ ନ୍ୟାଶନାଲ ଆସେମ୍ବ୍ଲିରେ ଆଗତ ଅନାସ୍ଥା ଭୋଟରେ ଇମ୍ରାନ୍ ଜିତିଲେ।

**୨୦୨୨ ମାର୍ଚ୍ଚ ୮:** ପାକିସ୍ତାନରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଉପରେ ସରକାରଙ୍କ ନିୟନ୍ତ୍ରଣ ନ ଥିବା ଦର୍ଶାଇ ବିରୋଧୀ ଦଳ ନେତାମାନେ ପ୍ରଧାନମନ୍ତ୍ରୀ ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ।

**ମାର୍ଚ୍ଚ ୧୯:** ପିଟିଆଇର ବିଦ୍ରୋହୀ ଏମ୍‌ପିମାନଙ୍କୁ ଇମ୍ରାନ୍‌ଙ୍କ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଗଲା।

**ମାର୍ଚ୍ଚ ୨୦:** ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ଲାଗି ମାର୍ଚ୍ଚ ୨୫ରେ ନ୍ୟାଶନାଲ ଆସେମ୍ବ୍ଲିର ଅଧିବେଶନ ପାଇଁ ବାଚସ୍ପତିଙ୍କ ସମନ।

**ମାର୍ଚ୍ଚ ୨୩:** ୩ ସହଯୋଗୀ ସରକାର ବିରୋଧରେ ଭୋଟ ଦେବା ନେଇ ସଙ୍କେତ ଦେବା ପରେ ଇମ୍ରାନ୍ ଇସ୍ତଫା ଦେବାକୁ ମନାକଲେ।

**ମାର୍ଚ୍ଚ ୨୫:** ବିନା ଅନାସ୍ଥା ପ୍ରସ୍ତାବରେ ନ୍ୟାଶନାଲ ଆସେମ୍ବ୍ଲି ଅଧିବେଶନ ସ୍ଥଗିତ କରାଗଲା।

**ମାର୍ଚ୍ଚ ୨୭:** ଇମ୍ରାନ୍ ଏକ ବିଶାଳ ରାଲିକୁ ସମ୍ବୋଧନ କରି ତାଙ୍କ ସରକାର ହଟାଇବା ପାଇଁ ବିରୋଧୀ ଶକ୍ତିଙ୍କ ଷଡ଼ଯନ୍ତ୍ର ଥିବା ଅଭିଯୋଗ ଆଣିଲେ।

**ମାର୍ଚ୍ଚ ୨୮:** ପିଏମ୍‌ଏଲ୍-ଏନ୍ ଅଧ୍ୟକ୍ଷ ଶେହବାଜ ଶରିଫ୍ ପାର୍ଲାମେଣ୍ଟରେ ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ।

**ମାର୍ଚ୍ଚ ୩୦:** ଅନାସ୍ଥା ଭୋଟ ପୂର୍ବରୁ ସହଯୋଗୀମାନେ ହାତ ଛାଡ଼ିଦେବା ପରେ ଇମ୍ରାନ୍ ସରକାର ସଂଖ୍ୟାଲଘୁରେ ପରିଣତ ହେଲେ।

**ମାର୍ଚ୍ଚ ୩୧:** ପୁନର୍ବାର ଅନାସ୍ଥା ଉପରେ ବିତର୍କ ପାଇଁ ପାର୍ଲାମେଣ୍ଟ ଅଧିବେଶନ ଡକାଗଲା।

**ଏପ୍ରିଲ ୧:** ଇମ୍ରାନ୍ ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା ବ୍ୟକ୍ତ କଲେ। କହିଲେ, ସେ ଭୟଭୀତ ନୁହନ୍ତି। ଶେଷ ପର୍ଯ୍ୟନ୍ତ ଏକ ସ୍ୱାଧୀନ ଓ ଗଣତାନ୍ତ୍ରିକ ପାକିସ୍ତାନ ପାଇଁ ଲଢ଼େଇ ଜାରି ରଖିବେ।

**ଏପ୍ରିଲ ୩:** ଉପବାଚସ୍ପତି କାସିମ୍ ସୁରି ଅନାସ୍ଥା ପ୍ରସ୍ତାବକୁ ଖାରଜ କଲେ। ଇମ୍ରାନ୍‌ଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି ନ୍ୟାଶନାଲ ଆସେମ୍ବ୍ଲିକୁ ଭଙ୍ଗ କଲେ।



ନ୍ୟାଶନାଲ ଆସେମ୍ବ୍ଲି ବାହାରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଫଟୋ ଥିବା ଏକ ବିଲ୍‌ବୋର୍ଡକୁ ବିରୋଧୀ ଭାଙ୍ଗିଦେଇଛନ୍ତି।

## ଆକାଶରୁ ଖସିଲା ଧାତବ ବସ୍ତୁ

**ମୁମ୍ବାଇ,୩।୪**

ମହାରାଷ୍ଟ୍ର ଚନ୍ଦ୍ରପୁର ତହସିଲର ସିନ୍ଦେୱାହିର ଏକ ଖୋଲା ପଡ଼ିଆରେ ଗୋଲାକାର ମେଟାଲ ଅବ୍‌ଜେକ୍ଟ ଦେଖିବାକୁ ମିଳିଛି। ଶନିବାର ରାତିରେ ସ୍ଥାନୀୟ ଲୋକେ ଆକାଶରେ ଦୀର୍ଘକାୟ ବସ୍ତୁ ଜଳୁଥିବାର ଦେଖିଥିଲେ। ଏହାର କିଛି ସମୟ ପରେ ଏକ ଉତ୍ତପ୍ତ ମେଟାଲ ରିଙ୍ଗ୍ ଆକାଶରୁ ତଳକୁ ଖସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଶନିବାର ବିଳମ୍ବିତ ରାତିରେ ୩ ମିଟର ଗୋଲାକାର ବିଶିଷ୍ଟ ଉତ୍ତପ୍ତ ଅଜ୍ଞାତ ଧାତବ ବସ୍ତୁ ଆକାଶରୁ ଖସିଥିବାବେଳେ ଏଭଳି କୌଣସି ବସ୍ତୁ ପୂର୍ବରୁ ଏଠାରେ ନ ଥିବା ଲୋକେ ଦାବି କହିଛନ୍ତି। ମୁମ୍ବାଇ ଡିଜାଷ୍ଟର ମ୍ୟାନେଜମେଣ୍ଟ ରୁମ୍‌ରୁ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜିଲାପାଳ ଅଜୟ ଗୁଲହାନେ କହିଛନ୍ତି। ନ୍ୟୁଜିଲାଣ୍ଡସ୍ଥିତ ମାହିଆ ପେନସୁଲାରୁ ରକେଟ୍ ଲାବ୍ ଇଲେକ୍ଟ୍ରୋନିକ ଲଞ୍ଚରୁ ଶନିବାର ଦୁଇଟି ସାଟେଲାଇଟ୍ ଲଞ୍ଚ କରାଯାଇଥିବାବେଳେ ମିଳିଥିବା ଅବଶେଷ ରକେଟ୍‌ଲଞ୍ଚରର ହୋଇଥିବା ଆଶଙ୍କା କରାଯାଉଛି। ଅନ୍ୟପଟେ ଚାଇନା ତା'ର 'ଚାଙ୍ଗ୍ ଜେଙ୍ଗ୍ ୩ବି' ୱାଇ୭୭ ଲଞ୍ଚ କରିଥିବାବେଳେ ଉକ୍ତ ଗୋଲାକାର ବସ୍ତୁ ଚାଇନା ରକେଟର ହୋଇଥିବା ଅଷ୍ଟ୍ରୋନମର ଜୋନାଥାନ ଏମ୍‌ସିଡୋୱେଲ୍ ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି।



**ରକେଟ ଅବଶେଷ ଆଶଙ୍କା**

## ଶ୍ରୀଲଙ୍କାରେ କର୍ଫ୍ୟୁ ଉଲ୍ଲଂଘନ: ୬୬୪ ଗିରଫ

**କଲମ୍ବୋ,୩।୪**

ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ଉତ୍କଟ ହୋଇଥିବାବେଳେ ସରକାର ବିରୋଧୀ ଆନ୍ଦୋଳନ ଏଡ଼ାଇବା ପାଇଁ ସେଠାରେ ୩୬ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଥିଲା। ରବିବାର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଉଲ୍ଲଂଘନ କରି ଆନ୍ଦୋଳନରେ ସାମିଲ ହେବାକୁ ଉଦ୍ୟମ କରିଥିବା ୬୬୪ ଜଣଙ୍କୁ ଗିରଫ କରାଯାଇଛି। ସାଜିଥ ପ୍ରେମଦାସାଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ କର୍ଫ୍ୟୁ ଉଲ୍ଲଂଘନ କରି କଲମ୍ବୋର ଇଣ୍ଡିପେଣ୍ଡେନ୍ସ ସ୍କୋୟାର ଅଭିମୁଖେ ଏକ ଶୋଭାଯାତ୍ରାରେ ଯାଇଥିଲେ। ସରକାର ଜନସୁରକ୍ଷା ଅଧ୍ୟାଦେଶ ବଳରେ ଜନସାଧାରଣଙ୍କ ପ୍ରତିବାଦ ଅଧିକାରକୁ ଛଡ଼ାଇ ନେଇଛନ୍ତି। ଆମେ ଏହାର ପ୍ରତିବାଦ କରୁଛୁ ବୋଲି ପ୍ରେମଦାସା କହିଛନ୍ତି। ଦେଶର ଆର୍ଥିକ ସଙ୍କଟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଯୋଗୁ ଲୋକେ ସମ୍ମୁଖୀନ ହେଉଥିବା ଦୁର୍ଦ୍ଦଶା ପ୍ରତିବାଦରେ ସୋସିଆଲ ମିଡିଆ କର୍ମୀଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ସେହିପରି କାଣ୍ଡିରେ ଶତାଧିକ ଛାତ୍ର କର୍ଫ୍ୟୁକୁ ଅବମାନନା କରି ଆର୍ଥିକ ସଙ୍କଟ ପ୍ରତିବାଦରେ ପେରାଡେନିୟା ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା। ଦେଶର ଆର୍ଥିକ ସ୍ଥିତି ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜାପାକ୍‌ସେଙ୍କୁ ଦାୟୀ କରି ତାଙ୍କ ବିରୋଧରେ ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆରେ ପ୍ରତିବାଦ କରାଯାଉଥିବାରୁ ସରକାର ଶନିବାର ସେଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଥିଲେ। ୧୫ ଘଣ୍ଟା ପରେ ରବିବାର ଏହି କଟକଣାକୁ ହଟାଇ ଦିଆଯାଇଛି ଓ ସୋସିଆଲ ମିଡିଆ ପୁନଃ କାର୍ଯ୍ୟକ୍ଷମ ହୋଇଛି। ରାଜଧାନୀ କଲମ୍ବୋରେ ସରକାର ବିରୋଧୀ ସମାବେଶକୁ ରୋକିବା ଲାଗି ଏଭଳି କଟକଣା ଲାଗୁ ହୋଇଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।




କଲମ୍ବୋରେ କର୍ଫ୍ୟୁବେଳେ ଏକ ଦମ୍ପତି ନବଜାତ ଶିଶୁ ସହ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

**ସୋସିଆଲ ମିଡିଆ ଉପରୁ କଟକଣା ହଟିଲା**

## ବୁଚା ରାସ୍ତାରେ ମାଳମାଳ ମୃତଦେହ

**■ଉଦ୍ଦେଶ୍ୟମୂଳକ ଗଣହତ୍ୟା କହିଲା ୟୁକ୍ରେନ୍**

**■ୟୁରୋପୀୟ ସଂଘର ନିନ୍ଦା**

**କିଭ୍,୩।୪**

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣ ରବିବାର ୩୯ ଦିନରେ ପହଞ୍ଚିଛି। ରାଜଧାନୀ କିଭ୍ ନିକଟବର୍ତ୍ତୀ ବୁଚା ସହରରୁ ରୁଷିଆ ସୈନ୍ୟ ହଟିଯିବା ପରେ ସେଠାର ରାସ୍ତାଘାଟରେ ମାଳମାଳ ମୃତଦେହ ପଡ଼ିଥିବା ଦେଖାଯାଇଛି। ଶହ ଶହ ନିରୀହ ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ରୁଷିଆ ସୈନ୍ୟ ହତ୍ୟା କରିଥିବା ୟୁକ୍ରେନ୍ ଅଭିଯୋଗ କରିଛି। ଏହା ଉଦ୍ଦେଶ୍ୟମୂଳକ ଗଣହତ୍ୟା ବୋଲି ରବିବାର ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି। କେତେକଙ୍କ ହାତ ବନ୍ଧାଯାଇ ହତ୍ୟା କରାଯାଇଛି। ନାଜି ଶାସନ ବେଳର ନିର୍ମମ ଅତ୍ୟାଚାର ପୁଣିଥରେ ୟୁରୋପୀୟ ୟୁନିୟନକୁ ଫେରିଥିବା ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଉପଦେଷ୍ଟା ମିଖାଇଲୋ ପୋଡୋଲିଆକ୍ ଟୁଇଟ୍ କରିଛନ୍ତି। ବୁଚାରୁ ରୁଷିଆ ସୈନ୍ୟ ପ୍ରତ୍ୟାହୃତ ହେବା ପରେ ଏକ ଗଣସମାଧି ସ୍ଥଳରୁ ୩୦୦ ନାଗରିକଙ୍କ ମୃତଦେହ ମିଳିଛି। ଗୋଟିଏ ଗଳିରେ ୨୦ରୁ ଊର୍ଦ୍ଧ୍ୱ ମୃତଦେହ ମିଳିଥିବା ଜଣେ ଖବରଦାତା କହିଛନ୍ତି। ୟୁରୋପୀୟ ସଂଘ ମୁଖ୍ୟ ଚାର୍ଲସ ମିଚେଲ୍ ରୁଷିଆ ସୈନ୍ୟଙ୍କ ଏଭଳି ଅତ୍ୟାଚାରକୁ ନିନ୍ଦା କରିବା ସହ ମସ୍କୋ ବିରୋଧରେ ଅଧିକ କଟକଣା ଲଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ରୁଷିଆ ସୈନ୍ୟଙ୍କ ଯୁଦ୍ଧ ଅପରାଧ ଓ ସାଧାରଣ ନାଗରିକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରିବା ଘଟଣାକୁ ଫ୍ରାନ୍ସ ଓ ଜର୍ମାନୀ ନିନ୍ଦା କରିଛନ୍ତି। ୟୁକ୍ରେନ୍‌ରୁ ମିଳିଥିବା ଭୟାବହ ଦୃଶ୍ୟ ହୃଦୟ ବିଦାରକ ବୋଲି ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ କହିଛନ୍ତି। ରାସ୍ତାରେ ମାଳମାଳ ଶବ ପଡ଼ିଛି। ଅସ୍ଥାୟୀ କବରରେ ଅନେକଙ୍କୁ ପୋତିଦିଆଯାଇଛି। ମୃତକଙ୍କ ମଧ୍ୟରେ ମହିଳା, ପିଲା ଓ ବୃଦ୍ଧ ବ୍ୟକ୍ତି ରହିଛନ୍ତି। ଅତ୍ୟାଚାରର ନିରପେକ୍ଷ ତଦନ୍ତ ଲାଗି ଅନ୍ତର୍ଜାତୀୟ ସଂଗଠନକୁ ସେଠାକୁ ପଠାଯିବା ଆବଶ୍ୟକ ବୋଲି ଜର୍ମାନ ଚାନ୍‌ସେଲର କହିଛନ୍ତି। ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ ଗଣ ହତ୍ୟାକାଣ୍ଡକୁ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କୁ ଦଣ୍ଡିତ କରିବା ଲାଗି ଫ୍ରାନ୍ସ ୟୁକ୍ରେନ୍ କର୍ତ୍ତୃପକ୍ଷ ଓ ଅନ୍ତର୍ଜାତୀୟ ଫୌଜଦାରୀ ଅଦାଲତ ସହ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।



ବୁଚା ସହରର ରାସ୍ତା ପାର୍ଶ୍ୱରେ ଧ୍ୱଂସପ୍ରାପ୍ତ ଟ୍ୟାଙ୍କଗୁଡିକ ପଡିରହିଛି।

## ନେତା, ଅଭିନେତାଙ୍କ ପିଲା ଗିରଫ

**■ରେଭ୍ ପାର୍ଟିରେ ଚଢ଼ାଉ**

**■ବେଆଇନ ନିଶାଦ୍ରବ୍ୟ ଜବତ**

**ହାଇଦ୍ରାବାଦ,୩।୪**

ହାଇଦ୍ରାବାଦ ବଞ୍ଜାରା ହିଲ୍ସରେ ଥିବା ଏକ ପଞ୍ଚତାରକା ହୋଟେଲ ପବ୍‌ରେ ରେଭ୍ ପାର୍ଟି ଚାଲିଥିବାବେଳେ ରବିବାର ଭୋର୍ ସମୟରେ ପୋଲିସ ଟାସ୍କଫୋର୍ସ ଟିମ୍ ଚଢ଼ାଉ କରି ୧୪୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଭିଆଇପି, ରାଜନେତା ଓ ଅଭିନେତାଙ୍କ ପିଲା ଅଛନ୍ତି। ସେମାନଙ୍କଠାରୁ କୋକେନ୍, ୱିଡ୍ ଭଳି ବେଆଇନ ନିଶାଦ୍ରବ୍ୟ ଜବତ ହୋଇଛି।

ଗିରଫଙ୍କ ମଧ୍ୟରେ ଅଭିନେତା ନାଗା ବାବୁଙ୍କ ଝିଅ, ମେଗାଷ୍ଟାର ଚିରଞ୍ଜୀବୀଙ୍କ ଝିଆରୀ ନିହାରିକା କୋନିଡେଲା, ବିଗ୍ ବସ୍ ତେଲୁଗୁ ରିଏଲିଟି ଶୋ' ତୃତୀୟ ସଂସ୍କରଣର ବିଜେତା ଗାୟକ ରାହୁଲ ସିପ୍ଲିଗୁଞ୍ଜ ଅଛନ୍ତି। ଉଲ୍ଲେଖଯୋଗ୍ୟ, ଫେବୃୟାରୀ ୧୨ରେ ହାଇଦ୍ରାବାଦ ପୋଲିସ ନିଶା ବିରୋଧୀ ଅଭିଯାନ ଆରମ୍ଭ କରିଥିବାବେଳେ ଏହାର ଶୀର୍ଷକ ଗୀତ ରାହୁଲ ଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ ଶୀର୍ଷ ପୋଲିସ ଅଧିକାରୀଙ୍କ ଝିଅ ଏବଂ ଟିଡିପି ଏମ୍‌ପିଙ୍କ ପୁଅ, ତେଲଙ୍ଗାନା କଂଗ୍ରେସ ନେତା ଅଞ୍ଜନ କୁମାର ଯାଦବ ରହିଛନ୍ତି।

କର୍ତ୍ତବ୍ୟରେ ଅବହେଳା ପାଇଁ ବଞ୍ଜାରା ହିଲ୍ସର ଏସ୍‌ଏଚ୍‌ଓ ଶିବ ଚନ୍ଦ୍ରଙ୍କୁ ହାଇଦ୍ରାବାଦ ପୋଲିସ କମିଶନର ନିଲମ୍ବନ କରିଛନ୍ତି। ତାଙ୍କ ସ୍ଥାନରେ କେ. ନାଗେଶ୍ୱର ରାଓଙ୍କୁ ନିଯୁକ୍ତ କରାଯାଇଛି। ଖମାମ ଜିଲାର ପୂର୍ବତନ ଏମ୍‌ପିଙ୍କ ଝିଅ ଉକ୍ତ ପବ୍‌ର ମାଲିକ ବୋଲି ଜଣାପଡ଼ିଛି। ହାଇଦ୍ରାବାଦ ପୋଲିସ ଡ୍ରଗ୍ସ ବିରୋଧୀ ଅଭିଯାନକୁ ଜୋର୍‌ଦାର କରିଥିବାବେଳେ ଉକ୍ତ ରାଡିସନ୍ ବ୍ଲୁ ହୋଟେଲରେ ଚଢ଼ାଉ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ଏପ୍ରିଲ, ୨୦୨୨



## ୩୧୦ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

**ଜଗତ୍‌ସିଂହପୁର ଅଫିସ:** ଭୁବନେଶ୍ୱର ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ଏବଂ ଜଗତ୍‌ସିଂହପୁର ପୋଲିସ ପକ୍ଷରୁ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଚମାରସାହିରେ ଶନିବାର ରାତିରେ ମିଳିତ ଚଢ଼ାଉ କରାଯାଇ ୩୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି । ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମହାକାଳେଶ୍ୱର ଗ୍ରାମର ପ୍ରଶାନ୍ତ କୁମାର ବେହେରା ଓରଫ ମଙ୍ଗୁ, ରାଇବରାଇର ପରେଶ ରଞ୍ଜନ ମହାନ୍ତି ଓରଫ ଗୁଡ୍ଡୁ ଏବଂ ବାଲିକୁଦା ଥାନା ଏରା ଗ୍ରାମର ତୋଫାନ କୁମାର ମଲ୍ଲିକ। ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୧୯୯/୨୨) ରୁଜୁ କରାଯାଇଛି।

## ସଂକ୍ଷେପରେ

### ବାଳିକା ଆତ୍ମରକ୍ଷା ତାଲିମ ଶିବିର

**ମାର୍ଶାଘାଇ,୩।୪(ଡି.ଏନ.ଏ.):** ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଅମିୟ କୁମାର ଜେନା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରାଧାପିକା ଅନୁପମା ଦାସ, ପ୍ରାଧାପକ ଦୀପକ କୁମାର ଦାସ ଯୋଗଦେଇଥିଲେ। ସେମାନେ କହିଥିଲେ, ବାଳିକାମାନେ ଆତ୍ମରକ୍ଷା କରିପାରିଲେ ତାଙ୍କୁ ଆଉ ଅବଳା ଓ ଦୁର୍ବଳା କୁହାଯାଇପାରିବନି। ଆତ୍ମରକ୍ଷା କୌଶଳ ବାଳିକାମାନେ କରିପାରିଲେ ନିଜ ଉପରକୁ ଆସୁଥିବା ବିପଦକୁ ଟାଳି ପାରିବେ। ଶିବିରରେ ୩୨୩ ଜଣ ଛାତ୍ରୀ ଯୋଗ ଦେଇଥିଲେ। ଏହି ଶିବିର ୨୧ ଦିନ ଧରି ଚାଲିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଦିଲୀପ କୁମାର ସାହୁ, ଅଧାପକ ବସନ୍ତ ମିଶ୍ର, ଅଧାପକ ସୁକାନ୍ତ ପ୍ରଧାନ, ଦୀପକ ମହାନ୍ତି, ବିଜୟ ପାତ୍ର ଓ ମେନେକା ପାଲ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସିତ ହେଲେ ୧୦୪୭ ରୋଗୀ

**ଆଳି,୩।୪(ଡି. ଏନ.ଏ.):** ଆଳି ବିକାଶ ମଞ୍ଚ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ସଂସିଧା ପଞ୍ଚାୟତ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସଂସିଧା ସରପଞ୍ଚ ଦୀପକ ଭୂୟାଁ ଉଦ୍‌ଘାଟନ କରିଥିଲେ। ଏଥିରେ ସର୍ଜରୀ, ଚର୍ମ, ମେଡିସିନ, ଶିଶୁରୋଗ ଆଦି ୧୩ଟି ବିଭାଗର ବରିଷ୍ଠ ଡାକ୍ତର ଧରଣୀଧର ପାଣ୍ଡବ, ରମେଶ ଦାସ, ଶୋଭା ଦାସ, ନାରାୟଣ ମହାକୁଳ, ଅଭିଳାଷ ରାଉତ, ପ୍ରଦୀପ ଗିରି, ରସାନନ୍ଦ ପଲେଇ, ସୁମିତ ପଣ୍ଡା, ଲୁଲୁପ ସାହୁ, ଶକ୍ତି ପ୍ରସାଦ ଦାସ, ସ୍ୱପ୍ନିତା ହୋତା, ବି. ମହାପାତ୍ର ଆଳି ମେଡିକାଲର ଡା. ଦେବସ୍ମିତା ଶର୍ମା ଓ ପଟ୍ଟାମୁଣ୍ଡାଇ ସବ୍ ଡିଭିଜନାଲ ମେଡିକାଲର ଡା. ସପନ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଳି ବିକାଶ ମଞ୍ଚ ପକ୍ଷରୁ ସେମାନଙ୍କୁ ମାଗଣାରେ ମେଡିସିନ ଯୋଗାଇ ଦିଆ ଯାଇଥିଲା। ଏହାକୁ ବିକାଶ ମଞ୍ଚର ଡା. ବିଜୟ ରାଉତ, ତ୍ରିଲୋଚନ ଧଳ, ଜ୍ଞାନରଞ୍ଜନ ନାୟକ, ଦିଲୀପ କୁମାର ପରିଡା, ନରୋତମ ଭୂୟାଁ, ଦୁର୍ଯ୍ୟୋଧନ ସେଠୀ, ବି.କେ. ସାମଲ, ଶରତ ଦାସ, କେଦାର ଦାସ, ନିହାର ରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଜ୍ୟୋତିରଞ୍ଜନ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଓସ୍ମା କର୍ମକର୍ତ୍ତାଙ୍କ ଶପଥପାଠ

**ପାରାଦୀପ,୩।୪(ସ୍ୱ.ପ୍ର.):** ପାରାଦୀପର ଅନ୍ୟତମ ପୁରୁଣା ତଥା ବୃହତ୍ ସଂଘ ଓସ୍ମା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ର ନବ ନିର୍ବାଚିତ କର୍ମକର୍ତ୍ତାମାନେ ରବିବାର ଶପଥପାଠ କରିଛନ୍ତି। ବଡପଡ଼ିଆସ୍ଥିତ ମୁଖ୍ୟ ଘରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମାଛଧରା ବନ୍ଦର ପରିଚାଳନା ସମିତି ମୁଖ୍ୟ ତଥା ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ସଂଘର ପରାମର୍ଶଦାତା କମିଟି ଆଦିକନ୍ଦ ମହାନ୍ତି, ପ୍ରବୋଧ ଦାଶ, ଭାଗୀରଥି ବିଶ୍ୱାଳ ଶପଥପାଠ କରାଇଥିଲେ। ଏହି ଅବସରରେ ସଭାପତି ଶ୍ରୀକାନ୍ତ ପରିଡା, ଉପସଭାପତି ଚନ୍ଦ୍ରଶେଖର ମହାନ୍ତି, ପ୍ରହଲ୍ଲାଦ ବିଶ୍ୱାଳ, ସମ୍ପାଦକ ଅରବିନ୍ଦ ସ୍ୱାଇଁ, କୋଷାଧକ୍ଷ ପୁରନ୍ଦର ବିଶ୍ୱାଳ ପ୍ରମୁଖ ଶପଥ ନେଇଥିଲେ।

# କୃଷିଭିତ୍ତିକ ଜିଲାରେ ନାହିଁ ଆଦର୍ଶ କୃଷି ଉଦ୍ୟାନ

■ ନୋଳସାହିର ୬୦ ଏକରରେ ହୋଇଥାନ୍ତା ପ୍ରକଳ୍ପ
■ ୭ ବର୍ଷ ପୂର୍ବେ ୨ କୋଟି ହୋଇଥିଲା ବ୍ୟୟବରାଦ
■ ନଡ଼ିଆ ଗଛ ରୋପଣ ଅନିୟମିତତାର ତଦନ୍ତ ହେବ

**କେନ୍ଦ୍ରାପଡ଼ା ଅଫିସ, ୩।୪**

ରାଜ୍ୟର ପ୍ରତି ଜିଲାରେ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ହୋଇଛି। ଉଦ୍ୟାନ କୃଷି ମିଶନ ଅଧୀନରେ ଉନ୍ନତ ଧରଣର ଆମ୍ବ, ନଡ଼ିଆ, ପିଜୁଳି, ଅମୃତଭଣ୍ଡା, ସପୁରି ଆଦି ସହ ଫୁଲଚାରା ଘରୋଇ ବଗିଚା ପାଇଁ ସୁଲଭ ମୂଲ୍ୟରେ ଚାଷୀ ପାଉଛନ୍ତି। ତେବେ କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଏହି ଉଦ୍ୟାନ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଥିଲେ ମଧ ଅଦ୍ୟାବଧି ସଫଳ ହୋଇନାହିଁ। ଏପରି ପ୍ରକଳ୍ପ ପାଇଁ ଗତ ୭ ବର୍ଷ ପୂର୍ବେ ଉଦ୍ୟମ ଆରମ୍ଭ ହୋଇଥିଲା। କୃଷି ଉଦ୍ୟାନ ପାଇଁ ଡେରାବିଶ ବ୍ଲକ ନୋଳସାହିଠାରେ ୬୦ ଏକର ଜମି ଚିହ୍ନଟ ହୋଇଥିଲା। ପ୍ରାଚୀର ଓ ଫଳ ଫୁଲ ପାଇଁ ୨ କୋଟି ଟଙ୍କା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ୟୟ ବରାଦ ହୋଇଥିଲା। ଏହାସତ୍ତ୍ୱେ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଇ ପାରିନାହିଁ। ପ୍ରଶାସନିକ ଅସହଯୋଗରୁ ପ୍ରକଳ୍ପକୁ ଆରମ୍ଭ ପୂର୍ବରୁ ମାରି ଦିଆଗଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ଚାଷୀ ଓ କୃଷକ ନେତାମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ, ବିଧୁଭୂଷଣ ମହାପାତ୍ର, ସାମାଜିକ କର୍ମୀ ମନୋଜ ନାୟକ, ବୁଦ୍ଧିଜୀବୀ ପ୍ରଭାତ ପରିଡା, ରାଧାକାନ୍ତ ମହାନ୍ତି କହିଛନ୍ତି, ଖଣି ଓ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ଜିଲାର ସମତଳ ଓ ଉର୍ବର ମାଟି, ପରିବେଶ, ପ୍ରବାହିତ ୭ ନଦୀ ସହ ଉପଯୁକ୍ତ ପରିମାଣର ବର୍ଷା ଜଳ ବିଭିନ୍ନ ପ୍ରକାର ଫଳ, ଫୁଲ, ପନିପରିବା ପରି ଅର୍ଥକରୀ ଫସଲ ପାଇଁ ଉପଯୁକ୍ତ। ଫସଲ ପାଇଁ ଆବଶ୍ୟକ ପରିବେଶ ଥିଲେ ମଧ ଚାଷୀଙ୍କ ପାଇଁ ଉନ୍ନତ ଚାରା, ବୈଜ୍ଞାନିକ ପଦ୍ଧତିରେ ତାଲିମ, ସରକାରୀ


ଉଦ୍ୟାନ କୃଷି ମିଶନ ପକ୍ଷରୁ ଚିହ୍ନଟ ହୋଇଥିବା ସ୍ଥାନ।

ରିହାତିରେ କୃଷି ଯନ୍ତ୍ରପାତି ଆଦି ସମସ୍ୟା ସୃଷ୍ଟି କରିଛି। ଏ ସବୁର ସମାଧାନ ଜିଲାର ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ଦ୍ୱାରା କିଛି ମାତ୍ରାରେ ସମାଧାନ ହୋଇ ପାରିଥାନ୍ତା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୋଳସାହିଠାରେ ଚିହ୍ନଟ ୬୦ ଏକର ଜମିରେ ଆଦର୍ଶ କୃଷି ଉଦ୍ୟାନ ପାଇଁ ପ୍ରାଥମିକ ସ୍ତରରେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିସହ ଭିତ୍ତିଭୂମି ପ୍ରତିଷ୍ଠା, ଚାରିପାଖରେ ପାଚେରି ନିର୍ମାଣ, ଉନ୍ନତ କିସମର ଚାରା ସୃଷ୍ଟି ପାଇଁ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ତେବେ କୌଣସି କାରଣରୁ ଏହି ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ସମ୍ଭବ ହୋଇପାରିନାହିଁ। ଅପରପକ୍ଷରେ ଗ୍ରାମାଞ୍ଚଳରେ ଫଳ ଚାରା ରୋପଣ ନାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଗତ ୫ ବର୍ଷ ମଧ୍ୟରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ନଡ଼ିଆ ଗଛ ରୋପଣ ପାଇଁ ଏହି ଅର୍ଥ ବିନିଯୋଗ ହୋଇଥିବା ବେଳେ ଗରଦପୁର ଓ ଡେରାବିଶ ବ୍ଲକ ଅଞ୍ଚଳର ବହୁ ହିତାଧିକାରୀ ଅର୍ଥ ଉଠାଇ ଥିଲେ ମଧ ଗଛର ଚିହ୍ନବର୍ଣ୍ଣ ନାହିଁ। ସେହିପରି ହିତାଧିକାରୀଙ୍କ ଜମି ନ ଥିବା ସତ୍ତ୍ୱେ ନଡ଼ିଆ ଗଛ ରୋପଣ କରିଥିବା ନେଇ ଟଙ୍କା ଉଠାଇଛନ୍ତି। ଏହାର ତଦନ୍ତ ହେଲେ ବିଭାଗର ଚାରା ରୋପଣ ଦୁର୍ନୀତି ପଦାକୁ ଆସିବ। ସେହିପରି ଜିଲାରେ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା କରି ଚାଷୀଙ୍କୁ ସହଯୋଗ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ କନ୍ଧ ଜେନାଙ୍କୁ ପଚାରିବାରେ ପ୍ରସ୍ତାବିତ ଆଦର୍ଶ କୃଷି ଉଦ୍ୟାନ ଅଞ୍ଚଳ ବନ ବିଭାଗ ଅଧୀନରେ ଅଛି। ବନ ବିଭାଗର ଅନୁମତି ବିନା କାର୍ଯ୍ୟ ଆରମ୍ଭ ସମ୍ଭବ ନୁହେଁ। ଏପରି ପ୍ରକଳ୍ପ ପ୍ରତିଷ୍ଠା ନେଇ ଉଦ୍ୟମ ଓ ପ୍ରକ୍ରିୟା ଅବ୍ୟାହତ ଅଛି। ନଡ଼ିଆ ଗଛ ରୋପଣରେ ଅନିୟମିତତା ସମ୍ପର୍କରେ ତଦନ୍ତ ହେବ ବୋଲି ସେ କହିଛନ୍ତି।

## ଭୀମ ଭୋଇ ସାମର୍ଥ୍ୟ ଶିବିର: ୫୨୬ ଭିନ୍ନକ୍ଷମ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ, ୩।୪**

ଜଗତ୍‌ସିଂହପୁର ଏସ୍.କେ. ଏକାଡେମୀ ପରିସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୫୬୭ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିରୁ ୫୨୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅସ୍ଥିଶଲ୍ୟ ବିଭାଗର ୨୫୨, ମାନସିକ ଅନଗ୍ରସର ୮୫, ଦୃଷ୍ଟିବାଧିତ ୧୧୬, ଶ୍ରବଣବାଧିତ ୬୮ ଓ ଥାଲାସେମିଆ (ଭେଷଜ) ବିଭାଗର ୫ ଜଣ ଭିନ୍ନକ୍ଷମ ଥିବା ଜଣାପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାଶଙ୍କ ତତ୍ତ୍ୱାବଧାନରେ ବିଶେଷଜ୍ଞମାନେ ସେମାନଙ୍କୁ ଚିହ୍ନଟ କରିଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ସାମର୍ଥ୍ୟ ଶିବିର ପରିଦର୍ଶନ କରିଥିଲେ। ଏହି ସମୟରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧକ୍ଷା କନକପ୍ରଭା ଲେଙ୍କା, ବିଡିଓ ସାଗର ନନ୍ଦ, ଏବିଡିଓ ଅଜୟ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ସମିତିସଭ୍ୟମାନେ ଯୋଗ ଦେଇଥିଲେ।

# ପୂର୍ବତନ ବ୍ଲକ ଅଧକ୍ଷଙ୍କ ଉପରେ ସନ୍ଦେହ

## ପବିତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

**କେନ୍ଦ୍ରାପଡ଼ା ଅଫିସ, ୩।୪**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦଣ୍ଡାମୁଣ୍ଡ ଛକରେ ଘର କରି ରହୁଥିବା ପବିତ୍ର ପ୍ରଧାନଙ୍କର ମାର୍ଚ୍ଚ ୨୫ରେ ମୃତ୍ୟୁ ହୋଇଥିଲା। ପବିତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ ସନ୍ଦେହ ପରିସରକୁ ଆସୁଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଏ ନେଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବା ଆଇଆଇସି ପବିତ୍ର କୁମାର ମହାରଣା ସୂଚନା ଦେଇଛନ୍ତି। ଆଇଆଇସି ମହାରଣାଙ୍କ ସୂଚନା ଅନୁଯାୟୀ, ଦଣ୍ଡାମୁଣ୍ଡ ଛକ ନିକଟରେ ମୃତକ ପ୍ରଧାନ ୩ ମହଲା ଘର କରି ରହୁଥିଲେ। ଏହି ଘରର ଦ୍ୱିତୀୟ ମହଲାରେ ପ୍ରଧାନଙ୍କ ସହଯୋଗୀ ରହୁଥିବା ବେଳେ ତଳ ମହଲାରେ ପୂର୍ବତନ ବ୍ଲକ ଅଧକ୍ଷ ସାହୁ ଘରଭଡା ନେଇ ରହୁଛନ୍ତି। ୨୫ ତାରିଖ ରାତିରେ ପ୍ରଧାନଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପୂର୍ବତନ ଅଧକ୍ଷ ସାହୁ ଘର ମାଲିକ ପ୍ରଧାନଙ୍କ ପୁଅ ଉତ୍କଳ କେଶରୀଙ୍କୁ ଜଣାଇବା ପରେ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ତେବେ ତଦନ୍ତ ସମୟରେ ପ୍ରଧାନଙ୍କ ପରିବାର ପୂର୍ବତନ ଅଧକ୍ଷଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସକୁ ଜଣାଇଥିଲେ। ଏ ସମ୍ପର୍କରେ ଅଧକ୍ଷ ସାହୁଙ୍କୁ ପଚାରିବାରେ ଏହି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ରାଜନୈତିକ ଶତ୍ରୁତା ପାଇଁ ତାଙ୍କ ବିରୋଧରେ ଏପରି ଭିତ୍ତିହୀନ ମାମଲା ଯୋଡ଼ିବାକୁ ଚେଷ୍ଟା ଚାଲିଛି। ଘଟଣା ଦିନ ସେ ଜିଲାର ବିଜେଡି ସଭାପତି, ଜିଲା ପରିଷଦ ଅଧକ୍ଷା, ବ୍ଲକ ଅଧକ୍ଷାଙ୍କ ସହ ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ଫେରିଥିଲେ। ରାତି ପ୍ରାୟ ୩ଟାରେ ଦ୍ୱିତୀୟ ମହଲାରେ ଥିବା ପ୍ରଧାନଙ୍କ ସହଯୋଗୀ କବାଟ ବାଡେଇ ତାଙ୍କୁ ଉଠାଇଥିଲେ। ଦ୍ୱିତୀୟ ମହଲା ପାହାଚରେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ପ୍ରଧାନଙ୍କୁ ଡାକ୍ତରଖାନା ନେଇଥିଲେ ବୋଲି ସେ କହିଛନ୍ତି। ଆଇଆଇସି ମହାରଣା କହିଛନ୍ତି, ପୋଷ୍ଟମର୍ଟମ ରିପୋର୍ଟକୁ ଆଧାର କରି ତଦନ୍ତ ହେଉଛି। ଫରେନ୍‌ସିକ ବିଭାଗ ତଦନ୍ତ ସହ କେତେଜଣ ବ୍ୟକ୍ତିଙ୍କୁ ପଚରାଉଚରା ଚାଲିଛି। ଖୁବ୍‌ଶୀଘ୍ର ଏହି ମାମଲା ଉପରୁ ସନ୍ଦେହ ହଟିବ ବୋଲି ସେ ପ୍ରକାଶ କରିଛନ୍ତି।ସନ୍ଦେହ ହଟିବ ବୋଲି ସେ ପ୍ରକାଶ କରିଛନ୍ତି।

# ଶିକ୍ଷିତ ହେଲେ ପିଲା, ସମାଜକୁ ଦେଖାଇବେ ବାଟ



ଉତ୍ସବରେ ପ୍ରାକ୍ତନ ଛାତ୍ର ଓଡ଼ିଶାର କମେଡିଆନ ଶଙ୍କର ପ୍ରଧାନ ଓ ଅନ୍ୟମାନେ।

**ମହାକାଳପଡା, ୩।୪ (ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ବାରଡ଼ାଙ୍ଗ ପଞ୍ଚାୟତ ନନ୍ତାରସ୍ଥିତ ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପରିସରରେ ଲକ୍ଷ୍ମୀଧର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବାରଡାଙ୍ଗର ଲକ୍ଷ୍ମୀଧର ଭୋଳ ନିଜ ଜୀବନକୁ ଉତ୍ସର୍ଗ କରି ଆଜୀବନ ଅବିବାହିତ ରହି ୪୨ ବର୍ଷରୁ ଅଧିକ ହେଲା ଛାତ୍ରୀଛାତ୍ରୀଙ୍କୁ ପଢ଼ାଉଛନ୍ତି। ଶିକ୍ଷକଙ୍କ ଗାଁରେ ରାଜ୍ୟ ବିଭିନ୍ନ ପ୍ରାନ୍ତରରୁ ପିଲାମାନେ ଆସି ପାଠ ପଢ଼ନ୍ତି। ଏହି ଟିଉଶନ ସେଣ୍ଟରକୁ ମାଲକାନଗିରିଠାରୁ ଆରମ୍ଭ କରି ରାଉରକେଲା, ସମ୍ବଲପୁର, ବାଲେଶ୍ୱର, କଟକ, ପୁରୀ, ଅନୁଗୋଳ, ଭୁବନେଶ୍ୱର, କଳାହାଣ୍ଡି, ଯାଜପୁର, ଢେଙ୍କାନାଳ, ଜଗତ୍‌ସିଂହପୁର, ବ୍ରହ୍ମପୁର ଅଞ୍ଚଳର ଅନେକ ଗରିବ ମେଧାବୀ ପିଲାଙ୍କୁ ପଠା ପଢ଼ାଇ ଭୋଳ ଉଦାହରଣ ସୃଷ୍ଟି କରିଛନ୍ତି। ଛାତ୍ରୀଛାତ୍ର ଲକ୍ଷ୍ମୀଧର ସାର୍‌ଙ୍କ ପାଖରେ ଟିଉଶନ ହୋଇ ରାଜ୍ୟ ତଥା ଦେଶ ବିଦେଶରେ ଉଚ୍ଚ ପଦପଦବୀରେ ଅବସ୍ଥାନ କରିଛନ୍ତି। ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇ ରବିବାର ଉତ୍ସବ ପାଳନ କରିଛନ୍ତି। ଉତ୍ସବକୁ ଟ୍ରଷ୍ଟ ସଭାପତି ଶ୍ୟାମସୁନ୍ଦର ଭୋଳ, ସମ୍ପାଦକ ବିକାଶ ପଟ୍ଟନାୟକ, ଆଦିକନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏବିଇଓ ବିଚିତ୍ରାନନ୍ଦ ସାମଲ, ମୁଖ୍ୟବକ୍ତା ସଚ୍ଚିଦାନନ୍ଦ ପାଇକରାୟ, ଅଜୟ ପରିଡ଼ା, ବିଜୟ କୁମାର ଜେନା, ଶିକ୍ଷାବିତ୍ ବିଦ୍ୟୁତ୍ କୁମାର ଖୁଣ୍ଟିଆ, ଶିକ୍ଷକ ରଘୁନାଥ ଦାସ, ସ୍ଥାନୀୟ ସରପଞ୍ଚ ଅରବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ସାର୍‌ଙ୍କ ଛାତ୍ର ଓଡ଼ିଶାର ଖ୍ୟାତନାମା କମେଡି କଳାକାର ଶଙ୍କର୍ଷଣ ପ୍ରଧାନ ଉପସ୍ଥିତ ରହି ତାଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ରଞ୍ଜନ ସାହୁ, ସୁରେଶ ବାରିକ, ଅର୍ଜୁନ ଭୋଳ ସହଯୋଗ କରିଥିଲେ।

## ବାରୁଣୀ ଯାତ୍ରା: ୫ମ ଦିନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ

**ଡେରାବିଶ, ୩।୪(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାର ଇନ୍ଦୁପୁରଠାରେ ଅନୁଷ୍ଠିତ ପ୍ରସିଦ୍ଧ ବାରୁଣୀ ଯାତ୍ରା ରବିବାର ୫ମ ଦିବସ ଥିଲା । ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ରବିବାର ଛୁଟିଦିନ ପଡ଼ିଥିବାରୁ ଲୋକଙ୍କ ଭିଡ଼ ଲାଗି ରହିଥିଲା। ଏହି ଯାତ୍ରାକୁ ଜିଲା ସମେତ ଯାଜପୁର ଜିଲା ଅଞ୍ଚଳର ଅଧିବାସୀ ଗହଳି ପରିଲକ୍ଷିତ ହୋଇଥିଲା। କରୋନା କଟକଣା ପାଇଁ ଦୁଇବର୍ଷ ହେବ ବନ୍ଦ ଥିବା ବାରୁଣୀ ଯାତ୍ରା ଚଳିତବର୍ଷ ଅନୁଷ୍ଠିତ ହେଉଥିବାରୁ ଏହାକୁ କେହି ହାତଛଡ଼ା କରିବା ପାଇଁ ଚାହୁଁନାହାନ୍ତି। ବିଶେଷକରି ଏହି ଯାତ୍ରାରେ ଗୃହ ଉପକରଣ ସାମଗ୍ରୀ ଦୋକାନ ସହ ମନୋହରୀ, ବାଉଁଶରେ ନିର୍ମିତ ବିଭିନ୍ନ ଗୃହ ଉପକରଣ ଦ୍ରବ୍ୟ କ୍ରୟ ବିକ୍ରୟର ଚାହିଦା ଦେଖିବାକୁ ମିଳିଥିଲା। ମହିଳାମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ପାଇଁ ଅସ୍ଥାୟୀ ଦୋକାନରେ ଭିଡ ଲଗାଇ ଥିଲେ। ବିଶେଷକରି ସ୍ଥାନୀୟ ଲଳିତଗିରି ଗ୍ରାମର ପଥର କାରିଗରଙ୍କ ଦ୍ୱାରା ପଥର ସାମଗ୍ରୀ ଘରକରଣା ଦ୍ରବ୍ୟ ଦୋକାନରେ ପ୍ରବଳ ଭିଡ଼ ଲାଗିଥିଲା। ପିଲାମାନଙ୍କ ପାଇଁ ଦୋଳି ଯାତ୍ରାର ବିଶେଷ ଆକର୍ଷଣ ଥିଲା। ଏଥିସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିଶେଷ ମନ୍ତ୍ରମୁଗ୍ଧ କରିଥିଲା। ଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବାକୁ ଜିଲା ପୋଲିସ ପକ୍ଷରୁ ଯାତ୍ରାରେ ଏକ ଅସ୍ଥାୟୀ ଶିବିର ଖୋଲାଯିବା ସହ ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ଏକ ସୂଚନା କେନ୍ଦ୍ର ଖୋଲିଛି। ମଙ୍ଗଳବାର ଏହି ବାରୁଣୀ ଯାତ୍ରା ଉଦ୍‌ଯାପିତ ହେବ ବୋଲି କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ‘କଳାକାରଙ୍କ ଅଭିନୟ ଦେଶ, ଜାତିକୁ ଗୌରବାନ୍ୱିତ କରେ’

**ବାଲିଆ/ବିରିଡ଼ି,୩।୪(ଡି.ଏନ.ଏ.)**

ବିରିଡି ବ୍ଲକ ହାଜିପୁର ବଜାରସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଓଡ଼ିଶା ଯାଯାବର କଳାକାର ସଂଘର ୨ୟ ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଜିପୁର ନାଟ୍ୟ କଳା ସଂସଦର ଉପଦେଷ୍ଟା ବାମଦେବ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ଯାଯାବର କଳାକାର ଓଡ଼ିଶା ସଭାପତି ସୁରେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରି କହିଥିଲେ, କଳାକାର ମାନଙ୍କ ଦ୍ୱାରା ଦେଶ, ଜାତି, ପରମ୍ପରା, ଐତିହ୍ୟ ଓ କଳା ସଂସ୍କୃତି ଉଦ୍‌ଜୀବିତ ହୋଇଥାଏ। ସେମାନଙ୍କ ନିଖୁଣ ଅଭିନୟ ଦେଶ ଓ ଜାତିକୁ ଗୌରବାନ୍ୱିତ କରିଥାଏ। ସମ୍ପାଦକ କେଦାରନାଥ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପସଭାପତି ମାତୃପ୍ରସାଦ ଦାଶ, ସହସମ୍ପାଦକ ଅଚ୍ୟୁତ ଶେଣ୍ଠ,



ମଞ୍ଚାସୀନ ଯାଯାବର କଳାକାର ସଂଘର ସଦସ୍ୟ ଓ ଅନ୍ୟମାନେ।

କୋଷାଧକ୍ଷ ହିମାଂଶୁ ମହାନ୍ତି, ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ଦାସ, ମୁଖପାତ୍ର ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୧୨୫ କଳାକାରଙ୍କୁ ପରିଚୟ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଯାଯାବର କଳାକାରଙ୍କ ଦ୍ୱାରା ନାଚ, ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହାଜିପୁର ପଞ୍ଚସଖା ନାଟ୍ୟ କଳା ସଂସଦର ସଭାପତି ବିଷ୍ଣୁ ଚରଣ ମହାନ୍ତି, ସମ୍ପାଦକ କିଶୋର ପଟ୍ଟନାୟକ, ଉପସଭାପତି ଦେବେନ୍ଦ୍ର ମହାନ୍ତି, କୋଷାଧକ୍ଷ ବିଶ୍ୱମ୍ଭର ଜେନା ଏହାକୁ ପରିଚାଳନା କରିଥିଲେ।

## ସାପ କାମୁଡ଼ାରେ ଟ୍ରଲି ଚାଳକ ମୃତ

**ଆଳି,୩।୪(ଡି.ଏନ.ଏ.)**

ଆଳି ଥାନା ନିଆଳ ପଞ୍ଚାୟତ ଗୌଡ଼ପାଟଣାର ଅଲେଖ ମଲିକ(୫୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସବୁଦିନ ପରି ଅଲେଖ ଶନିବାର ରାତିରେ ଖାଇପିଇ ଘରେ ଶୋଇଥିଲେ। ଶୋଇଥିବା ବେଳେ ତାଙ୍କ ଗୋଡ଼କୁ ବିଷଧର ସାପ କାମୁଡି ଦେବାରୁ ସେ ଚିତ୍କାର କରିଥିଲେ। ପରିବାର ଲୋକେ ଉଠି ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଲେଖ ଟ୍ରଲି ଚଲାଇ ପରିବାର ପ୍ରତିପୋଷଣ କରିଥାନ୍ତି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆ ଫଳକ ଲଗାଯାଉ

### ଓଡ଼ିଆ ଜାଗରଣ ଯାତ୍ରା ସଭା

**ତିର୍ତ୍ତୋଲ, ୩।୪ (ଡି.ଏନ.ଏ.)**

ସାରା ଓଡ଼ିଶାରେ ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ଲିଖିତ ଫଳକ ଲଗାଇବା ବାଧ୍ୟତାମୂଳକ ସଚେତନ କରିବାକୁ ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ କହିଛନ୍ତି। ଓଡ଼ିଆ ଅଧ୍ୟୟନ ଗବେଷଣା ସଂସ୍ଥା ଆନୁକୂଲ୍ୟରେ ରବିବାର ତିର୍ତ୍ତୋଲର ଶାରଳା ରୋଡ଼ସ୍ଥିତ ଶାରଳା ଶ୍ରୀକ୍ଷେତ୍ର ପରିସରରେ ଅନୁଷ୍ଠିତ ଓଡ଼ିଆ ଜାଗରଣ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି। ଓଡ଼ିଆ ସ୍ନାତକୋତ୍ତର ସମାଜ, ଝଙ୍କଡ଼ ସାହିତ୍ୟ ସଂସଦ ଓ ମାଟିଘର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ ହୋଇଥିଲା। ଏଥିରେ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ଅଧକ୍ଷ କ୍ୟାପ୍‌ଟେନ ଜ୍ଞାନଜ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ସଂସ୍ଥାର ଉପାଧକ୍ଷା ପୂର୍ବତନ ବିଧାୟକ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ଅଶୋକ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଚିବ ଡ. ସୁବ୍ରତ ପୃଷ୍ଟି ଓ ସମ୍ମାନିତ ଅତିଥି ଅଧାପକ ନିରୋଦ ବରଣ ଖୁଣ୍ଟିଆ, ଶିକ୍ଷାବିତ ମହେନ୍ଦ୍ର ଆଚାର୍ଯ୍ୟ, ଅଧାପକ କ୍ଷୀରୋଦ କୁମାର ଓଝା, ସୁରେଶ ଚନ୍ଦ୍ର ମହାନ୍ତି, ଡ. ବିଷ୍ଣୁ ପ୍ରିୟା ଦାସ, ଅକ୍ଷୟ ଦାସ, ଗୋଲୋକ ବିହାରୀ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୮ ତାରିଖ ସ୍ୱାଭିମାନ ଦିବସ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।


ଉତ୍ସବର ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ସମସ୍ୟା ଘେରରେ କୁଞ୍ଜବିହାରୀ ମନ୍ଦିର

■ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି
■ ଅଭିଯୋଗ ସତ୍ତ୍ୱେ ସମାଧାନ ହେଉନାହିଁ

**କୁଜଙ୍ଗ,୩।୪(ଡି.ଏନ୍.ଏ.)**

ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗରେ ପ୍ରସିଦ୍ଧ କୁଞ୍ଜବିହାରୀ ମନ୍ଦିରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ଏହାସତ୍ତ୍ୱେ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏଠାକୁ ଦୈନିକ ବହୁ ସଂଖ୍ୟାରେ ଭକ୍ତ ଆସି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମନ୍ଦିର ପରିସରରେ ଏକ ସୋଲାର ନଳକୂପ ବସାଯାଇଛି। ଯେଉଁ ଶ୍ରଦ୍ଧାଳୁମାନେ କୁଞ୍ଜବିହାରୀଙ୍କୁ ଦର୍ଶନ ପାଇଁ ଆସନ୍ତି ସେମାନେ ଏଠାରେ ଧୋଇ ହୁଅନ୍ତି ଏବଂ ପ୍ରସାଦ ସେବନ ପରେ ହାତ ସଫା କରିଥାନ୍ତି। ମାତ୍ର ସୋଲାର ଉପକରଣ ଖରାପ ହୋଇଯାଇଥିବାରୁ ଦୀର୍ଘଦିନ ହେବ ଏଠାରେ ଜଳ ଯୋଗାଣ ବନ୍ଦ ରହିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହାର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆନଯିବାରୁ ଉକ୍ତ ସ୍ଥାନରେ ଅନ୍ୟ ଏକ ନଳକୂପ ବସାଗଲା । ମାତ୍ର ଅଳ୍ପଦିନ ବ୍ୟବଧାନରେ ନଳକୂପର ପ୍ଲାଟଫର୍ମ ଭୁଶୁଡି ଯିବାରୁ ତାହା ଅଚଳ ହୋଇଯାଇଛି। ଫଳରେ ମନ୍ଦିର ପରିସରରେ ଜଳଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତିବର୍ଷ ଏଠାରେ ଜଗନ୍ନାଥଙ୍କ ପାରମ୍ପରିକ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଥିନିମନ୍ତେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଖୋଲା ରହିବାର ଆବଶ୍ୟକ ରହିଛି। ମାତ୍ର କିଛି ଲୋକ ବେଆଇନଭାବେ ବଡ଼ଦାଣ୍ଡକୁ ଲାଗି ଘର ତିଆରି କରି ରାସ୍ତା ଜବରଦଖଲ କରି ରଖିଛନ୍ତି। ଫଳରେ ବଡ଼ଦାଣ୍ଡ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ଏ ସମ୍ପର୍କରେ ଏରସମା ତହସିଲଦାରଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଦୀର୍ଘ ୧୦ ବର୍ଷ ତଳେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ୧୪ ଲକ୍ଷ ଟଙ୍କା


ସୋଲାର ନଳକୂପ ଅଚଳ ହୋଇପଡିଛି।


ପରିତ୍ୟକ୍ତ ଅବସ୍ଥାରେ ଥିବା ଯାତ୍ରୀ ନିବାସ।

ବ୍ୟୟ ଅଟକଳରେ ମନ୍ଦିର ପରିସରରେ ଏକ ଯାତ୍ରୀ ନିବାସ ନିର୍ମାଣ କରାଯାଇଛି। ଏଥିରେ ୨ଟି ଶୌଚାଳୟ ମଧ ରହିଛି। ମାତ୍ର ଛାତ ପଡ଼ିବାପରେ ଯାତ୍ରୀ ନିବାସର ପ୍ଲାଷ୍ଟର, ମେଜିଆ, ଝରକା, କବାଟ ଲଗାଯାଇ ନାହିଁ। ଠିକାଦାର ଅଧାରୁ କାମ ଛାଡି ଚାଲିଯାଇଥିବାରୁ ଦୀର୍ଘ ୧୦ ବର୍ଷହେଲା ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଗତ ଡିସେମ୍ବର ୧୧ରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଏରସମା ବାଲିକୁଦା ବିଧାୟକ ତଥା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଗଡକୁଜଙ୍ଗ ଗସ୍ତରେ ଆସିଥିଲେ। ଏହି ସମୟରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ । ତୁରନ୍ତ ଏସବୁ ସମସ୍ୟାର ସମାଧାନପାଇଁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ପୀତାମ୍ବର ରାଉତ, ସଦସ୍ୟ ଭୋଳାନାଥ ସ୍ୱାଇଁ, ଧୀରେନ୍ଦ୍ର ମହାନ୍ତି, ଦେବେନ୍ଦ୍ର ମହାପାତ୍ର, ବିଜୟଚାନ୍ଦ ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ବଡ଼ଦାଣ୍ଡ ଅଭିଯୋଗ ଉପରେ ସେ ଅଭିଯୋଗ ପାଇଛନ୍ତି। ଖୁବ୍‌ଶୀଘ୍ର କ୍ଷେତ୍ର ପରିଦର୍ଶନ କରି ଆଗାମୀ ପଦକ୍ଷେପ ନିଆଯିବ। ଏ ସମ୍ପର୍କରେ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଦାସଙ୍କ ସହ ମୋବାଇଲ୍ ଯୋଗେ ଯୋଗାଯୋଗ କରାଯାଇଥିଲ। ମାତ୍ର ସୁଇଚ୍ ଅଫ୍ ଥିବାରୁ ଅଧିକ ସୂଚନା ମିଳିପାରି ନାହିଁ।

## ଆର୍ଥିକ ସୁଧାର ଦିଗରେ ଭାରତ: ରାଜୀବ କୁମାର

**ନୂଆଦିଲ୍ଲୀ:** ଭାରତ ଏକ ବଡ଼ ଆର୍ଥିକ ରିକଭରି କ୍ଷେତ୍ରରେ ଅଗ୍ରସର ହେଉଥିବା ନ୍ୟାଶନାଲ୍ ଇନ୍ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନିତି) ଆୟୋଗର ଉପାଧକ୍ଷ ରାଜୀବ କୁମାର କହିଛନ୍ତି। ଗତ ସାତ ବର୍ଷ ମଧ୍ୟରେ ସରକାରଙ୍କ ଦ୍ୱାରା ଏ ଦିଗରେ ପଦକ୍ଷେପ ନିଆଯାଉଥିବା ଏବଂ ଭାରତ ବିଶ୍ୱର ଦ୍ରୁତ ଅଗ୍ରଗତି କରୁଥିବା ଅର୍ଥବ୍ୟବସ୍ଥା ବୋଲି ଜୋର୍ ଦେଇ ଏକ ଗଣମାଧମ ସାକ୍ଷାତ୍କାରରେ ସେ କହିଛନ୍ତି। ଆଶା କରୁଛି ଆମେ ବର୍ତ୍ତମାନ କୋଭିଡ୍‌ର ଅନ୍ତ ଦେଖୁଛୁ। ଏହାଛଡ଼ା ଚଳିତବର୍ଷ ଦେଶର ଆର୍ଥିକ ଅଭିବୃଦ୍ଧି ୭.୮% ରହିବ ବୋଲି ସେ ଅନୁମାନ କରିଛନ୍ତି।

### ସଂକ୍ଷେପରେ

## ୬ ମାସରେ ୧.୪୮ ଲକ୍ଷ କୋଟି ୱିଥ୍ ଡ୍ର' କଲେଣି ଏଫ୍‌ପିଆଇ

**ନୂଆଦିଲ୍ଲୀ,୩।୪:** ବିଶ୍ୱର ବିଭିନ୍ନ ଦେଶରେ ଅସ୍ଥିରତା ସ୍ଥିତି ଦେଖାଦେଇଥିବାରୁ ଏହାର ଖରାପ ପ୍ରଭାବ ବଜାର ଉପରେ ଦେଖିବାକୁ ମିଳିଛି। ୟୁକ୍ରେନ୍-ରୁଷିଆ ଯୁଦ୍ଧ, ଶ୍ରୀଲଙ୍କା ସଙ୍କଟ, ପାକିସ୍ତାନ ସରକାର ଉପରେ ସଙ୍କଟ ଏବଂ ଆମେରିକାର ସର୍ବବୃହତ୍ ବ୍ୟାଙ୍କ୍ ଆମେରିକା ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧରେ ବୃଦ୍ଧି ଦେବା ଆଶଙ୍କା ଦେଖାଦେଇଛି। ଫଳସ୍ୱରୂପ ଲଗାତର ଭାବରେ ୬ଷ୍ଠ ମାସ ପାଇଁ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଭାରତୀୟ ବଜାରରୁ ୪୧,୦୦୦ କୋଟି ଟଙ୍କା ୱିଥ୍ ଡ୍ର' କରି ନେଇଛନ୍ତି। ଅଶୋଧିତ ତୈଳ ଦରରେ ବୃଦ୍ଧି ଏବଂ ଇନ୍ଫ୍ଲେଶନ କାରଣରୁ ଆଗାମୀ ଦିନଗୁଡ଼ିକରେ ମଧ ଏଫ୍‌ପିଆଇମାନେ ୱିଥ୍ ଡ୍ର' ପ୍ରକ୍ରିୟା ଜାରି ରଖିପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହାପୂର୍ବରୁ ଏଫ୍‌ପିଆଇଗୁଡ଼ିକ ଜାନୁୟାରୀ ଏବଂ ଫେବୃୟାରୀରେ ଯଥାକ୍ରମେ ୩୫,୫୯୨ କୋଟି ଏବଂ ୩୩,୩୦୩ କୋଟି ଟଙ୍କା ୱିଥ୍ ଡ୍ର' କରିନେଇଥିଲେ। ଏହାଛଡ଼ା ୨୦୨୧ ଅକ୍ଟୋବରରୁ ୨୦୨୨ ମାର୍ଚ୍ଚ ମଧରେ ଭାରତୀୟ ବଜାରରୁ ଏଫ୍‌ପିଆଇମାନେ ସର୍ବମୋଟ୍ ୧.୪୮ ଲକ୍ଷ କୋଟି ୱିଥ୍ ଡ୍ର' କରିନେଇଛନ୍ତି।

## ଶ୍ରୀଲଙ୍କାକୁ ଉଡ଼ାଣ ହ୍ରାସ କଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୩।୪ :** ଦେଶର ପ୍ରମୁଖ ଘରୋଇ ବିମାନସଂସ୍ଥା ଏୟାର ଇଣ୍ଡିଆ ପକ୍ଷରୁ ରବିବାର କୁହାଯାଇଛି ଯେ, ବର୍ତ୍ତମାନ ସମୟରେ ଚାହିଦା ନ ଥିବା କାରଣରୁ ଭାରତ-ଶ୍ରୀଲଙ୍କା ବିମାନ ସେବାକୁ ହ୍ରାସ କରିବା ପାଇଁ କମ୍ପାନୀ ନିଷ୍ପତ୍ତି ନେଇଛି। ଏପରି କି ପ୍ରତି ସପ୍ତାହରେ ୧୬ଟି ବିମାନକୁ ହ୍ରାସ କରି ଏପ୍ରିଲ ୯ରୁ ସପ୍ତାହକୁ ୧୩ଟି ବିମାନକୁ ଉଡ଼ାଣ କରିବ ବୋଲି ଜଣାପଡିଛି। ଶ୍ରୀଲଙ୍କା ବର୍ତ୍ତମାନ ସମୟରେ ଅନେକ ପ୍ରକାରର ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହେଉଛି ଏପରି କି ଇନ୍ଧନ, ରୋଷେଇ ଗ୍ୟାସ, ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସେଠାକାର ବାସିନ୍ଦାମାନେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଏଭଳି ପରିସ୍ଥିତିରେ ଏୟାର ଇଣ୍ଡିଆ (ଏଆଇ)ର ମୁଖପାତ୍ର ଗଣମାଧମକୁ କହିଛନ୍ତ।

# ବେରୋଜଗାରୀ କମୁଛି

### ଫେବୃୟାରୀରେ ୮.୧୦% ଏବଂ ମାର୍ଚ୍ଚରେ ୭.୬%କୁ ହ୍ରାସ

**ନୂଆଦିଲ୍ଲୀ, ୩।୪**



ଦେଶର ଅର୍ଥ ବ୍ୟବସ୍ଥାରେ କ୍ରମାଗତ ସୁଧାର ଆସିବାରେ ଲାଗିଛି। ଏହାର ପ୍ରଭାବ ଦେଶର ବେରୋଜଗାରୀ ହାର ଉପରେ ମଧ ପଡ଼ିଛି। ଦେଶର ବେରୋଜଗାରୀ ଏବଂ କାରବାର ସମ୍ପର୍କିତ ଗତିବିଧି ଉପରେ ନଜର ରଖୁଥିବା ସଂଗଠନ, ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ଦେଶରେ ବେରୋଜଗାରୀ କମିଛି। ସିଏମ୍‌ଆଇଇର ଦ୍ୱାରା ଦିଆଯାଇଥିବା ମାସିକିଆ ତଥ୍ୟ ଅନୁସାରେ ୨୦୨୨ ଫେବୃୟାରୀ ମାସରେ ଦେଶର ସମଗ୍ର ବେରୋଜଗାରୀ ହାର ୮.୧୦% ଥିବା ବେଳେ ମାର୍ଚ୍ଚରେ ତାହା ହ୍ରାସ ଘଟି ୭.୬%ରେ ପହଞ୍ଚିଛି। ଏହାଛଡ଼ା ଏପ୍ରିଲ୍ ୨ ସୁଦ୍ଧା ଏଥିରେ ପୁନଶ୍ଚ ହ୍ରାସ ଘଟି ୭.୫%ରେ ପହଞ୍ଚିଛି। ଏଥି ମଧ୍ୟରୁ ସହରୀ ବେରୋଜଗାରୀ ହାର ୮.୫% ଥିବାବେଳେ ଗ୍ରାମୀଣ ବେରୋଜଗାରୀ ହାର ୭.୧% ରହିଛି। ତଥ୍ୟ ଅନୁସାରେ ହରିୟାଣାରେ ଦେଶର ସର୍ବାଧିକ ୨୬.୭% ବେରୋଜଗାରୀ ହାର ରହିଛି। ଜମ୍ମୁ-କଶ୍ମୀର ଏବଂ ରାଜସ୍ଥାନ ଉଭୟରେ ଏହି ହାର ୨୫% ରହିଛି। ଏହାଛଡ଼ା ଆନ୍ଧ୍ରପ୍ରଦେଶରେ ୯.୨%, ଆସାମ ୭.୭%, ବିହାର ୧୪.୪%, ଛତିଶଗଡ଼ ୦.୬%, ଦିଲ୍ଲୀ ୮.୯%, ଗୁଜରାଟ ୧.୮%, ହିମାଚଳପ୍ରଦେଶ ୧୨.୧%, ଝାଡ଼ଖଣ୍ଡ ୧୪.୫%, କର୍ଣ୍ଣାଟକ ୧.୮%, କେରଳ ୬.୭%, ମଧ୍ୟପ୍ରଦେଶ ୧.୪%, ମହାରାଷ୍ଟ୍ର ୪.୦%, ମେଘାଳୟ ୧.୮%, ଓଡ଼ିଶା ୯.୭%, ପଣ୍ଡିଚେରୀ ୪.୨%, ପଞ୍ଜାବ ୭.୦%, ତାମିଲନାଡୁ ୪.୧%, ତେଲଙ୍ଗାନା ୬.୮%, ତ୍ରିପୁରା ୧୪.୪%, ଉତ୍ତରପ୍ରଦେଶ ୪.୪%, ଉତ୍ତରାଖଣ୍ଡ ୩.୫% ଏବଂ ପଶ୍ଚିମବଙ୍ଗରେ ୫.୬% ବେରୋଜଗାରୀ ହାର ରହିଛି। କର୍ଣ୍ଣାଟକ ଏବଂ ଗୁଜରାଟରେ ଦେଶର ସର୍ବନିମ୍ନ ୧.୮% ବେରୋଜଗାରୀ ହାର ରହିଛି। ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍ଷ୍ଟିଚ୍ୟୁଟ୍‌ର ଅର୍ଥଶାସ୍ତ୍ର ବିଭାଗର ଜଣେ ସେବାନିବୃତ୍ତ ପ୍ରଫେସର ଅଭିରୂପ ସରକାର କହିଛନ୍ତି ଯେ, ବେରୋଜଗାରୀ ହାର ହ୍ରାସ ପାଉଛି। ତେବେ ଭାରତ ଭଳି ଗରିବ ଦେଶ ସହିତ ଏହାକୁ ତୁଳନା କଲେ ବେରୋଜଗାରୀ ହାର ଅଧିକ ରହିଛି।

## ଭିଆଇଟି-ଏପି ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସଫଳତା



### ମାର୍ଚ୍ଚ ୨୪ ସୁଦ୍ଧା ନିଯୁକ୍ତି ପାଇଛନ୍ତି ୬୨୭ ଛାତ୍ରୀଛାତ୍ର

**ନୂଆଦିଲ୍ଲୀ,୩।୪**

ଦେଶର ଏକ ଜଣାଶୁଣା ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଚଳିତ ଶିକ୍ଷା ବର୍ଷରେ ବ୍ୟାପକ ସଫଳତା ଅର୍ଜନ କରିଛନ୍ତି। ବିଶ୍ୱବିଦ୍ୟାଳୟର ୨୦୨୨ ବ୍ୟାଚ କମ୍ପ୍ୟୁଟର ସାଇନ୍ସ ବିଭାଗର ବି.ଟେକ୍ ଛାତ୍ର ସୁଧାଂଶୁ ଡୋଡିଙ୍କୁ ଆମେରିକାଭିତ୍ତିକ ଏକ ଆନାଲିଟିକ୍ସ କମ୍ପାନୀ ପକ୍ଷରୁ ବାର୍ଷିକ ୬୩ଲକ୍ଷ ଟଙ୍କାର ପ୍ୟାକେଜରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ନିକଟରେ ଉକ୍ତ କମ୍ପାନୀ ବିଶ୍ୱବିଦ୍ୟାଳୟକୁ କ୍ୟାମ୍ପସ ଚୟନରେ ଆସିଥିଲା। ଏହି ପରିପ୍ରେକ୍ଷୀରେ ସୁଧାଂଶୁ ଅନ୍ତର୍ଜାତୀୟ ପ୍ଲେସମେଣ୍ଟ ସଫଳତା ପାଇଥିବାରୁ ବିଶ୍ୱବିଦ୍ୟାଳୟର କୁଳପତି ଡ.ଏସଭି. କୋଟା ରେଡ୍ଡୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେ ଆହୁରି କହିଛନ୍ତି, ଚଳିତ ବର୍ଷ ମାର୍ଚ୍ଚ ୨୪ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟର ମୋଟ ୬୨୭ ଛାତ୍ର ନିଯୁକ୍ତି ପାଇଛନ୍ତି। ଗତବର୍ଷ ଭିଆଇଟି ଏପି ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଚୟନରେ ସର୍ବାଧିକ ପ୍ୟାକେଜ ୨୦ଲକ୍ଷ ଟଙ୍କା ରହିଥିବାବେଳେ ଚଳିତବର୍ଷ ଏହା ୬୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହାର ହାରାହାରି ଦରମା ଗତବର୍ଷ ୬.୭୭ ଲକ୍ଷ ଟଙ୍କା ଥିବାବେଳେ ଚଳିତବର୍ଷ ଏହା ୭.୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ସିଏଫ୍‌ଏସ୍‌ର ଆଇ ହସ୍ପିଟାଲ ଉଦ୍‌ଘାଟିତ

**ଭୁବନେଶ୍ୱର,୩।୪**




ଦେଶର ଜଣାଶୁଣା ଆଖି ଡାକ୍ତରଙ୍କ ଏକ ବିଶ୍ୱସନୀୟ ଟିମ୍ ଦ୍ୱାରା ସମର୍ଥିତ ତଥା ଅତ୍ୟାଧୁନିକ ଆଇ କେୟାର ହସ୍ପିଟାଲ ସେଣ୍ଟର୍ ଫର୍ ସାଇଟ୍ (ସିଏଫ୍‌ଏସ୍)ର ଶୁଭାରମ୍ଭ ରବିବାର ସ୍ଥାନୀୟ ନୟାପଲ୍ଲୀସ୍ଥିତ ଇନ୍ଦ୍ରଧନୁ ମାର୍କେଟ ନିକଟରେ ହୋଇଯାଇଛି । ଭାରତର ପୂର୍ବାଞ୍ଚଳରେ ଏକ ଉନ୍ନତ ଓ ଗୁଣାତ୍ମକ ଚକ୍ଷୁ ସେବା ପ୍ରଦାନ କରିବା ଦିଗରେ ଆଉ ଏକ ପାଦ ଆଗକୁ ବଢ଼ାଇଛି ବୋଲି ସେଣ୍ଟର୍ ଫର୍ ସାଇଟ୍ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କର କହିଥିଲେ ଆଖି ହିଁ ସବୁ କିଛି, ଏହି ଆଖିର ଅନେକ ରୂପ ଓ ଗୁଣ ମଧ ରହିଛି। ହେଲେ ଆଖିର ଯତ୍ନ ଆମର ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଲାଲ ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସକ ଡ. ଆର୍.ପି. ଶର୍ମା ଏବଂ ରାଜକୁମାର ଶର୍ମା ଏବଂ ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ସେଣ୍ଟର୍ ଫର୍ ସାଇଟ୍ ଗ୍ରୁପ୍ ଅଫ୍ ଆଇ ହସ୍ପିଟାଲ୍ସର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡା. ମହିପାଲ ସିଂହ ସଚ୍ଚଦେବ କହିଛନ୍ତି, ଦେଶରେ ପ୍ରାୟ ୧୨ମିଲିୟନ ଦୃଷ୍ଟିହୀନ ବ୍ୟକ୍ତି ରହିଛନ୍ତି, ଯାହା ବିଶ୍ୱର ଦୃଷ୍ଟିହୀନ ଜନସଂଖ୍ୟାର ଏକ ତୃତୀୟାଂଶ ସହ ସମାନ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଭୁବନେଶ୍ୱରରେ ମଧ ଏହା ସେବା ପ୍ରଦାନ କରିବାକୁ ଯାଉଛି। ଏହି ସେଣ୍ଟର୍ ଗୋଟିଏ ଛାତ ତଳେ ଆଡ୍‌ଭାନ୍ସଡ୍ କାଟାରାକ୍ଟ ସଲ୍ୟୁଶନଠାରୁ ଆରମ୍ଭ କରି ଡାଇବେଟିକ ରେଟିନୋପାଥି, ଗ୍ଲାଉକୋମା ପର୍ଯ୍ୟନ୍ତ ବ୍ୟାପକ ଅପ୍‌ଥାଲ୍‌ମିକ୍ ସର୍ଭିସ୍, ସମସ୍ତ ପ୍ରକାରର ଜଟିଳ ଅସ୍ତ୍ରୋପଚାର ସମେତ ସାମଗ୍ରିକ ଓ ସୁଲଭ ଚକ୍ଷୁ ଚିକିତ୍ସା ସେବା ଯୋଗାଇ ଦେବ।

## ଶ୍ୟାମ ଷ୍ଟିଲର ନୂଆ ପ୍ରଚାର ଅଭିଯାନ

**ନୂଆଦିଲ୍ଲୀ,୩।୪**

ଶ୍ୟାମ ଷ୍ଟିଲ ତା'ର ନୂଆ ପ୍ରଚାର ଅଭିଯାନ 'ଅପନା ଘର' ର ଶୁଭାରମ୍ଭ କରିଛି। ଶ୍ୟାମ ଷ୍ଟିଲ ଅପନା ଘର ଆପ୍ ଦ୍ୱାରା ବ୍ୟକ୍ତିଗତ ବାସଗୃହ ନିର୍ମାଣକାରୀଙ୍କ ମଧ୍ୟରେ ସାମଗ୍ରିକ ସମାଧାନ ଯୋଗାଇଦେବା ସମ୍ପର୍କିତ ଏକ ସଚେତନତା ସୃଷ୍ଟି କରିବାକୁ ଏହି ଅଭିଯାନ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ଅପନା ଘର ଆପ୍ ବିଷୟରେ ଆମେ ଆମ ଗ୍ରାହକଙ୍କ ନିକଟରୁ ଅତ୍ୟନ୍ତ ସକାରାତ୍ମକ ମତାମତ ପାଇଛୁ। ଏହି ଆପ୍ ଜରିଆରେ ଆମେ ନିର୍ମାଣ କ୍ଷେତ୍ରର ନୂତନ ସଂଜ୍ଞା ନିର୍ଦ୍ଧାରଣ କରିବା ଲକ୍ଷ୍ୟ ରଖିଛୁ। ଅପନା ଘର ଆପ୍ ଏବଂ ଏହାର ଫାଇଦା ସମ୍ପର୍କରେ ଗ୍ରାହକମାନେ ସଚେତନ ହେବା ଦିଗରେ ଏହି ପ୍ରଚାର ଅଭିଯାନ ସହାୟତା କରିବ।

## ୨୦୨୧-୨୨ରେ ଦେଶର ରପ୍ତାନିରେ ବୃଦ୍ଧି

**ନୂଆଦିଲ୍ଲୀ, ୩।୪**

୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ବ୍ୟାପାରିକ ରପ୍ତାନି ୪୧୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିବା ରବିବାର ସରକାରୀ ତଥ୍ୟରୁ ଜଣାପଡ଼ିଛି। ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ୍ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, କେବଳ ମାର୍ଚ୍ଚ ୨୦୨୨ରେ ଆଉଟ୍ ବାଉଣ୍ଡ ଶିପ୍‌ମେଣ୍ଟ ୪୦ ବିଲିୟନ୍ ଡଲାର ଛୁଇଁଛି। ଏହି ହାର ମାସିକ ଶିପ୍‌ମେଣ୍ଟ କ୍ଷେତ୍ରରେ ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଛି। ଏହା ପୂର୍ବ ବର୍ଷ ଅର୍ଥାତ୍ ମାର୍ଚ୍ଚ ୨୦୨୧ରେ ରପ୍ତାନି ୩୪ ବିଲିୟନ୍ ଡଲାର ଛୁଇଁଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ରପ୍ତାନି ୨୯୨ ବିଲିୟନ ଡଲାର ଥିଲା। ତେବେ ଚଳିତବର୍ଷ ମାର୍ଚ୍ଚ ୨୩ ସୁଦ୍ଧା ଭାରତ ନିଜ ବ୍ୟାପାରିକ ରପ୍ତାନି ଲକ୍ଷ୍ୟ ୪୦୦ ବିଲିୟନ ଡଲାର ପାର କରିଥିଲା। ଏହି ରେକର୍ଡ ମାତ୍ରା ରପ୍ତାନିକୁ ଛୁଇଁବା ଦିଗରେ ପେଟ୍ରୋଲିୟମ୍ ଏବଂ ଇଞ୍ଜିନିୟରିଂ ଉତ୍ପାଦ, ରତ୍ନ ଏବଂ ଜୁଏଲାରି, କେମିକାଲ୍ ଏବଂ ଫାର୍ମାସ୍ୟୁଟିକାଲ୍ସ ସେକ୍ଟରଗୁଡ଼ିକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଆମେରିକା, ୟୁଏଇ, ଚାଇନା, ବାଂଲାଦେଶ ଏବଂ ନେଦରଲାଣ୍ଡ ଦେଶଗୁଡ଼ିକ ଭାରତଠାରୁ ଅଧିକ ରପ୍ତାନି ଗ୍ରହଣ କରିଛନ୍ତି। ଏହି ରପ୍ତାନି ଲକ୍ଷ୍ୟ ହାସଲ ପରେ ଦେଶର ସଫଳତାକୁ ପ୍ରଶଂସା କରିବା ଏହା 'ଆତ୍ମନିର୍ଭର ଭାରତ' ଦିଗରେ ଏକ ପ୍ରମୁଖ ମାଇଲ୍‌ଖୁଣ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

### ଫୁର୍‌ସତ୍

## ଅରୁଣାଚଳରେ ବିରଳ ହ୍ୱାଇଟ୍-ଚିକ୍ସ ମକାକ୍

**ଇଟାନଗର**



ଅରୁଣାଚଳ ପ୍ରଦେଶର ପଶ୍ଚିମ-କାମେଙ୍ଗ ଜିଲାରେ ବିରଳ ପ୍ରଜାତିର ହ୍ୱାଇଟ୍-ଚିକ୍ସ ମକକ୍ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ସର୍ଭେରେ ପ୍ରଦେଶର ଅଞ୍ଜ ଜିଲାରେ ଏହି ପ୍ରଜାତି ଦେଖାଯାଇଥିବା ବନ ବିଭାଗ ଅଧିକାରୀ କହିଛନ୍ତି। ସ୍ତନ୍ୟପାୟୀ ପ୍ରାଣୀଙ୍କ ଶ୍ରେଣୀର ଏହା ସବୁଠାରୁ ନୂଆ ସ୍ପେସିସ୍ ବୋଲି କୁହାଯାଉଛି। ୨୦୧୫ରେ ଚାଇନାର ମୋଡଗ୍‌ରେ ଏହି ମାମାଲ୍ ପ୍ରଜାତିକୁ ପ୍ରଥମଥର ଦେଖାଯାଇଥିଲା। ଏହି ମାଙ୍କଡଙ୍କର ଧଳା ଗାଲ କାରଣରୁ ଏହା ଅନ୍ୟ ମାଙ୍କଡଙ୍କ ତୁଳନାରେ ଭିନ୍ନ। ତେବେ ଏହି ନୂଆ ସ୍ପେସିସ୍ ବିଷୟରେ ଅଧିକ ତଥ୍ୟ ଯୋଗାଡ କରିବାରେ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ କାମ କରୁଥିବା କୁହାଯାଉଛି।

## ସବୁଠୁ ଡେଙ୍ଗା ବାଳକଙ୍କ ଭିଡିଓ ଶେୟାର କଲା ଗିନିଜ୍ ବୁକ୍

**ଅଟାୱା:** ଗିନିଜ୍ ବୁକ୍ ଅଫ ରେକର୍ଡ୍ସ ବିଶ୍ୱର ସବୁଠାରୁ ଡେଙ୍ଗା ବାଳକଙ୍କ ଭିଡିଓ ଶନିବାର ଶେୟାର କରିଛି। କାନାଡାରେ ରହୁଥିବା ଏହି ୧୬ ବର୍ଷର ଡେଙ୍ଗା ବାଳକର ନାମ ଓଲିଭିୟର ରିଓକ୍ସ। ଓଲିଭିୟର ବାସ୍କେଟ ବଲ ଖେଳିବାକୁ ପସନ୍ଦ କରନ୍ତି। ତାଙ୍କ ଉଚ୍ଚତା ୨୨୬.୯ ସେଣ୍ଟିମିଟର ବା ୭ ଫୁଟ ୩ ଇଞ୍ଚ। ଶେୟାର କରାଯାଇଥିବା ଭିଡିଓରେ ଦେଖିବାକୁ ମିଳିଛି, ଓଲିଭିୟର ନିଜ ଘରକୁ ପ୍ରବେଶ କରିବା ପାଇଁ ତାଙ୍କୁ ନଇଁକି ଯିବାକୁ ପଡୁଛି। ବାସ୍କେଟ ବଲ୍‌ରେ ତାଙ୍କର ରୁଚି ଥିବା ଜଣାପଡ଼ିଛି। ସେ ଇନ୍‌ଷ୍ଟାଗ୍ରାମରେ ବେଶ ଆକ୍ଟିଭ୍। ତାଙ୍କର ଏକ ଫଟୋରେ ଜଣେ କ୍ୟାମେରାମ୍ୟାନ ଫଟୋ ଉଠାଇବା ପାଇଁ ଟେବୁଲ ଉପରେ ଚଢ଼ିଥିବା ଦେଖିବାକୁ ମିଳିଥିଲା।

## ଡ୍ରାମା ଫ୍ରି ବିବାହ ଚାହାନ୍ତି ତାପସୀ



**ମୁମ୍ବାଇ:** ବି-ଟାଉନ୍ ସେଲିବ୍ରିଟିମାନଙ୍କ ବିବାହକୁ ନେଇ ସମସ୍ତଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଲାଗି ରହିଛି। ତେବେ ସେହି ରେସ୍‌ରୁ ବଲିଉଡ୍ ବ୍ୟୁଟି ତାପସୀ ପନ୍ନୁ ଦୂରରେ ରହିବାକୁ ଚାହୁଁଛନ୍ତି। ଏଥିସହ ସେ ତାଙ୍କ ସ୍ପେଶାଲ ଡେ'କୁ ଗୋଟିଏ ଦିନରେ ସୀମିତ ରଖିବାକୁ ଯୋଜନା କରିଛନ୍ତି ବୋଲି ନିକଟରେ ଏକ ପତ୍ରିକାର ସାକ୍ଷାତ୍କାରରେ କହିଛନ୍ତି। ଏଥିସହ ସେ କିପରି ବିବାହ ଚାହୁଁଛନ୍ତି, ସେ ବିଷୟରେ ମତ ରଖିଛନ୍ତି। ସେ କହିଛନ୍ତି, ସେ ଏପରି ଏକ ବ୍ୟକ୍ତିଙ୍କ ସହ ସମ୍ପର୍କ ବାନ୍ଧିବାକୁ ଚାହାନ୍ତି, ଯିଏ କି ଇଣ୍ଡଷ୍ଟ୍ରି ବାହାରର ହୋଇଥିବ। ଯାହାଦ୍ୱାରା ମିଡିଆ ଆଢୁଆଳରେ ରହିହେବ ଏବଂ ବି-ଟାଉନ୍ ଗସିପ୍‌ରୁ ନିଜ ସମ୍ପର୍କକୁ ଦୂରରେ ରଖିହେବ ବୋଲି ତାପସୀ କହିଛନ୍ତି। ତାପସୀ ବ୍ୟାଡମିଣ୍ଟନ ପ୍ରଶିକ୍ଷକ ମାଥିଆସ୍ ବୋଇଙ୍କୁ ଡେଟ୍ କରୁଥିବା ଜଣାପଡ଼ିଛି।

## କିସ୍ କରି ଜେଲ ଗଲେ

**ମୁମ୍ବାଇ**

ମୁମ୍ବାଇର ଏକ ଅଦାଲତ ଜଣେ ବ୍ୟବସାୟୀଙ୍କୁ ୧ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛନ୍ତି। ୨୦୧୫ରେ ଜଣେ ୩୭ ବର୍ଷ ବୟସର ବ୍ୟକ୍ତି ମୁମ୍ବାଇର ଲୋକାଲ ଟ୍ରେନ୍‌ରେ



ଜଣେ ମହିଳାଙ୍କୁ କିସ୍ କରିଥିଲେ। ଏନେଇ ସମ୍ପୃକ୍ତା ମହିଳା ଥାନାରେ ଅଭିଯୋଗ କରିଥିଲେ। ପରେ ଏହି ମାମଲା କୋର୍ଟରେ ପହଞ୍ଚିଥିଲା। ତେବେ କୋର୍ଟ ଏହି କେସ୍‌ର ଶୁଣାଣି ନିକଟରେ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଯୁକ୍ତିରେ ଦର୍ଶାଇଥିଲେ ଯେ, ସେ ମହିଳାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କିସ୍ କରି ନ ଥିଲେ। ତାଙ୍କ ପାଖରେ ଥିବା ଜଣେ ବ୍ୟକ୍ତି ତାଙ୍କୁ ଠେଲି ଦେଇଥିଲେ। ଫଳରେ ସେ ସମ୍ପୃକ୍ତା ମହିଳାଙ୍କ ଉପରେ ପଡ଼ିଯାଇଥିଲେ ଏବଂ ମହିଳାଙ୍କ ଗାଲରେ ତାଙ୍କ ଓଠ ଲାଗିଯାଇଥିଲା। ଟାଇମ୍ସ ଇଣ୍ଡିଆ ରିପୋର୍ଟ ମୁତାବକ, ୩୭ ବର୍ଷୀୟ କିରଣ ହୋନାବରଙ୍କୁ ମାଜିଷ୍ଟ୍ରେଟ ଭି. ପି କେଦାର ଦୋଷୀ ସାବ୍ୟସ୍ତ କରିଛନ୍ତି। ମାଜିଷ୍ଟ୍ରେଟ କହିଛନ୍ତି, କିରଣ ଟ୍ରେନ୍‌ରେ ଚଢିବା ପରଠାରୁ ସମ୍ପୃକ୍ତା ମହିଳାଙ୍କ ସମ୍ମୁଖରେ ବସି ତାଙ୍କୁ ଚାହୁଁଥିଲେ। ମହିଳା ଜଣଙ୍କ ଏପରି କାର୍ଯ୍ୟକୁ ବୁଝିପାରି ତାଙ୍କ ମନ୍ଦ ଉଦ୍ଦେଶ୍ୟ ଜାଣିପାରିଥିଲେ। ଯାହା ସେ ତାଙ୍କ ବୟାନରେ କୋର୍ଟରେ କହିଥିଲେ। ଏଥିସହ ମହିଳାଙ୍କ ୨ ସାଙ୍ଗ ମଧ ସାକ୍ଷ୍ୟ ଦେଇଛନ୍ତି।

## ବାପା ହେବେ ଧୀରଜ



**ମୁମ୍ବାଇ:** ଟିଭିର ପପୁଲାର ଶୋ' କୁଣ୍ଡଲି ଭାଗ୍ୟର ଅଭିନେତା ଧୀରଜ ଧୁପର ବାପା ହେବାକୁ ଯାଉଛନ୍ତି ବୋଲି ଫ୍ୟାନ୍ସଙ୍କୁ ଏକ ଖୁସି ଖବର ଦେଇଛନ୍ତି। ତାଙ୍କ ସ୍ତ୍ରୀ ବିନ୍ନି ଅରୋଡା ଏହି ଖବର ସୋସିଆଲ ମିଡିଆରେ ଶେୟାର କରିଛନ୍ତି, ଦୁହେଁ ଖୁସି ହୋଇ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ଉଭୟ ଉଭୟଙ୍କୁ କିସ୍ କରୁଥିବା ଦେଖିବାକୁ ମିଳିଥିଲା। ଏଥିସହ ବିନ୍ନି ସୋନୋଗ୍ରାଫିର ଫଟୋ ଧରିଥିବା ମଧ ନଜରକୁ ଆସିଥିଲା। ଫଟୋ ଶେୟାର କରି ବିନ୍ନି ଲେଖିଛନ୍ତି, ତାଙ୍କ ଛୋଟା ଯାଦୁ ଅଗଷ୍ଟ ମାସରେ ହିଁ ଆସିଯିବା ନେଇ ଦୁହେଁ ଆଶା କରୁଛନ୍ତି। ତେବେ ଦୁହିଁଙ୍କ ଲଭ୍ ଷ୍ଟୋରି ଶୋ' 'ମାତା-ପିତା କେ ଚରଣୋ ମେଁ ସ୍ୱର୍ଗ' ସମୟରୁ ହିଁ ଆରମ୍ଭ ହୋଇଥିଲା। ସେମାନେ ୭ ବର୍ଷ ଧରି ରିଲେଶନଶିପ୍‌ରେ ରହିବା ପରେ ୨୦୧୬ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହର ୫ ବର୍ଷ ପରେ ତାଙ୍କ ଘରକୁ ଆଉ ଜଣେ ସଦସ୍ୟ ଆସିବାକୁ ଯାଉଛନ୍ତି। ଶୋ'ରେ ଧୀରଜଙ୍କ ବିପକ୍ଷରେ ଶ୍ରଦ୍ଧା ଆର୍ଯ୍ୟ ନଜରକୁ ଆସୁଛନ୍ତି। ଦୁହିଁଙ୍କ ଯୋଡିକୁ ମଧ ଦର୍ଶକ ପସନ୍ଦ କରୁଛନ୍ତି। ଅନ୍ୟପଟେ ବିନ୍ନି 'ମେଁ ଲକ୍ଷ୍ମୀ ତେରେ ଆଙ୍ଗନ କି', 'ୟେ ହେ ଆଶିକି', 'ଲାଡୋ ଅର ଲାଲ ଆଶିକି ଜେସେ ସୋଜ'ରେ ଶେଷ ଥର ପାଇଁ ନଜରକୁ ଆସିଥିଲେ।

## ଲଗେଜ୍ ବ୍ୟାଗ୍‌ରୁ ମହିଳା ଉଦ୍ଧାର

**ଟେକ୍ସାସ**



ଆମେରିକା ବର୍ଡର ପୋଲିସର ପାଟ୍ରୋଲିଂ ଟିମ୍ ଲଗେଜ୍ ବ୍ୟାଗ୍‌ରୁ ଜଣେ ମହିଳାଙ୍କୁ ଉଦ୍ଧାର କରିଛନ୍ତି। ସୂଚନାଯୋଗ୍ୟ ଆମେରିକାର ଟେକ୍ସାସର ଏହି ଘଟଣା। ଏକ ମାନବ ଚୋରା ଚାଲାଣ ଗୋଷ୍ଠୀ ଜଣେ ମହିଳାଙ୍କୁ ଲଗେଜ୍ ବ୍ୟାଗ୍‌ରେ ଭର୍ତ୍ତି କରି ନେଇଯାଉଥିବାବେଳେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିରେ ନିଆଁ ଲାଗିଯିବା କାରଣରୁ ସ୍ମଗ୍‌ଲର୍ କାର୍‌ଟିକୁ ଘଟଣାସ୍ଥଳରେ ଛାଡ଼ି ଫେରାର୍ ହୋଇଯାଇଥିଲେ। ପାଟ୍ରୋଲିଂ କରୁଥିବା ୟୁଏସ୍ ବର୍ଡର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ଗାଡ଼ି ମଧ୍ୟରେ ଏକ ବଡ଼ ଲଗେଜ୍ ଥିବା ଦେଖି ପୋଲିସ କାର୍‌ର ଗ୍ଲାସ୍ ଭାଙ୍ଗି ବ୍ୟାଗ୍‌ଟିକୁ ବାହାର କରିଥିଲା। ତେବେ ବର୍ଡର ସିକ୍ୟୁରିଟି ପକ୍ଷରୁ ଉଦ୍ଧାର କରାଯାଇଥିବା ବ୍ୟାଗ୍‌ରୁ କୌଣସି ଜିନିଷ ନୁହେଁ ବରଂ ଜଣେ ମହିଳା ଥିଲେ। ମାନବ ଚାଲାଣ କରୁଥିବା ଏହି ଗୋଷ୍ଠୀ ମହିଳାଙ୍କୁ ବିଦେଶ ନେଇ ବିକ୍ରି କରିବା ଉଦ୍ଦେଶ୍ୟରେ ଥିବାବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ କରୁଥିବା ବର୍ଡର ପୋଲିସ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ଏପ୍ରିଲ, ୨୦୨୨



## ସଂକ୍ଷେପରେ

### ଅଂଶୁଘାତରେ ୧୦ ମାସ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

**କାଳିଆପାଣି,୩।୪(ଡି.ଏନ.ଏ.):** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ମାଙ୍କେଡ଼ିଆ ବସ୍ତିର ଜଣେ ୧୦ ମାସ ଶିଶୁପୁତ୍ରର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ବସ୍ତିର ରଘୁ ମାଙ୍କେଡ଼ିଆଙ୍କ ପୁଅ ସାଗର। ରଘୁ ଓ ତାଙ୍କ ସ୍ତ୍ରୀ ଗୁନି ପୁଅକୁ ଧରି ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ତେବେ ରୁଦ୍ରତାପ ପ୍ରବଳ ଥିବାରୁ ମା'ବାପା ଶିଶୁ ଟିକୁ ପାଣି ପିଆଇ ପାରି ନ ଥିଲେ। ଫଳରେ ଘରେ ପହଞ୍ଚିବା ପରେ ଶିଶୁଟିର ଦେହରେ ଉତ୍ତାପ ବଢ଼ି ଯାଇଥିଲା। ଅଙ୍ଗନୱାଡି କର୍ମୀ କୁନି ନାଏକ ପହଞ୍ଚି ଶିଶୁର ପ୍ରାଥମିକ ଚିକିତ୍ସା କରିବା ପରେ ସୁକିନ୍ଦା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସେତୁ ନିର୍ମାଣ ଦାବିରେ ଗଣଧାରଣା

**ମାର୍ଶାଘାଇ,୩।୪(ଡି.ଏନ.ଏ.):** ମାର୍ଶାଘାଇ ବ୍ଲକ ବାରତୁଙ୍ଗା ଗାଁର ଲୁଣାନଦୀ ଉପରେ ସେତୁ ନିର୍ମାଣ ଦାବିରେ ରବିବାର ଗଣଧାରଣା ଦିଆଯାଇଥିଲା। ଯୁବ ଓଡ଼ିଶା କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଆବାହକ ତେଜେଶ୍ୱର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିପିନ ବିହାରୀ ପରିଡା, ମାଧବ ନାୟକ ଯୋଗଦେଇଥିଲେ। ସେମାନେ ସେତୁ ନିର୍ମାଣର ଆବଶ୍ୟକତା ଉପରେ ମତ ଦେଇ ମାର୍ଶାଘାଇ ଓ ଗରଦପୁର ବ୍ଲକର ଅନେକ ପଞ୍ଚାୟତକୁ ଏହି ସେତୁ ସିଧାସଳଖ ବ୍ଲକ, ତହସିଲ, ବଜାର, ଡାକ୍ତରଖାନା, ମହାବିଦ୍ୟାଳୟ ସମେତ ବହୁ ସରକାରୀ କାର୍ଯ୍ୟାଳୟକୁ ଯୋଡି ପାରିବ। ଲୋକେ ଖର୍ଚ୍ଚାନ୍ତରୁ ବଞ୍ଚିବା ସହ ଆର୍ଥିକ ଅଭିବୃଦ୍ଧିରେ ସେତୁ ସହାୟକ ହୋଇପାରିବ। ଗଣଧାରଣା ସ୍ଥଳକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଆସି ବିଭାଗ ପକ୍ଷରୁ ମୃତ୍ତିକା ପରୀକ୍ଷା କରାଯାଇଛି। ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ପରେ ଟେଣ୍ଡର ଡକାଯିବ ବୋଲି କହିଥିଲେ। ସଙ୍ଗଠନ ପକ୍ଷରୁ ୧୦ ଦଫା ସମ୍ବଳିତ ଦାବିପତ୍ର ମାର୍ଶାଘାଇ ଅତିରିକ୍ତ ତହସିଲଦାର ଅଶୋକ ବେହେରାଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଘ୍ନେଶ୍ୱର ନାୟକ, ଗୁରୁଚରଣ ଜେନା, ଅବିନାଶ ସ୍ୱାଇଁ, ପବିତ୍ର ସାହୁ, ବୀରକିଶୋର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଉତ୍କଟ ହେଉଛି ଜଳସଙ୍କଟ

■ ବହୁ ପାନୀୟ ଜଳ ପ୍ରକଳ୍ପ ଅଧାପନ୍ତରିଆ
■ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି

**ବରୀ,୩।୪(ଡି.ଏନ.ଏ.)**

ରାଜ୍ୟ ସରକାର ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ପ୍ରକଳ୍ପ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହେଉଛି। ମାତ୍ର ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବହୁ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାର ଉଦାହରଣ ଦେଖିବାକୁ ମିଳିଛି ବରୀ ବ୍ଲକ୍ ଅଞ୍ଚଳରେ। ଏହି ବ୍ଲକ୍ ଅଧୀନ ୨୯ ପଞ୍ଚାୟତର ୧୧୧ଟି ରାଜସ୍ୱ ଗ୍ରାମ ମଧ୍ୟରୁ ଅର୍ଦ୍ଧାଧିକ ଗ୍ରାମବାସୀ ଅଦ୍ୟାବଧି ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଶେଷକରି ବ୍ଲକ ଅଧୀନ ଗୋଲକୁଣ୍ଡ ପଞ୍ଚାୟତର ମେଣ୍ଟ, ଅଟିରା ପଞ୍ଚାୟତ, ଧାରପୁର, ମହାକାଳପଡ଼ା, ବାଲିବିଲ ଓ ଅମଠପୁର ଆଦି ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ଦାୟିତ୍ୱରେ ଥିବା ଠିକାଦାର ଚୁକ୍ତିବଦ୍ଧ ହୋଇଥିଲେ ମଧ୍ୟ ଅଧାରୁ କାମ ବନ୍ଦ ରଖିଛନ୍ତି। ଏଥିଯୋଗୁ ଅଞ୍ଚଳରେ ଉତ୍କଟ ଜଳ ସମସ୍ୟା ଦେଖାଦେଇଛି।

ଏତଦ୍‌ବ୍ୟତୀତ ଗ୍ରୀଷ୍ମଋତୁ ଆରମ୍ଭରୁ ବ୍ରାହ୍ମଣୀ ନଦୀ ଶଯ୍ୟା ଶୁଷ୍କ ପଡ଼ିବା ଓ ଭୂତଳ ଜଳସ୍ତର କ୍ରମଶଃ କମୁଥିବାରୁ ଏହି ଅଞ୍ଚଳରେ ଥିବା କୂଅଗୁଡ଼ିକ ଶୁଖିବାକୁ ଲାଗିଲାଣି। ଅମଠପୁର ପଞ୍ଚାୟତର ୧ ନଂ. ଓ ୨ନଂ. ୱାର୍ଡର ମହିଳାମାନେ ନିକଟସ୍ଥ ବିରୂପା ନଦୀରୁ ପାନୀୟ ଜଳ ସଂଗ୍ରହ କରିବା ସରକାରଙ୍କ ବସୁଧା ଯୋଜନାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପରି କି ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ପାନୀୟଜଳ ନିମନ୍ତେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିରଗାର ପାଲଟିଛି। ବିଶ୍ୱ ଜଳ ଦିବସରେ ମହାକାଳପଡ଼ା ପଞ୍ଚାୟତ ଅଧୀନ ମିତ୍ରସେନପୁର ଗ୍ରାମର ମହିଳା ଓ ଗ୍ରାମବାସୀ ହାତରେ ମାଠିଆ ଏବଂ ବାଲ୍ତି ଧରି ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା। ତେବେ ଗ୍ରୀଷ୍ମ ପ୍ରବାହ କ୍ରମଶଃ ବୃଦ୍ଧି ପାଉଥିବାରୁ ଲୋକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଅଧାପନ୍ତରିଆ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଶୀଘ୍ର ଶେଷ କରିବା ଦିଗରେ ଜିଲାପାଳ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ପର୍ଶୁରାମ ବିଶ୍ୱାଳ, ସତ୍ୟରଞ୍ଜନ କର, କୁଳମଣି ଶୁକ୍ଳ, ନିମାଇଁ ରାୟ ଓ ରମାକାନ୍ତ ମଣ୍ଡଳ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼ାଇଙ୍କୁ ପଚାରିବାରେ ସେ କହିଛନ୍ତି, ବରୀରେ ନିର୍ମାଣାଧୀନ ବହୁ ପ୍ରକଳ୍ପରୁ ଲୁଣାପାଣି ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ହୋଇପାରୁନାହିଁ। ଖୁବ୍‌ଶୀଘ୍ର ସେହି ଜଳକୁ ବିଶୋଧନ କରାଯାଇ ପାନୀୟ ଉପଯୋଗୀ କରିବା କ୍ଷେତ୍ରରେ ପଦକ୍ଷେପ ନିଆଯିବ। ତେବେ ଅନ୍ୟ ଯେଉଁ ସ୍ଥାନରେ ଜଳ ସମସ୍ୟା ରହିଛି ତା'ର ତୁରନ୍ତ ସମାଧାନ କରାଯିବ ବୋଲି ଘଡ଼ାଇ ପ୍ରକାଶ କରିଛନ୍ତି।


ଅଧାପନ୍ତରିଆ ହୋଇଥିବା ଏକ ପାନୀୟ ଜଳ ପ୍ରକଳ୍ପ।

## ମଦନମୋହନ ମନ୍ଦିରରୁ ଚୋରି

**ରସୁଲପୁର,୩।୪(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ପ୍ରଭୁ ନାରାୟଣ ଗୋସାଇଁଙ୍କ ଚଳନ୍ତି ପ୍ରତିମାଙ୍କ ପୂଜିତ ସ୍ଥାନ ମଦନମୋହନ ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଛି। ଏନେଇ ମନ୍ଦିର ଟ୍ରଷ୍ଟି ମଧୁପୁର ଗଡ଼ର ରାଜାଙ୍କ ଦାୟାଦ ରାଣୀ ଅପର୍ଣ୍ଣାଧିର ନରେନ୍ଦ୍ର ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ମନ୍ଦିର ପୂଜକ ବିଷ୍ଣୁଚରଣ ପଣ୍ଡାଙ୍କ ସୂଚନା ମୁତାବକ, ସେ ରବିବାର ସକାଳେ ମନ୍ଦିରରେ ନିତ୍ୟ ପୂଜା ନିମିତ୍ତ ପହଞ୍ଚି ଦେଖିଲେ ଯେ, ମନ୍ଦିର ତାଲା ଭଙ୍ଗାଯାଇଛି। ଏଥିସହିତ ମନ୍ଦିର ଭିତରୁ ଗୋଟିଏ ବଡ଼ ପିତ୍ତଳ ଓ ୨ଟି ଛୋଟ ଥାଳି, ୫ଟି ପିତ୍ତଳ ହାତ ଘଣ୍ଟି, ୧ଟି ପିତ୍ତଳ ପିଟା ଘଣ୍ଟ, ପାତ୍ରୀ ୧ଟି, ଢାଳ ୧ଟି ଓ ପିତ୍ତଳ ଗରା ଚୋରି ହୋଇଛି। ଏ ନେଇ ଥାନାରେ ଏକ ମାମଲା ନଂ.୧୨୮/୨୨ ରୁଜୁ ହୋଇଛି। ଅନ୍ୟପକ୍ଷରେ ପ୍ରଭୁ ନାରାୟଣ ଗୋସାଇଁଙ୍କ ୩ ଦିନିଆ ସ୍ଥଳ ବିଜେ ଯାତ୍ରାକୁ ଆଉମାତ୍ର ୧୦ଦିନ ରହିଲା। ଏହି ସମୟରେ ମନ୍ଦିରରୁ ଚୋରି ହେବା ଘଟଣା ଭକ୍ତଙ୍କ ଭକ୍ତି ଭାବନାକୁ ପ୍ରଭାବିତ କରିଛି।

## ୩ ମୋବାଇଲ ଲୁଟେରାଙ୍କୁ କାବୁ କଲା ପୋଲିସ

**ସୁକିନ୍ଦା,୩।୪(ଡି.ଏନ.ଏ.)**

ମୟୂରଭଞ୍ଜରୁ ଆସି ସୁକିନ୍ଦା ବ୍ଲକରେ ମୋବାଇଲ୍ ଲୁଟ୍ କରୁଥିବା ଏକ ଗ୍ୟାଙ୍ଗ୍‌ର ୩ ନାବାଳକଙ୍କୁ ସୁକିନ୍ଦା ପୋଲିସ କାବୁ କରିଛି। ସୁକିନ୍ଦାଠାରୁ କୁହିକା ପର୍ଯ୍ୟନ୍ତ ଭିକ୍ଷା ମାଗିବାର ଆଳ କରି ଲୁଟେରା କିଛିଦିନ ଧରି ଅଞ୍ଚଳରୁ ମୋବାଇଲ୍ ଲୁଟ୍ କରି ଆସୁଥିଲେ। ଶନିବାର ସକାଳେ ସୁକିନ୍ଦା ବ୍ଲକରେ କାର୍ଯ୍ୟରତ ଦୀପ୍ତିରେଖା ଜେନାଙ୍କ ଘରୁ ମୋବାଇଲ ଚୋରି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ତେଣୁ ଲୁଟେରାଙ୍କୁ କାବୁ କରିବାକୁ ଆଇଆଇସି ଓ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟାରେ କୁହିକା ହାଟ ପଡ଼ିଆ ନିକଟରେ ଲୁଟେରା ଲୁଟ୍ ମୋବାଇଲ ପାୱାର ବ୍ୟାଙ୍କ ଗୁଡ଼ିକୁ ବିକ୍ରି କରୁଥିବା ପୋଲିସ ଖବର ପାଇଥିଲା। ଫଳରେ ଆଇଆଇସି ଶ୍ରୀବତ୍ସ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ନିର୍ମଳ ସେନାପତି ଚଢ଼ାଉ କରି ୩ଜଣ ଲୁଟେରାଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ୬ଟି ମୋବାଇଲ ଜବତ କରାଯାଇଛି।

## ଭୋଟକା ସରପଞ୍ଚଙ୍କ ଜନଶୁଣାଣି

**ରସୁଲପୁର,୩।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପକ୍ଷରୁ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚଙ୍କ ସମେତ ସମିତିସଭ୍ୟ ରଞ୍ଜିତ ସାହୁ ଓ ନାଏବ ସରପଞ୍ଚ କେଦାର କୁମାର ଦେଓ ପ୍ରମୁଖ ଯୋଗଦେଇ ବିଭିନ୍ନ ୱାର୍ଡରୁ ଆସିଥିବା ୨୨ଟି ଲିଖିତ ଅଭିଯୋଗର ଶୁଣାଣି କରିବା ସହ ପଞ୍ଜୀକୃତ କରିଥିଲେ। ତେବେ ଏଭଳି ଏକ ଶିବିର ପଞ୍ଚାୟତ ପକ୍ଷରୁ ପ୍ରଥମ ଥର କରାଯାଇଥିବାରୁ ବହୁ ହିତାଧିକାରୀ ଶିବିର ଉଦ୍ଦେଶ୍ୟ ସମ୍ପର୍କରେ ଜାଣି ନ ପାରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ମୌଖିକ ଅଭିଯୋଗ କରିଥିଲେ। ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗପତ୍ର ସହ ଆବଶ୍ୟକ ପ୍ରମାଣପତ୍ର ସଂଯୋଗ କରି ଦାଖଲ କରିବାକୁ ସରପଞ୍ଚ ରାଉତ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରକୁ ଆସିଥିବା ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନକାର୍ଡ, ବ୍ୟକ୍ତିଗତ ପାଇଖାନା ଓ ବିଦ୍ୟୁତ୍ ସମସ୍ୟା ଆଦି ରହିଛି। ଅଭିଯୋଗକୁ ନେଇ ଜନ ପ୍ରତିନିଧିମାନେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ଜରିଆରେ ସମାଧାନ କରିବେ ବୋଲି କହିଛନ୍ତି।

## ମହିମଣ୍ଡଳ ଗୀତାର ହିନ୍ଦୀ ଅନୁବାଦ ଲୋକାର୍ପିତ



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଚଣ୍ଡିଖୋଲ,୩।୪(ଡି.ଏନ୍.ଏ.)**

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ରଚିତ ମହିମଣ୍ଡଳ ଗୀତାକୁ ହିନ୍ଦୀରେ ଅନୁବାଦ କରିଛନ୍ତି ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା। ଓଲାଶୁଣୀପୀଠର ସିଦ୍ଧ ସାଧକ ମହାପୁରୁଷ ସନ୍ଥ ଅରକ୍ଷିତ ମହିମଣ୍ଡଳ ଗୀତାରେ ମାନବ ଜୀବନ ଉପରେ ଆଧାରିତ ବହୁତଥ୍ୟ ଉପସ୍ଥାପନ କରିଛନ୍ତି। ଏହି ବିଶାଳ ଗ୍ରନ୍ଥକୁ ରବିବାର ଓଲାଶୁଣୀ ପାହାଡ଼ର ଶୀର୍ଷ ଦେଶରେ ଥିବା ଗଣେଶ ମଣ୍ଡପଠାରେ ଲୋକାର୍ପଣ କରାଯାଇଛି। ବିଶିଷ୍ଟ କଳାକାର ଶରଣାରବିନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମହାନ କାବ୍ୟକୁ ଅନୁବାଦ କରି ମୁଁ ଗର୍ବିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦୂରଦର୍ଶନର ନିର୍ଦ୍ଦେଶକ ଦୀପ୍ତି ମିଶ୍ର, କଣ୍ଠଶିଳ୍ପୀ ଟି. ସୌରୀ, ଓଲାଶୁଣୀ ମଠ ମହନ୍ତ ଡ. ନାମାନନ୍ଦ ଦାସ, ବିଶିଷ୍ଟ ଲେଖିକା ସନ୍ଧ୍ୟାରାଣୀ ଉଦ୍‌ଗାତା, ରବୀନ୍ଦ୍ର କିଶୋର ଶ୍ରୀଚନ୍ଦନ, ଅଭିନେତା ଚିନ୍ତାମଣି ବିଶ୍ୱାଳ, ଆଗାମୀ ଶତାବ୍ଦୀ ପତ୍ରିକା ସମ୍ପାଦକ ସେକ୍ ମାସୁଦ୍ ଅଲ୍ଲୀ ପ୍ରମୁଖ ଯୋଗଦେଇ ମହିମଣ୍ଡଳ ଗୀତା ସମ୍ପର୍କରେ ଆଲୋକପାତ କରିଥିଲେ। ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର ସମିତି ସମ୍ପାଦକ ନବକିଶୋର ସାମଲ ମହାପୁରୁଷଙ୍କ ଜୀବନାଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ବିଜୟଲକ୍ଷ୍ମୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କୃତୀ ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ମା'ଭଗବତୀ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ପ୍ରସ୍ତୁତି

**ଜେନାପୁର,୩।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତ ଅଧୀନ କୁସୁନପୁର ଗ୍ରାମରେ ମା'ଭଗବତୀ ସପ୍ତଶତୀ ଚଣ୍ଡୀଙ୍କ ୧୧ତମ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ୭ରୁ ୯ତାରିଖ ପର୍ଯ୍ୟନ୍ତ ଯଜ୍ଞ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଦିବସରେ ପୂଜା କାର୍ଯ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେବେ ଉତ୍ସବରେ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ କୀର୍ତ୍ତନ ନାୟକ, ବଳରାମ ଅମାନ୍ତ, ଶ୍ୟାମ ଅମାନ୍ତ, ନରେନ୍ଦ୍ର ନାୟକ, ପ୍ରଦୀପ ନାୟକ ଓ ପ୍ରଶାନ୍ତ ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।


GOVERNMENT OF ODISHA No. A-6

**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**
At/P.O.- Laxmiposi, Dist.- Mayurbhanj
Government of Odisha "e" PROCUREMENT NOTICE
Bid Identification No. 27/21-22 of CEBM, SBB, Laxmiposi

| | | |
|---|---|---|
| i | Name of Work | Construction of Asabundh Sub-Minor at RD 5830M of Raibania Distributary and Kalama Sub-Minor at RD 2520M of Tarapur Minor including all structures |
| ii | Estimated Cost | Rs.375.84 lakh |
| iii | Period of Completion | 10 (Ten) Calendar Months |
| iv | Date & time of availability of bid document in the portal | 08.04.2022 at 10.00 A.M. |
| v | Last date/time for receipt of bid in the portal | 25.04.2022 upto 5.00 P.M. |
| vi | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement portal "https://tendersodisha.gov.in".

Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
cebmsbb2019@gmail.com

OIPR-32429/11/0002/2223



No.- C-08

GOVERNMENT OF ODISHA

**OFFICE OF THE SUPERINTENDING ENGINEER, P.H. DIVISION, CUTTACK**
e-mail ID: eephctcii@gmail.com, sephdctc521@gmail.com

**e-Procurement Notice for Bid Identification No. SEPH-DIVISION, CTC-02 of 2022-23**

1. Name of the work : 1 No. of P.H. Work
2. Estimated Cost : Rs.33.32 lakhs
3. Period of Completion : 2 Months
4. Date & time of availability of bid document in the portal : From 11.00 A.M. of 07.04.2022 to 5.00 P.M. of 16.04.2022
5. Last date/time of receipt of bids in the portal : 5.00 P.M. of 16.04.2022
6. Date & time of opening of bids : 11.00 A.M. of 18.04.2022
7. Name and address of the Officer Inviting Bid : The Superintending Engineer, P.H. Division, Cuttack - 753004, Odisha, Ph. (0671) 2979063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./- Superintending Engineer
P.H. Division, Cuttack
OIPR-13009/11/0001/2223



GOVERNMENT OF ODISHA No. B-01

**"e" Procurement Notice**
**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
Bid Identification No. 38 of 2021-2022

1. Name of the Work : Building Work - 4 Nos.
2. Estimate Cost : Rs.23,30,146.00 to Rs.36,04,861.00
3. Period of Completion : 04 (Four) Calendar Months
4. Date & time of availability of the Bid documents in the portal : 10.00 A.M. of 07.04.2022 to 5.00 P.M. of 21.04.2022
5. Last date/time of receipt of the bid in portal : 21.04.2022 upto 5.00 P.M.
6. Date of Opening : 22.04.2022 at 10.00 A.M.
7. Name and Address of the Office : Office of the Superintending Engineer, Dhenkanal (R&B) Division, Dhenkanal.

Further details can be seen from the e-procurement portal "https://tendersorissa.gov.in".

Sd./- Superintending Engineer
Dhenkanal (R&B) Division
OIPR-34016/11/0002/2223



**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.DKL (R&B) 22/2021-22**
No. B-05 E-mail Id: sedklpwd@gmail.com
Letter No. 785 Dt.30.03.2022

No. B-05: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of building works as detailed below:

1. Name of the work : Building works
2. No. of works : 03 (Three) Nos.
3. Estimated Cost : Rs.3,23,35,645/- to Rs.8,76,57,124/- (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'A', 'Special' & 'Super' (as given in Column No. 06 of table)
6. Period of Completion of work : 09 (Nine) to 11 (Eleven) Calendar months (as given in Column No. 07 of table)
7. Date and time of availability of bid document in the website : From Dt.12.04.2022 to 5.30 P.M. of Dt.26.04.2022
8. Date of opening of bid : Dt.27.04.2022 at 11.30 hours.

The bidders have to participate in ONLINE bidding only. Further details can be seen from the e-procurement portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0001/2223



**OFFICE OF THE CHIEF CONSTRUCTION ENGINEER ANANDAPUR BARRAGE PROJECT, SALAPADA DIST-KEONJHAR, ODISHA, PIN: 758020**
Tel No. (06731)295003, E-mail:cceabp@gmail.com

**"e" Procurement Notice**
**Bid Identification No. CCE ABP 09/2021-22**

**No.A-12:** The Chief Construction Engineer, Anandapur Barrage Project, Salapada, on behalf of the Governor of Odisha, invites On-line tenders in double cover system from eligible bidders as detailed below:-
1.Name of Work:- Appointment of Third Party Inspection Agency (TPIA) for Construction of distribution system for 9803 Ha. Of CCA including Command Area Development (CAD) for 9803 Ha. of CCA of Salandi Left Main Canal from RD 16.08 Km to 30.547 Km through Under Ground Pipe Line Irrigation System (Gravity Flow) of Anandapur Barrage Project in Balasore district of Odisha on EPC-Turn Key basis. 2. Period of completion :18 (Eighteen) Calendar Months including rainy season. 3. Date & time of availability of bid document in the portal : From 10.00 A.M. of dt.06.04.2022 to 25.04.2022 upto 5.00 P.M. 4. Last date/Time for receipt of bids in the portal : 25.04.2022 up to 05-00 PM. 5. Date & time of opening of tender ( Tech) : 26.04.2022 at 11-30 A.M. 6. Name & address of the officer inviting Bid : Chief Construction Engineer, Anandapur Barrage Project, AT/PO: Salapada, Dist-Keonjhar. Odisha. Further details can be seen from the e-procurement portal **https://tendersodisha.gov.in.**

Sd./- Chief Construction Engineer
Anandapur Barrage Project, Salapada
OIPR-32068/11/0002/2223



**ODISHA PUBLIC SERVICE COMMISSION, CUTTACK**

**NOTICE**
**No.3005/PSC, Dt.2.4.22**
**(2PE-13-21/22) (DR-I)**

**No.D-386:** It is for information of all concerned that, 83 (Eighty three) candidates bearing following PPSAN have been called for the physical verification of original certificates/documents to determine their eligibility and suitability for recruitment to the post of Assistant Professor, Teacher Education (Zoology), pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN of Candidates |
|---|---|---|
| 08.04.2022 | 10.30 A.M. | 00080693,00089318,00094730,00112266,00089743,00079226,00085527, 00097524,00111407, 00112070, 00112562,00080040,00091444,00088780, 00112175=15 Candidates |
| | 02.30 P.M. | 00094935,00096904,00086488,00088148,00094483,00100472,00112603, 00111225, 00093613,00095944 =10 Candidates |
| 11.04.2022 | 10.30 A.M. | 00088731,00090044,00095415,00090974,00087978,00018671,00091921, 00055016,00080575,00093252,00097636,00094958,00051119,00091513, 00079668 =15 Candidates |
| | 02.30 P.M. | 00061562, 00086146, 00088940, 00092242, 00096061, 00112253,00112781, 00086018, 00112116, 00112335 = 10 Candidates |
| 12.04.2022 | 10.30 A.M. | 00094095, 00112607, 00059168, 00057931, 00079070, 00093528, 00093318, 00051427, 00101451, 00072524, 00081444,00093608, 00111574, 00112289, 00101550= 15 Candidates |
| | 02.30 P.M. | 00096145, 00090201, 00087708, 00095009, 00089903, 00096908,00094338, 00081163, 00091235,00056720 = 10 Candidates |
| 13.04.2022 | 10.30 A.M. | 00098334, 00103510,00071732,00094917,00097492,00112244,00112597,00112836 = 08 Candidates |

The candidates are required to bring **one set of self-attested photocopies of all documents along with all original documents** for verification as mentioned below:-
1. **Hard copy** of online application form.
2. Three passport size photographs.
3. Duly filled in & attested **"Attestation form"** and duly filled in **"Bio-data form"** (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/ Council.
5. **Bachelor's Degree** marksheet.
6. **B.Ed. Degree** marksheet.
7. **Master's Degree** marksheet.
8. **M. Phil** marksheet
9. **NET/JRF/SET/SLET** qualified certificate.
10. **Ph.D.** Degree certificate.
11. Conversion certificate from the concerned University indicating the actual equivalent percentage of marks.
12. **Odia Test pass** certificate.
13. **Caste certificate** wherever applicable.
14. **Identity card** issued by the Director of Sports, Odisha in case of Sports person.
15. **Permanent Disability Certificate** (indicating permanent disability of 40% or more)
16. One set Xerox copy of **published Research papers.**
17. **Teaching/ Post-Doctoral** experience certificate
18. **Awards.**
19. **No objection certificate** from the competent authority in case of Govt. Servants.
20. Any proof of identity

Note:-It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

Sd./-Secretary
OIPR-12002/11/0003/2223



**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**

ପତ୍ର ସଂଖ୍ୟା–୮୧୭, ତା.୦୨.୦୪.୨୦୨୨ରିଖ

**ବିଜ୍ଞାପନ**

**No.C-03:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତଗୁଡିକର ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ପୌରପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ତେବେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ପରିଷଦଠାରୁ କ୍ରୟ କରି ତା.୦୪.୦୪.୨୦୨୨ ଦିନ ୧୦.୦୦ ଘଣ୍ଟା ଠାରୁ ତା.୧୨.୦୪.୨୦୨୨ ରିଖ ଦିନ ଘ.୫.୦୦ଣ୍ଟା ଅପରାହ୍ଣ ସୁଦ୍ଧା କିଣି ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଟେଣ୍ଡର ପେପର ସହିତ ଇଚ୍ଛୁକ ବ୍ୟକ୍ତି ଚଳିତ ବର୍ଷ ଅର୍ଥାତ୍ ୨୦୨୧–୨୨ ବର୍ଷର ସଲ୍‌ଭେନସି ଟଙ୍କା ୫,୦୦,୦୦୦/–ର ପ୍ରମାଣପତ୍ର ମଧ୍ୟ ମୂଲ୍ୟାଙ୍କ ସହିତ ସଂଲଗ୍ନ କରି ଦାଖଲ କରିବେ । ତା.୧୨.୦୪.୨୦୨୨ ରିଖ ଅପରାହ୍ଣ ୫.୦୦ ଘଣ୍ଟା ସୁଦ୍ଧା (Speed Post/Registered Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରୀ ଅଟେ । ନଚେତ ଏହାକୁ ଗ୍ରହଣ କରାଯିବ ନାହିଁ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହେଲେ ପୁଣି ସାନି ଟେଣ୍ଡର ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ଟେଣ୍ଡର ପେପରଗୁଡିକ ଅର୍ଥାତ ତା.୧୩.୦୪.୨୦୨୨ ରିଖ ପୂର୍ବାହ୍ଣ ୧୧.୩୦ ଘଣ୍ଟା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାତା/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।

**ସୈରାତର ବିବରଣୀ**

| କ୍ରମିକ ନଂ. | ସୈରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ରାଶି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧ | ଗଜପତି ଦୈନିକ ବଜାର | ଏପ୍ରିଲ ୨୦୨୨ ଠାରୁ ୩୧.୦୩.୨୦୨୩ | ଟ.୫,୧୫,୫୭୦/– | ଟ.୫୦,୦୦୦/– | ଟ.୧,୦୦୦/– |
| ୨ | ବସ୍ ପାର୍କିଂ ଫି, ନୂତନ ବସଷ୍ଟାଣ୍ଡ | ଏପ୍ରିଲ ୨୦୨୨ ଠାରୁ ୩୧.୦୩.୨୦୨୩ | ଟ.୪,୭୧,୧୦୦/– | ଟ.୫୦,୦୦୦/– | ଟ.୧,୦୦୦/– |

**ସଂଗ୍ରହ କରିବା ଦର ଚାର୍ଟ**

୧. ଯେ କୌଣସି ଗୁଳି ପିଛା– ୫/–ଟଙ୍କା
୨.ଯେ କୌଣସି ଭାର ପିଛା–୧୦/– ଟଙ୍କା
୩. ଗୋଟିଏ ଛେଳି/ମେଣ୍ଢା ପିଛା– ୫/– ଟଙ୍କା
୪. ଗୋଟିଏ ଦିନକୁ ବସ ପିଛା– ୨୦/–ଟଙ୍କା

**ମୂଲ୍ୟାଙ୍କ ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବାକିଥିବ ନିଲାମରେ ଭାଗ ନେଇପାରିବେ ନାହିଁ ।
୨. ଟେଣ୍ଡର ପେପର ସହିତ ଆବଶ୍ୟକୀୟ ଅମାନତ ଟଙ୍କା (ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କ) ଡ୍ରାଫ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡିଙ୍କ ନାମରେ କରି ଦାଖଲ କରିବେ । ଅସଫଳ ନିଲାମଧାରୀଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ମୂଲ୍ୟାଙ୍କ ସିଦ୍ଧ ହେବ ସେ ସମ୍ପୂର୍ଣ୍ଣ ଅର୍ଥ କାର୍ଯ୍ୟାଦେଶ ଦେବା ଦିନ କାର୍ଯ୍ୟାଳୟରେ ପୈଠ କରିବା ପରେ ଚୁକ୍ତିନାମାରେ ଦସ୍ତଖତ କରିବାକୁ କାର୍ଯ୍ୟାଳୟ ତରଫରୁ ଆଦେଶ ଦିଆଯିବ । ସିଦ୍ଧ ନିଲାମଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଟଙ୍କା ପୈଠ ନ କରନ୍ତି ତେବେ ଅମାନତ ଧନକୁ ବାଜ୍ୟାପ୍ତ କରାଯିବ ଏବଂ ପରବର୍ତ୍ତୀ ମୂଲ୍ୟାଙ୍କଧାରୀ ଯଦି ସର୍ବୋଚ୍ଚ ମୂଲ୍ୟାଙ୍କ ଦରରେ ନେବାକୁ ଚାହାନ୍ତି ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।
୫. ସର୍ବୋଚ୍ଚ ମୂଲ୍ୟାଙ୍କ ସିଦ୍ଧ କରିବା ପାଇଁ ପରିଷଦ ବାଧ୍ୟ ନୁହଁନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ମୂଲ୍ୟାଙ୍କ ରଦ୍ଦ କରିପାରିବେ ଏବଂ ଏହା ଉପରେ ଭବିଷ୍ୟତରେ କୌଣସି ଅଦାଲତର ଆଶ୍ରୟ ନେଇପାରିବେ ନାହିଁ ।
୬. ମୂଲ୍ୟାଙ୍କ ସିଦ୍ଧ ହେବା ବ୍ୟକ୍ତି କାର୍ଯ୍ୟାଳୟ ଆଦେଶ ପାଇବା ପରେ ମୂଲ୍ୟାଙ୍କ ମାସୁଲ, ଯେଉଁ ବ୍ୟକ୍ତିମାନଙ୍କ ଦ୍ୱାରା ଆଦାୟ କରିବେ,ସେମାନଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା କାର୍ଯ୍ୟାଳୟରେ ଦାଖଲ କରିବେ ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ପାରଳାଖେମୁଣ୍ଡି
OIPR-13145/11/0002/2223

# ତହସିଲଦାରଙ୍କୁ ମାଡ଼ ଘଟଣା, ୨ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ, ୩।୪(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲରେ କାର୍ଯ୍ୟରତ ତହସିଲଦାର ଦିଲୀପ ସେଠୀଙ୍କୁ ଶନିବାର ମାଡ଼ ମରାଯାଇଥିଲା। ଏ ନେଇ ତହସିଲଦାର ସେଠୀ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ଦୋଳଗୋବିନ୍ଦ ସାହୁ ଓ ଚାଷୀ ଉଦୟଭାନୁ ସାହୁ। କୋର୍ଟରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ମୋହନପୁର ପଞ୍ଚାୟତର କେତେଜଣ ବ୍ୟକ୍ତି ଇଟାଭାଟି ତିଆରି କରି ବ୍ୟବସାୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାଦ୍ୱାରା ପରିବେଶ ପ୍ରଦୂଷଣ ଓ ଇଟାଭାଟି ନିକଟରେ ଥିବା ଚାଷଜମିରୁ ଫସଲହାନି ଆଶଙ୍କା କରି ଗ୍ରାମର କେତେଜଣ ଲୋକ ଭାଟି ବନ୍ଦ କରିବାକୁ ତହସିଲଦାରଙ୍କୁ ମାର୍ଚ୍ଚ ୧୭, ୨୨ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପରେ ମାର୍ଚ୍ଚ ୩୧ରେ କଣିପାଳ ଗାଁର କେତେଜଣ ବ୍ୟକ୍ତି ତହସିଲ ଅଫିସ ଆଗରେ ଧାରଣା ମଧ୍ୟ ଦେଇଥିଲେ। ତହସିଲଦାର ସେଠୀଙ୍କ ପ୍ରତିଶ୍ରୁତି ପରେ ଧାରଣା



ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

ଦେଇଥିବା ଚାଷୀ ହଟିଥିଲେ। ଶୁକ୍ରବାର ରାତିରେ ଭାଟି ମାଲିକ ଭାଟିରେ ନିଆଁ ଦେବାରୁ ଶନିବାର ଉତ୍ତ୍ୟକ୍ତ ଚାଷୀ ତହସିଲଦାରଙ୍କ ନିକଟକୁ ଆସି କେମିତି ନିଆଁ ଦିଆଗଲା, କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲା ବୋଲି ପ୍ରଶ୍ନ କରିଥିଲେ। ଏଥିରେ ତହସିଲଦାର ସେଠୀ ଉତ୍ତ୍ୟକ୍ତ ହୋଇ କୃଷକ ନେତା ଦୋଳଗୋବିନ୍ଦଙ୍କୁ ଏକ ଶକ୍ତ ଧକ୍କା ପକାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହ ତହସିଲଦାରଙ୍କୁ ଚପଲ ଫିଙ୍ଗାଯାଇଥିଲା। ଏ ନେଇ ତହସିଲ କାର୍ଯ୍ୟାଳୟ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳ ସୃଷ୍ଟିକାରୀ ଦୋଳଗୋବିନ୍ଦ ଓ ଉଦୟଭାନୁଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ନଂ.୧୬୦/୨୨ରେ ମାମଲା ରୁଜୁ କରିଛି।

ଓଡ଼ିଶା ସରକାର

## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଅଧିସୂଚନା

File No.LAC-08/28/2022-/LA (J) 496 Dated 03.03.2022

No. XXIV-31: ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ଦର୍ପଣୀ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର (appropriate Government) ସରକାରୀ ବ୍ୟୟରେ ମୌଜା-କୋଲ୍ଲାସିଂ, ଥାନା-ବଡ଼ଚଣା ନଂ.୪୭, ତହସିଲ-ଦର୍ପଣ, ନଂ.୪୭, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୭.୨୨୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ (RFCTLAR & R Act.2013) ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:-

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ହରିଦାସପୁର ଉପ ଶାଖା କେନାଲ । ୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ୧.ଖୁଣ୍ଟୁଣୀ, ଢେଙ୍କାନାଳ । ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିବା । ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ..... ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ । ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପଜିଲ୍ଲାପାଳ, ଯାଜପୁର । ୬. ଜମିର ବିବରଣୀ ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଦର୍ପଣ | କୋଲ୍ଲାସିଂ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୬.୭୮ | ୭.୨୨୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୨.୩୭ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ । ଉକ୍ତ ଭୂମିର ଏକ ନକ୍ସା ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ.୩ ଙ୍କ ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

## LAND SCHEDULE

ମୌଜା-କୋଲ୍ଲାସିଂ, ତହସିଲ-ଦର୍ପଣ,ନମ୍ବର-୪୭, ଥାନା-ବଡଚଣା, ନମ୍ବର-୪୭, ଜିଲ୍ଲା-ଯାଜପୁର
କେନାଲ ନାମ- ହରିଦାସପୁର ଉପଖାଶା କେନାଲ ଦୂରତା ୬.୪୪୦ କିମି ଠାରୁ ୭.୧୧୯ କିମି ପର୍ଯ୍ୟନ୍ତ

ରୟତି ଜମି

| କ୍ରମିକ ନମ୍ବର | ଖତିଆନ କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) | ପ୍ରଜାର ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୭୬ | ୭୯/୭୩୯ | ୦.୧୫ | ୦.୧୫ | ଅହଲ୍ୟା ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ ଡାଇରେକ୍ଟର ସ୍ୱର୍ଣ୍ଣଲତା ଦାସ, ସ୍ୱା. ପ୍ରିୟବ୍ରତ ଦାସ, ଜା-ଗୋପାଳ, ବା-ପ୍ଲଟ ନଂ.H11/1 ରେଲୱେ କଲୋନୀ, ଥା-ମଞ୍ଚେଶ୍ୱର, ଜି-ଖୋର୍ଦ୍ଧା |
| ୨ | ୧୦୦ | ୬୦ | ୦.୨୬ | ୦.୦୫ | ନାରଣ ମଳିକ, ପି:ବଇ ମଳିକ, ଜା:ପାଣ,ବା:ନିଜଗାଁ |
| ୩ | ୧୦୭ | ୩୭ | ୦.୧୫ | ୦.୧୦ | ଶତ୍ରୁଘ୍ନ ମଳିକ, ପି:ଅର୍ଜୁନ ମଳିକ, ଜା:ପାଣ, ବା:ସମିଆ |
| ୪ | ୧୨୩ | ୩୯ | ୦.୧୬ | ୦.୦୯ | ପାଣ୍ଡୁ ସାମଲ, ଲକ୍ଷ୍ମୀଧର ସାମଲ, କମଳା ସାମଲ, ପି:ରାମ ସାମଲ, ଜା:ସଅର, ବା:ନିଜଗାଁ |
| ୫ | ୧୨୩ | ୩୫ | ୦.୦୬ | ୦.୦୬ | ପାଣ୍ଡୁ ସାମଲ, ଲକ୍ଷ୍ମୀଧର ସାମଲ, କମଳା ସାମଲ, ପି:ରାମ ସାମଲ, ଜା:ସଅର, ବା:ନିଜଗାଁ |
| ୬ | ୧୨୩ | ୩୪ | ୦.୫୩ | ୦.୫୩ | ପାଣ୍ଡୁ ସାମଲ, ଲକ୍ଷ୍ମୀଧର ସାମଲ, କମଳା ସାମଲ, ପି:ରାମ ସାମଲ, ଜା:ସଅର, ବା:ନିଜଗାଁ |
| ୭ | ୧୩୨ | ୭୩ | ୧.୮୨ | ୦.୪୫ | ବରକୁ ସାମଲ, ସୁଦାମ ସାମଲ, ଦାମ ସାମଲ, ପି:କାର୍ତ୍ତିକ ସାମଲ, ମଧୁ ସାମଲ, ଜୟନ୍ତୀ ସାମଲ, ପି:ସୁବଳ ସାମଲ, ପ୍ରେମ ସାମଲ, ସ୍ୱା:ସୁବଳ ସାମଲ, ଜା:ସଅର, ବା:ନିଜଗାଁ |
| ୮ | ୧୩୬ | ୪୮ | ୧ | ୦.୦୨ | ବଂଶୀଧର ସିଂ, ରାଧା ଚରଣ ସିଂ, ପି:କ୍ଷେତ୍ରବାସୀ ସିଂ, ଜା:ଖଣ୍ଡାୟତ, ବା:ନିଜଗାଁ |
| ୯ | ୧୩୯ | ୮୧/୭୧୧ | ୦.୬୬ | ୦.୦୩ | ବାଉରୀ ବେହେରା, ପି:ଭୋବନି ବେହେରା, ଜା:ତନ୍ତି, ବା:ମର୍ଯ୍ୟାଦାପୁର,ଥାନା:ଧର୍ମଶାଳା |
| ୧୦ | ୧୪୫ | ୫୦ | ୦.୪୧ | ୦.୨୫ | ବାସନ୍ତିମହାରଣା,ସ୍ୱା:ପ୍ରଫୁଲ୍ଲ ମହାରଣା, ଜା:ବଢେଇ, ବା:ନିଜଗାଁ |
| ୧୧ | ୧୬୬ | ୩୨ | ୦.୧୫ | ୦.୦୫ | ଭିକାରୀ ସାମଲ, ପି:ବରମ ସାମଲ, ଜା:ସଅର, ବା:ନିଜଗାଁ |
| ୧୨ | ୧୬୯ | ୨୦ | ୦.୫୪ | ୦.୧୫ | ମଖିସାହୁ,ସ୍ୱା-ଭୁତିସାହୁ,ଜା-ଗୁଡିଆ,ବା-ନିଜଗାଁ |
| ୧୩ | ୧୭୫ | ୫୦/୬୮୩ | ୦.୬୫ | ୦.୨୪ | ମନୋଜ ସାମଲ, ରଂଜନ ସାମଲ, ପି:ଧୁଶାସନ ସାମଲ, ହଟ ସାମଲ ପି:ଶାମ ସାମଲ, ଗୁଞ୍ଜି ସାମଲ, ସ୍ୱା:ଶାମ ସାମଲ, ପିତାମ୍ବର ସାମଲ, ସ୍ୱା:ବାମ ସାମଲ,ନିଶୀ ସାମଲ,ଖୁଲଣା ସାମଲ,ପି:ବାମ ସାମଲ, ଲଳିତା ସାମଲ,ସ୍ୱା-ବାମ ସାମଲ, ଜା-ସଅର, ବା-ନିଜଗାଁ |
| ୧୪ | ୧୭୫ | ୪୯ | ୧.୨୬ | ୦.୭୮ | ମନୋଜ ସାମଲ, ରଂଜନ ସାମଲ, ପି:ଧୁଶାସନ ସାମଲ, ହଟ ସାମଲ ପି:ଶାମ ସାମଲ, ଗୁଞ୍ଜି ସାମଲ, ସ୍ୱା:ଶାମ ସାମଲ, ପିତାମ୍ବର ସାମଲ, ସ୍ୱା:ବାମ ସାମଲ,ନିଶୀ ସାମଲ,ଖୁଲଣା ସାମଲ,ପି:ବାମ ସାମଲ, ଲଳିତା ସାମଲ, ସ୍ୱା:ବାମ ସାମଲ, ଜା-ସଅର, ବା:ନିଜଗାଁ |
| ୧୫ | ୧୮୬ | ୩୩ | ୦.୩୪ | ୦.୨୫ | ରଙ୍କ ସାମଲ, କାମିନୀ ସାମଲ, ନିମ ସାମଲ, ଓଷି ସାମଲ, ପି:ମାଧ ସାମଲ, ଜା:ସଅର, ବା:ନିଜଗାଁ |
| ୧୬ | ୧୯୪ | ୬୩ | ୦.୬୪ | ୦.୫୮ | ରଞ୍ଜନ କୁମାର ମହାନ୍ତି, ପି:ମଦନ ମହାନ୍ତି, ଜା:କରଣ,ବା:ନିଜଗାଁ, କିସ୍ମତ ଆଠଅଣା, ବା:ମନୋଜ କୁମାର ମହାନ୍ତି, ସରୋଜ କୁମାର ମହାନ୍ତି, ପି:ବିଜୟ କୁମାର ମହାନ୍ତି, ଜା:କରଣ, ବା:ନିଜଗାଁ, କିସ୍ମତ ଆଠ ଅଣା, ବା: |
| ୧୭ | ୨୩୩ | ୫୧ | ୧.୦୧ | ୦.୦୩ | ସୁନ୍ଦରମଣୀ ବେହେରା, ମନ୍ଦର ବେହେରା, ପି:ଅଭିନ ବେହେରା, ଜା:ସଅର, ବା:ନିଜଗାଁ |
| ୧୮ | ୨୩୫ | ୫୩ | ୦.୪୨ | ୦.୦୧ | ସୁନାକର ଦେଉରୀ, ପି:ଘନ ଦେଉରୀ, ଜା:ସଅର, ବା:ନିଜଗାଁ |
| ୧୯ | ୨୩୫ | ୭୯/୭୨୮ | ୦.୧୮ | ୦.୦୧ | ସୁନାକର ଦେଉରୀ, ପି:ଘନ ଦେଉରୀ, ଜା:ସଅର, ବା:ନିଜଗାଁ |
| ୨୦ | ୨୪୭/୫୨ | ୮୧/୮୦୬ | ୦.୪୮ | ୦.୦୧ | ଭାଗ୍ୟଧର ସାହୁ, ପି:ତ୍ରିଲୋଚନ ସାହୁ, ଜା:ତେଲି, ବା:ଶାସନସିମା |
| ୨୧ | ୨୪୭/୬୧ | ୭୮ | ୧.୦୦ | ୦.୨ | ଅହଲ୍ୟା ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ ଡାଇରେକ୍ଟର କରୁଣାକର ଜେନା, ପି:କେଦାର ନାଥ ଜେନା, ଜା:ଗୋପାଳ, ବା:ରଙ୍ଗମାଟିଆ, ଥାନା-ମଞ୍ଚେଶ୍ୱର, ଜି-ଖୋର୍ଦ୍ଧା |
| ୨୨ | ୨୪୭/୬୬ | ୩୮ | ୦.୧୬ | ୦.୧୬ | ଶଚିଦାନନ୍ଦ ବଳ, ପି:ଶାରଙ୍ଗଧର ବଳ, ଜା:ଖଣ୍ଡାୟତ, ବା:ସିହା |
| ୨୩ | ୨୪୭/୭୧ | ୧୮ | ୦.୩୨ | ୦.୩୨ | ଲତା ମଞ୍ଜରୀ ବଳ, ସ୍ୱା-ସାରଙ୍ଗଧର ବଳ, ଜା:ଖଣ୍ଡାୟତ,ବା:ସିହା |
| ୨୪ | ୨୪୭/୮୭ | ୩୭/୮୧୭ | ୦.୧୪୫ | ୦.୦୫ | ଶତ୍ରୁଘ୍ନ ମଳିକ, ପି-ଅର୍ଜୁନ ମଳିକ, ଜା-ପାଣ, ବା-ସମିଆ |
| ୨୫ | ୨୪୭/୧୧୩ | ୬୨ | ୦.୩୭ | ୦.୨୮ | ଲତାମଞ୍ଜରୀ ବଳ, ସ୍ୱା-ସାରଙ୍ଗଧର ବଳ, ଜା-ଖଣ୍ଡାୟତ,ବା-ସିହା |
| ମୋଟ | | | ୧୨.୮୭ | ୪.୮୫ | |

ଗୋଚର ପ୍ରତିବଦଳ

| କ୍ରମିକ ନମ୍ବର | ଖତିଆନ କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) | ପ୍ରଜାର ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୯୨ | ୪୯/୬୮୯ | ୦.୩୫ | ୦.୨୬ | ନବ କିଶୋର ମହାରଣା, ପି:ଆଦିକନ୍ଦ ମହାରଣା, ଜା:ବଢେଇ, ବା:ନିଜଗାଁ |
| ୨ | ୯୫ | ୪୫ | ୦.୭୦ | ୦.୭ | ନରି ପଧାନ, ପି:ସାନନ୍ଦ ପଧାନ, ଜା:ସଅର, ବା:ନିଜଗାଁ |
| ୩ | ୧୪୫ | ୫୦ | ୦.୪୧ | ୦.୧୬ | ବାସନ୍ତୀ ମହାରଣା, ସ୍ୱା:ପ୍ରଫୁଲ୍ଲ ମହାରଣା, ଜା:ବଢେଇ, ବା:ନିଜଗାଁ |
| ୪ | ୧୭୫ | ୬୫ | ୦.୩୮ | ୦.୩୩ | ମନୋଜ ସାମଲ, ରଂଜନ ସାମଲ ପି:ଧୁଶାସନ ସାମଲ, ହଟ ସାମଲ, ପି:ଶାମ ସାମଲ, ଗୁଞ୍ଜି ସାମଲ, ସ୍ୱା:ଶାମ ସାମଲ, ପିତାମ୍ବର ସାମଲ, ସ୍ୱା:ବାମ ସାମଲ, ନିଶୀ ସାମଲ, ଖୁଲଣା ସାମଲ, ପି:ବାମ ସାମଲ, ଲଳିତା ସାମଲ, ସ୍ୱା:ବାମ ସାମଲ, ଜା:ସଅର, ବା:ନିଜଗାଁ |
| | | ୪୬ | ୦.୧୬ | ୦.୧୬ | |
| | | ୫୦/୬୮୩ | ୦.୬୫ | ୦.୨୮ | |
| | | ୪୯ | ୧.୨୬ | ୦.୪୮ | |
| ମୋଟ | | | ୩.୯୧ | ୨.୩୭ | |
| ସର୍ବମୋଟ | | | ୧୬.୭୮ | ୭.୨୨ | |

OIPR-24163/14/0006/2223

# ମନ୍ଦିର ନିର୍ମାଣ ପାଇଁ ଓଡ଼ିଆମାନେ ଆତ୍ମନିର୍ଭରଶୀଳ ଥିଲେ

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଭଣ୍ଡାର ହିସାବ କରିଥିଲେ ବୀରବର ପଟ୍ଟନାୟକ। ଆମେ ଏହାକୁ ଉପସ୍ଥାପନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- ମନ୍ଦିର ନିର୍ମାଣକାଳରେ କେଉଁ ଆବଶ୍ୟକ ଜିନିଷ କେତେ ଅଛି, ଆଉ କେତେ ଆବଶ୍ୟକ, ସେଥିପାଇଁ ପ୍ରସ୍ତୁତ ରହିବା। ନିର୍ମାଣ କାର୍ଯ୍ୟ ଅନବରତ ଚାଲୁ ରହିବ, ଯେପରି ଜିନିଷ ନାହିଁ ବୋଲି ବନ୍ଦ ହୋଇ ନ ଯାଏ। ଏଥିରୁ ଆମେ ଜାଣିବା ସମସ୍ତେ କିପରି ସଜାଗ ଥିଲେ।

ଦ୍ୱିତୀୟ କଥା ଆମେ ଜାଣିଲେ ମନ୍ଦିର ନିର୍ମାଣ ପୂର୍ବରୁ କୋଣାର୍କରେ ମଠ ଥିଲା। ମଠରେ ଶ୍ରୀଜଗନ୍ନାଥ ପୂଜା ପାଉଥିଲେ ଶ୍ରୀଦଧିବାମନ ରୂପରେ। ମହାପ୍ରଭୁ ୬୪ଟି ନାମରେ ଓଡ଼ିଶାରେ ପୂଜା ପାଉଛନ୍ତି। ଶ୍ରୀଦଧିବାମନ ତାହା ମଧ୍ୟରୁ ଅନ୍ୟତମ। ୧୨୪୦ ମସିହା ବେଳକୁ ଶ୍ରୀଦଧିବାମନ ଉପାସନା ଆରମ୍ଭ ହୋଇସାରିଥିଲା। ଏହାବ୍ୟତୀତ ଓଡ଼ିଶାର ପ୍ରସିଦ୍ଧ ଶିବମନ୍ଦିର ଶ୍ରୀବାଲୁଙ୍କେଶ୍ୱରଙ୍କ ମନ୍ଦିର ନିର୍ମିତ ହୋଇସାରିଥିଲା। ଶିବମନ୍ଦିରରେ ଶ୍ରୀନୃସିଂହଙ୍କ ଯୋଗାସନ ବିଗ୍ରହ ପୂଜା ପାଉଥିବା ଘଟଣା ଓଡ଼ିଶାରେ ହରି-ହର ଉପାସନା ଆରମ୍ଭ ହୋଇ ସାରିଥିବାର ସୂଚନା।

ପଥର ହିସାବରୁ ଜଣାଯାଇଥିଲା ୧,୬୨୮ ଖଣ୍ଡ ପଥର ମହଜୁଦ ଥିଲା। ମୁଖଶାଳାର ତୃତୀୟ ପୀଠ ଆରମ୍ଭ ହେଲାବେଳକୁ ଆଗକୁ ଦୃଷ୍ଟିରଖି ରାମ ମହାରଣା ଓ ବାଉରି ମହାରଣା ପଥୁରିଆମାନଙ୍କୁ ନେଇ ଜଗଦଳପୁର ଯାତ୍ରା କଲେ। ଆବଶ୍ୟକ ପଡ଼ିଲା ଚିଟ ସାହାଣ ପଥର। କେତେକ ସ୍ଥାନରେ ଏହା 'ବାଲିପଥର' ନାମରେ ସ୍ଥାନ ପାଇଛି। ସେମାନେ ୩୬୨ ଖଣ୍ଡ ପଥର ଚାପରେ ଆଣିଲେ। ପଥର ଉଦିପୁର ଦଣ୍ଡାରେ ପହଞ୍ଚିବା ପରେ ୪୦ ଜଣ ପଥୁରିଆଙ୍କୁ ନେଇ ମହାଶ୍ରମ (ଗଜପତି) ସେଠାରେ ପହଞ୍ଚିଥିଲେ। କୋଣାର୍କରୁ ଗଜପତି ପାଲିଙ୍କିରେ ଯାଇ ପଥର ଚାପ ଆସିବା କାର୍ଯ୍ୟ ତଦାରଖ କରିଥିଲେ। ଏଥରକୁ ମିଶାଇ ୨୦ ଥର ପଥର ଆସିଥିଲା। ଆବଶ୍ୟକ ହେବାରୁ ପୁନଃ ଚିଟ କୁଣ୍ଡାପଥର ବାଣେଶ୍ୱର ନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା। ଏହି ପାହାଡ଼ର ଅବସ୍ଥିତି ଓ ପଥର ଆସିବା ଜଳପଥ ପୂର୍ବରୁ ଆମେ ଆଲୋଚନା କରିଛେ। ବାରଶହ ଛୋଟ ଛୋଟ ପଥର ଖଣ୍ଡ ଆସିଥିଲା। ପୁନଃ ଆବଶ୍ୟକ ହେବାରୁ ଦୁଇମାସ ପରେ ଆଠ ହାତର ୩ଟି ରେଗେଡ଼ା ସାହାଣ ପଥର ସେହି ବାଣେଶ୍ୱରନାସୀରୁ ଚାପଦଳେଇ ଆଣି ପହଞ୍ଚାଇଲେ। ଏହା ଥିଲା ଏକୋଇଶତମ ପଥର ଆସିବା।

ତଥାପି ପଥର ଆସିବା ବନ୍ଦ ହୋଇ ନ ଥିଲା। ଅଳସକନ୍ୟା ମୂର୍ତ୍ତି ନିର୍ମାଣ ଆରମ୍ଭ ପୂର୍ବରୁ ବିଚାର ହେଲା ଚିଟକୁଣ୍ଡା ପଥର ଆବଶ୍ୟକ। ଚଉଦ ହାତର ୧୨ଟି ପଥର ଆସିଲା 'ମଳାଗୁଣି' ନଦୀ ଦେଇ। ମଳାଗୁଣି ନଦୀରୁ ଦୟା ନଦୀ, ତା'ପରେ ସୋଲ ନଦୀ ଦେଇ ଉଦିପୁରଦଣ୍ଡା, ସେଠାରୁ ପଦ୍ମତୋଳାଗଣ୍ଡ। ଏହି ପଥର ଆଣିବା ପାଇଁ ଯାଇଥିଲେ ଗଙ୍ଗା ମହାରଣା।

ଶ୍ରୀପଦ୍ମକେଶର ମନ୍ଦିରର ରୋଷଶାଳା ଛାତ ପଥରରେ ନିର୍ମିତ ହେବା ପରେ ରାଜଗୁରୁଙ୍କ ପରାମର୍ଶରେ ଏକ ମଣ୍ଡପ ନିର୍ମାଣ ହେବା ପାଇଁ ସ୍ଥିର ହେଲା। ବର୍ଗାକାର ମଣ୍ଡପରେ ଏକ ଯନ୍ତ୍ର ଖୋଳାଯିବ। ଯନ୍ତ୍ରଟି ପୁରୋଡ଼ାଶ ନିମନ୍ତେ। ତେଣୁ ତାପଙ୍ଗରୁ ଧଳାପଥର ଆସିଲା। ମଣ୍ଡପ ନିର୍ମାଣ ସହିତ ଉକ୍ତ ପଥରରେ 'ଶାମ୍ବ'ଙ୍କର ଏକ ମୂର୍ତ୍ତି ନିର୍ମାଣ କରିବା ପାଇଁ ଶିଳ୍ପୀ ବିଶ୍ୱନାଥ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା।

ଶ୍ରୀ ମହାଭାସ୍କରଙ୍କ ମନ୍ଦିର ନିର୍ମାଣ ପାଇଁ ସମୁଦାୟ ୨୪ ଥର ପଥର କୋଣାର୍କକୁ ଆସିଥିଲା। ସବୁଥର ଜଳପଥରେ ହିଁ ପଥର ଆସିଥିବା ଜଣାଯାଉଛି। ସମସ୍ତ ପଥର କଳିଙ୍ଗ ସାମ୍ରାଜ୍ୟର ପାହାଡ଼ ଖୋଳାଯାଇ ଅଣାଯାଇଥିଲା। ଗୋଟିଏ ବି ପଥର ଅନ୍ୟ ସାମ୍ରାଜ୍ୟରୁ ଆସିନି। ଏଥିରୁ ସ୍ପଷ୍ଟ ହୁଏ ମନ୍ଦିର ନିର୍ମାଣ ପାଇଁ ଓଡ଼ିଶା କେବେ ବି ସେ ସମୟରେ ଅନ୍ୟ ଉପରେ ନିର୍ଭର କରି ନ ଥିଲା। ନିଜର ବିଭିନ୍ନ କିସମର ପଥର ଥିଲା ଅଥଚ ଶିଳ୍ପୀ ନ ଥିଲେ। ବାସ୍ତବରେ ନିଜ ପଥର ନିଜ କାରିଗରଙ୍କୁ ନେଇ ଗଜପତି ଆଶ୍ଚର୍ଯ୍ୟମୟ ମନ୍ଦିରଟିଏ କୋଣାର୍କରେ ଗଢ଼ାଇ ଦେଇଥିଲେ। ପଥର ଚିହ୍ନଟ କରିବା କାର୍ଯ୍ୟ କରୁଥିଲେ ଆମରି ଲୋକ। ଶିଳ୍ପୀ ରାଜୀବ ତେର ଜଣ ସହଯୋଗୀଙ୍କୁ ନେଇ ସବୁଠାରୁ ବେଶୀଦିନ ପଥର ଚିହ୍ନଟ ପାଇଁ ରହିଥିଲେ ନୀଳଗିରିରେ। ଜୀବନର ୫ବର୍ଷ ୩ ମାସ ସେ ନୀଳଗିରିରେ ପଥର ଚିହ୍ନଟ ପାଇଁ ତ୍ୟାଗ କରିଥିଲେ। ପଥର ଖଣି ଆମର, ଚିହ୍ନଟ କଲୁ ଆମେ, ବୋହିଆଣିଲେ ଆମରି ଚାପ ଦଳେଇ, ଗଢ଼ିଲେ ଆମରି ଶିଳ୍ପୀ, ଖଞ୍ଜିଲେ ଆମରି ଲୋକେ ଅଥଚ ବାହାରିଆ ଲେଖକ ଭିତର କଥା ନ ଜାଣି ଲେଖିଦେଲେ ଓଡ଼ିଆମାନେ କରିନାହାନ୍ତି।




କୋଣାର୍କର ଭଗ୍ନ ରୋଷଶାଳା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

■ ସମୁଦାୟ ୨୪ଥର ନଦୀପଥରେ ପଥର ଆସିଥିଲା କୋଣାର୍କକୁ
■ ଗଜପତି ନିଜେ ପଥର ଆସିବା କାର୍ଯ୍ୟ ତଦାରଖ କରୁଥିଲେ

# ଅଚିହ୍ନା ବୃଦ୍ଧଙ୍କ ମୃତଦେହ ସତ୍କାର କଲେ ପୋଲିସ ଅଧିକାରୀ



ବୃଦ୍ଧଙ୍କ ମୃତଦେହ କାନ୍ଧେଇ ନିଆଯାଉଛି।

**ଟେନ୍ସା/ଲହୁଣୀପଡ଼ା, ୩।୪(ଡି.ଏନ୍.ଏ.):** ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ କାନ୍ଧରେ ବୋହି ସତ୍କାର କରି ମହାନତା ଦେଖାଇଛନ୍ତି ଜଣେ ପୋଲିସ ଅଧିକାରୀ। ଏହି ବୃଦ୍ଧଙ୍କ ମୃତଦେହକୁ ପୋଷାକୁକୁର ୩ଦିନ ଜଗି ଶେଷରେ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲା। ଘଟଣାଟି ରବିବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହା ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ଗତ ଜାନୁୟାରୀ ୨୫ ତାରିଖରେ ଘଟିଥିଲା। ହେଲେ ସମ୍ପୃକ୍ତ ପୋଲିସ ଅଧିକାରୀ ଓ ଆଖପାଖର ଅଳ୍ପ କେତେଜଣଙ୍କୁ ବାଦ୍ ଦେଲେ ଅନ୍ୟମାନେ ଜାଣି ନ ଥିଲେ। ଏହାକୁ ଶନିବାର କେହି ଜଣେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ରବିବାର ଜିଲାରେ ଚର୍ଚ୍ଚା ଜୋର ଧରିଛି ଓ ଅନ୍ୟ ଗଣମାଧ୍ୟମର ଦୃଷ୍ଟିକୁ ଆସିଛି।

ଘଟଣାଟି ହେଉଛି କୋଇଡା ବ୍ଲକ କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମିଳାଗଡ଼ ରେଳବାଇ କଲୋନୀ ଅଞ୍ଚଳର। ଅଚିହ୍ନା ବୃଦ୍ଧ କିଛିଦିନ ଧରି କେ.ବଲାଙ୍ଗ, ବିମଳାଗଡ଼ ତଥା ଆଖପାଖ ଅଞ୍ଚଳରେ ପାଗଳ ପରି ବୁଲିବା ସହ ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ। ତାଙ୍କ ପୋଷାକୁକୁର ମଧ୍ୟ ସାଙ୍ଗରେ ବୁଲୁଥିଲା। ଜାନୁୟାରୀ ୨୫ରେ ବୃଦ୍ଧଙ୍କ ବିମିଳାଗଡ଼ ରେଳବାଇ କଲୋନୀ ନିକଟ ଏକ ଭଙ୍ଗାଘରେ ମୃତ୍ୟୁ ଘଟିଥିଲା। ମାତ୍ର ପୋଷାକୁକୁର ମୃତଦେହ ନିକଟରେ ଜଗି ରହିଥିଲା। କୁକୁର ଭୁକି ଭୁକି ସୂଚନା ଦେଉଥିଲେ ମଧ୍ୟ ଲୋକେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ପାଗଳ ବୋଲି ଭାବି କେହି ବୃଦ୍ଧ ପାଖକୁ ଯାଇ ନ ଥିଲେ। ତିନିଦିନ ପରେ ଦୁର୍ଗନ୍ଧ ଆସିବାରୁ ଲୋକେ ପୋଲିସକୁ ଖବର ଦେଇଥିଲେ। କୁକୁରଟି ମୃତଦେହ ନିକଟରେ ଶୋଇ ରହିଥିଲା। କେ. ବଲାଙ୍ଗ ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧ ମୃତ୍ୟୁବରଣ କରିଥିବା ଜାଣି ସତ୍କାର ବ୍ୟବସ୍ଥା କରିଥିଲେ। ବୃଦ୍ଧ ଅଚିହ୍ନା ହୋଇଥିବାରୁ କେହି ଆସି ନ ଥିଲେ। ଥାନା ଅଧିକାରୀ ସ୍ୱାଇଁ କିଛି ବ୍ୟକ୍ତିଙ୍କୁ ଡାକି ନିଜ କାନ୍ଧରେ ମୃତଦେହ ସତ୍କାର ପାଇଁ ନେଇଥିଲେ। ପାଖରେ ଶୋଇଥିବା ପୋଷାକୁକୁର ମଧ ସାଙ୍ଗରେ ଯାଇଥିଲା। ବୃଦ୍ଧଙ୍କ ମୃତଦେହ ପୋତି ଫେରିଆସିଥିଲେ ସମସ୍ତେ। ମାତ୍ର କୁକୁର ସମାଧି ପାଖରେ ଶୋଇ ଲୁହ ଗଡ଼ାଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଘଟଣା ସତ। ସେତେବେଳେ ଘଟଣା ସମ୍ପର୍କରେ ଆମେ କାହାରିକୁ ଜଣାଇ ନ ଥିଲୁ। ନିଜର ବାହାଦୁରି ନେବାକୁ ଚାହୁଁ ନ ଥିଲୁ। ଏବେ କେହିଜଣେ ସେହି ପୁରୁଣା ଘଟଣାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତେବେ ସେ କୁକୁର କୁଆଡ଼େ ଗଲା ପଚାରିବାରୁ ସେ କହିଥିଲେ, ଆମେ ଯେତେ ଘଉଡ଼ାଇବାକୁ ଚେଷ୍ଟା କଲୁ କୁକୁର ଗଲା ନାହିଁ। ସମାଧି ପାଖରେ ଶୋଇ ରହିଥିଲା। ତା' ପରେ କୁଆଡ଼େ ଗଲା ଆମେ ଜାଣିନୁ।

# ଠେଙ୍ଗାରେ ପିଟି ହତ୍ୟା, ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍,୩।୪:** ବରଗଡ଼ ଜିଲା ଭଟଲି ଥାନା ଝିଙ୍କିଝିକି ଗ୍ରାମର ଗଜରାଜ ଭୁଏ(୫୫)ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ କୁଣ୍ଟୁ ଓରଫ ସଦାମନ ବରିହା(୬୫)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ବରଗଡ଼ ଡାକ୍ତରଖାନାରେ ଗଜରାଜଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତକଙ୍କ ବଡ଼ଭାଇ ତେଜରାଜଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ.୭୦/୨୨) ରୁଜୁ କରି ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ଜବତ କରିଛି । ଗଜରାଜ ଏବଂ କୁଣ୍ଟୁ ଉଭୟ ସକାଳେ କୁଣ୍ଟୁଙ୍କ ଘର ସମ୍ମୁଖରେ ବସି କଥାବାର୍ତ୍ତା ହେଉଥିଲେ। ସେଠାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କୁଣ୍ଟୁ ଘର ଭିତରୁ ଏକ ଠେଙ୍ଗା ଆଣି ଗଜରାଜଙ୍କୁ ପିଟିଥିଲେ। ସୂଚନା ପାଇ ଗଜରାଜଙ୍କ ବଡ଼ଭାଇ ତେଜରାଜ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ମୃତିରେ...



୰ଅକ୍ଷୟ କୁମାର ଦାସ
(Retd. Deputy Superintendent of Police)
ଆବିର୍ଭାବ- ୦୮।୦୨।୧୯୫୩
ତିରୋଧାନ- ୧୪।୦୪।୨୦୨୧
ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ, ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟକର୍ମ, ଆଦର୍ଶ ଚିନ୍ତାଧାରା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।
"ପରିବାରବର୍ଗ"
ବାରିପଦା, ମୟୂରଭଞ୍ଜ
ଧ-୦୨୭

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



୰ସଦାଶିବ ପ୍ରଧାନ
ନୀଳଚକ୍ର ନଗର, ପୁରୀ
ଆବିର୍ଭାବ: ୨୫।୦୪।୧୯୪୨
ତିରୋଧାନ: ୧୮।୦୩।୨୦୧୦
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ: ଝିଅ: ମଞ୍ଜୁବାଳା, ମମତା, ଜ୍ୱାଇଁ: କାହ୍ନୁ, ବିଶ୍ୱଜିତ୍, ନାତି: ଚିନ୍ମୟ, ତନ୍ମୟ ଏବଂ ପରିବାରବର୍ଗ ।
ଧ-୬୯୦୫୮

ତୃତୀୟ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରତ୍ନପ୍ରଭା ଦେବୀ
(ଏମ୍.ଏ.ବି.ଏଡ୍) ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ସି.ଆର.ପି.ଏଫ୍ ଛକ, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୭
ତିରୋଧାନ: ୦୭।୦୪।୨୦୧୯
(ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟା ତିଥି)
ତୁମର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ତୁମ ଅସାଧାରଣ ବ୍ୟକ୍ତିତ୍ୱର ସ୍ମୃତିରେ ରତ୍ନପ୍ରଭା ଦେବୀ ମେମୋରିଆଲ୍ ଟ୍ରଷ୍ଟର ସ୍ଥାପନା କରାଯାଇଛି। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ସ୍ୱାମୀ: ଶ୍ରୀଯୁକ୍ତ ଦୋଳଗୋବିନ୍ଦ ଷଡ଼ଙ୍ଗୀ ଏବଂ ପରିବାରବର୍ଗ ।
ଧ-୨୩୫୦୫

# ଆରଟେମିସ ଚନ୍ଦ୍ର ଅଭିଯାନ


ନିକୁଞ୍ଜ ବିହାରୀ ସାହୁ

"ଆରଟେମିସ ଅଭିଯାନରେ ଏକ ଶକ୍ତିଶାଳୀ ରକେଟ ଅନ୍ତର୍ଭୁକ୍ତ ଅଛି, ଯାହା ମାନବ କିମ୍ବା ଯନ୍ତ୍ରାବଳି ସ୍ଥାନିତ ଥିବା ଏକ କ୍ୟାପସୁଲକୁ ନେଇ ଚନ୍ଦ୍ରପୃଷ୍ଠକୁ ଯାତ୍ରା କରିପାରିବ। ଏହି ରକେଟର ନାମ ରହିଛି 'ସ୍ପେଶ ଲଞ୍ଚ ସିଷ୍ଟମ' SLS। ଏହାର ଉଚ୍ଚତା ୨୧୨ ଫୁଟ ଏବଂ ବ୍ୟାସ ୨୭.୬ ଫୁଟ। ଏହାକୁ ଗତି ପ୍ରଦାନ କରିବା ପାଇଁ ୪ଟି ଦକ୍ଷ ଇଞ୍ଜିନ ଖଞ୍ଜା ଅଛି, ଯାହା ମହାକାଶର ଅତି ଶୀତଳ ତାପମାତ୍ରାରେ କାର୍ଯ୍ୟ କରିପାରିବ। ଏହା ବିଶ୍ୱର ସବୁଠାରୁ ଉଚ୍ଚା, ଶକ୍ତିଶାଳୀ ଓ ଅଧିକ ଭାର ବହନ କରି ପାରୁଥିବା ରକେଟ।"





ଯୁକ୍ତରାଷ୍ଟ୍ର ଆମେରିକାର ଶେଷ ଚନ୍ଦ୍ର ଅଭିଯାନ ୧୯୭୨ ମସିହାରେ ହୋଇଥିଲା। ଏବେ ଏହାର ଠିକ୍ ୫୦ ବର୍ଷ ପରେ ଚନ୍ଦ୍ରକୁ ଆଉ ଏକ ଅଭିଯାନ ପ୍ରେରଣ କରିବାକୁ ଯାଉଛି । ଏହି ଅଭିଯାନର ନାମ ଆରଟେମିସ (Artemis) । ଏହି ଅଭିଯାନ ଜରିଆରେ ଚନ୍ଦ୍ରପୃଷ୍ଠର ବିସ୍ତୃତ ଅନୁସନ୍ଧାନ ବ୍ୟତୀତ ସୁଦୂର ଅନ୍ତରୀକ୍ଷର ଅନ୍ୟାନ୍ୟ ସ୍ଥାନକୁ ଯାତ୍ରା କରିହେବ ବୋଲି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ଆଶା ବାନ୍ଧିଛି। ଏହି ଅଭିଯାନର ପ୍ରଥମ ରକେଟ 'ସ୍ପେଶ ଲଞ୍ଚ ସିଷ୍ଟମ: SLS'କୁ ଆଗାମୀ ମେ' ମାସରେ ଚନ୍ଦ୍ରଯାତ୍ରା ଉଦ୍ଦେଶ୍ୟରେ ଫ୍ଲୋରିଡାସ୍ଥିତ କେନେଡି ଅନ୍ତରୀକ୍ଷ କେନ୍ଦ୍ରକୁ ନିକଟରେ ସ୍ଥାନାନ୍ତରିତ କରାଯାଇଛି। ଏହି ଅଭିଯାନକୁ ଗ୍ରୀକ୍ ପୁରାଣର ଚନ୍ଦ୍ର ତଥା ବନ୍ୟଶିକାରର ଦେବୀ ଆରଟେମିସଙ୍କ ନାମ ଅନୁସାରେ ନାମିତ କରାଯାଇଛି। ଗ୍ରୀକ୍ ପୁରାଣରେ ଆରଟେମିସଙ୍କୁ ସୂର୍ଯ୍ୟ, ଆଲୋକ ତଥା ଜ୍ଞାନର ଦେବତା ଆପୋଲୋ (Apollo)ଙ୍କ ଯମଜ ଭଗିନୀ ତଥା ଶିକାରୀ ପୁରୁଷ ଓରିଓନ (Orion)ର ସାଥୀ ରୂପେ ବର୍ଣ୍ଣନା କରାଯାଇଛି।

**ଚନ୍ଦ୍ର ଅଭିଯାନର ଇତିହାସ:** ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଉଭୟ ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତି। ରୁଷିଆର ଏକ ଯାନ 'ଲୁନା -୨', ୧୯୫୯ ମସିହା ସେପ୍ଟେମ୍ବର ୧୪ ତାରିଖରେ ଚନ୍ଦ୍ରପୃଷ୍ଠକୁ ସ୍ପର୍ଶ କରେ। ଏହି ସିରିଜର ପରବର୍ତ୍ତୀ ଯାନ 'ଲୁନା -୩' ସେହି ୧୯୫୯ ମସିହା ଅକ୍ଟୋବର ୭ ତାରିଖରେ ଚନ୍ଦ୍ର ଚାରିପଟେ ଘୂରିଘୂରି ପ୍ରଥମଥର ପାଇଁ ଚନ୍ଦ୍ରର ଦୂରପାର୍ଶ୍ୱର ଫଟୋଚିତ୍ର ଉତ୍ତୋଳନ କରେ। ରୁଷିଆର ଅନ୍ୟ ଦୁଇ ଯାନ 'ଲୁନା -୯' ଓ 'ଲୁନା -୧୭' ୧୯୬୬ ମସିହାରେ ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରିବାକୁ ସକ୍ଷମ ହୁଅନ୍ତି। ଚନ୍ଦ୍ର ଅଭିଯାନରେ ଏପର୍ଯ୍ୟନ୍ତ ପଛରେ ପଡ଼ିଥିବା ଯୁକ୍ତରାଷ୍ଟ୍ର ଆମେରିକା 'ଆପୋଲୋ' କାର୍ଯ୍ୟକ୍ରମ ଭଳି କିଛି ମନୁଷ୍ୟ ଥିବା ଅଭିଯାନକୁ ହାତକୁ ନିଏ। ଏହାର ଏକ ଅଭିଯାନ 'ଆପୋଲୋ-୮' ଜରିଆରେ ତିନି ଜଣ ମହାକାଶଚାରୀ ୧୯୬୮ ମସିହା ଡିସେମ୍ବର ୨୪ ତାରିଖ ଦିନ ଚନ୍ଦ୍ରକୁ ସଫଳତା ପୂର୍ବକ ପରିକ୍ରମା କରିବାକୁ ସକ୍ଷମ ହୁଅନ୍ତି। ମାତ୍ର ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଥିଲା ୧୯୬୯ ମସିହା ଜୁଲାଇ ୨୦ ତାରିଖ: ଏହି ଦିନ ତିନି ଜଣ ମହାକାଶଚାରୀଙ୍କୁ ନେଇ ଯାଇଥିବା ଅନ୍ୟ ଏକ ଯାନ 'ଆପୋଲୋ -୧୧' ଚନ୍ଦ୍ରପୃଷ୍ଠରେ ସଫଳତା ପୂର୍ବକ ଅବତରଣ କରେ ଏବଂ ମହାକାଶଚାରୀ ନେଲ୍ ଆରମଷ୍ଟ୍ରଙ୍ଗ ସର୍ବପ୍ରଥମେ ଚନ୍ଦ୍ରପୃଷ୍ଠରେ ପଦାର୍ପଣ କରନ୍ତି। ପରବର୍ତ୍ତୀ ୧୯୭୦ ମସିହା ନଭେମ୍ବର ୧୭ ତାରିଖରେ ରୁଷିଆ ଚନ୍ଦ୍ରପୃଷ୍ଠକୁ ଏକ ସଫଳ ଅଭିଯାନ ପ୍ରେରଣ କରିଥିଲା। ଏଥିରୁ ଏକ ଚକଲଗା ଗାଡି (ନାମ : ଲୁନାଖୋଡ଼-୧) ବାହାରି ଚନ୍ଦ୍ରପୃଷ୍ଠରେ ବିଚରଣ କରେ। ଯୁକ୍ତରାଷ୍ଟ୍ର ଆମେରିକା ୧୯୭୨ ମସିହା ଡିସେମ୍ବର ମାସରେ 'ଆପୋଲୋ -୧୭' ଯାନ ଜରିଆରେ ଚନ୍ଦ୍ରକୁ ନିଜର ଶେଷ ଅଭିଯାନ ପ୍ରେରଣ କରିଥିଲା। ରୁଷିଆର ଅନ୍ୟ ତିନି ଅଭିଯାନ ଯଥା 'ଲୁନା -୧୬', 'ଲୁନା - ୨୦' ଓ 'ଲୁନା -୨୪' ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ସମୁଦାୟ ୬ଟି ଅଭିଯାନ (ଯଥା 'ଆପୋଲୋ -୧୧'ରୁ 'ଆପୋଲୋ-୧୭: ଆପୋଲୋ-୧୩ ବ୍ୟତୀତ) ଚନ୍ଦ୍ର ପୃଷ୍ଠରୁ ଶିଳାପଥର ସଂଗ୍ରହ କରି ପୃଥିବୀକୁ ଆଣିବାକୁ ସକ୍ଷମ ହୋଇଛନ୍ତି।

**ଆରଟେମିସ ଅଭିଯାନର ଅଭିପ୍ରାୟ:** ଆରଟେମିସ ଅଭିଯାନର ଅଭିପ୍ରାୟ ବିଗତ ଆପୋଲୋ ଅଭିଯାନଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ଆପୋଲୋ ଅଭିଯାନ ଚନ୍ଦ୍ରପୃଷ୍ଠକୁ ସଂକ୍ଷିପ୍ତ ପରିଦର୍ଶନ ନିମନ୍ତ ଉଦ୍ଦିଷ୍ଟ ଥିଲାବେଳେ ଆରଟେମିସ ଅଭିଯାନ ଦ୍ୱାରା ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରେ ଦୀର୍ଘ ଦିନ ଅବସ୍ଥାନ କରି ବିସ୍ତୃତ ଅନୁସନ୍ଧାନ କରିବେ ବୋଲି ଆଶା କରାଯାଏ। ଏହି ଅଭିଯାନକୁ ଭିତ୍ତି କରି ମଙ୍ଗଳ ଗ୍ରହକୁ ମଧ୍ୟ ଏକ ମାନବ ଥିବା ଅଭିଯାନ ପ୍ରେରଣ କରାଯାଇପାରିବ।

**ରକେଟ ଓ କ୍ୟାପସୁଲ:** ଆରଟେମିସ ଅଭିଯାନରେ ଏକ ଶକ୍ତିଶାଳୀ ରକେଟ ଅନ୍ତର୍ଭୁକ୍ତ ଅଛି, ଯାହା ମାନବ କିମ୍ବା ଯନ୍ତ୍ରାବଳି ସ୍ଥାନିତ ଥିବା ଏକ କ୍ୟାପସୁଲକୁ ନେଇ ଚନ୍ଦ୍ରପୃଷ୍ଠକୁ ଯାତ୍ରା କରିପାରିବ। ଏହି ରକେଟର ନାମ: ସ୍ପେଶ ଲଞ୍ଚ ସିଷ୍ଟମ: SLS। ଏହାର ଉଚ୍ଚତା ୨୧୨ ଫୁଟ ଏବଂ ବ୍ୟାସ ୨୭.୬ ଫୁଟ। ଏହାକୁ ଗତି ପ୍ରଦାନ କରିବା ପାଇଁ ୪ଟି ଦକ୍ଷ ଇଞ୍ଜିନ୍ ଖଞ୍ଜା ଅଛି, ଯାହା ମହାକାଶର ଅତି ଶୀତଳ ତାପମାତ୍ରାରେ କାର୍ଯ୍ୟ କରିପାରିବ। ଏହା ବିଶ୍ୱର ସବୁଠାରୁ ଉଚ୍ଚା, ଶକ୍ତିଶାଳୀ ଓ ଅଧିକ ଭାର ବହନ କରି ପାରୁଥିବା ରକେଟ। ଏହି ରକେଟ ନିଜର ଅଗ୍ରଭାଗରେ ମନୁଷ୍ୟ ଥିବା ଏକ କ୍ୟାପସୁଲକୁ ବହନ କରି ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ଏହି କ୍ୟାପସୁଲର ନାମ ଓରିଓନ (Orion) ରଖାଯାଇଛି ଯାହାର ଓଡ଼ିଆରେ ନାମ କାଳପୁରୁଷ। କ୍ୟାପସୁଲ ମଧ୍ୟରେ ମନୁଷ୍ୟ ଅବସ୍ଥାନ କରି ମହାକାଶରେ ପରୀକ୍ଷା ନିରୀକ୍ଷା କରିବା ପାଇଁ ସମସ୍ତ ବ୍ୟବସ୍ଥା ଅଛି। ଏହା ମଧ୍ୟ ଅନ୍ତରୀକ୍ଷରୁ ମହାକାଶଚାରୀଙ୍କୁ ନେଇ ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରି ସୁରକ୍ଷିତ ଅବତରଣ କରିପାରିବ। ଏଥିରେ ୬ ଜଣ ମହାକାଶଚାରୀ ଏକସମୟରେ ଆରୋହଣ କରି ଏକ ନିମ୍ନ ପୃଥିବୀ କକ୍ଷପଥ (Lower Earth Orbit) ରେ ୨୧ ଦିନ କାଳ ଅବସ୍ଥାନ କରିପାରିବେ। ଶକ୍ତି ଆହରଣ ନିମନ୍ତେ ଏଥିରେ ସୌରଫଳକ ଏବଂ ଗତି ପ୍ରଦାନ ନିମନ୍ତେ ମୁଖ୍ୟ ଇଞ୍ଜିନ ସମେତ ସମୁଦାୟ ୮ଟି ସହାୟକ ଇଞ୍ଜିନ ସ୍ଥାନିତ ଅଛି। ଏହାର ଉତ୍କ୍ଷେପଣ କାଳୀନ ଓଜନ ୧୦,୪୦୦ କି. ଗ୍ରା.। ଏହି କ୍ୟାପସୁଲକୁ ମଧ୍ୟ ଅନେକ ଥର ବ୍ୟବହାର କରି ଅଭିଯାନ ଖର୍ଚ୍ଚ ହ୍ରାସ କରାଯାଇପାରିବ।

**ଅଭିଯାନ:** ପ୍ରଥମ ଆରଟେମିସ ଅଭିଯାନ 'ଆରଟେମିସ-୧' ଚଳିତବର୍ଷ ମେ ମାସର ଶେଷ ଆଡ଼କୁ ଯାତ୍ରାରମ୍ଭ କରିବ। ଏହା ଚନ୍ଦ୍ର କକ୍ଷପଥରେ ଏକ ମାନବବିହୀନ ଓରିଓନ କ୍ୟାପସୁଲ ସ୍ଥାପନ କରିବ। ଏହି କ୍ୟାପସୁଲ ଚନ୍ଦ୍ରକୁ ପରିକ୍ରମା କରି କିଛିଦିନ ପରେ ପୃଥିବୀ ପ୍ରତ୍ୟାବର୍ତ୍ତନ କରିବ। ଦ୍ୱିତୀୟ ଅଭିଯାନ 'ଆରଟେମିସ-୨' ଆଗାମୀ ୨୦୨୪ ମସିହାରେ ଯାତ୍ରାରମ୍ଭ କରିବ। ଏହା ଚନ୍ଦ୍ର କକ୍ଷପଥରେ ମାନବ ଥିବା ଓରିଓନ କ୍ୟାପସୁଲ ସ୍ଥାପନ କରିବ। ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରେ ଓହ୍ଲାଇବେ ନାହିଁ; ବରଂ ଚନ୍ଦ୍ରକୁ ପରିକ୍ରମା କରି କିଛି ଦିନ ପରେ ସେହି କ୍ୟାପସୁଲ ଜରିଆରେ ପୃଥିବୀକୁ ଫେରିଆସିବେ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଆରଟେମିସ -୩ ଅଭିଯାନ ୨୦୨୫ ମସିହାରେ ଯାତ୍ରାରମ୍ଭ କରିବ। ଏଥିରେ ଜଣେ ମହିଳା ମହାକାଶଚାରୀଙ୍କ ସମେତ ସମୁଦାୟ ଚାରି ଜଣ ଯାତ୍ରୀ ରହିବେ। ସେମାନେ ଓରିଓନ କ୍ୟାପସୁଲ ଜରିଆରେ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବେ। ସେମାନେ ଚନ୍ଦ୍ରପୃଷ୍ଠରେ ୬ ଦିନ କାଳ ଅବସ୍ଥାନ କରି ବିଭିନ୍ନ ପରୀକ୍ଷା ନିରୀକ୍ଷା ସମ୍ପାଦନ ପୂର୍ବକ ସେହି ଓରିଓନ କ୍ୟାପସୁଲ ଜରିଆରେ ପୃଥିବୀ ପ୍ରତ୍ୟାବର୍ତ୍ତନ କରିବେ। ପରବର୍ତ୍ତୀ ଆରଟେମିସ ଅଭିଯାନଗୁଡ଼ିକ ଜରିଆରେ ଚନ୍ଦ୍ରପୃଷ୍ଠରେ ମନୁଷ୍ୟର ଏକ ସ୍ଥାୟୀ ଘାଟି ପ୍ରତିଷ୍ଠା କରାଯିବ ଏବଂ ସେଠାକୁ ବିସ୍ତୃତ ଅନୁସନ୍ଧାନ ନିମନ୍ତେ ବହୁସଂଖ୍ୟକ ଭାରି ଉପକରଣ, ଯନ୍ତ୍ରମାନବ ଓ ସେନ୍ସର ନିୟମିତ ପ୍ରେରଣ କରାଯିବ। ଏହି ସୁବିଶାଳ ଭିତ୍ତିଭୂମିକୁ ବ୍ୟବହାର କରି ମହାକାଶଚାରୀମାନେ ଚନ୍ଦ୍ରକୁ ବିସ୍ତୃତ ଅନୁଧ୍ୟାନ କରିବା ସାଙ୍ଗକୁ ମଙ୍ଗଳ ତଥା ଅନ୍ତରୀକ୍ଷର ଅନ୍ୟ ଗଭୀରତମ ଇଲାକାକୁ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହେବେ। ସୁତରାଂ ନାସାର ଆରଟେମିସ ଅଭିଯାନ ଦ୍ୱାରା ରୂପେଲି ଜହ୍ନ ରାଇଜର ଅନେକ ରହସ୍ୟ ରୋମାଞ୍ଚଭରା ତଥ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଆଶା କରାଯାଏ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## ବିଳମ୍ବରେ ଉଠୁଥିଲେ...

ପ୍ରତିଦିନ ଭୋର୍ ସମୟରେ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ, ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ରାତିରେ ଡେରିରେ ଶୋଇଥାନ୍ତି ଓ ସକାଳୁ ବହୁତ ବିଳମ୍ବରେ ଉଠିଥାନ୍ତି। କେତେକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁମାନେ ପ୍ରତିଦିନ ସକାଳେ ଡେରିରେ ଉଠିଥାନ୍ତି, ସେମାନଙ୍କ ମସ୍ତିଷ୍କ ଓ ତା'ର କାର୍ଯ୍ୟାଧାରା ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ। ଏହି ଗବେଷଣା ପରିସରଭୁକ୍ତ କିଛି ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣିପାରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବିଳମ୍ବରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇଗଲେ ଶରୀରରେ 'ଆମ୍‌ଲଏଡ୍' ନାମକ ଏକ ପ୍ରୋଟିନ୍‌ର ମାତ୍ରା ଆମ ମସ୍ତିଷ୍କରେ ବୃଦ୍ଧିପାଏ, ଯାହା ଭବିଷ୍ୟତରେ ଆଲଜିମର୍ସର ରୂପ ନେଇପାରେ। ଏତଦ୍ ବ୍ୟତୀତ ମସ୍ତିଷ୍କ ଏବଂ ଏହା ସହ ସଂଶ୍ଳିଷ୍ଟ ହୋଇ ରହିଥିବା ସ୍ନାୟୁଗୁଡ଼ିକ ଶରୀର ପାଇଁ ଆବଶ୍ୟକ ମାତ୍ରାର କାର୍ଯ୍ୟ କରିବାର କ୍ଷମତା ବି ହରାଇ ବସନ୍ତି। ଏହା ସହ ସ୍ମରଣଶକ୍ତି ବି ଧୀରେ ଧୀରେ କମିଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏପରି ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବା ଦରକାର ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



## ସ୍ୱାସ୍ଥ୍ୟୋପକାରୀ କଖାରୁ ଫୁଲ

*କଖାରୁ ଫୁଲରେ ଭିଟାମିନ୍ ବି-୯ ଭରି ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ କେତେକ ରୋଗଠାରୁ ଦୂରେଇ ରଖିଥାଏ। ତେବେ ଆସନ୍ତୁ ଜାଣିବା କଖାରୁ ଫୁଲର ଉପକାରୀ ଗୁଣ ସମ୍ପର୍କରେ...*

କଖାରୁ ଫୁଲରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଥଣ୍ଡା, କାଶ, କଫ ଆଦି କମାଇବାରେ ସାହାଯ୍ୟ କରିଥାଏ। ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଅଭାବ ହେଉଥିବା ଭିଟାମିନ-ସି'ର ମାତ୍ରା ମଧ୍ୟ ପୂରଣ ହୋଇଥାଏ। ଏହା ଆମ ଶରୀରରେ ଲୌହ ଓ ଖଣିଜ ଲବଣ ପରିମାଣକୁ ସନ୍ତୁଳିତ ରଖେ, ଯାହା ଶରୀରକୁ ଶକ୍ତ ରଖିଥାଏ। କଖାରୁ ଫୁଲରେ ଥିବା ଭିଟାମିନ୍-ଏ ଦୃଷ୍ଟିଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହା ଅନ୍ଧାରକଣା ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ନିୟମିତ କଖାରୁ ଫୁଲରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁ ଫୁଲରେ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ରହିଛି। ଏହା ଅସ୍ଥି ଓ ଦାନ୍ତକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ଆଣ୍ଠୁ-ଗଣ୍ଠି ବାତ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ।



## ରିଲାକ୍ସ ଥେରାପି



ବ୍ୟାୟାମ କରିବା ସମୟରେ ଅନେକ କାନରେ ଇୟର ଫୋନ୍ ଦ୍ୱାରା ମନ ପସନ୍ଦର ଗୀତ ଶୁଣିଥାଆନ୍ତି। ଏହା ସେମାନଙ୍କୁ ଆନନ୍ଦ ଦେଇଥାଏ। ହେଲେ ଏପରି ଅଭ୍ୟାସ ଦ୍ୱାରା ଆଉ ଏକ ଉପକାର ମିଳିଥାଏ। ଯଦି ଜଣେ ବ୍ୟକ୍ତି ଏଭଳି ଅଭ୍ୟାସ ସହ ଜଡିତ ଥାଆନ୍ତି ତେବେ ତାଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଥାଏ। ଏପରି ଅଭ୍ୟାସକୁ 'ରିଲାକ୍ସ ଥେରାପି' କୁହାଯାଏ। ଏପରି ଥେରାପିକୁ ଆପଣେଇବା ଦ୍ୱାରା ବ୍ୟାୟାମ କରିବା ସମୟରେ ମନ ହାଲୁକା ରହିଥାଏ। ଫଳରେ ଅଧିକ ସମୟ ବ୍ୟାୟାମ କରୁଥିଲେ ମଧ୍ୟ ଥକ୍କା ଲାଗି ନ ଥାଏ। ତା'ସହ ଭାରାକ୍ରାନ୍ତ ମନକୁ 'ରିଲାକ୍ସ ଥେରାପି' କେତେକାଂଶରେ ହାଲୁକା କରିଥାଏ। ହେଲେ ଏହି ସମୟରେ ଯଦି ଗୀତ ଶୁଣୁଛନ୍ତି ତେବେ ସ୍ଲୋ ଭଲ୍ୟୁମରେ ଶୁଣନ୍ତୁ। କାରଣ ଅଧିକ ଭଲ୍ୟୁମରେ ଗୀତ ଶୁଣିଲେ ତାହାର ପ୍ରଭାବ ମସ୍ତିଷ୍କର ସ୍ନାୟୁ ଉପରେ ପଡିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେବାର ଆଶାଙ୍କା ରହିଛି।

## ଜାଣି ରଖନ୍ତୁ

- ଓଜନ କମାଇବାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ଅଳ୍ପ ଉଷୁମ ପାଣିରେ ଏକ ଚାମଚ ମହୁ ଏବଂ ଫାଳେ ଲେମ୍ବୁ ଚିପୁଡି ସେହି ମିଶ୍ରିତ ପାଣିକୁ ପିଅନ୍ତୁ। ଏହା ଓଜନକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।
- ସକାଳୁ ବିଛଣାରୁ ହଠାତ୍ ଉଠନ୍ତୁ ନାହିଁ। ଉଠିବା ପରେ ବିଛଣାରେ କିଛି ସମୟ ବସନ୍ତୁ। ତା'ପରେ ଅଳ୍ପ ସମୟ ଷ୍ଟ୍ରେଚିଂ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସ୍ୱାଭାବିକ ଅବସ୍ଥାକୁ ଚାଲି ଆସିଥାଏ।
- ଆଜିକାଲିର ଧାଁଧପଡ଼ ଜୀବନରେ ନିଜକୁ ସୁସ୍ଥ ରଖିବା ହେଉଛି ବଡ କଥା। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

- ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ନିଶାଦ୍ରବ୍ୟରେ ଥିବା ବିଷାକ୍ତ ତତ୍ତ୍ୱ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନକୁ ଆବଶ୍ୟକତାଠାରୁ ଅଧିକ ତୀବ୍ର କରାଇଥାଏ। ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ।
- ଅଧିକ ଲୁଣ କିମ୍ବା ଚର୍ବି ଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ପୋଟାସିୟମ୍‌ର ପରିମାଣ ବଢ଼ିଥାଏ। ଏହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।
- ଗାଜରରେ ପ୍ରଚୁର ପରିମାଣର ଭିଟାମିନ୍ସ ଥିବାରୁ ଏହା ଚର୍ମକୁ ସତେଜ ରଖେ ଏବଂ କେଶ ଝଡ଼ିବାକୁ ଦେଇ ନ ଥାଏ। ଏହାକୁ ସବୁଦିନ ସକାଳେ ଖାଆନ୍ତୁ।
- କୌଣସି କାମ କରୁଥିବାବେଳେ ଯଦି ହାଲିଆ ଲାଗୁଛି, ତେବେ କାମରୁ ଅଳ୍ପ ସମୟ ବିରତି ନେଇ କିଛି ସମୟ ବିଶ୍ରାମ ନିଅନ୍ତୁ କିମ୍ବା ଟିକେ ଚଲାବୁଲା କରନ୍ତୁ। ଫଳରେ ଆପଣଙ୍କୁ ଆରାମ ଲାଗିବ ଓ ଅଧିକ କାମ କରିବାକୁ ଇଚ୍ଛା ହେବ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ସହ ସେ ପ୍ରେସ୍କ୍ରିପସନରେ ଉଲ୍ଲେଖ କରିଥିବା ଔଷଧ ଖାଆନ୍ତୁ।



# ଅଗ୍ନିମାନ୍ଦ୍ୟ


ଡା. ରଙ୍ଗନାଥ ମିଶ୍ର

"ଅଗ୍ନିମାନ୍ଦ୍ୟ ରୋଗ ପ୍ରାୟତଃ ସାମାନ୍ୟ କାରଣରୁ ହିଁ ହୋଇଥାଏ। ଚା'ରେ ଟେନିନ୍ ନାମକ ଦ୍ରବ୍ୟ ବା ପଦାର୍ଥ ଥାଏ। ତେଣୁ ଅଧିକ ମାତ୍ରାରେ ଚା ପିଇବା ଦ୍ୱାରା ଜଠରାଗ୍ନି ଦୁର୍ବଳ ହୋଇ ଭୋକ କମିଯାଏ। ସେହିପରି କଫିରେ କେଫିନ୍ ଥାଏ, ଯାହା ଦ୍ୱାରା ଭୋକ କମିଯାଏ ଏବଂ ମାଂସପେଶୀ ଧୀରେ ଧୀରେ ଦୁର୍ବଳ ହୋଇଯାଏ।"



ପାଚନ ବିକାରର ମୂଳ କାରଣକୁ ଭୋକ ନ ଲାଗିବା ବା ଅଗ୍ନିମାନ୍ଦ୍ୟ କୁହାଯାଏ। ଅଗ୍ନିମାନ୍ଦ୍ୟ ରୋଗ କାରଣରୁ ପାଚନ ଶକ୍ତିର ହ୍ରାସ ଓ ଖାଦ୍ୟ ପଦାର୍ଥ ଭଲ ଭାବରେ ହଜମ ନ ହୋଇ ବିଭିନ୍ନ ପ୍ରକାରର ଆମଜି ରୋଗ (ପେଟରୋଗ) ହୋଇଥାଏ। ଉକ୍ତ କାରଣରୁ ରୋଗୀକୁ ଭୋକ ଲାଗେନାହିଁ। ଅଳ୍ପ ଖାଦ୍ୟ ଗ୍ରହଣ କଲେ ମଧ୍ୟ ଖାଦ୍ୟ ହଜମ ହେବାକୁ ବହୁତ ସମୟ ଲାଗିଥାଏ। ପେଟ ଭାରି ଭାରି ଲାଗିଥାଏ। ମୁଣ୍ଡ ବ୍ୟଥା ହେବା, କାଶ, ଗ୍ୟାଷ୍ଟ୍ରିକ, ଲାଳସ୍ରାବଳ, ଶରୀର ପୀଡା ଆଦି ଲକ୍ଷଣ ମଧ୍ୟ ପ୍ରକାଶ ପାଇଥାଏ।

**କାରଣ** : ଏହି ରୋଗର କେତେକ କାରଣ ରହିଛି। ଭୋକ ହେଉ ନ ଥିଲେ ଖାଦ୍ୟ ଗ୍ରହଣ କରିବା, ଅଟା, ବେସନ, ମଇଦା ତିଆରି ଜିନିଷ ଅଧିକ ଖାଇବା, ଭଲ ଭାବେ ସିଝି ନ ଥିବା ଖାଦ୍ୟ ଗ୍ରହଣ କରିବା, ଦିନରେ ଖାଦ୍ୟ ଖାଇ ସାରିବା ପରେ ଶୋଇବା, ମଦ, ଅଧିରୋଗ, କ୍ଷୀରଜାତୀୟ ପଦାର୍ଥ, ତେଲ ମସଲା, ଖଟା, ବାସି, ଆମିଷ ଖାଦ୍ୟ ଅଧିକ ମାତ୍ରାରେ ଖାଇବା, ଅତିଗରମ, ଅତି ଥଣ୍ଡା ପାନୀୟ, ଖାଦ୍ୟ ଖାଇବା ମଧ୍ୟରେ ପାଣି ପିଇବା, ଷ୍ଟ୍ରଙ୍ଗ୍ ଟି' ଏବଂ କଫି ଅଧିକ ମାତ୍ରାରେ ସେବନ କରିବା, ଖାଦ୍ୟରେ ଅନିୟମିତତା, ତରତର ହୋଇ ଖାଇବା, ମାଦକ ଦ୍ରବ୍ୟ ଗୁଟ୍‌ଖା, ଖଇନି, ବିଡ଼ି, ସିଗାରେଟ୍, ତମାଖୁଜାତୀୟ ପଦାର୍ଥ ଅଧିକ ସେବନ କରିବା ଦ୍ୱାରା ଅଗ୍ନିମାନ୍ଦ୍ୟ ହେବାର ଆଶଙ୍କା ରହିଛି। ଯଦି ଖାଦ୍ୟନଳୀକା ଆମାଶୟ ବା ଗ୍ରହଣୀରେ ଜନ୍ମରେ ବିକୃତ ଅବସ୍ଥା ବା ଅର୍ବୁଦ, ହାର୍ନିଆ,



ଆମାଶୟ ଶୋଥ, ପୌଷ୍ଟିକ ବ୍ରଣ, ଆମାଶୟ କ୍ୟାନ୍‌ସର, ଅନ୍ତପୁଚ୍ଛ ଶୋଥ, ପିତାଶୟ ଶୋଥ, ଅଗ୍ନାଶୟ ଶୋଥ, ସଂଗ୍ରହଣୀ, ଅନ୍ତଃକୃମି, କୃମିରୋଗ ଆଦି କାରଣ ହୋଇଥାଏ। ହୃଦ୍‌ରୋଗ, ଯକ୍ଷ୍ମା, ରକ୍ତହୀନତା, ୟୁରିମିଆ ଯୋଗୁ ମଧ୍ୟ ଏପରି ସମସ୍ୟା ହୋଇଥାଏ। ଅଗ୍ନିମାନ୍ଦ୍ୟ ରୋଗ ପ୍ରାୟତଃ ସାମାନ୍ୟ କାରଣରୁ ହିଁ ହୋଇଥାଏ। ଚା'ରେ ଟେନିନ୍ ନାମକ ଦ୍ରବ୍ୟ ବା ପଦାର୍ଥ ଥାଏ। ତେଣୁ ଅଧିକ ମାତ୍ରାରେ ଚା ପିଇବା ଦ୍ୱାରା ଜଠରାଗ୍ନି ଦୁର୍ବଳ ହୋଇ ଭୋକ କମିଯାଏ। ସେହିପରି କଫିରେ କେଫିନ୍ ଥାଏ, ଯାହା ଦ୍ୱାରା ଭୋକ କମିଯାଏ ଏବଂ ମାଂସପେଶୀ ଧୀରେ ଧୀରେ ଦୁର୍ବଳ ହୋଇଯାଏ। 'ପାୟରିଆ' ମଧ୍ୟ ଏହି ରୋଗର ପ୍ରମୁଖ କାରଣ ହୋଇଥାଏ। ପିତ୍ତାଶୟ ପଥୁରୀ ବା ପିତ୍ତାଶୟ ରୋଗ, ଅଗ୍ନାଶୟ ରୋଗ, ପେପ୍ଟିକ୍ ଅଲ୍‌ସର୍, ଯକୃତ ଶୋଥ, ଶିରୋସିସ୍ ,ହୃଦ୍‌ଜନିତ ରୋଗ, କିଡ୍‌ନୀ ରୋଗ ଆଦି କାରଣରୁ ମଧ୍ୟ ଅଗ୍ନିମାନ୍ଦ୍ୟ ରୋଗ ହୋଇଥାଏ।

ଯଦି ରୋଗର ପ୍ରକୃତ କାରଣ ଜଣା ନ ପଡ଼େ ନେବେ ସମସ୍ତ ପ୍ରକାର ପରୀକ୍ଷା କରାଇବା ଉଚିତ।

**ଲକ୍ଷଣ :** ଉଦରଶୂଳ, ମଳକ ରୋଧ (କୋଷ୍ଠକାଠିନ୍ୟ), ଅଧୋବାୟୁ ନିର୍ଗମରେ ବାଧା, ହାତ, ଗୋଡ଼, ପିଠି, ମୁଣ୍ଡବ୍ୟଥା, ପାଟି ଶୁଖିବା, ଭୋକ ନ ଲାଗିବା, ଆମ୍ବିଳା ହାକୁଟି, ଖାଦ୍ୟପ୍ରତି ଅନିଚ୍ଛା, ଶରୀର ଦୁର୍ବଳ ଲାଗିବା, ମୁଣ୍ଡ ବୁଲାଇହେବା, ଶୋଷ ଲାଗିବା, ଅଧିକ ଝାଳ ବୋହିବା, ଭୟ ଲାଗିବା, ବାନ୍ତି ଲାଗିବା, ବାନ୍ତି ହେବା, ଆଳସ୍ୟ, ହୃଦ୍‌ବ୍ୟଥା, ପେଟବ୍ୟଥା ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ଯଦି ରୋଗୀ ଏପରି ଅନୁଭବ କରେ ତେବେ ଅଭିଜ୍ଞ ଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ।

-ପୁରୀଘାଟ ଥାନା ପାଖ, କଟକ
ମୋ : ୯୪୩୭୦୧୯୯୭୦

## ରାଜ୍ୟ ଓପନ ଚେସ୍: ରବୀନ୍ଦ୍ର ଚାମ୍ପିୟନ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକର ରବୀନ୍ଦ୍ର ଓଝା ଚାମ୍ପିୟନ ହୋଇଛନ୍ତି। ରବୀନ୍ଦ୍ରଙ୍କ ସମକକ୍ଷ ୬ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଭୁବନେଶ୍ୱରର ସଞ୍ଜୀବନ ନାୟକ ଓ ସୌମ୍ୟରଞ୍ଜନ ମିଶ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟମ୍ ସରବ୍‌ଜିତ ମିଶ୍ର, ଦେବୀ ପ୍ରସାଦ ନାୟକ, ତେଜାସ ଲୋହାନୀ, ଦାଶରଥି ସାହୁ, ମନୀଷ ମିଶ୍ର, ବିଶ୍ୱନାଥ ମହାପାତ୍ର, ଶାଶ୍ୱତ ସୌମ୍ୟବ୍ରତ, ଆରିନ ଅନ୍ୱେଷ ସ୍ୱାଇଁ ଓ ପ୍ରତୀକ କୁଶାଳ ରାଉତ ଟପ୍-୧୨ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଏବଂ ବାଳିକା ବିଭାଗରେ ୧୦ ଜଣଙ୍କୁ ସ୍ୱତନ୍ତ୍ର ଏବଂ ୫ ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାରରେ ସମ୍ମାନିତ କରାଯାଇଛି। ରଣଜିତ ମହାନ୍ତି ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଟଙ୍କପାଣି ରୋଡ଼ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ମୁଖ୍ୟ ଶିକ୍ଷୟିତ୍ରୀ ମମତା ମହାପାତ୍ର ଓ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ମହିଳା କବାଡ଼ି ଚାମ୍ପିୟନଶିପ୍ ୧୧ରେ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି):** ଜନନୀ ଫାଉଣ୍ଡେଶନ ଆନୁକୂଲ୍ୟରେ ଚଳିତ ମାସ ୧୧ ତାରିଖରେ ସ୍ଥାନୀୟ ୟୁନିଟ୍-୯ସ୍ଥିତ ଗଜଲକ୍ଷ୍ମୀ ପଡ଼ିଆରେ ମହିଳା କବାଡ଼ି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୬ଟି ଦଳ ବାରଙ୍ଗର ରେନ୍‌ବୋ, ପଟିଆର କଳିଙ୍ଗ କବାଡ଼ି ଏକାଡେମୀ, କିଶୋର କ୍ଲବ, ଭୁବନେଶ୍ୱର ୟୁନିଟ୍-୯, କଟକ କ୍ଲବ ଏବଂ ନେତାଜୀ ସ୍ପୋର୍ଟ୍ସ କ୍ଲବ ଅଂଶଗ୍ରହଣ କରିବେ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନର ଅଧକ୍ଷା ମନୋରମା ଦାଶ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ସମାଜସେବା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାଙ୍କୁ ଏହି ଟୁର୍ନାମେଣ୍ଟ ଅବସରରେ ସମ୍ମାନିତ କରାଯିବ ବୋଲି ନିର୍ଦ୍ଦେଶିକା ମୋନାଲିସା ରଥ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଫାଉଣ୍ଡେଶନର ସମ୍ପାଦକ ବିଜୟ କୁମାର ଦାଶ, ବିଜୟଲକ୍ଷ୍ମୀ କର, ଶୁଭଶ୍ରୀ ଦାସ, ଆନି ଶତପଥୀ, କବିତା ଦାଶ, ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଇଂଲଣ୍ଡ ବିପକ୍ଷରେ ଗୋଲ ସ୍କୋରପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

## ଅମିତଙ୍କ ନେତୃତ୍ୱରେ ଡବଲ ବିଜୟ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଅମିତ୍ ରୋହିଦାସଙ୍କ ନେତୃତ୍ୱରେ ଭାରତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ଇଂଲଣ୍ଡ ବିପକ୍ଷରେ ଡବଲ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଶନିବାର ଶୁଟ୍‌ଆଉଟ ୩-୨ ଗୋଲରେ ଜିତିଥିବା ଭାରତ ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଲଢୁଆ ପ୍ରଦର୍ଶନ କରି ୪-୩ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି। ଭାରତ ପକ୍ଷରୁ ମନପ୍ରୀତ ସିଂ ୧୫+ ଓ ୨୬ ଏବଂ ହରମନପ୍ରୀତ ସିଂ ୨୬ ଓ ୪୩ତମ ମିନିଟ୍‌ରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଇଂଲଣ୍ଡର ଲିଆମ ସାନ୍‌ଫୋର୍ଡ ୭ମ, ଡେଭିଡ କଣ୍ଡନ ୩୯ ଓ ସାମ୍ ୱାର୍ଡ ୪୪ତମ



ପୁରସ୍କାର ସହ ହରମନପ୍ରୀତ ସିଂ।

ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଶନିବାର ମ୍ୟାଚ୍ ପରି ରବିବାର ମ୍ୟାଚ୍‌ରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ହରମନପ୍ରୀତ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଏଥିସହ ଭାରତ ୧୦ ମ୍ୟାଚ୍‌ରୁ ୬ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍‌ଆଉଟ ପରାଜୟ ଓ ୨ ପରାଜୟ ସହ ୨୧ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଜର୍ମାନୀ ୮ ମ୍ୟାଚ୍‌ରୁ ୧୭ ପଏଣ୍ଟ ସହ ଦ୍ୱିତୀୟ ଏବଂ ନେଦରଲାଣ୍ଡ ୬ ମ୍ୟାଚ୍‌ରୁ ୧୬ ପଏଣ୍ଟ ପାଇ ତୃତୀୟରେ ଥିବାବେଳେ ଇଂଲଣ୍ଡ ୬ ମ୍ୟାଚ୍‌ରୁ ୭ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି। ଚଳିତ ମାସ ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବ।

## ପଞ୍ଜାବର ଦ୍ୱିତୀୟ ବିଜୟ

**ମୁମ୍ବାଇ, ୩।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ୫୪ ରନରେ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଛି। ଲିଆମ ଲିଭିଂଷ୍ଟୋନ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପଞ୍ଜାବ ୨୦ ଓଭରରେ ୮ ଉଇକେଟ ହରାଇ ୧୮୦ ରନ୍ କରିଥିଲା। ଜବାବରେ ଚେନ୍ନାଇ ୧୮ ଓଭରରେ ୧୨୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଧିନାୟକ ରବୀନ୍ଦ୍ର ଜାଡେଜା (୦)ଙ୍କୁ

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**
**ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ**
**ସ୍ଥାନ: ମୁମ୍ବାଇ**
**ସମୟ: ରାତି ୭ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ମିଶାଇ ଟପ୍ ଅର୍ଡରର ୫ ବ୍ୟାଟର ବିଫଳ ହୋଇଥିବାବେଳେ ମିଡିଲ ଅର୍ଡରରେ ଶିବମ୍ ଦୁବେ ୩୦ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୭ ରନ ସ୍କୋର କରିଥିଲେ। ମହେନ୍ଦ୍ର ସିଂ ଧୋନୀ ୨୩ (୧ ଚୌକା, ୧ ଛକା) ରନ କରିବାକୁ ସକ୍ଷମ ହୋଇଥିଲେ। ପଞ୍ଜାବ ପକ୍ଷରୁ ରାହୁଲ ଚହର ୩ଟି, ଲିଆମ ଲିଭିଂଷ୍ଟୋନ ଓ ବୈଭବ ଆରୋରା ୨ଟି ଲେଖାଏ ଏବଂ କାଗିଶୋ ରାବାଡ଼ା, ଅର୍ଶଦୀପ ସିଂ ଓ ଓଡେନ ସ୍ମିଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଚଳିତ ଲିଗ୍‌ରେ ୩ ମ୍ୟାଚରୁ ପଞ୍ଜାବର ଏହା ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଚେନ୍ନାଇ କ୍ରମାଗତ ୩ ମ୍ୟାଚ ହାରି ପରାଜୟରେ ହ୍ୟାଟ୍ରିକ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ମାତ୍ର ୧୪ ରନ୍‌ରେ ଅଧିନାୟକ ମୟଙ୍କ ଅଗ୍ରୱାଲ (୪) ଓ ଭାନୁକା ରାଜପାକ୍ସା (୯)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଶିଖର ଧାୱନ ଓ ଲିଆମ ଲିଭିଂଷ୍ଟୋନ୍ ତୃତୀୟ ଉଇକେଟରେ ୯୫ ରନ୍ ଯୋଗକରି ଇନିଂସ ସମ୍ଭାଳି ନେଇଥିଲେ। ଧାୱନ ଭଲ ଆରମ୍ଭ କରିଥିଲେ ହେଁ ୩୩ (୨୪ ବଲ, ୪ ଚୌକା, ୧ ଛକା) ରନ୍ କରି ଆଉଟ ହୋଇଯାଇଥିଲେ। ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ ଲିଭିଂଷ୍ଟୋନ। ସେ ୩୨ ବଲ୍‌ରୁ ୬୦ (୫ ଚୌକା, ୫ ଛକା) ରନ୍ କରି ପଞ୍ଜାବ ଇନିଂସର ମେରୁଦଣ୍ଡ ସାଜିଥିଲେ। ପଦାର୍ପଣକାରୀ ଜିତେଶ ଶର୍ମା ୧୭ ବଲ୍‌ରୁ ୨୬ (୩ ଛକା) ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଶାହରୁଖ୍ ଖାଁ ୬, ଓଡେନ ସ୍ମିଥ୍ ୩, ରାହୁଲ ଚହର ୧୨ ରନ୍ କରି ଆଉଟ ହୋଇଯାଇଥିଲେ। ଫଳରେ ପଞ୍ଜାବ ଇନିଂସ ୧୮୦ରେ ସୀମିତ ହୋଇଯାଇଥିଲା। ଚେନ୍ନାଇ ବୋଲରଙ୍କ ମଧ୍ୟରେ କ୍ରିସ୍ ଜୋର୍ଡାନ ଓ ଡ୍ୱେନ ପ୍ରିଟୋରିୟସ ୨ଟି ଲେଖାଏ ଏବଂ ମୁକେଶ ଚୌଧାରୀ, ଡ୍ୱେନ୍ ବ୍ରାଭୋ ଓ ଅଧିନାୟକ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ହାସଲ ପରେ ଲିଆମ ଲିଭିଂଷ୍ଟୋନ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୦/୮ (ଲିଆମ ଲିଭିଂଷ୍ଟୋନ୍-୬୦, ଶିଖର ଧାୱନ-୩୩, ଜିତେଶ ଶର୍ମା-୨୬, କ୍ରିସ୍ ଜୋର୍ଡାନ-୨/୨୩, ଡ୍ୱେନ ପ୍ରିଟୋରିୟସ-୨/୩୦, ମୁକେଶ ଚୌଧାରୀ-୧/୫୨, ଡ୍ୱେନ୍ ବ୍ରାଭୋ-୧/୩୨, ରବୀନ୍ଦ୍ର ଜାଡେଜା-୧/୩୪)। ଚେନ୍ନାଇ ସୁପରକିଙ୍ଗ୍ସ ୧୮ ଓଭରରେ ୧୨୬/ଅଲ୍‌ଆଉଟ (ଶିବମ୍ ଦୁବେ-୫୭, ମହେନ୍ଦ୍ର ସିଂ ଧୋନୀ-୨୩, ରାହୁଲ ଚହର-୩/୨୫, ଲିଆମ ଲିଭିଂଷ୍ଟୋନ-୨/୨୫, ବୈଭବ ଆରୋରା-୨/୨୧, କାଗିଶୋ ରାବାଡ଼ା-୧/୨୮, ଅର୍ଶଦୀପ ସିଂ-୧/୧୩, ଓଡେନ ସ୍ମିଥ-୧/୧୪)।

## ରାଜ୍ୟ ବାହୁକୁସ୍ତି ସଂଘର ନୂଆ କର୍ମକର୍ତ୍ତା

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ବାହୁକୁସ୍ତି ସଂଘର ସାଧାରଣ ପରିଷଦ ବୈଠକ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଇତିମଧ୍ୟରେ ସଂଘର କାର୍ଯ୍ୟକାରୀ ସଦସ୍ୟଙ୍କ ମଧ୍ୟରୁ କେତେଜଣଙ୍କ ଦେହାନ୍ତ ହୋଇଯାଇଥିବାବେଳେ ଅନ୍ୟ କେତେଜଣ ଅସାମର୍ଥ୍ୟତା ପ୍ରକାଶ କରିଛନ୍ତି। ଫଳରେ ଆସନ୍ତା ବର୍ଷ ହେବାକୁଥିବା ନିର୍ବାଚନ ପର୍ଯ୍ୟନ୍ତ କିଛି ନୂତନ କର୍ମକର୍ତ୍ତାଙ୍କୁ କାର୍ଯ୍ୟକାରିଣୀରେ ସାମିଲ କରାଯାଇଛି। ଜାତୀୟ ବାହୁକୁସ୍ତି ସଂଘର ସମ୍ପାଦକ କେଦାର ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଓଡ଼ିଶା ରାଜ୍ୟ ସଂଘର ସଭାପତି ଭାବେ ମନୋନୟନ କରାଯାଇଥିଲା। ସୁନୀଲ କୁମାର ରାଜ ଓ ଗୌରାଙ୍ଗ ଚରଣ ପାତ୍ର ଉପସଭାପତି, ଶଶିକାନ୍ତ ଜେନା ଯୁଗ୍ମ ସମ୍ପାଦକ, ସନ୍ତୋଷ କୁମାର ଦାସ କୋଷାଧକ୍ଷ ହୋଇଥିବାବେଳେ ସାଗର କୁମାର ନାୟକ, ଜନ୍ ଦେବାଶିଷ ଦାସ, ଚନ୍ଦନ କୁମାର ବେହେରା, ରାହୁଲ ମାହାର ଓ କୁନୁ ମୁଖୀ ପ୍ରମୁଖ ନୂତନ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ ଦଳ ଆସନ୍ତା ମେ' ମାସରେ ହାଇଦ୍ରାବାଦରେ ହେବାକୁଥିବା ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଭାଗନେବ ଏବଂ ପୁରୀଠାରେ ପ୍ରୋ ପଞ୍ଜା ଲିଗ୍ ଅନୁଷ୍ଠିତ ହେବ ବୋଲି ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଜାତୀୟ ଜୁନିୟର ମହିଳା ହକିରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

## ଦୂତୀଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି)**

କାଲିକଟର ସି.ଏଚ୍. ମହମ୍ମଦ କୋୟା ଷ୍ଟାଡିୟମରେ ଚାଲିଥିବା ୨୫ତମ ଜାତୀୟ ଫେଡେରେଶନ କପ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ଡବଲ ଅଲିମ୍ପିଆନ ଦୂତୀ ରବିବାର ଅନୁଷ୍ଠିତ ଫାଇନାଲରେ ୧୧.୪୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। କେରଳର ଏମ୍.ଭି. ଇଲ୍‌ନା ୧୧.୬୩ ଓ କର୍ନାଟକର ଏନ୍. ଏସ୍. ସିମି ୧୧.୭୧ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କର୍ନାଟକର ଏ.ଟି. ଧନେଶ୍ୱରୀ ୧୧.୭୪ ଓ ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ ୧୧.୮୫ ସେକେଣ୍ଡ ସହିତ ପରିବର୍ତ୍ତୀ ୨ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି।



ସ୍ୱର୍ଣ୍ଣ ପଦକ ସହ ଦୂତୀ ଚାନ୍ଦ।

**ଜାତୀୟ ଜୁନିୟର ମହିଳା ହକି**

## ଓଡ଼ିଶାକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି):** ଆନ୍ଧ୍ର ପ୍ରଦେଶର କାକିନଡ଼ାଠାରେ ଅନୁଷ୍ଠିତ ୧୨ତମ ଜାତୀୟ ଜୁନିୟର ମହିଳା ହକିରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ରବିବାର ତୃତୀୟ ସ୍ଥାନପାଇଁ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ନିକିତା ଟପ୍ପୋ ୩୧ ଓ ୪୧ତମ ମିନିଟରେ ୨ଟି ଏବଂ ମୁନମୁନି ଦାସ ୪୭ ଓ ସୁମି ମୁଣ୍ଡାରୀ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫାଇନାଲରେ କର୍ନାଟକକୁ ୩-୦ ଗୋଲରେ ହରାଇ ହରିୟାଣା ଚାମ୍ପିୟନ ହୋଇଛି। ବିଜୟୀ ଦଳର ସାକ୍ଷୀ ରାଣା ୪ ଓ ୬୦ତମ ମିନିଟରେ ୨ଟି ଏବଂ କନିକା ସିୱାଚ୍ ୪୫ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ହରିୟାଣା କୋଚ୍ ଆଜାଦ ସିଂ ମଲିକ ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି। କ୍ରମାଗତ ଦ୍ୱିତୀୟଥର ପାଇଁ ଆମେ ଟାଇଟଲ ଜିତିଥିବାରୁ ବହୁତ ଖୁସି।

## ଅଷ୍ଟ୍ରେଲିଆକୁ ୭ମ ବିଶ୍ୱକପ୍ ଟାଇଟଲ



ଚାମ୍ପିୟନ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ।

**ଖ୍ରୀଷ୍ଟଚର୍ଚ୍ଚ, ୩।୪ (ପି.ଟି.):** ଆଲିସା ହିଲିଙ୍କ ଆକର୍ଷଣୀୟ ଶତକ ସହାୟତାରେ ଅଷ୍ଟ୍ରେଲିଆ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡକୁ ୭୧ ରନରେ ପରାସ୍ତ କରି ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଟାଇଟଲ ହାସଲ କରିଛି। ଏଥି ସହ ସର୍ବାଧିକ ଥର ବିଶ୍ୱକପ୍ ଟାଇଟଲ ଜିତିବାରେ ଅଷ୍ଟ୍ରେଲିଆ ଏହାର ରେକର୍ଡ ସଂଖ୍ୟା ୭କୁ ବୃଦ୍ଧି କରିପାରିଛି। ହିଲି ଆକ୍ରମଣାତ୍ମକ ବ୍ୟାଟିଂ କରି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୩୮ ବଲ୍‌ରୁ ୧୭୦ ରନ ସଂଗ୍ରହ କରିଥିଲେ। ଯାହାଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୫ଉଇକେଟ ବିନିମୟରେ ୩୫୬ ରନ କରିପାରିଥିଲା। ରେକର୍ଡ ବିଜୟ ଲକ୍ଷ୍ୟ ହାସଲ କରିବା ଲାଗି ଗତଥରର ଚାମ୍ପିୟନ ଇଂଲଣ୍ଡଠାରୁ ଚମତ୍କାରିତା ଆଶା କରାଯାଉଥିଲା। ମାତ୍ର ଦଳ ୪୩.୪ ଓଭରରେ ୨୮୫ ରନ କରି ଅଲଆଉଟ ହୋଇଯାଇଥିଲା। ନାଟାଲି ସ୍କିଭର ୧୨୧ ବଲ୍‌ରୁ ୧୪୮ରନ କରିଥିଲେ। ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହା ହେଉଛି ତାଙ୍କର କ୍ରମାଗତ ଦ୍ୱିତୀୟ ଶତକ। ୪୧ରନରେ ଜୀବନଦାନ ପାଇଥିବା ହିଲି ଯାଦୁକରୀ ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କୁ ଖୁବ୍ ପ୍ରହାର କରିଥିଲେ। ବର୍ତ୍ତମାନ ସେ ପୁରୁଷ ହେଉ ଅବା ମହିଳା ବିଶ୍ୱକପ୍ ଫାଇନାଲରେ ସର୍ବାଧିକ ରନ କରିଥିବା ବ୍ୟାଟର ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ମହିଳା ଦଳ: ୫୦ ଓଭରରେ ୩୫୬/୫ ( ଆଲିସା ହିଲି-୧୭୦, ରାଚେଲ ହେନ୍ସ-୬୮, ବେଥ୍ ମୁନି-୬୨ ; ଅନ୍ୟା ଶ୍ରବସୋଲ୍-୩/୪୬)। ଇଂଲଣ୍ଡ ମହିଳା ଦଳ: ୪୩.୪ ଓଭରରେ ୨୮୫ ଅଲଆଉଟ ( ନାଟ୍ ସ୍କିଭର-୧୪୮* ; ଆଲାନା କିଙ୍ଗ୍ -୩/୬୪)।

## ରାଜ୍ୟ ସବ୍‌ଜୁନିୟର ଚେସ୍: ସୃଷ୍ଟି, ଜାକାକାଙ୍କୁ ଟାଇଟଲ

**ଭୁବନେଶ୍ୱର, ୩।୪ (କ୍ରୀଡ଼ା ପ୍ରତିନିଧି):** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ), କୋରାପୁଟ ଜିଲା ଚେସ୍ ଆସୋସିଏଶନ ଓ କଳିଙ୍ଗ ସ୍ପୋର୍ଟ୍ସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରାଜ୍ୟ ୧୮ ବର୍ଷରୁ କମ୍ ସବ୍‌ଜୁନିୟର ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। କୋରାପୁଟ ସର୍ବୋଦୟ କମ୍ପ୍ଲେକ୍ସରେ ଅନୁଷ୍ଠିତ ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାର ବାଳିକା ବିଭାଗରେ ପୁରୀର ସୃଷ୍ଟି ଶ୍ରେୟାସୀ (୫ ପଏଣ୍ଟ) ଓ ବାଳକରେ ରାୟଗଡ଼ାର ଜାକାକା ଲେଲି (୪ ପଏଣ୍ଟ) ଚାମ୍ପିୟନ ହୋଇଛନ୍ତି। ବାଳିକାରେ କୋରାପୁଟର ବିଷ୍ଣୁପ୍ରିୟା ମାଝି ଦ୍ୱିତୀୟ ଓ କୌଶଲ୍ୟା ଦେଉରିଆ ତୃତୀୟ ହୋଇଛନ୍ତି। ସେହିପରି ବାଳକରେ କୋରାପୁଟର ପୂର୍ଣ୍ଣ ଖିଲୋ ଦ୍ୱିତୀୟ ଓ ହରେଶ୍ ପିଡିକା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ବାଳିକା ଓ ବାଳକ ବିଭାଗରେ ଶ୍ରେଷ୍ଠ ୧୦ ଜଣଙ୍କ ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ୬ ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି। ଉଭୟ ବର୍ଗର ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳି କୋଇମ୍ବାଟୁରଠାରେ ହେବାକୁଥିବା ଜାତୀୟ ୧୮ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଦ୍ୱିତୀୟ ବିଜୟ ସହ କ୍ୱାର୍ଟରରେ ଭାରତ

**ଜୁନିୟର ମହିଳା ହକି ବିଶ୍ୱକପ୍**

**ପୋଚ୍‌ଫେଷ୍ଟ୍ରୁମ, ୩।୪ (ପି.ଟି.)**

ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଭାରତ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପୁଲ୍ 'ଡି' ମ୍ୟାଚ୍‌ରେ ଭାରତୀୟ ଦଳ ଶକ୍ତିଶାଳୀ ଜର୍ମାନୀକୁ ୨-୧ ଗୋଲରେ ହରାଇ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମ୍ୟାଚ୍ ଆରମ୍ଭରୁ ଅର୍ଥାତ୍ ୨ୟ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଦୀପିକାଙ୍କ ଡ୍ରାଗଫ୍ଲିକ୍ ଶଟ୍‌କୁ ଜର୍ମାନୀ ଗୋଲକିପର ମାଲି ୱିଟ୍‌ମାନ ସେଭ୍ କରିଦେଇଥିଲେ। ଫେରି ଆସୁଥିବା ବଲ୍‌କୁ ରିବାଉଣ୍ଡ ଶଟ୍ ଜରିଆରେ ଗୋଲରେ ପରିଣତ କରି ଲାଲ୍‌ରେମସିଆମି ଭାରତକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟି କର୍ନର ଗୋଲ ଦେଇ ମୁମ୍‌ତାଜ ଖାଁ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୫୭ତମ ମିନିଟ୍‌ରେ ଜର୍ମାନୀର ଜୁଲେ ବ୍ଲୁଏଲ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ଜର୍ମାନୀ ଦଳ ପ୍ରଥମାର୍ଦ୍ଧରେ ୬ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଗୋଲ୍‌କିପର ବିଚ୍ଚୁ ଦେବୀ କରିବାମ୍ ଚମତ୍କାର ପ୍ରଦର୍ଶନ ଜରିଆରେ ତାହାକୁ ସେଭ୍ କରିଦେଇଥିଲେ। ଏପରି କି ଦ୍ୱିତୀୟ କ୍ୱାର୍ଟରରେ ଜର୍ମାନୀର ଜେଟି ଫ୍ଲେଶ୍‌ଚୁଜ୍ ମାରିଥିବା ଏକ ପେନାଲ୍ଟି ଷ୍ଟ୍ରୋକ୍ ଶଟ୍‌କୁ ମଧ୍ୟ ସେ ରୋକିବାରେ ସମର୍ଥ ହୋଇଥିଲେ। ଅନ୍ୟପକ୍ଷରେ ଭାରତୀୟ ଦଳ ପ୍ରଥମାର୍ଦ୍ଧରେ ପାଇଥିବା ୩ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲା। ଶନିବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚ୍‌ରେ ଭାରତ ଅପେକ୍ଷାକୃତ ଦୁର୍ବଳ ୱେଲ୍ସକୁ ୫-୧ ଗୋଲରେ ପରାସ୍ତ କରିଥିଲା। ଦଳ ଏହାର ଶେଷ ଲିଗ୍ ମ୍ୟାଚ୍ ଏପ୍ରିଲ ୫ରେ ମାଲେସିଆ ସହିତ ଖେଳିବ। ଏପ୍ରିଲ ୮ରେ କ୍ୱାର୍ଟର ଫାଇନାଲ ରାଉଣ୍ଡ ଆରମ୍ଭ ହେବ। ପୁଲ୍ 'ଡି'ରେ ଭାରତ ୨ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଜର୍ମାନୀ ୨ ମ୍ୟାଚ୍‌ରୁ ୧ ବିଜୟ ସହ ୩ ପଏଣ୍ଟ ପାଇଛି। ମାଲେସିଆ ଓ ୱେଲ୍ସ ମ୍ୟାଚ୍ ୩-୩ ଗୋଲରେ ଡ୍ର ରହିଥିବାରୁ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ପ୍ରତି ପୁଲ୍‌ରୁ ୨ଟି ଲେଖାଏ ଦଳ ନକ୍‌ଆଉଟ୍‌ରେ ପ୍ରବେଶ କରିବା ନିୟମ ରହିଛି।



ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ୩.୭୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ଫୁଲବାଣୀ ଅଫିସ, ୩।୪:** ଗୋଚ୍ଛାପଡା ଥାନା ପୋଲିସ କେରେଙ୍ଗେଲି ଛକରେ ଚଢ଼ାଉ କରି ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିଛି । ୩ କୁଇଣ୍ଟାଲ ୭୫ କେଜିର ଏହି ଗଞ୍ଜେଇ ବାହାରକୁ ଚାଲାଣ ହେଉଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଜଣ ଫେରାର୍ ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କେରେଙ୍ଗେଲି ଗ୍ରାମର ବସନ୍ତ ଦିଗାଲ ଓ ବିଶ୍ୱାମିତ୍ର ରଣା । ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ବିଶେଷସୂତ୍ରରୁ ଖବର ମିଳିଥିଲା । ଥାନାଧିକାରୀ ରଞ୍ଜିତ କୁମାର ମୁନୀ ଏକ ଟିମ୍ କରି ଘଟଣାସ୍ଥଳରେ ଚଢ଼ାଉ କରିଥିଲେ । ଏ ନେଇ ଥାନାରେ ନଂ.୪୨/୨୧ରେ ମାମଲା ରୁଜୁ ହୋଇଛି ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ଆର.ଉଦୟଗିରି,୩।୪(ଡି.ଏନ.ଏ.):** ମୋହନା ବ୍ଲକ ଅନ୍ତର୍ଗତ ଲୁହାଗୁଡି ଛକଠାରୁ ଅଳ୍ପ ଦୂର ଗଣି ଛକରେ ଶନିବାର ମୋହନା ଥାନାଧିକାରୀ ସୁଜିତ କୁମାର ନାୟକ ସଦଳବଳ ତନଖି କରୁଥିବା ବେଳେ ସନ୍ଦେହଜନକ ଭାବେ ଯାଉଥିବା ଏକ ବୋଲେରୋ ପିକ୍ଅପ୍‌କୁ ଅଟାଇଥିଲେ। ଗାଡ଼ିରେ ତନଖି କରିବାରୁ ସେଥିରେ ୧୫୧ କେଜି ୮୦୦ଗ୍ରାମ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଉକ୍ତ ଗଞ୍ଜେଇ ସହ ଗାଡିକୁ ପୋଲିସ ଜବତ କରିଛି। ଗଞ୍ଜେଇ ଚାଲାଣ କରୁଥିବା ବ୍ରହ୍ମପୁର ନିକଟସ୍ଥ ଲାଞ୍ଜିଆ ଅଞ୍ଚଳର ଅଜିତ କୁମାର ଗୌଡ଼ଙ୍କୁ ଗିରଫ କରାଯାଇଛି। ଏନେଇ ନଂ.୪୬/୨୨ରେ ମାମଲା ରୁଜୁ ହୋଇଛି।

## ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବୁଗୁଡା,୩।୪(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ସ ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଦ୍ମ ଚରଣ ପାଣିଗ୍ରାହୀଙ୍କ ଶନିବାର ହଠାତ୍ ହୃଦକ୍ରିୟା ବନ୍ଦ ଯୋଗୁ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ପୁଅ, ବୋହୂ, ଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ଦକ୍ଷ, କର୍ତ୍ତବ୍ୟନିଷ୍ଠ, ଧର୍ମପରାୟଣ ଓ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ମିଶନ ଶକ୍ତି ସଭାଗୃହ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି,୩।୪(ଡି.ଏନ୍.ଏ.):** ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଦ୍ୱାରା ଗୋଷାଣୀ ବ୍ଲକଠାରେ ମିଶନ ଶକ୍ତି ସଭାଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ସମାରୋହରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍.ବୀରରାଜୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନସୂୟା ଦେବୀ, ଜିଲା ପରିଷଦ ସଭ୍ୟ ଏସ୍. ବାଲାରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୌରୀ ନାୟକ, ଜିଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ରଶ୍ମିରଞ୍ଜନ ସେଠୀ, ଗୋଷ୍ଠୀ ପ୍ରକଳ୍ପ ସଂଯୋଗକ ମିଶନ ଶକ୍ତି ଲାବନ ରଇତ ଏବଂ ବିଏଲ୍ଏଫ୍‌ର ସମସ୍ତ ସଭ୍ୟା, ଏସ୍ଏଚ୍‌ଜି ସଭ୍ୟ ଏବଂ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ନାଁରେ ସରକାରୀ ଅନୁଦାନ ଅପବ୍ୟୟ

- ତିଆରି ହୋଇଥିବା ନାଳ ପୋତାଗଲା
- ନୂଆ ନାଳରେ ଆବର୍ଜନା ଜଳ ନିଷ୍କାସନ ନେଇ ଉଠିଲା ପ୍ରଶ୍ନ

**ନୟାଗଡ଼ ଅଫିସ,୩।୪**



ବାଲି ପକାଯାଇ ପୋତାଯାଇଥିବା ନାଳ ।




ରବୀନ୍ଦ୍ରଙ୍କ ଘରେ ଆବର୍ଜନା ଜଳ ପ୍ରବେଶ କରିଛି ।

ବିକାଶ ନାଁରେ ନୟାଗଡ଼ ମ୍ୟୁନିସିପାଲିଟିରେ ସରକାରୀ ଅନୁଦାନ ଅପବ୍ୟୟ ଚାଲିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ୧୬ ନଂ. ୱାର୍ଡର ପାଟଚଣ୍ଡୀ ମନ୍ଦିର ନିକଟରେ ଏଭଳି ବିକାଶ ଚାଲିଛି । ପୁରୁଣା ନାଳକୁ ପୋତି ଯେଉଁ ନୂଆ ନାଳ ନିର୍ମାଣ ଚାଲିଛି ସେଥିରେ ଆବର୍ଜନା ଜଳ ନିଷ୍କାସନ ହେବ ନା ପୂର୍ବପରି ରାସ୍ତା ଉପରେ ଜମା ହୋଇ ରହିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଉକ୍ତ ୱାର୍ଡରେ ରାସ୍ତା ଓ ନାଳଠାରୁ ଘରଗୁଡ଼ିକ ନୀଚାରେ ରହିଛି । ଫଳରେ ଘରର ଆବର୍ଜନା ଜଳ ନାଳ ଦେଇ ନିଷ୍କାସନ ହୋଇ ପାରୁନି । ଏହି କାରଣରୁ ଅସରାଏ ବର୍ଷା ହେଲେ ଆବର୍ଜନା ଜଳ ନାଳ ଦେଇ ଲୋକମାନଙ୍କ ଘରେ ପ୍ରବେଶ କରୁଛି । ଏପରି ପରିସ୍ଥିତି ଯୋଗୁ ଲୋକମାନେ ଚିନ୍ତାରେ ଅଛନ୍ତି ।

ଅଭିଯୋଗ ଅନୁଯାୟୀ, ପାଟଚଣ୍ଡୀମନ୍ଦିରଠାରୁ ମିନତୀ ପଟ୍ଟନାୟକଙ୍କ ଘର ପର୍ଯ୍ୟନ୍ତ ପ୍ରାୟ ଦେଢ଼ଶହ ମିଟର ନାଳକୁ ବାଲି ପକାଇ ପୋତି ଦିଆଗଲା । ସେହି ସ୍ଥାନରେ ଆଉ ଆବର୍ଜନା ଜଳ ନିଷ୍କାସନ ହେବାପାଇଁ କୌଣସି ବ୍ୟବସ୍ଥା ନାହିଁ। କାରଣ ନୂତନ ନାଳ ନିର୍ମାଣ କରାଯାଇନାହିଁ । କେବଳ ସ୍ଲାବ୍ ପକାଯାଇ ୪ବର୍ଷ ତଳେ ନିର୍ମାଣ କରାଯାଇଥିବା ନାଳକୁ ପୋତି ଦିଆଯାଇଛି। କୌଣସି ଅଜଣା ଲୋକ ଯଦି ଉକ୍ତ ଅଞ୍ଚଳକୁ ଆସୁଛନ୍ତି ପୁରୁଣା ନାଳ ଉପରେ ନିର୍ମାଣ ହୋଇଥିବା ସ୍ଲାବ୍‌କୁ ଦେଖିଲେ ନାଳ ରହିଛି ବୋଲି ଭାବୁଛନ୍ତି । ହେଲେ ନାଳ ନିର୍ମାଣ ନାମରେ ଆସିଥିବା ସରକାରୀ ଅନୁଦାନ ଏମିତି ଅପବ୍ୟୟ କରାଯାଉଛି । ପୁଣି ମିନତୀ ପଟ୍ଟନାୟକଙ୍କ ଘରଠାରୁ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ନାଳ ନିର୍ମାଣ କାମ ଚାଲୁ ରହିଛି। ସେଠାରେ ବି ପୁରୁଣା ନାଳକୁ ପୋତି ଉଚ୍ଚା କରାଯାଇଛି । ଘରର ଆବର୍ଜନା ଜଳ ସେହି ନାଳ ଦେଇ ନିଷ୍କାସନ ହେବ ବୋଲି କୁହଯାଉଛି । ହେଲେ ତାହା କେତେଦୂର ସଫଳ ହେବ ତାହା ଏବେଠୁ କହିବା ଠିକ୍ ହେବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଅପରପକ୍ଷେ ପାଟଚଣ୍ଡୀ ମନ୍ଦିର ଅପରପାର୍ଶ୍ୱ ନାଳ ଗତବର୍ଷ ନିର୍ମାଣ ହୋଇଥିଲା । ସେହି ନାଳରେ ଆବର୍ଜନା ଜଳ ନିଷ୍କାସିତ ହୋଇ ପାରୁନାହିଁ। ବରଂ ଲୋକଙ୍କ ଘରେ ଆବର୍ଜନା ଜଳ ପଶି ବହୁ ସମୟ ପର୍ଯ୍ୟନ୍ତ ରହୁଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

**୧୫ନଂ. ୱାର୍ଡରେ ସମଦଶା:** କେବଳ ୧୬ନଂ. ୱାର୍ଡ ନୁହେଁ ୧୫ନଂ. ୱାର୍ଡର ରାଜବଗିଚା ପୋଖରୀ ନିକଟରେ ବି ସେମିତି ପରିସ୍ଥିତି ଦେଖିବାକୁ ମିଳିଛି । ସ୍ଥାନୀୟ ବାସିନ୍ଦା ରବୀନ୍ଦ୍ର ଦାସଙ୍କ ଭଡ଼ାଘରେ ଖରାଦିନେ ବି ନର୍ଦ୍ଦମା ଜଳ ଲହଡ଼ି ଭାଙ୍ଗୁଛି । ଆବର୍ଜନା ଜଳ କୂଅରେ ପଶୁଛି । ଫଳରେ ସେହି କୂଅ ପାଣିକୁ ପରିବାର ଲୋକ ବ୍ୟବହାର କରି ପାରୁନାହାନ୍ତି । ପ୍ରାୟ ୩ବର୍ଷ ତଳେ ସେହି ଅଞ୍ଚଳରେ ନୂଆ ନାଳ ନିର୍ମାଣ ହୋଇଥିଲା । ହେଲେ ନୂଆ ନାଳର ନିର୍ମାଣ ଠିକ୍ ହୋଇ ନ ଥିବାରୁ ନର୍ଦ୍ଦମା ଜଳ ଲୋକମାନଙ୍କ ଘରେ ପଶୁଛି। ବର୍ଷାଋତୁରେ ଏହି ଅଞ୍ଚଳର ଅବସ୍ଥା କ'ଣ ହେବ ତାହା ସହଜରେ ଅନୁମାନ କରାଯାଇ ପାରୁଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଏନେଇ ରବୀନ୍ଦ୍ର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସେ ମାନବାଧିକାର କମିଶନରଙ୍କୁ ଫେରାଦ୍ ହୋଇଛନ୍ତି। ଏନେଇ ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ କୁହନ୍ତି, ଉକ୍ତ ଅଭିଯୋଗ ସଂକ୍ରାନ୍ତରେ ଅନୁଧ୍ୟାନ କରିବା ପରେ ଆବଶ୍ୟକ ପଦକ୍ଷେପ ନେବି। ଘରେ ଯେପରି ନର୍ଦ୍ଦମା ଜଳ ନ ପଶିବ ସେନେଇ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ନାବାଳକ ଲୁଟେରା କୋର୍ଟରେ ହାଜର

**ନୟାଗଡ଼ ଅଫିସ,୩।୪**

ଚାନ୍ଦପୁର ଥାନା ପୋଲିସ ଜଣେ ନାବାଳକ ଲୁଟେରାଙ୍କୁ ରବିବାର ଜୁଭେନାଇଲ କୋର୍ଟରେ ହାଜର କରିଛି। ସମ୍ପୃକ୍ତ ନାବଳକ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ ଏଜେଣ୍ଟଙ୍କଠାରୁ ଟଙ୍କା ଚୋରି କରି କେରଳ ଚାଲି ଯାଇଥିଲେ । ପୋଲିସ ତାଙ୍କୁ ଧରିବା ପରେ କୋର୍ଟରେ ହାଜର କରାଯାଇଛି । ଏନେଇ ପୋଲିସ ଏକ ମାମଲା (ନଂ.୨୯/୨୦୨୨) ରୁଜୁ କରି ତଦନ୍ତ କରୁଛି ।

## ବୋମା ଫୁଟାଇବି କହି ଧମକ

**ନୟାଗଡ଼ ଅଫିସ,୩।୪**

ନୟାଗଡ଼ ଟାଉନ ଥାନା ସିନ୍ଦୁରିଆରେ ଜଣେ ବ୍ୟକ୍ତି ବୋମା ଫୁଟାଇ ଦେବି କହି ରବିବାର ସାଧାରଣରେ ଆତଙ୍କ ସୃଷ୍ଟି କରିଥିଲେ । ସେ ହାତରେ ଏକ ବ୍ୟାଗ ଧରି ସେଥିରେ ବୋମା ଅଛି ବୋଲି କହିଥିଲେ । ଖବର ପାଇ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରି ପଚରାଉଚୁରା କରିଥିଲା। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଉଦ୍ଧାର କରିଥିବା ବ୍ୟାଗରେ କିଛି ଚିରାକାଗଜ ଓ କନା ଥିଲା । ସମ୍ପୃକ୍ତ ବ୍ୟକ୍ତି ଜଣେ ମାନସିକ ରୋଗୀ ବୋଲି ଜଣାପଡିବା ପରେ ପୋଲିସ ତାଙ୍କୁ ଛାଡି ଦେଇଛି ।

## ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ



ଜବତ ବ୍ରାଉନସୁଗାର ।



ଗିରଫ ୩ ଅଭିଯୁକ୍ତ ।

**ନୟାଗଡ଼ ଅଫିସ, ୩।୪**

- ୩ ଅଭିଯୁକ୍ତ ଜେଲ ଗଲେ
- ୨ବାଇକ୍, ୫ ମୋବାଇଲ ବି ଜବତ
- ଖୋର୍ଦ୍ଧାରୁ ଆଣିଥିଲେ ବ୍ରାଉନ୍ ସୁଗାର

ନୟାଗଡ଼ ଜିଲା ଇଟାମାଟି ଥାନା ପୋଲିସ ୨ ବାଇକ୍, ୫ ମୋବାଇଲ ଫୋନ ସହ ୧୦ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏହି ଘଟଣାରେ ଗିରଫ ହରିପୁର ଗାଁର ମାନସ କୁମାର ପ୍ରଧାନ ଓରଫ ମୁନା(୨୮), କ୍ରୀଡାଶପୁର ଗାଁର ଶ୍ରୀନିବାସ ଦଳେଇ ଓରଫ ସନିଆ(୩୫) ଓ ବାଲୁଗାଁ ଗଡ଼ଭିତର ସାହିର ସତ୍ୟବାନ ଦଳବେହେରା ଓରଫ ସଠିଆ(୩୨)ଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ୩ ବ୍ୟବସାୟୀଙ୍କୁ ରବିବାର ନୟାଗଡ଼ ସବ୍‌ଜେଲ ଯିବାକୁ ପଡିଛି । ସୂଚନା ଅନୁଯାୟୀ, ୨ ତାରିଖ ସନ୍ଧ୍ୟାରେ ଏସ୍ଆଇ ବି.ଏନ.ଅମାତ ସ୍ଥାନୀୟ ପୋଲିସ ସହ ପାଟ୍ରୋଲିଂ କରୁଥିଲେ। ବଡ଼ପଣ୍ଡୁସର ପୋଲ ନିକଟରେ ମାନସଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ସେ ଜବତ କରିଥିଲେ। ମାନସ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ନୟାଗଡ଼ରେ ବିକ୍ରି କରୁଥିଲେ । ତାଙ୍କୁ ଏଥିପାଇଁ ସୁରକ୍ଷା ଦେଉଥିଲେ ସନିଆ ଓ ସଠିଆ । ପୋଲିସ ମାନସଙ୍କୁ ଗିରଫ କରିବା ପରେ ଅନ୍ୟ ୨ଜଣଙ୍କୁ ଗିରଫ କରିଥିଲା । ଏହି ୩ ବ୍ୟବସାୟୀଙ୍କ ଠାରୁ ଓଡି୨୫ଏଫ ୬୬୧୯ ଏବଂ ଓଡି୨୫ ଏଚ ୮୬୯୬ନଂ.ର ୨ବାଇକ୍ ଜବତ କରାଯାଇଛି ।

## ୧୫୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

**ପୋଲସରା,୩।୪(ଡି.ଏନ.ଏ.)**

ପୋଲସରାସ୍ଥିତ ବେଦ ମନ୍ଦିର ଆର୍ଯ୍ୟ ସମାଜଠାରେ ୧୫୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତିମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଚାର୍ଯ୍ୟ ଡ.ସୁଦର୍ଶନ ଦେବ ଅଧ୍ୟକ୍ଷତା କରିଥିଲେ। ଜଗତ କଲ୍ୟାଣ ସହ ଅଞ୍ଚଳର ସକଳ ବ୍ୟାଧି, ଦୁଃଖ, ଅଶାନ୍ତି, ଅଭାବ, ଅନ୍ୟାୟ ଓ ଅଜ୍ଞାନର ମୂଳୋତ୍ପାଟନ ପାଇଁ ପ୍ରଥମଥର ପାଇଁ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଶନିବାର କଳସ ଯାତ୍ରା ହୋଇଥିଲା। ସ୍ୱାମୀ ସତ୍ୟ ଜୀ, ଆଚାର୍ଯ୍ୟ ବୈକୁଣ୍ଠଜୀ, ପ୍ରିୟରତ୍ନ ଶାସ୍ତ୍ରୀ, ସୁବ୍ରତ କୁମାର ସାମଲ, ବିନୋଦିନୀ ପଣ୍ଡା, କଟକ ବୋର୍ଡ ଅଫ ରେଭିନ୍ୟୁ ବାଲ୍ମୀକି ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ହରିବନ୍ଧୁ ମହାପାତ୍ର, ବିଶ୍ୱନାଥ ଶାସ୍ତ୍ରୀ, ଆଚାର୍ଯ୍ୟ ଶୃତିପ୍ରୀୟ ଶାସ୍ତ୍ରୀ, ପୁରୁଷୋତ୍ତମଜୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ପାଦକ ଏ.ସନ୍ତୋଷ କୁମାର ଆଚାରି, ପ୍ରକାଶ ଚନ୍ଦ୍ର ପାତ୍ର, ପଞ୍ଚୁ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ବିରେନ୍ଦ୍ର ଗୁପ୍ତା, ମନୋରମା ବେହେରା, ସୁକାନ୍ତି ବେହେରା, ଅନୁସୁୟା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରାଇଥିଲେ।

## ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୩।୪**

ବ୍ରହ୍ମପୁର ସହରରେ ପୌର ନିର୍ବାଚନ ପରବର୍ତ୍ତୀ ହିଂସା ଓ ଜଣେ କର୍ପୋରେଟରଙ୍କୁ ହତ୍ୟା ଧମକ ଘଟଣା ପରଠାରୁ ଫେରାର ଥିବା ଅଭିଯୁକ୍ତଙ୍କୁ ଗୋଷାଣୀ ନୂଆଗାଁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବିଜିପୁରର ରାଜା ସେଠୀ(୨୪)। ମାମଲା ନଂ.୪୬/୨୨ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଏହି ଆତଙ୍କରାଜ ଓ ଭଙ୍ଗାରୁଜା ଘଟଣା ପଛରେ କାହା କାହାର ହାତ ରହିଛି ସେ ନେଇ ଏବେ ତନାଘନା ଜାରି ରହିଛି ବୋଲି ଥାନାଧିକାରୀ ସୁମିତ ସୋରେନ କହିଛନ୍ତି। ପୂର୍ବରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରେମ୍‌ନଗର ଫର୍ଚ୍ୟୁନ ଶଙ୍କର ପ୍ୟାଲେସରେ ରହୁଥିବା ଶିବା ଓରଫ କୁମାର ଅଭିଷେକ ବେହେରାଙ୍କ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାରୁ ପ୍ରକାଶ ଯେ, ହାଉସିଂବୋର୍ଡ଼ ବ୍ରିଟ୍ କଲୋନୀରେ ରହୁଥିବା ବୀରେନ ପଟ୍ଟନାୟକ ଜଣେ ପୂର୍ବତନ କର୍ପୋରେଟର। ସେ ଚଳିତଥର ବିଏମ୍‌ସିର ୱାର୍ଡ ନଂ.୧୨ରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେହିପରି ତାଙ୍କ ସ୍ତ୍ରୀ ସସ୍ମିତା ଦାସ ଭାଜପାରୁ ବିଏମ୍‌ସିର ୧୪ନଂ. ୱାର୍ଡ କର୍ପୋରେଟର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଉଭୟ ବୀରେନ ଓ ସସ୍ମିତା ଉକ୍ତ ନିର୍ବାଚନରେ ପରାଜିତ ହୋଇଥିଲେ। ଗତ ୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ବିଜୟୀ ଗୋଷ୍ଠୀର ୭/୮ ଯୁବକ ହାତରେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଧରି ବୀରେନ ଓ ତାଙ୍କ ସ୍ତ୍ରୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ସେଠାରେ ଆତଙ୍କରାଜ ଖେଳାଇଥିଲେ। ପରେ ଏନେଇ ସସ୍ମିତା ଥାନାରେ ଲିଖିତ ଏତଲା ଦେଇଥିଲେ।

## ଦଶପଲ୍ଲା ଅଙ୍ଗନୱାଡି କର୍ମୀଙ୍କ ବୈଠକ



ବୈଠକରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀମାନେ ।

**ଦଶପଲ୍ଲା,୩।୪ (ଡି.ଏନ୍.ଏ.)**

ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମଚାରୀ ସଂଘ ଦଶପଲ୍ଲା ଶାଖାର ଏକ ବୈଠକ ସଂଘର ସଭାନେତ୍ରୀ ବିନୋଦିନୀ ଦେଇଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗାଁ କଲ୍ୟାଣ ସମିତିର କୌଣସି କାର୍ଯ୍ୟକ୍ରମରେ କର୍ମୀମାନେ ସାମିଲ ହେବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିସହ ଚଳିତମାସ ୭ ତାରିଖରେ ନୟାଗଡ଼ଠାରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି । ଉକ୍ତ ବୈଠକରେ ଭାରତୀୟ ମଜଦୁର ସଂଘର ନୟାଗଡ଼ ଜିଲା ସମ୍ପାଦକ ସୁକାନ୍ତ ମହାପାତ୍ର, ଦଶପଲ୍ଲା ବ୍ଲକ୍ ସଭାପତି ପ୍ରକାଶ କୁମାର ପାଣି, ଅଙ୍ଗନୱାଡ଼ି ଦଶପଲ୍ଲା ଶାଖା ସମ୍ପାଦିକା ଜୟାମଣି ଦେଇ, ଉପସଭାପତି ବିଜୟ ଲକ୍ଷ୍ମୀ ପରିଡ଼ା, ସହ ସମ୍ପାଦିକା ସାବିତ୍ରୀ ଦାଶଙ୍କ ସମେତ ବହୁ ଅଙ୍ଗୱାଡି କର୍ମୀ ଯୋଗ ଦେଇଥିଲେ ।

## ଶୁଖିଯାଉଛି ଜଳଉତ୍ସ, କ୍ରସ୍ ବନ୍ଧ ପାଇଁ ପ୍ରସ୍ତାବ

**ଖଣ୍ଡପଡ଼ା,୩।୪(ସ୍ୱ.ପ୍ର.)**

ସମ୍ପ୍ରତି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବାହ୍ଣ ୯ଟାରୁ ଗ୍ରୀଷ୍ମ ପ୍ରବାହ ସହିତ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅତିଷ୍ଠ କରୁଛି । ଏଥିପାଇଁ ବିଭିନ୍ନ ଜଳ ଉତ୍ସ ଶୁଖିବା ଆରମ୍ଭ କରିଛି। ଜଳସ୍ତର ହ୍ରାସ ଯୋଗୁ ଗାଁ ନଳକୂପରୁ ପାଣି ବାହାରୁ ନାହିଁ । ସବୁଠି ପାନୀୟ ଜଳ ସଙ୍କଟ ସୃଷ୍ଟି ହେଉଛି । ବିଶେଷ କରି ଭାପୁର ବ୍ଲକର ଧାନଚେଙ୍ଗଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଲୋକମାନଙ୍କ ସହିତ ଗୃହ ପାଳିତ ପଶୁମାନେ ପିଇବାକୁ ପାଣି ପାଉନାହାନ୍ତି ।

ଧାନଚାଙ୍ଗଡା ପଞ୍ଚାୟତ ଅଧୀନ କଳଟାଙ୍ଗୀ, କାଳିଆପଲ୍ଲୀ, ଧାନଚାଙ୍ଗଡ଼ା ଓ ଲକ୍ଷ୍ମୀପ୍ରସାଦ ଅଞ୍ଚଳରେ ଜଳାଭାବ ସାଙ୍ଗକୁ ନଳକୂପର ପାଣି ପାନୀୟ ଉପଯୋଗୀ ହେଉ ନ ଥିବାରୁ ଅଞ୍ଚଳବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ କୁସୁମୀ ଓ କମେଇ ନଦୀରେ ୪ଟି କ୍ରସ ବନ୍ଧ(ଆଡିବନ୍ଧ) ନିର୍ମାଣ କରାଯିବାକୁ ଧାନଚାଙ୍ଗଡା ପଞ୍ଚାୟତର ଗତ ମାର୍ଚ୍ଚ ୨୯ ତାରିଖ ପ୍ରଥମ ବୈଠକରେ ନିଷ୍ପତ୍ତି ସହ ପ୍ରସ୍ତାବ ରଖାଯାଇଛି ବୋଲି ସରପଞ୍ଚ ଶୁଭସ୍ୱପ୍ନା ବିଶ୍ୱାଳ ସୂଚନା ଦେଇଛନ୍ତି ।

## ନିର୍ଭୀକ, ନିରପେକ୍ଷ ଖବର ଉପରେ ଏମ୍‌ପିଙ୍କ ଗୁରୁତ୍ୱ

**ଖଣ୍ଡପଡ଼ା,୩।୪ (ସ୍ୱ.ପ୍ର.)**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶନିବାର ସନ୍ଧ୍ୟାରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟକୁ ପରିଦର୍ଶନରେ ଆସି ସଂଘର ସଦସ୍ୟମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

ସଂଘର ସଭାପତି ବିନାୟକ ମିଶ୍ର ଓ ସଦସ୍ୟମାନେ ଏମ୍‌ପି ମହତାବ ଓ ୫ ନଂ. ଜିଲା ପରିଷଦ ଜୋନ୍‌ର ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥୀଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଖଣ୍ଡପଡ଼ା ପ୍ରଗତିରେ ଖବରଦାତାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ପ୍ରତ୍ୟେକ ଖବରଦାତାଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ସେ ମତ ଦେଇଥିଲେ। ସଂଘର ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ ସଂଘ କାର୍ଯ୍ୟାଳୟର ଅଭାବ, ଅସୁବିଧାକୁ ନେଇ ଏକ ଦାବିପତ୍ର ଏମ୍‌ପିଙ୍କୁ ପ୍ରଦାନ କରିଥିଲେ । ସଂଘର କୋଷାଧ୍ୟକ୍ଷ ଶଶାଙ୍କ ଶେଖର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।



ସଂଘର କର୍ମକର୍ତ୍ତାଙ୍କ ଗହଣରେ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ ।

# ଜମି ଅଧିଗ୍ରହଣ ଟଙ୍କା ମିଳୁନି

**ନୟାଗଡ଼ ଅଫିସ,୩।୪**



କ୍ଷତିଗ୍ରସ୍ତ ଜମି ମାଲିକମାନେ ମନ୍ତ୍ରୀଙ୍କୁ ସାକ୍ଷାତ କରି ଫେରୁଛନ୍ତି ।

- ୫ବର୍ଷ ହେଲା ନୟାଗଡ଼ ଦୌଡୁଛନ୍ତି ଜମି ମାଲିକ
- ମୁଖ୍ୟମନ୍ତ୍ରୀ,ମନ୍ତ୍ରୀଙ୍କୁ ଫେରାଦ୍ ହେଲେ ୬ ଗାଁ ଲୋକେ

ବଲାଙ୍ଗୀର ରେଳପଥ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି । ଭୂ ଅର୍ଜନ ଅଧିକାରୀ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟାଳୟକୁ କ୍ଷତିପୂରଣ ଟଙ୍କା ଆସିସାରିଛି। ହେଲେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ବୁଗୁଡ଼ା, ବୁଗୁଡ଼ା କଲୋନୀ, ଟାକରା, କୁଲୁରୁକୁମ୍ପା, ବାଣିଗୋଛା ଗାଁର ଜମି ମାଲିକମାନେ ୫ବର୍ଷ ହେଲା ଟଙ୍କା ପାଇ ନାହାନ୍ତି । ଜମି ଅଧିଗ୍ରହଣ ଟଙ୍କା ପାଇବାକୁ ୬ ଖଣ୍ଡ ଗାଁର କ୍ଷତିଗ୍ରସ୍ତ ଲୋକେ ଭୂ ଅର୍ଜନ ଅଧିକାରୀ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୟାଗଡ଼ କାର୍ଯ୍ୟାଳୟକୁ ଆସି ଫେରୁଛନ୍ତି। ଶେଷରେ କ୍ଷତିଗ୍ରସ୍ତମାନେ ରବିବାର ଉଚ୍ଚ ଶିକ୍ଷାବିଭାଗ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କୁ ଭେଟି ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏପରି କି ଭୂ ଅର୍ଜନ ଅଧିକାରୀଙ୍କ ବଦଳି ଦାବି କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ମଧ ସେମାନେ ଅବଗତ କରାଇଛନ୍ତି । ୧୫ଦିନ ଭିତରେ ନ୍ୟାୟ ନ ମିଳିଲେ ଆନ୍ଦୋଳନ କରିବାକୁ ଜମିମାଲିକମାନେ ଚେତାବନୀ ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଜମି ଅଧିଗ୍ରହଣ ପରେ ୨୦୧୭ରୁ କ୍ଷତିପୂରଣ ବାବଦ ଟଙ୍କା ଆସି ସାରିଛି । ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସମୟରେ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ମିଳିଛି । ହେଲେ ଟଙ୍କା ମିଳୁନାହିଁ । ଗତ ମାର୍ଚ୍ଚ ୮ରେ ଟାକରାଠାରେ ଭୂ ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବୈଠକ ବସିଥିଲା । ଜମି ପଟ୍ଟା ଓ ଆଧାର କାର୍ଡ ନେଇ ନୟାଗଡ଼ ଅଫିସକୁ ଆସିବା ପାଇଁ କୁହାଯାଇଥିଲା । କ୍ଷତିଗ୍ରସ୍ତ ଜମିମାଲିକମାନେ ଅଧିଗ୍ରହଣ ଟଙ୍କା ପାଇଁ ମାର୍ଚ୍ଚ ୯ରେ ନୟାଗଡ଼ ଅଫିସକୁ ଆସିଥିଲେ । ଭୂ ଅର୍ଜନ ଅଧିକାରୀ ଖୋର୍ଦ୍ଧା ଯାଇଛନ୍ତି କହି ସେମାନଙ୍କୁ ଫେରାଇ ଦିଆଯାଇଥିଲା । ହେଲେ ଭୂ ଅର୍ଜନ ଅଧିକାରୀ ନୟାଗଡ଼ରେ ଥିଲେ ବୋଲି ପରେ ଜଣାପଡ଼ିଥିଲା। ବିଭିନ୍ନ ସମୟରେ ଜମି ଅଧିଗ୍ରହଣ ଟଙ୍କା ନେବା ପାଇଁ ୬ ଗାଁର ଜମି ମାଲିକମାନେ ଆସି ଫେରିଥିବା ଅଭିଯୋଗ ହୋଇଛି। ଏନେଇ ସୁଶାନ୍ତ ସୁବୁଦ୍ଧି ଓ ଜଗନ୍ନାଥ ମାଝି କୁହନ୍ତି, ଜମି ଅଧିଗ୍ରହଣ ଟଙ୍କା ପାଇବାକୁ ୫ ବର୍ଷ ହେଲା ଦୌଡି ଆମେମାନେ ଖର୍ଚ୍ଚାନ୍ତ ହେଉଛୁ । ଜିଲାପାଳ ଓ ଉପଜିଲାପାଳଙ୍କୁ ଅଭିଯୋଗ ପରେ ବି ସୁଫଳ ମିଳିନି ବୋଲି ସେମାନେ କ୍ଷୋଭର ସହ କହିଛନ୍ତି ।

# ଜିଲ୍ଲା ପ୍ରତିଷ୍ଠା ଦିବସ ଉତ୍ସବ ଉଦ୍‌ଯାପିତ

## ଅସୀମା, ତାରିକ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ

**ନୟାଗଡ଼ ଅଫିସ,୩।୪**




କଣ୍ଠଶିଳ୍ପୀଙ୍କ ଗୀତରେ ନାଚୁଛନ୍ତି ନୃତ୍ୟଶିଳ୍ପୀ ।

ଜିଲାସଦର ମହକୁମାର ଖେଳପଡ଼ିଆରେ ୩ଦିନ ଧରି ଚାଲିଥିବା ଜିଲା ପ୍ରତିଷ୍ଠା ଦିବସ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ରାତିରେ କଟକ ଗୀତ ସାଗର ମେଲୋଡିରେ ଦର୍ଶକ ଝୁମିଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ମତୁଆଲା ହୋଇ ଉଠିଥିଲେ। ସେହିପରି ତାରିକ୍ ଅଜିଜ୍‌ଙ୍କ ସଙ୍ଗୀତ ମଧ୍ୟ ଦର୍ଶକଙ୍କ କରତାଳି ସାଉଁଟି ଥିଲା । ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ଼ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଓରମାସର ଡେପୁଟି କାର୍ଯ୍ୟନିର୍ବାହୀ ପ୍ରବୀଣ କୁମାର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ପିଡି ଡିଆରଡିଏ କହିଛନ୍ତି, ଗତ ବର୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୨୨ କୋଟି ଟଙ୍କା ଋଣଦେଇ ନୟାଗଡ଼ ଜିଲା ରାଜ୍ୟରେ ଅଗ୍ରଣୀ ରହିଛି। ଏହି ଅବସରରେ ଉଚ୍ଚ ଶିକ୍ଷାବିଭାଗ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ନୟାଗଡ଼ ବନ୍ଦନା ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା । ନୟାଗଡ଼ ସହରରେ ସଙ୍ଗୀତ ଆବୃତ୍ତି କରି କିପରି ଆବର୍ଜନା ସଫେଇ କରାଯାଉଛି ତାହା ଦର୍ଶାଯାଇଥିଲା ।

## ଜାତୀୟ ରାଜପଥରେ ଗର୍ତ୍ତ

**ଭଞ୍ଜନଗର,୩।୪(ଡି.ଏନ.ଏ.)**

ରାଞ୍ଚି– ବିଜୟୱାଡ଼ା କରିଡ଼ର ଯୋଜନାରେ ଭଞ୍ଜନଗର ଦୁର୍ଗାପ୍ରସାଦ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଚାଲିଛି। କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । କିଛିଦିନ ପୂର୍ବେ ଗଣ୍ଡିଶୁଳା ଛକ ନିକଟ ବାଙ୍କରେ ଏକ ବିରାଟ ଗର୍ତ୍ତ ହୋଇଛି। ପ୍ରାୟ ୧୫ଦିନ ତଳେ ଉକ୍ତ ରାସ୍ତାରେ ପିଚୁ କାମ ହୋଇଥିବା ବେଳେ ହଠାତ୍ ରାସ୍ତାରେ ଏକ ବିରାଟ ଗାତ ହେବାକୁ ନେଇ କାମର ମାନ ନେଇ ପ୍ରଶ୍ନବାଚୀ ଦେଖାଦେଇଛି। ଅନ୍ୟପଟେ ମନ୍ଥରେ ଗତିରେ କାମ ଚାଲିଛି। ଭଞ୍ଜନଗର ଦୁର୍ଗାପ୍ରସାଦ ୧୫୭ ଜାତୀୟ ରାଜପଥ ପାଇଁ ପ୍ରାୟ ୪୦ କୋଟି ଟଙ୍କା ବ୍ୟୟ ହେଉଛି । ରାସ୍ତା କାମ ନେଇଥିବା କମ୍ପାନୀ ବିଭିନ୍ନ ବାହାନା ଦେଖାଇ କାମ ବିଳମ୍ବ କରୁଛନ୍ତି । ଯଦ୍ୱାରା ଛୋଟବଡ଼ ଦୁର୍ଘଟଣା ଘଟୁଛି। ଭଞ୍ଜନଗର ପାର୍କ ରାସ୍ତାରେ ଥିବା ଜାତୀୟ ରାଜପଥ କାର୍ଯ୍ୟାଳୟରେ ଅଧିକାଂଶ ସମୟ ବନ୍ଦ ରହୁଛି। କାମ ତଦାରଖ ପାଇଁ ବିଭାଗୀୟ କର୍ମଚାରୀମାନେ ପ୍ରାୟ ଯାଉ ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି । ଏ ନେଇ ଯନ୍ତ୍ରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲା। ହେଲେ କାର୍ଯ୍ୟାଳୟ ବନ୍ଦ ଥିବା ଯୋଗୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ ।

## ଖେମୁଣ୍ଡି କବିତା ଉତ୍ସବ



ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଦିଗପହଣ୍ଡି, ୩।୪(ଡି.ଏନ୍.ଏ.)**

ଗଞ୍ଜାମ କବିତା ଘର ଲିଟେରାରି ଟ୍ରଷ୍ଟ ଏବଂ ଜ୍ଞାନଜ୍ୟୋତି ଚାରିଟେବୁଲ ଟ୍ରଷ୍ଟ କରଞ୍ଜିଆର ମିଳିତ ଆନୁକୂଲ୍ୟରେ ଖେମୁଣ୍ଡି କାବ୍ୟ କବିତା ଉତ୍ସବ ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଆୟୋଜିତ ହୋଇଯାଇଛି। ସମ୍ପାଦକ ଭାଗୀରଥି ବେହେରାଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଶେରଗଡ଼ ତହସିଲଦାର କବି ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଅତିଥି ଦାରିଙ୍ଗବାଡି ବିଡିଓ କବି ଗଦାଧର ପାତ୍ର, ନିମନ୍ତ୍ରିତ ଅତିଥି ଦାରିଙ୍ଗବାଡି ତହସିଲଦାର କବି ଚାର୍ଲ୍ସ ନାୟକ, ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ କବି ବିଦେଶୀ ନାୟକ, ସମ୍ମାନିତ ଅତିଥି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ରାମଚନ୍ଦ୍ର ସାହୁ, ସମ୍ମାନିତ ବକ୍ତା ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶୁ ସେଠୀ ପ୍ରମୁଖ ଯୋଗଦେଇ କବିତା ପାଠ ସହ ଓଡ଼ିଶା ଦିବସ ଓ ଖେମୁଣ୍ଡି ଇତିହାସ ଉପରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବରିଷ୍ଠ କବି ପତିତପାବନ ରାଉତଙ୍କ କବିତା ସଙ୍କଳନ 'ଅନେକ ଖୋଜିଲା ପରେ', ଯୁବ କବି ଏନ୍. ଶିବଶଙ୍କର ରେଡ୍ଡୀଙ୍କ ସଂକଳନ 'ଭିନ୍ନ ଏକ ମନ', କବି ଜୟନ୍ତୀ ବେହେରାଙ୍କ କବିତା ସଙ୍କଳନ 'ଅସତୀ କହିବା ପୂର୍ବରୁ' ଓ ଭାଗୀରଥି ବେହେରାଙ୍କ ଗଳ୍ପ ସଂକଳନ 'ଅବୈଧ' ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ଟିକିଟି, ପାତ୍ରପୁର, ଦିଗପହଣ୍ଡି, ସାନଖେମୁଣ୍ଡି, ଧରାକୋଟ, ଶେରଗଡ଼, ବ୍ରହ୍ମପୁର ଓ ଖଲ୍ଲିକୋଟ ଆଦି ଅଞ୍ଚଳରୁ ପଚାଶରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗଦେଇ ନିଜ ନିଜର କବିତା ପାଠ କରିଥିଲେ।

# ରେଳପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ



ବୁଗୁଡ଼ା କଲୋନୀ ବାସିନ୍ଦା ।

**ଦଶପଲ୍ଲା,୩।୪(ଡି.ଏନ.ଏ.)**

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ ନିର୍ମାଣ ପାଇଁ ଦୀର୍ଘବର୍ଷ ଧରି ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବାର ନାଁ ଧରୁ ନାହିଁ । ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ବୁଗୁଡ଼ା କଲୋନୀ ଗ୍ରାମର ୫୦ ଆଦିବାସୀଙ୍କ ଚାଷ ଜମି ରେଳପଥ ନିର୍ମାଣ ପାଇଁ ବ୍ୟବହାର ହୋଇଛି । ହେଲେ ସେହି ଜମି ବାବଦ ସହାୟତା ରାଶି ସେମାନଙ୍କୁ ମିଳିବ ନା ନାହିଁ ତାହା ମଧ୍ୟ ତାଙ୍କୁ ସୂଚନା ଦିଆଯାଉନାହିଁ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଛନ୍ତି ବୁଗୁଡ଼ା କଲୋନୀର ୫୦ ପରିବାର । ୧୯୫୫ରେ ଆଖପାଖ ଜଙ୍ଗଲରେ ଜୀବନ ବିତାଉଥିବା ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ତତ୍କାଳୀନ ପୁରୀ ଜିଲା ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଉଦ୍ୟମ ଆରମ୍ଭ କରିଥିଲେ । ଜଙ୍ଗଲରେ ବଞ୍ଚୁଥିବା ଆଦିବାସୀଙ୍କୁ ସରକାରଙ୍କ ସୁବିଧା ଓ ସୁଯୋଗ ଯୋଗାଇ ଦେବା ଲକ୍ଷ୍ୟରେ ନୟାଗଡ଼–ବୌଦ୍ଧ ରାସ୍ତା କଡ଼ରେ ବୁଗୁଡ଼ା କଲୋନୀ ସ୍ଥାପନ କରାଗଲା। ଟାକେରା ପଞ୍ଚାୟତ ଅଧୀନରେ ୨୫ ଘର, କୂଅ ଖନନ କରାଯିବା ସହ ଆଦିବାସୀମାନେ ଚାଷ କରିବାକୁ ସରକାରୀ ଜମି ଯୋଗାଇ ଦିଆଯାଇଥିଲା । ଆଦିବାସୀ ୨୫ ପରିବାର ପାଇଥିବା ଚାଷଜମି ବାବଦରେ ଜଙ୍ଗଲ ଜମି ଅଧିକାର ପ୍ରମାଣ ପତ୍ର ମଧ୍ୟ ମିଳିଛି । ଏହି ୨୫ ପରିବାରରୁ ଆରମ୍ଭ ହୋଇଥିବା ବୁଗୁଡ଼ା କଲୋନୀରେ ଏବେ ପରିବାର ସଂଖ୍ୟା ୫୦ରେ ପହଞ୍ଚିଛି । ଗ୍ରାମକୁ ଲାଗି ରହିଥିବା ଚାଷ ଜମିରେ ଧାନ, ବାଇଗଣ, କଲରା, ପୋଟଳ ଚାଷ କରି ବୁଗୁଡ଼ା କଲୋନୀ ବାସୀ ଶାନ୍ତିରେ ଦିନ କାଟୁଥିଲେ । ହେଲେ ରେଳପଥ ନିର୍ମାଣ ପାଇଁ ଗ୍ରାମର ୭୦ ପ୍ରତିଶତ ଚାଷ ଜମି ଚାଲି ଯାଇଛି। ଗ୍ରାମବାସୀଙ୍କୁ ଜମି ଅଧିଗ୍ରହଣ ଅଧିକାରୀ କିମ୍ବା ତହସିଲ ପକ୍ଷରୁ କୌଣସି ନୋଟିସ କରାଯାଇନାହିଁ । ସହାୟତା ଅର୍ଥ ସେମାନଙ୍କୁ ମିଳିବ ନା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାରମ୍ବାର ଆଦିବାସୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ସେହପରି ରେଳପଥ ଜମି ଅଧିଗ୍ରହଣ କାର୍ଯ୍ୟାଳୟକୁ ବାରମ୍ବାର ଆସିଲେ ମଧ୍ୟ ଅଧିକାରୀଙ୍କୁ ଦେଖା ମିଳୁନାହିଁ। ୬୫ ବର୍ଷ କାଳ ଜମିର ମାଲିକ ସାଜିଥିବା ଲୋକେ ଆଜି ଚିନ୍ତାରେ ପଡିଛନ୍ତି । ଗ୍ରାମର ନିତ୍ୟାନନ୍ଦ ପ୍ରଧାନ, ପ୍ରମୋଦ କୁମାର ଜାନୀ, ନିରଞ୍ଜନ କଅଁର, ପରମାନନ୍ଦ ମଲ୍ଲିକ, ନେତ୍ରାନନ୍ଦ ମଲ୍ଲିକ, ପ୍ରସନ୍ନ କୁମାର ଜାନୀ, ସରୋଜ କୁମାର ଜାନୀ ପ୍ରମୁଖ ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି । ଯଥାଶୀଘ୍ର ସମସ୍ୟା ସମାଧାନ, କ୍ଷତିଗ୍ରସ୍ତ ଜମିମାଲିକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆ ନ ଗଲେ ଆସନ୍ତା ୫ରୁ ନିଜ ଗ୍ରାମ ସୀମାରେ ଚାଲିଥିବା ରେଳ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ରୋଟାରୀ କ୍ଲବ ସଭାନେତ୍ରୀ ସମ୍ମାନିତ

**ଛତ୍ରପୁର,୩।୪ (ଡି.ଏନ.ଏ.)**

ପଶ୍ଚିମବଙ୍ଗର ଦୀଘାଠାରେ ଚାଲିଥିବା ରୋଟାରୀ ଜିଲା ୩୨୬୨ର ବାର୍ଷିକ ସେମିନାର 'ପରିବର୍ତ୍ତନ'ରେ ଛତ୍ରପୁର ରୋଟାରୀ କ୍ଲବର ସଭାନେତ୍ରୀ ଏସ. ରେଖା ମହାନ୍ତିଙ୍କୁ ଶ୍ରେଷ୍ଠ କ୍ଲବ ସଭାପତି ଭାବେ ସମ୍ମାନୀତ କରାଯାଇଛି। ରୋଟାରୀ ଜିଲା ଗଭର୍ଣ୍ଣର ସାନ୍ତନୁ ପାଣିଙ୍କ ନେତୃତ୍ୱରେ ଆୟୋଜିତ ଏହି ସେମିନାରରେ ରୋଟାରୀର ଆନ୍ତର୍ଜାତିକ ସଭାପତିଙ୍କ ପ୍ରତିନିଧି ପିନାକୀ ଘୋଷ ରେଖାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହାସହ ରେଖାଙ୍କୁ ଶ୍ରେଷ୍ଠ ଆଞ୍ଚଳିକ ସଂଯୋଜକ (ଜୋନାଲ କୋଅର୍ଡିନେଟର) ଭାବେ ମଧ୍ୟ ସମ୍ମାନିତ କରାଯାଇଛି। ପୂର୍ବତନ ଜିଲା ଗଭର୍ଣ୍ଣର ଶିବବ୍ରତ ଦାଶ ରେଖାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିବା ବେଳେ ବର୍ଷସାରା ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ରୋଟାରୀ ଜିଲା ଗଭର୍ଣ୍ଣର ସ୍ୱତନ୍ତ୍ର ଭାବେ ଛତ୍ରପୁର କ୍ଲବକୁ ସମ୍ମାନୀତ କରିଛନ୍ତି। ରୋଟାରୀ ଜିଲାର ପ୍ରଥମ ମହିଳା ଝରଣା ପାଣି, ସାଧାରଣ ସମ୍ପାଦକ ଶ୍ରୀନିବାସ ପୃଷ୍ଟି, ପୂର୍ବତନ ଜିଲା ଗଭର୍ଣ୍ଣର ଭବାନୀ ପ୍ରସାଦ ଚୌଧୁରୀ ପୁରସ୍କାର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏପ୍ରିଲ ୨ ଓ ୩ ତାରିଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜିଲା ୩୨୬୨ର ୧୨୫ଟି କ୍ଲବର ୫ ଶହ ପ୍ରତିନିଧି ଯୋଗ ଦେଇଛନ୍ତି।

## ଘାଟିରୁ ଖସିଲା ଟ୍ରାକ୍ଟର, ଡ୍ରାଇଭର ମୃତ

**କୋରାପୁଟ,୩।୪(ସ୍ୱ.ପ୍ର.):** କୋରାପୁଟ ଜିଲାର ଲମତାପୁଟ ରାସ୍ତାର କୋଟାଛକଠାରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଘଟଣାସ୍ଥଳରେ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ମୃତ ଡ୍ରାଇଭରଙ୍କ ନାମ କୃଷ୍ଣ ଶିଶା। ତାଙ୍କ ଘର ଲମତାପୁଟ ବ୍ଲକରେ ବୋଲି ଜଣାପଡିଛି । କୃଷ୍ଣ ଶନିବାର ସକାଳେ ବାଲି ଆଣିବା ପାଇଁ ନିଜ ଟ୍ରାକ୍ଟରରେ କୋଟା ଛକ ନିକଟରେ ଥିବା ମହୁଲିକୁ ଯାଇଥିଲେ। ଏହା ପରଠାରୁ ତାଙ୍କର ଖୋଜ ଖବର କିଛି ମିଳି ନ ଥିଲା । ଘର ଲୋକେ ରାତିଯାଏ ଅପେକ୍ଷା କରି କୃଷ୍ଣ ନ ଆସିବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ରବିବାର ସକାଳେ କୃଷ୍ଣଙ୍କ ଦୁର୍ଘଟଣା ଖବର ପରିବାର ଲୋକେ ପାଇଥିଲେ ।


GOVERNMENT OF ODISHA No. A-6

**DEPARTMENT OF WATER RESOURCES**

**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**

At/P.O.- Laxmiposi, Dist.- Mayurbhanj

**Government of Odisha "e" PROCUREMENT NOTICE**

Bid Identification No. 27/21-22 of CEBM, SBB, Laxmiposi

| | | |
|---|---|---|
| i | Name of Work | Construction of Asabundh Sub-Minor at RD 5830M of Raibania Distributary and Kalama Sub-Minor at RD 2520M of Tarapur Minor including all structures |
| ii | Estimated Cost | Rs.375.84 lakh |
| iii | Period of Completion | 10 (Ten) Calendar Months |
| iv | Date & time of availability of bid document in the portal | 08.04.2022 at 10.00 A.M. |
| v | Last date/time for receipt of bid in the portal | 25.04.2022 upto 5.00 P.M. |
| vi | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement portal "https://tendersodisha.gov.in".

Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
cebmsbb2019@gmail.com

OIPR-32429/11/0002/2223

No.- C-08

GOVERNMENT OF ODISHA

**OFFICE OF THE SUPERINTENDING ENGINEER, P.H. DIVISION, CUTTACK**

e-mail ID: eephctcii@gmail.com, sephdctc521@gmail.com

**e-Procurement Notice for Bid Identification No. SEPH-DIVISION, CTC-02 of 2022-23**

1. Name of the work : 1 No. of P.H. Work
2. Estimated Cost : Rs.33.32 lakhs
3. Period of Completion : 2 Months
4. Date & time of availability of bid document in the portal : From 11.00 A.M. of 07.04.2022 to 5.00 P.M. of 16.04.2022
5. Last date/time of receipt of bids in the portal : 5.00 P.M. of 16.04.2022
6. Date & time of opening of bids : 11.00 A.M. of 18.04.2022
7. Name and address of the Officer Inviting Bid : The Superintending Engineer, P.H. Division, Cuttack - 753004, Odisha, Ph. (0671) 2979063 email: eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in.

Sd./- Superintending Engineer
P.H. Division, Cuttack

OIPR-13009/11/0001/2223

GOVERNMENT OF ODISHA No. B-01

**"e" Procurement Notice**

**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**

Bid Identification No. 38 of 2021-2022

1. Name of the Work : Building Work - 4 Nos.
2. Estimate Cost : Rs.23,30,146.00 to Rs.36,04,861.00
3. Period of Completion : 04 (Four) Calendar Months
4. Date & time of availability of the Bid documents in the portal : 10.00 A.M. of 07.04.2022 to 5.00 P.M. of 21.04.2022
5. Last date/time of receipt of the bid in portal : 21.04.2022 upto 5.00 P.M.
6. Date of Opening : 22.04.2022 at 10.00 A.M.
7. Name and Address of the Office : Office of the Superintending Engineer, Dhenkanal (R&B) Division, Dhenkanal.

Further details can be seen from the e-procurement portal "https://tendersorissa.gov.in".

Sd./- Superintending Engineer
Dhenkanal (R&B) Division

OIPR-34016/11/0002/2223

**Government of Odisha, e-Procurement Notice**

**INVITATION FOR BIDS (IFB)**

**Bid Identification No. C.C.E.DKL (R&B) 22/2021-22**

No. B-05 E-mail Id: sedklpwd@gmail.com

Letter No. 785 Dt.30.03.2022

No. B-05: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of building works as detailed below:

1. Name of the work : Building works
2. No. of works : 03 (Three) Nos.
3. Estimated Cost : Rs.3,23,35,645/- to Rs.8,76,57,124/- (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'A', 'Special' & 'Super' (as given in Column No. 06 of table)
6. Period of Completion of work : 09 (Nine) to 11 (Eleven) Calendar months (as given in Column No. 07 of table)
7. Date and time of availability of bid document in the website : From Dt.12.04.2022 to 5.30 P.M. of Dt.26.04.2022
8. Date of opening of bid : Dt.27.04.2022 at 11.30 hours.

The bidders have to participate in ONLINE bidding only. Further details can be seen from the e-procurement portal www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0001/2223

**OFFICE OF THE CHIEF CONSTRUCTION ENGINEER ANANDAPUR BARRAGE PROJECT, SALAPADA DIST-KEONJHAR, ODISHA, PIN: 758020**

Tel No. (06731)295003, E-mail:cceabp@gmail.com

**"e" Procurement Notice**

**Bid Identification No. CCE ABP 09/2021-22**

**No.A-12:**The Chief Construction Engineer, Anandapur Barrage Project, Salapada, on behalf of the Governor of Odisha, invites On-line tenders in double cover system from eligible bidders as detailed below:-

1.Name of Work:- Appointment of Third Party Inspection Agency (TPIA) for Construction of distribution system for 9803 Ha. Of CCA including Command Area Development (CAD) for 9803 Ha. of CCA of Salandi Left Main Canal from RD 16.08 Km to 30.547 Km through Under Ground Pipe Line Irrigation System (Gravity Flow) of Anandapur Barrage Project in Balasore district of Odisha on EPC-Turn Key basis. 2. Period of completion :18 (Eighteen) Calendar Months including rainy season. 3. Date & time of availability of bid document in the portal : From 10.00 A.M. of dt.06.04.2022 to 25.04.2022 upto 5.00 P.M. 4. Last date/Time for receipt of bids in the portal : 25.04.2022 up to 05-00 PM. 5. Date & time of opening of tender ( Tech) : 26.04.2022 at 11-30 A.M. 6. Name & address of the officer inviting Bid : Chief Construction Engineer, Anandapur Barrage Project, AT/PO: Salapada, Dist-Keonjhar. Odisha. Further details can be seen from the e-procurement portal https://tendersodisha.gov.in.

Sd./- Chief Construction Engineer
Anandapur Barrage Project, Salapada

OIPR-32068/11/0002/2223

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.3005/PSC, Dt.2.4.22**

**(2PE-13-21/22) (DR-I)**

**No.D-386:**It is for information of all concerned that, 83 (Eighty three) candidates bearing following PPSAN have been called for the physical verification of original certificates/documents to determine their eligibility and suitability for recruitment to the post of Assistant Professor, Teacher Education (Zoology), pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN of Candidates |
|---|---|---|
| 08.04.2022 | 10.30 A.M. | 00080693,00089318,00094730,00112266,00089743,00079226,00085527, 00097524,00111407, 00112070, 00112562,00080040,00091444,00088780, 00112175=15 Candidates |
| | 02.30 P.M. | 00094935,00096904,00086488,00088148,00094483,00100472,00112603, 00111225, 00093613,00095944 =10 Candidates |
| 11.04.2022 | 10.30 A.M. | 00088731,00090044,00095415,00090974,00087978,00018671,00091921, 00055016,00080575,00093252,00097636,00094958,00051119,00091513, 00079668 =15 Candidates |
| | 02.30 P.M. | 00061562, 00086146, 00088940, 00092242, 00096061, 00112253,00112781, 00086018, 00112116, 00112335 = 10 Candidates |
| 12.04.2022 | 10.30 A.M. | 00094095, 00112607, 00059168, 00057931, 00079070, 00093528, 00093318, 00051427, 00101451, 00072524, 00081444,00093608, 00111574, 00112289, 00101550= 15 Candidates |
| | 02.30 P.M. | 00096145, 00090201, 00087708, 00095009, 00089903, 00096908,00094338, 00081163, 00091235,00056720 = 10 Candidates |
| 13.04.2022 | 10.30 A.M. | 00098334, 00103510,00071732,00094917,00097492,00112244,00112597,00112836 = 08 Candidates |

The candidates are required to bring **one set of self-attested photocopies of all documents along with all original documents** for verification as mentioned below:-

1. **Hard copy** of online application form.
2. Three passport size photographs.
3. Duly filled in & attested **"Attestation form"** and duly filled in **"Bio-data form"** (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/ Council.
5. **Bachelor's Degree** marksheet.
6. **B.Ed. Degree** marksheet.
7. **Master's Degree** marksheet.
8. **M. Phil** marksheet
9. **NET/JRF/SET/SLET** qualified certificate.
10. **Ph.D.** Degree certificate.
11. Conversion certificate from the concerned University indicating the actual equivalent percentage of marks.
12. **Odia Test pass** certificate.
13. **Caste certificate** wherever applicable.
14. **Identity card** issued by the Director of Sports, Odisha in case of Sports person.
15. **Permanent Disability Certificate** (indicating permanent disability of 40% or more)
16. One set Xerox copy of **published Research papers.**
17. **Teaching/ Post-Doctoral** experience certificate
18. **Awards.**
19. **No objection certificate** from the competent authority in case of Govt. Servants.
20. Any proof of identity

Note:-It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

Sd./-Secretary

OIPR-12002/11/0003/2223

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**

ପତ୍ର ସଂଖ୍ୟା–୮୧୭, ତା.୦୨.୦୪.୨୦୨୨ରିଖ

**ବିଜ୍ଞାପନ**

**No.C-03:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୈରାତଗୁଡିକର ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ପୌରପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ଥିବା ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ତେବେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ପରିଷଦଠାରୁ କ୍ରୟ କରି ତା.୦୪.୦୪.୨୦୨୨ ଦିନ ୧୦.୦୦ ଘଣ୍ଟା ଠାରୁ ତା.୧୨.୦୪.୨୦୨୨ ରିଖ ଦିନ ଘ.୫.୦୦ଣ୍ଟା ଅପରାହ୍ନ ସୁଦ୍ଧା କିଣି ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଟେଣ୍ଡର ପେପର ସହିତ ଇଚ୍ଛୁକ ବ୍ୟକ୍ତି ଚଳିତ ବର୍ଷ ଅର୍ଥାତ୍ ୨୦୨୧–୨୨ ବର୍ଷର ସଲ୍‌ଭେନସି ଟଙ୍କା ୫,୦୦,୦୦୦/–ର ପ୍ରମାଣପତ୍ର ମଧ୍ୟ ମୂଲ୍ୟାଙ୍କ ସହିତ ସଂଲଗ୍ନ କରି ଦାଖଲ କରିବେ । ତା.୧୨.୦୪.୨୦୨୨ ରିଖ ଅପରାହ୍ନ ୫.୦୦ ଘଣ୍ଟା ସୁଦ୍ଧା (Speed Post/Registered Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରୀ ଅଟେ । ନଚେତ ଏହାକୁ ଗ୍ରହଣ କରାଯିବ ନାହିଁ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହେଲେ ପୁଣି ସାନି ଟେଣ୍ଡର ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ ନୁହଁନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ଟେଣ୍ଡର ପେପରଗୁଡିକ ଅର୍ଥାତ ତା.୧୩.୦୪.୨୦୨୨ ରିଖ ପୂର୍ବାହ୍ନ ୧୧.୩୦ ଘଣ୍ଟା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାତା/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।

**ସୈରାତର ବିବରଣୀ**

| କ୍ରମିକ ନଂ. | ସୈରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ରାଶି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧ | ଗଜପତି ଦୈନିକ ବଜାର | ଏପ୍ରିଲ ୨୦୨୨ ଠାରୁ ୩୧.୦୩.୨୦୨୩ | ଟ.୫,୧୫,୫୭୦/– | ଟ.୫୦,୦୦୦/– | ଟ.୧,୦୦୦/– |
| ୨ | ବସ୍ ପାର୍କିଂ ଫି, ନୂତନ ବସଷ୍ଟାଣ୍ଡ | ଏପ୍ରିଲ ୨୦୨୨ ଠାରୁ ୩୧.୦୩.୨୦୨୩ | ଟ.୪,୭୧,୧୦୦/– | ଟ.୫୦,୦୦୦/– | ଟ.୧,୦୦୦/– |

**ସଂଗ୍ରହ କରିବା ଦର ଚାର୍ଟ**

୧. ଯେ କୌଣସି ଗୁଲି ପିଛା– ୫/–ଟଙ୍କା
୨.ଯେ କୌଣସି ଭାର ପିଛା–୧୦/– ଟଙ୍କା
୩. ଗୋଟିଏ ଛେଳି/ମେଣ୍ଢା ପିଛା– ୫/– ଟଙ୍କା
୪. ଗୋଟିଏ ଦିନକୁ ବସ ପିଛା– ୨୦/–ଟଙ୍କା

**ମୂଲ୍ୟାଙ୍କ ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବାକିଥିବ ନିଲାମରେ ଭାଗ ନେଇପାରିବେ ନାହିଁ ।
୨. ଟେଣ୍ଡର ପେପର ସହିତ ଆବଶ୍ୟକୀୟ ଅମାନତ ଟଙ୍କା (ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କ) ଡ୍ରାଫ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡିଙ୍କ ନାମରେ କରି ଦାଖଲ କରିବେ । ଅସଫଳ ନିଲାମଧାରୀଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ମୂଲ୍ୟାଙ୍କ ସିଦ୍ଧ ହେବ ସେ ସମ୍ପୂର୍ଣ୍ଣ ଅର୍ଥ କାର୍ଯ୍ୟାଦେଶ ଦେବା ଦିନ କାର୍ଯ୍ୟାଳୟରେ ପୈଠ କରିବା ପରେ ଚୁକ୍ତିନାମାରେ ଦସ୍ତଖତ କରିବାକୁ କାର୍ଯ୍ୟାଳୟ ତରଫରୁ ଆଦେଶ ଦିଆଯିବ । ସିଦ୍ଧ ନିଲାମଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଟଙ୍କା ପୈଠ ନ କରନ୍ତି ତେବେ ଅମାନତ ଧନକୁ ବାଜ୍ୟାପ୍ତ କରାଯିବ ଏବଂ ପରବର୍ତ୍ତୀ ମୂଲ୍ୟାଙ୍କଧାରୀ ଯଦି ସର୍ବୋଚ୍ଚ ମୂଲ୍ୟାଙ୍କ ଦରରେ ନେବାକୁ ଚାହାନ୍ତି ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।
୫. ସର୍ବୋଚ୍ଚ ମୂଲ୍ୟାଙ୍କ ସିଦ୍ଧ କରିବା ପାଇଁ ପରିଷଦ ବାଧ ନୁହଁନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ମୂଲ୍ୟାଙ୍କ ରଦ୍ଦ କରିପାରିବେ ଏବଂ ଏହା ଉପରେ ଭବିଷ୍ୟତରେ କୌଣସି ଅଦାଲତର ଆଶ୍ରୟ ନେଇପାରିବେ ନାହିଁ ।
୬. ମୂଲ୍ୟାଙ୍କ ସିଦ୍ଧ ହେବା ବ୍ୟକ୍ତି କାର୍ଯ୍ୟାଳୟ ଆଦେଶ ପାଇବା ପରେ ମୂଲ୍ୟାଙ୍କ ମାସୁଲ, ଯେଉଁ ବ୍ୟକ୍ତିମାନଙ୍କ ଦ୍ୱାରା ଆଦାୟ କରିବେ,ସେମାନଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା କାର୍ଯ୍ୟାଳୟରେ ଦାଖଲ କରିବେ ।

**ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ପାରଳାଖେମୁଣ୍ଡି**

OIPR-13145/11/0002/2223